# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨ /୨୦୧୯ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, March 2/ 2019 (Career & Appointment) | ★★★★

୪୫ଶ ଭାଗ ୯୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




## ସଞ୍ଜୁଙ୍କ ହ୍ୟାଟ୍ରିକ୍ ଗୋଲ

ସଞ୍ଜୁଙ୍କ ହ୍ୟାଟ୍ରିକ୍ ବଳରେ ଭାରତ ତୁର୍କୀଶ୍ କପ୍ ମହିଳା ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ତୁର୍କମେନିସ୍ତାନକୁ ୧୦-୦ ଗୋଲରେ ପରାସ୍ତ କରିଛି।

୧୯

୧୫

## ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବାକୁ ପରିଣୀତିଙ୍କ ନିବେଦନ

ଦୈନନ୍ଦିନ ବ୍ୟବହାର କରାଯାଉଥିବା ପ୍ଲାଷ୍ଟିକ୍ ବନ୍ଦ କରିବାକୁ ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରା ଜନସାଧାରଣଙ୍କୁ ନିବେଦନ କରିଛନ୍ତି ।








## ଘର ବାହୁଡ଼ିଲେ ବାୟୁସେନା ଯୋଦ୍ଧା

# ଭାରତରେ ଅଭିନନ୍ଦନ

ନୂଆଦିଲ୍ଲୀ,୧।୩

ଶେଷରେ ପ୍ରତୀକ୍ଷାର ଅନ୍ତ ଘଟିଛି। ପାକିସ୍ତାନ କବ୍‌ଜାରେ ୬୦ ଘଣ୍ଟା ରହିବା ପରେ ଘରକୁ ବାହୁଡ଼ିଛନ୍ତି ଭାରତର ସୁଯୋଗ୍ୟ ସନ୍ତାନ ଅଭିନନ୍ଦନ ବର୍ଥମାନ। ଭାରତୀୟ ବାୟୁସେନା(ଆଇଏଏଫ୍) ୱିଙ୍ଗ୍ କମାଣ୍ଡର କ୍ୟାପ୍‌ଟେନ୍ ଅଭିନନ୍ଦନଙ୍କୁ ମୁକ୍ତ କରିଛି ପାକିସ୍ତାନ। ପଡ଼ୋଶୀ ଦେଶର କର୍ତ୍ତୃପକ୍ଷ ଅଭିନନ୍ଦନଙ୍କୁ ଅଟ୍ଟାରି-ୱାଘା ସୀମାରେ ଭାରତୀୟ ପ୍ରତିପକ୍ଷଙ୍କୁ ଶୁକ୍ରବାର ରାତି ୯ଟା ୧୬ରେ ହସ୍ତାନ୍ତର କରିଛନ୍ତି। ଅଭିନନ୍ଦନ ମୁକୁଳିବା ପରେ ତାଙ୍କୁ ସେଠାରେ ଅପେକ୍ଷା କରିଥିବା ହଜାର ହଜାର ଲୋକ, ସେନା ଅଧିକାରୀ ଓ ଗଣମାଧ୍ୟମ କର୍ମୀ ସ୍ୱାଗତ କରିଛନ୍ତି।



ୱିଙ୍ଗ୍ କମାଣ୍ଡର ପାଇଲଟ ଅଭିନନ୍ଦନ ବର୍ଥମାନ ଶୁକ୍ରବାର ରାତିରେ ମୁକ୍ତ ହେବା ପରେ ୱାଘା ସୀମାରେ ପାକିସ୍ତାନର ବହିର୍ବ୍ୟାପାର ମନ୍ତ୍ରଣାଳୟ ଅଧିକାରୀ ଫାରେହା ବୁଗ୍ଟୀଙ୍କ ସହ।

ଭାରତୀୟ ବାୟୁସେନା ପୁଲଓ୍ୱାମା ଆକ୍ରମଣର ପ୍ରତିଶୋଧ ନେବାର ଦିନକ ପରେ ଅର୍ଥାତ୍ ୨୭ ତାରିଖରେ ପାକିସ୍ତାନୀ ଯୁଦ୍ଧବିମାନ ଏଫ୍-୧୬ ଜମ୍ମୁ-କଶ୍ମୀର ପଟକୁ ପଶିଆସିଥିଲା। ଶତ୍ରୁପକ୍ଷ ଭାରତୀୟ ସେନାଘାଟିଗୁଡ଼ିକୁ ଟାର୍ଗେଟ କରୁଥିବାବେଳେ କ୍ୟାପଟେନ ଅଭିନନ୍ଦନ ଲଢୁଆ ବିମାନକୁ ଘଉଡ଼ାଇବା ପାଇଁ ପରାକ୍ରମ ଦେଖାଇଥିଲେ। ସେ ଏଫ୍-୧୬ର ପିଛା କରି ଜବାବ ଦେବାକୁ ଯାଇ ପୂର୍ବାହ୍ନ ୮ଟା ୪୫ରେ ପାକ୍-ଅଧିକୃତ କଶ୍ମୀର (ପିଓକେ) ପଟକୁ ଚାଲିଯାଇଥିଲେ। ପାକିସ୍ତାନୀ ବାୟୁସେନାର ଗୁଳିମାଡ଼ରେ ଅଭିନନ୍ଦନଙ୍କ ମିଗ୍ ୨୧ ବିମାନ ତଳକୁ ଖସିବା ପୂର୍ବରୁ ସେ ପାରାଚ୍ୟୁଟ୍‌ରେ ଓହ୍ଲାଇପଡ଼ିଥିଲେ। ଅଭିନନ୍ଦନ ଭିମ୍ବର ଜିଲା ହୋରାନ ଗ୍ରାମରେ ଅବତରଣ କରିବା ପରେ ପାକିସ୍ତାନୀ ସୁରକ୍ଷା ବଳ ତାଙ୍କୁ କାବୁ କରିନେଇଥିଲେ। ଅଭିନନ୍ଦନଙ୍କ କ୍ଷତବିକ୍ଷତ ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଭାରତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ତାଙ୍କୁ ମୁକ୍ତକରିବା ପାଇଁ ଦେଶର ବିଭିନ୍ନ ଭାଗରେ ଲୋକେ ପୂଜାର୍ଚ୍ଚନା ଓ ସାମୂହିକ ପ୍ରାର୍ଥନା କରିଥିଲେ। ସେନା ଓ ସରକାର ମଧ୍ୟ ସବୁ ପ୍ରକାର ଉଦ୍ୟମ ଚଳାଇଥିଲେ। ଶେଷରେ ଅନ୍ତର୍ଜାତୀୟ ଚାପରେ ଇସ୍‌ଲାମାବାଦ ତାଙ୍କୁ ଛାଡ଼ିବାକୁ ନିଷ୍ପତ୍ତି ନେଇଥିଲା। ହେଲେ ପାଇଲଟଙ୍କୁ ମୁକ୍ତ କରିବା ବଦଳରେ ଉତ୍ତେଜନା ହ୍ରାସ ପାଇଁ ଉଦ୍ୟମ କରାଯାଉ ବୋଲି ସର୍ତ୍ତ ବାଢ଼ିଥିଲା। ଭାରତ ଏହାକୁ ପ୍ରତ୍ୟାଖ୍ୟାନ କରି ତୁରନ୍ତ ଅଭିନନ୍ଦନଙ୍କ ସୁରକ୍ଷିତ ମୁକ୍ତି ଦାବି କରିଥିଲା। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଗୁରୁବାର ଅପରାହ୍ନରେ ଘୋଷଣା କଲେ, ଶାନ୍ତି ପାଇଁ ପାଇଲଟଙ୍କୁ ଶୁକ୍ରବାର ଛଡ଼ାଯିବ। ଏହି ଘୋଷଣା ପରେ ଭାରତୀୟମାନେ ଆଶ୍ୱସ୍ତ ହୋଇ ତାଙ୍କ ମୁକୁଳିବା ବାଟକୁ ଚାହିଁ ବସିଥିଲେ। ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ ଅଭିନନ୍ଦନଙ୍କୁ ସଡ଼କ ପଥରେ ଇସ୍‌ଲାମାବାଦରୁ ୩୭୫ କି.ମି. ☞ପୃଷ୍ଠା-୪

### ୬୦ ଘଣ୍ଟା ପରେ ମୁକ୍ତ

- ପାକିସ୍ତାନୀ ଯୁଦ୍ଧବିମାନକୁ ଜବାବ ଦେବାବେଳେ ପିଓକେ ଚାଲିଯାଇଥିଲେ
- ସେଠାକାର ସୁରକ୍ଷା ବଳ ଗିରଫ କରିନେଇଥିଲା
- ଛାଡ଼ିବା ପାଇଁ ଇସ୍‌ଲାମାବାଦର ସର୍ତ୍ତକୁ ଅଗ୍ରାହ୍ୟ କରିଥିଲା ନୂଆଦିଲ୍ଲୀ
- ଅନ୍ତର୍ଜାତୀୟ ଚାପ ଓ ଭାରତର କୂଟନୀତି କାମ ଦେଲା
- ଇସ୍‌ଲାମାବାଦରୁ ଲାହୋର ଅଣାଯାଇ ୱାଘା ସୀମାରେ ରଖାଯାଇଥିଲା
- ପାଇଲଟ ଅଭିନନ୍ଦନଙ୍କୁ ଫେରିପାଇଥିବାରୁ ଖୁସି: ଆଇଏଏଫ୍

### ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

### ଆଜିର ସମ୍ପାଦକୀୟ

ଅନନ୍ତ ପ୍ରତୀକ୍ଷା

### ଆଜିର ମନ୍ତବ୍ୟ

"ଆତଙ୍କବାଦ ବିରୋଧରେ ଲଢ଼େଇ କୌଣସି ଧର୍ମ ବିପକ୍ଷରେ ନୁହେଁ ।
-ସୁଷମା ସ୍ୱରାଜ, ବହିର୍ବ୍ୟାପାର ମନ୍ତ୍ରୀ

### କିଛି ତଥ୍ୟ

ଚଳିତ ଆର୍ଥିକ ବର୍ଷର ଫେବୃୟାରୀ ସୁଦ୍ଧା ସରକାର ୧୦.୭୦ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ କରିବାକୁ ସକ୍ଷମ ହୋଇଛନ୍ତି।
-ଅର୍ଥ ମନ୍ତ୍ରଣାଳୟ

ରବିଶଙ୍କର ପାଇଲେ ଜୟଦେବ ପୁରସ୍କାର
........୩........



ବାୟୁସେନା ପାଇଲଟ ଅଭିନନ୍ଦନ ବର୍ଥମାନ ଶୁକ୍ରବାର ଅଟ୍ଟାରି-ୱାଘା ସୀମାରେ ପହଞ୍ଚିବା ପରେ ଉଲ୍ଲସିତ ଜନତା।

# ଲୋକ ସଭା ନିର୍ବାଚନ ଠିକ୍ ସମୟରେ ହେବ: ସିଇସି

ଲକ୍ଷ୍ନୌ,୧।୩(ପି.ଟି.)

ସୀମାନ୍ତରେ ଉତ୍ତେଜନା ସତ୍ତ୍ୱେ ସାଧାରଣ ନିର୍ବାଚନ ଠିକ୍ ସମୟରେ ଅନୁଷ୍ଠିତ ହେବ ବୋଲି ମୁଖ୍ୟ ନିର୍ବାଚନ କମିଶନର (ସିଇସି) ସୁନୀଲ ଆରୋରା ଶୁକ୍ରବାର କହିଛନ୍ତି। ଏଥିପାଇଁ ନିର୍ବାଚନ କମିଶନ ପୂର୍ଣ୍ଣ ପ୍ରସ୍ତୁତ ଥିବା ସେ ସୂଚନା ଦେଇଛନ୍ତି। ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନାକୁ ନେଇ ନିର୍ବାଚନୀ କାର୍ଯ୍ୟସୂଚୀରେ ପରିବର୍ତ୍ତନ ସମ୍ଭାବନା ଅଛି କି ବୋଲି ଉତ୍ତରପ୍ରଦେଶରେ ନିର୍ବାଚନୀ ପ୍ରସ୍ତୁତି ସମୀକ୍ଷା ଅବସରରେ ଖବରଦାତାଙ୍କ ପ୍ରଶ୍ନରେ ସେ ଉପରୋକ୍ତ ଉତ୍ତର ଦେଇଛନ୍ତି। ନୂଆ ବିଜ୍ଞପ୍ତି ଅନୁଯାୟୀ ପ୍ରାର୍ଥୀଙ୍କୁ ଦେଶ ଭିତରେ ଥିବା ସେମାନଙ୍କ ସମ୍ପତ୍ତି ସମେତ ବିଦେଶରେ ଥିବା ସମ୍ପତ୍ତିର ସବିଶେଷ ବିବରଣୀ ଦେବାକୁ ହେବ। ଆୟକର ବିଭାଗ ଏହାକୁ ଅନୁଧ୍ୟାନ କରିବ। ☞ପୃଷ୍ଠା-୪



ସୁନୀଲ ଆରୋରା


| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 79 | 131 | 141 |
| DKL | 77 | 128 | 138 |
| BDK | 81 | 133 | 143 |
| BLS | 81 | 133 | 143 |
| ANG | 77 | 128 | 138 |

NECC NATIONAL EGG CO-ORDINATION COMMITTEE 01.03.2019 Vencobb CHICKEN *Conditions Apply
Eggs Retail Price- 53/-Dozen
Issued in the Interest of Consumers


## ଆଜିଠୁ ସିବିଏସ୍‌ଇ ଦଶମ, ଦ୍ୱାଦଶ ପରୀକ୍ଷା

ଭୁବନେଶ୍ୱର,୧।୩(ବ୍ୟୁରୋ)

ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ(ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଶନିବାରଠାରୁ ଆରମ୍ଭ ହେଉଛି। ସାରା ଦେଶରେ ପ୍ରାୟ ୨୮ଲକ୍ଷ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ପ୍ରଥମ ଦିନ ଦଶମର ଇନ୍‌ଫର୍ମେଶନ ଟେକ୍ନୋଲୋଜି(ଆଇଟି) ବିଷୟରେ ପରୀକ୍ଷା ଥିବାବେଳେ ଦ୍ୱାଦଶର ଇଂଲିଶ ପରୀକ୍ଷା ରହିଛି। ଦୁଇଟି ଯାକ ପରୀକ୍ଷା ପୂର୍ବାହ୍ନ ସାଢ଼େ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ସାଢ଼େ ୧ଟାରେ ଶେଷ ହେବ। ଛାତ୍ରୀଛାତ୍ରଙ୍କୁ ସକାଳ ୯ଟା ସୁଦ୍ଧା ସ୍କୁଲରେ ପହଞ୍ଚିବାକୁ କୁହାଯାଇଥିବା ବେଳେ ୯ଟା ୪୫ ମିନିଟ୍‌ରେ ସମସ୍ତେ ପରୀକ୍ଷା ହଲ୍‌କୁ ପ୍ରବେଶ କରିବେ। ପୂର୍ବାହ୍ନ ୧୦ଟା ପରେ କୌଣସି ଛାତ୍ରୀଛାତ୍ର ଆସିଲେ, ସେମାନଙ୍କୁ ପରୀକ୍ଷା ହଲ୍‌କୁ ପ୍ରବେଶ ଲାଗି ଅନୁମତି ଦିଆଯିବ ନାହିଁ। ୧୦ଟା ୧୫ରେ ପ୍ରଶ୍ନପତ୍ର ଦିଆଯିବ। ପ୍ରଶ୍ନ ପଢ଼ିବା ପାଇଁ ୧୫ ମିନିଟ୍ ସମୟ ମିଳିବ। ଛାତ୍ରୀଛାତ୍ର ପରୀକ୍ଷାକୁ ଗଲାବେଳେ ସାଙ୍ଗରେ ପେନ୍, ସିବିଏସ୍‌ଇ ଆଡ୍‌ମିଟ୍ କାର୍ଡ ଓ ସ୍କୁଲ ଆଇକାର୍ଡ ନେଇକି ଯିବେ। ☞ପୃଷ୍ଠା-୪

## ଶେଷରେ ସତ ମାନିଲା ଇସ୍‌ଲାମାବାଦ

# ପାକିସ୍ତାନରେ ଆଝାର

ଇସ୍‌ଲାମାବାଦ,୧।୩(ଆଇଏଏନ୍‌ଏସ୍)

ଶେଷରେ ସତ ସ୍ୱୀକାର କରିଛି ପାକିସ୍ତାନ। ପୁଲଓ୍ୱାମା ସମେତ ଭାରତରେ ଅନେକ ଆକ୍ରମଣର ଷଡ଼ଯନ୍ତ୍ରକାରୀ ମୌଲନା ମାସୁଦ୍ ଆଝାର ପାକିସ୍ତାନରେ ଅଛନ୍ତି ବୋଲି ସେଠାକାର ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ କୁରେଶୀ ଶୁକ୍ରବାର ମାନିଛନ୍ତି।

ଏକ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ କୁରେଶୀ କହିଛନ୍ତି, ଜୈଶ୍-ଇ-ମହମ୍ମଦ (ଜେଇଏମ୍) ମୁଖ୍ୟ ଆଝାର ପାକିସ୍ତାନରେ ରହିଛନ୍ତି। ତାଙ୍କ ସ୍ୱାସ୍ଥ୍ୟ ବହୁତ ଖରାପ ଅଛି। ଏପରି କି ସେ ନିଜ ଘର ଛାଡ଼ି ଅନ୍ୟତ୍ର ଯିବା ଅବସ୍ଥାରେ ମଧ୍ୟ ନାହାନ୍ତି। ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ହ୍ରାସ କରିବା ଲାଗି କୌଣସି ପ୍ରକାର ପଦକ୍ଷେପ ନେବାକୁ ଇସ୍‌ଲାମାବାଦ ପ୍ରସ୍ତୁତ। ତେବେ ଆଝାରଙ୍କ ଯୋଗୁ ଦୁଇଦେଶର ସଶସ୍ତ୍ର ବଳ ମଧ୍ୟରେ ଅବିଶ୍ୱସନୀୟ ଉତ୍ତେଜନା ବୃଦ୍ଧିପାଇଛି। ଜେଇଏମ୍‌କୁ ଆତଙ୍କବାଦୀ ସଙ୍ଗଠନ ବୋଲି ଆଖ୍ୟା ଦିଆଯାଇଥିଲେ ହେଁ ତାଙ୍କୁ କାହିଁକି ଗିରଫ କରାଯାଉନାହିଁ ବୋଲି ପ୍ରଶ୍ନ କରାଯାଇଥିଲା। ଏହାର ଉତ୍ତରରେ କୁରେଶୀ କହିଥିଲେ, ପାକିସ୍ତାନୀ କୋର୍ଟ ଦ୍ୱାରା ଗ୍ରହଣୀୟ ହେଲା ଭଳି କାର୍ଯ୍ୟାନୁଷ୍ଠାନଯୋଗ୍ୟ ତଥା ଦୃଢ଼ ପ୍ରମାଣ ଭାରତ ଦେଲେ ଆମେ ଦେଶବାସୀଙ୍କୁ ଓ ନ୍ୟାୟପାଳିକାକୁ ବୁଝାଇ ପାରିବୁ। କାରଣ ପାକିସ୍ତାନ ଏକ ଆଇନଗତ ପ୍ରକ୍ରିୟାକୁ ଅନୁସରଣ କରେ। ଆଝାର ଓ ତାଙ୍କ ସଙ୍ଗଠନ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଆଇନଗତ ଆବଶ୍ୟକତା ପୂରଣ ହେବା ଜରୁରୀ ବୋଲି ସେ କହିଥିଲେ। ଭାରତୀୟ ବାୟୁସେନା ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ବର୍ଥମାନଙ୍କୁ ଶୁକ୍ରବାର ମୁକ୍ତ କରାଯିବ ବୋଲି ଦିନକ ପୂର୍ବରୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଘୋଷଣା କରିବାର କିଛି ସମୟ ପରେ କୁରେଶୀ ଏହି ସତ ମାନିଛନ୍ତି।



ମାସୁଦ୍ ଆଝାର

କୁରେଶୀ ଆହୁରି କହିଛନ୍ତି, ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧ ହେଲେ ତାହା ପାରସ୍ପରିକ ଆତ୍ମହତ୍ୟା ଭଳି ହେବ। ପୁଲଓ୍ୱାମା ଆକ୍ରମଣ ସମ୍ପର୍କରେ ଜାଣିବା ପରେ ଆମେ ତାକୁ ନିନ୍ଦା କରିଥିଲୁ। ଏହାସହ ଭାରତକୁ ଏକ ସନ୍ତୁଳିତ ତଥା ବିନମ୍ର ଅନୁରୋଧ କରିଥିଲୁ ଯେ, ତୁମ ପାଖରେ କିଛି ପ୍ରମାଣ ଥିଲେ ଆମକୁ ଦିଅ। ଆମେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବୁ। ☞ପୃଷ୍ଠା-୪




DADLS-290

ଓଡ଼ିଶା ସରକାର

# ମାନ୍ୟବର ମୁଖ୍ୟମନ୍ତ୍ରୀ
# ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
## ଯାଜପୁର ଓ ଭଦ୍ରକ ଜିଲ୍ଲା ଗସ୍ତ ଅବସରରେ
## ବିଭିନ୍ନ ପ୍ରକଳ୍ପର
## ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ

୨ ମାର୍ଚ୍ଚ ୨୦୧୯ | ଶନିବାର



### ବଡ଼ଚଣା - ପୂର୍ବାହ୍ନ - ୧୧.୩୦








### ୧୦୯ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ୫ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ

- ବଡ଼ଚଣା - ବାଲିଚନ୍ଦ୍ରପୁର ରାସ୍ତାରେ ବଡ଼ଗେଙ୍ଗୁଟି ନଦୀ ଉପରେ ହାଇଲେଭ୍ଲ ସେତୁ
- ସୁକଦେଇପୁର - ତିହକରଣ୍ଡା ରାସ୍ତାରେ ସାନଗେଙ୍ଗୁଟି ନଦୀ ହାଇଲେଭ୍ଲ ସେତୁ
- ବାଇଶିମୌଜା ଧନଞ୍ଜୟ ବିଦ୍ୟାପୀଠ ୧୦୦ ସିଟ୍ ବିଶିଷ୍ଟ ଅନୁସୂଚିତ ଜନଜାତି ଓ ଜାତି ହଷ୍ଟେଲ୍
- ବଡ଼ଚଣା ସ୍ୱାଧୀନତା ସଂଗ୍ରାମୀ ସ୍ମୃତିସ୍ତମ୍ଭ
- ଚଣ୍ଡିଖୋଲ ଠାରେ ଜିଲ୍ଲା ଅଡିଟ୍ କାର୍ଯ୍ୟାଳୟ

### ୪୩ କୋଟି ୪୯ ଲକ୍ଷ ଟଙ୍କାର ୮ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

- ବନ୍ଧାଳୋ - ଏଣ୍ଡରପଡ଼ା ରାସ୍ତା ଉନ୍ନତିକରଣ
- ଲଳିତଗିରି - ଉଦୟଗିରି - ରତ୍ନଗିରି ରାସ୍ତା ଉନ୍ନତିକରଣ
- ସାନଗେଙ୍ଗୁଟି ନଦୀ ବନ୍ଧ ସୁରକ୍ଷା ପ୍ରକଳ୍ପ
- ବାଲିଚନ୍ଦ୍ରପୁର ଗ୍ରୀଡ୍ ସବ୍‌ଷ୍ଟେସନ
- ଭୁବନପୁର - ଜଗନ୍ନାଥପୁର ରାସ୍ତା ସାନଗେଙ୍ଗୁଟି ନଦୀ ହାଇଲେଭ୍ଲ ସେତୁ ଏବଂ ଅନ୍ୟାନ୍ୟ ପ୍ରକଳ୍ପ

### ଚାନ୍ଦବାଲି - ମଧ୍ୟାହ୍ନ - ୧୨.୩୦

### ୩୯୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ୧୬ଟି ପ୍ରକଳ୍ପ ଉଦ୍‌ଘାଟନ

- ଭଦ୍ରକ - ଚାନ୍ଦବାଲି ଉନ୍ନତିକୃତ ରାସ୍ତା
- ପାଇକରାପୁର ୧୩୨/୩୩ କେ.ଭି ଗ୍ରୀଡ୍ ସବ୍‌ଷ୍ଟେସନ
- ଗଦି ଏବଂ ମତୋ ୩୩/୧୧ କେ.ଭି ସବ୍‌ଷ୍ଟେସନ
- ଚାନ୍ଦବାଲି ପାୱାରଗ୍ରୀଡ୍
- ଧାମରା ମତ୍ସ୍ୟ ପ୍ରାକ୍ - ପ୍ରକ୍ରିୟାକରଣ କେନ୍ଦ୍ର
- ଧାମରା ଦକ୍ଷତା ବିକାଶ କେନ୍ଦ୍ର
- ଚାନ୍ଦବାଲି ମିନିଷ୍ଟାଡିୟମ୍
- ନବନିର୍ମିତ ଭଦ୍ରକ ପାନ୍ଥନିବାସ ଓ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ
- ନବନିର୍ମିତ ଭଦ୍ରକ ସରକାରୀ ପଲିଟେକ୍‌ନିକ ଏବଂ ଅନ୍ୟାନ୍ୟ ପ୍ରକଳ୍ପ

### ୧୧୮୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ୧୯ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

- ଚାନ୍ଦବାଲି, ବାସୁଦେବପୁର, ତିହିଡ଼ି ଏବଂ ଧାମନଗର ବ୍ଲକ୍‌ର ଲୁଣିପାଣି ପ୍ରଭାବିତ ଅଞ୍ଚଳପାଇଁ ମେଗା ପାନୀୟ ଜଳଯୋଗାଣ ପ୍ରକଳ୍ପ
- ଜାମୁଝାଡି - ବାସୁଦେବପୁର - ଧାମରା ରାସ୍ତା
- ଗୋବିନ୍ଦପୁର - ନନ୍ଦପୁର ରାସ୍ତାରେ ଗେଙ୍ଗୁଟି ନଦୀ ସେତୁ
- ବାରସର - ହେଙ୍ଗୁପତି ରାସ୍ତାରେ ସାଳନ୍ଦୀସେତୁ
- ୮ଟି ସଡ଼କ ନିର୍ମାଣ ପ୍ରକଳ୍ପ
- ରାଇପୁର ଏବଂ ମହୁଲିଆ ପାନୀୟ ଜଳଯୋଗାଣ ପ୍ରକଳ୍ପ
- ନବନିର୍ମିତ ଚାନ୍ଦବାଲି ତହସିଲ କାର୍ଯ୍ୟାଳୟ, ଭଦ୍ରକ ସର୍କିଟ ହାଉସ ଏବଂ ଅନ୍ୟାନ୍ୟ ପ୍ରକଳ୍ପ

15001/13/0602/1819





ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ

ସୂଚନା ଓ ଲୋକସମ୍ପର୍କ ବିଭାଗ

ଯୁବ ବାହିନୀଙ୍କୁ ମାଗଣା ମୋବାଇଲ




# ୩ରୁ ୫ ଯାଏ ଝଡ଼ବର୍ଷା

**ଭୁବନେଶ୍ୱର,୧।୩(ବ୍ୟୁରୋ):** ଗତ ଦୁଇ ତିନିଦିନ ହେବ ରାଜ୍ୟରେ ପାଗ କୋହଲା ରହିବା ସହ କେତେକ ସ୍ଥାନରେ ଘଡଘଡି ସହ ଝଡବର୍ଷା ମଧ୍ୟ ହେଉଛି। ଦିନର ସର୍ବାଧିକ ତାପମାତ୍ରା ୩୯ ଡିଗ୍ରୀରୁ ଖସି ୩୫ ଡିଗ୍ରୀ ସେଲସିୟସ ମଧ୍ୟରେ ରହିଥିବା ବେଳେ ରାତ୍ରିର ସର୍ବନିମ୍ନ ତାପମାତ୍ରା ୨୮ରୁ ୧୫ ଡିଗ୍ରୀକୁ ଖସି ଆସିଛି। ତେବେ ଆସନ୍ତା ୫ ତାରିଖ ଯାଏ ରାଜ୍ୟରେ ପାଗ ଥଣ୍ଡା ରହିବା ସହ କେତେକ ସ୍ଥାନରେ ଝଡବର୍ଷା ହେବାନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଶନିବାର ରାଜ୍ୟରେ ପାଗ ଶୁଖିଲା ରହିବ। ୩ ତାରିଖରୁ ୫ ତାରିଖ ଯାଏ ରାଜ୍ୟର ଅଧିକାଂଶ ସ୍ଥାନରେ ଘଡଘଡି ସହ ଝଡବର୍ଷା ହେବାର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ରବିବାର ଅନୁଗୋଳ, ବୌଦ୍ଧ, ବଲାଙ୍ଗୀର, ସୋନପୁର, ବରଗଡ, ଝାରସୁଗୁଡା, କେନ୍ଦୁଝର, ଦେବଗଡ, ମୟୂରଭଞ୍ଜ, ନୟାଗଡ ଓ ଗଞ୍ଜାମ ଜିଲାର କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ। ଉପକୂଳ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଝଡବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ସେହିପରି ମାର୍ଚ୍ଚ ୪ରେ ଉପକୂଳ ସମେତ ଆଭ୍ୟନ୍ତରୀଣ ଓଡିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଏହାଛଡା ମାର୍ଚ୍ଚ ୪ ଓ ୫ରେ ଉତ୍ତର ଉପକୂଳ ଏବଂ ଉତ୍ତର ଆଭ୍ୟନ୍ତରୀଣ ଓଡିଶାର ମୟୂରଭଞ୍ଜ, କେନ୍ଦୁଝର ଓ ଢେଙ୍କାନାଳ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଝଡବର୍ଷା ହେବ ବୋଲି ସତର୍କ କରାଯାଇଛି।




## ପୋଲିସ ଭ୍ୟାନ୍-ଟ୍ରକ୍ ମୁହାଁମୁହିଁ ଧକ୍କା

# ୨ ଯବାନ ମୃତ, ୩୧ ଆହତ

**ବେଲପାହାଡ଼ ୧।୩ (ଡି.ଏନ୍.ଏ.)**

୪୯ ନମ୍ବର ଜାତୀୟ ରାଜପଥ ଝାରସୁଗୁଡ଼ା ଜିଲା ବେଲପାହାଡ଼ ଶନିମନ୍ଦିର ନିକଟ ଶୁକ୍ରବାର ସକାଳେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏଥିରେ ଓଡ଼ିଶା ସ୍ୱତନ୍ତ୍ର ସଶସ୍ତ୍ର ପୋଲିସ ବାହିନୀ(ଓଏସ୍ଏପି)ର ୨ ଯବାନଙ୍କ ମୃତ୍ୟୁ ଘଟିଥିବା ବେଳେ ଟ୍ରକ୍ ଚାଳକଙ୍କ ସମେତ ୩୧ ଜଣ ଯବାନ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଗୁରୁତର ୨୬ ଯବାନଙ୍କୁ ଚିକିତ୍ସା ପାଇଁ ବୁର୍ଲା ଭିମ୍ସାରକୁ ପଠାଯାଇଛି। ଅନ୍ୟ ୩ ଯବାନ ଓ ଟ୍ରକ୍ ଡ୍ରାଇଭରଙ୍କୁ ଚିକିତ୍ସା ପାଇଁ ବେଲପାହାଡ଼ ଟିଆର୍ଏଲ୍ ହସ୍ପିଟାଲରେ ଏବଂ ଜଣେ ଯବାନଙ୍କୁ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ମୃତ ୨ ଯବାନ ହେଲେ ଓଏସ୍ଏପି ହାବିଲଦାର ଶଙ୍କର ପ୍ରସାଦ ପଣ୍ଡା(୩୫) ଏବଂ ତୃତୀୟ ବାଟାଲିୟନ ଗଜପତିର ପ୍ରଶାନ୍ତ ବେହେରା (୨୬)।

ଶୁକ୍ରବାର ପୂର୍ବାହ୍ନରେ ବନହରପାଲିଠାରେ ଇବ୍ଥର୍ମାଲର ତୃତୀୟ ଓ ଚତୁର୍ଥ ୟୁନିଟ ଉଦ୍‌ଘାଟନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗସ୍ତ କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। କାର୍ଯ୍ୟକ୍ରମରେ ମୁତୟନ ହେବା ପାଇଁ ଝାରସୁଗୁଡ଼ାରୁ ଓଏସ୍ଏପିର ୩୨ ଯବାନ ଏକ ଭ୍ୟାନରେ ବହରପାଲିକୁ ଯାଉଥିଲେ। ସକାଳ ପ୍ରାୟ ସାଢେ ୬ଟା ବେଳେ ବେଲପାହାଡ଼ ଶନି ମନ୍ଦିର ନିକଟ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଓଭରବ୍ରିଜ ବାଇପାସ୍ ରାସ୍ତା ନିକଟରେ ଛତିଶଗଡ଼ରୁ ଆସୁଥିବା ଏକ ମାଲବାହି ଟ୍ରକ୍ (ନଂ. ସିଜି୦୪ଏଚ୍‌ଡବ୍ଲ୍ୟୁ-୪୧୧୭ )ଓ ଭ୍ୟାନ(ନଂ. ଓଆର୍ଏସଟି-୯୫୩୬ )ମଧ୍ୟରେ ମହାଁମୁହିଁ ଧକ୍କା ହୋଇଥିଲା। ପୋଲିସ ଓ ସ୍ଥାନୀୟ ଲୋକେ ଆହତ ଯବାନଙ୍କୁ ୧୦୮ ଆମ୍ବୁଲାନ୍ସ ଓ ବସ୍ ଯୋଗେ ଟିଆର୍ଏଲ ହସ୍ପିଟାଲ ଏବଂ ବ୍ରଜରାଜନଗର ସେଣ୍ଟ୍ରାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଆହତ ଓଏସ୍ଏପିର ଏସ୍.ଏନ୍. ପରିଡ଼ା, ଅର୍ଜୁନ ନେୱର, ସନ୍ତୋଷ ସୁବେଦି, ମିଥୁନ ବାଘ, ତାପସ ରଞ୍ଜନ ପଟେଲ, ନଳିନ ଠାକୁର, ଅଜୟ ଏକ୍କା, ଜୟସିଂ ସାଣ୍ଟା, ଯଦୁମଣି ମହନ୍ତ , ରାଜେଶ ଜେନା, ଏ.କେ. ମୁଦୁଲି, ଆଶୁତୋଷ ଦଳେଇ, ତପନ କୁମାର ରାଏ, ସୁବ୍ରତ ସାହୁ, ଏନୁଷ ରଇତା, ନରେନ୍ଦ୍ର ବେହେରା, ରାଜୁ ବିଶ୍ୱାଳ, ଜିତେନ୍ଦ୍ର ବରାଳ, ରାଜେଶ ସାବର, ବିପ୍ରବର ସାହୁ, ରକି ସାହୁ, ସୁରେନ ଓରାମ, ରାକେଶ ପ୍ରଧାନ, ଶିଶିର ଭୋଇ, ମିନକେତନ ଜେନା, ମହେଶ ମଲ୍ଲିକ, ଅବିନାଶ କେର୍କେଟା, ଲେନିନ ପ୍ରଧାନଙ୍କୁ ଚିକିତ୍ସା ପାଇଁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଦୁର୍ଘଟଣା ଖବର ପାଇ ବେଲପାହାଡ଼ ପୌରପରିଷଦ ଅଧ୍ୟକ୍ଷ ପର୍ଶୁରାମ ସାହୁ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ହସ୍ପିଟାଲ ପଠାଇବା ପାଇଁ ସାହାଯ୍ୟ କରିଥିଲେ। ପରେ ଝାରସୁଗୁଡ଼ା ଜିଲାପାଳ ବିଭୁତି ଭୂଷଣ ଦାସ, ଆରକ୍ଷୀ ଅଧୀକ୍ଷକ ଅଶ୍ୱିନୀ କୁମାର ମହାନ୍ତି, ବେଲପାହାଡ଼ ପୌରାଧ୍ୟକ୍ଷ ପର୍ଶୁରାମ ସାହୁ ଟିଆର୍ଏଲ ହସ୍ପିଟାଲକୁ ଯାଇ ଆହତଙ୍କ ଭେଟି ସ୍ୱାସ୍ଥ୍ୟବସ୍ଥା ସଂକ୍ରାନ୍ତରେ ଡ଼ାକ୍ତରଙ୍କ ସହ ଆଲୋଚନା କରିଥିଲେ।


ଦୁର୍ଘଟଣାଗ୍ରସ୍ତ ପୋଲିସ ଭ୍ୟାନ୍।

## ଭିମ୍‌ସାରରେ ଆହତଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

**ସମ୍ବଲପୁର/ଚିପିଲିମା, ୨୭।୧୨(ବ୍ୟୁରୋ/ଡି.ଏନ.ଏ.)**

**୨ ମୃତ ଯବାନଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ସହାୟତା**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିମ୍‌ସାରରେ ପହଞ୍ଚି ଆହତ ପୋଲିସ କର୍ମଚାରୀଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସହ ଆରୋଗ୍ୟ କାମନା କରିଛନ୍ତି। ଏହାସହ ସେମାନଙ୍କ ଚିକିତ୍ସା କରୁଥିବା ଡାକ୍ତରମାନଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି। ୨ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁଗ୍ରହମୂଳକ ସହାୟତା ଦିଆଯିବ। ଏମାନଙ୍କ ପରିବାରରୁ ଜଣଙ୍କୁ ସରକାରୀ ଚାକିରି ଦିଆଯିବ ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ମେଡିକାଲ ପରିସରରେ ମୁଖ୍ୟମନ୍ତ୍ରୀ ପ୍ରାୟ ୧୫ ମିନିଟ ରହିବା ସହ ସମସ୍ତଙ୍କୁ ମାଗଣାରେ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ଭିମସାର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ଜିଲାପାଳ ଶୁଭମ ସକସେନା, ଡିଆଇଜି ସତ୍ୟବ୍ରତ ଭୋଇ ଓ ଏସପି ସଞ୍ଜୀବ ଆରୋରା ପ୍ରମୁଖ ଏହି ସମୟରେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରୁ ବିମାନ ଯୋଗେ ଜମାଦାରପାଲି ଏୟାରଷ୍ଟ୍ରପରେ ପହଞ୍ଚି ପରେ ସେଠାରୁ ହେଲିକପ୍ଟର ଯୋଗେ ଏମ୍‌ସିଏଲରେ ଓହ୍ଲାଇଥିଲେ। ଏମ୍‌ସିଏଲରୁ କାର ଯୋଗ ଭିମ୍‌ସାର ପହଞ୍ଚି ଥିଲେ।

# ବିଜେଡିରେ ମିଶିଲେ ମୁକୁନ୍ଦ ସୋଡ଼ି

**ଭୁବନେଶ୍ୱର,୧।୩(ବ୍ୟୁରୋ)**

ମାଲକାନଗିରି ପୂର୍ବତନ ବିଧାୟକ ତଥା ଭାଜପା ନେତା ମୁକୁନ୍ଦ ସୋଡ଼ି ଏବଂ ତାଙ୍କ ସମର୍ଥକମାନେ ଶୁକ୍ରବାର ବିଜେଡିରେ ମିଶିଛନ୍ତି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ନବୀନ ନିବାସରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଜେଡିରେ ସାମିଲ ହୋଇଥିବା ଅନ୍ୟ ବରିଷ୍ଠ ତୃଣମୂଳସ୍ତରୀୟ ନେତାମାନେ ହେଉଛନ୍ତି ଭେଙ୍କଟକଲାମ ସରପଞ୍ଚ ଦେବ ମାଡ଼କାମି, ଭେଗନବାଡ଼ା ସମିତି ସଭ୍ୟ ହରିବନ୍ଧୁ ହନ୍ତାଳ, ପଦ୍ମଗିରି ପୂର୍ବତନ ସରପଞ୍ଚ ଅର୍ଜୁନ ମାଡ଼କାମି, ଭାଜପା ନେତା ଶମ୍ଭୁ ବାଦୋଇ, ଠାକୁର ସରକାର, ମୁଡ଼ା ମାଡ଼କାମି, ସମରେଶ ମଣ୍ଡଳ, ଶ୍ରୀନିବାସ ସରକାର, ସୁବାସ ମଣ୍ଡଳ, କିରଣ୍ମୟୀ ସରକାରଙ୍କ ସମେତ ୨୦୦ରୁ ଊର୍ଦ୍ଧ୍ୱ ଭାଜପା ଓ କଂଗ୍ରେସ କର୍ମୀ ଆନୁଷ୍ଠାନିକ ଭାବେ ବିଜେଡିରେ ଯୋଗ ଦେଇଛନ୍ତି। ସୋଡ଼ିଙ୍କ ଯୋଗଦାନ ମାଲକାନଗିରି ଜିଲା ସହ ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳର ଶକ୍ତି ବୃଦ୍ଧି ହେବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ଅନୁରୂପ ଭାବେ କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଣ୍ଟାବାଞ୍ଜି, ତୁରେଇକେଲା, ମୁରିବାହାଲ ବ୍ଲକ କଂଗ୍ରେସ ଓ ଭାଜପାର ସମିତି ସଭ୍ୟ, ଅନୁସୂଚିତ ଜନଜାତି ପ୍ରତିନିଧିଙ୍କ ସହ ୧୫୦ରୁ ଉର୍ଦ୍ଧ୍ୱ କର୍ମୀ ବିଧାୟକ ଏମ୍‌ଡି. ଆୟୁବ ଖାଁଙ୍କ ନେତୃତ୍ୱରେ ଆନୁଷ୍ଠାନିକ ଭାବେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ମାଲକାନଗିରି ଜିଲା ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାସ, ମନ୍ତ୍ରୀ ଚନ୍ଦ୍ର ସାରଥୀ ବେହେରା, ଜିଲା ସଭାପତି ମାନସ ମାଡ଼କାମି, ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ ଭୂପିନ୍ଦର ସିଂ, ଜିଲା ସଂଯୋଜକ ପ୍ରକାଶ ମହାନ୍ତି ଓ କୃଷକ ସେଲ୍ ଜିଲା ସଭାପତି ସୁବାସ ବାନାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ।

# ରବିଶଙ୍କର ପଟ୍ଟନାୟକ ପାଇଲେ ଜୟଦେବ ପୁରସ୍କାର

**ଭୁବନେଶ୍ୱର,୧।୩(ବ୍ୟୁରୋ)**

**ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର**
- ୨୫ ବିଭାଗରେ ଦିଆଗଲା ଚଳଚ୍ଚିତ୍ର ପୁରସ୍କାର
- 'ହାଲୋ ଆର୍ସି' ଶ୍ରେଷ୍ଠ ଚଳଚ୍ଚିତ୍ର

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୨୦୧୭ ମସିହା ପାଇଁ ୨୯ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ବରିଷ୍ଠ ଚଳଚ୍ଚିତ୍ର ସମ୍ପାଦକ ରବିଶଙ୍କର ପଟ୍ଟନାୟକ ଓଡ଼ିଆ ଚଳଚ୍ଚିତ୍ର ଜଗତର ସର୍ବଶ୍ରେଷ୍ଠ ପୁରସ୍କାର 'ଜୟଦେବ ପୁରସ୍କାର'ରେ ସମ୍ମାନିତ ହୋଇଛନ୍ତି। ଚଳଚ୍ଚିତ୍ର ସମ୍ପାଦନା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ତାଙ୍କୁ ଏହି ପୁରସ୍କାର ଦିଆଯାଇଛି। ଏହାସହ ମୋଟ ୨୫ଟି ବିଭାଗରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇଛି।

ଶୁକ୍ରବାର ସ୍ଥାନୀୟ ଉତ୍କଳ ମଣ୍ଡପଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟଅତିଥି ଭାବେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ବିଧାୟକ ବିଜୟ ମହାନ୍ତି, ବିଭାଗୀୟ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ନିର୍ଦ୍ଦେଶକ ବିଜୟ କୁମାର ନାୟକ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଭାପତି ରାମକୃଷ୍ଣ ସାହୁ ପ୍ରମୁଖ ଯୋଗଦେଇ ପ୍ରତିଭାଙ୍କୁ ପୁରସ୍କୃତ କରିଥିଲେ। ୨୦୧୭ ମସିହା ପାଇଁ 'ହାଲୋ ଆର୍ସି'କୁ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ମୋହନ ସୁନ୍ଦର ଦେବ ଗୋସ୍ୱାମୀ ସମ୍ମାନ ପ୍ରଦାନ କରାଯାଇଛି। ପୁରସ୍କାର ବାବଦରେ ଚଳଚ୍ଚିତ୍ର ପ୍ରଯୋଜକ ଅଜୟ ରାଉତରାୟ ୫୦ହଜାର ଟଙ୍କାର ଅର୍ଥରାଶି ସହ ମାନପତ୍ର ଓ ଉପଢୌକନ ଗ୍ରହଣ କରିଛନ୍ତି। ସେହିଭଳି ଜୟଦେବ ପୁରସ୍କାର ବାବଦରେ ରବିଶଙ୍କର ପଟ୍ଟନାୟକଙ୍କୁ ୧ଲକ୍ଷ ଟଙ୍କା ସହ ମାନପତ୍ର ଏବଂ ଉପଢୌକନ ପ୍ରଦାନ କରାଯାଇଛି।

ଚଳଚ୍ଚିତ୍ର 'ହାଲୋ ଆର୍ସି' ପାଇଁ ଏଥର ଶ୍ରେଷ୍ଠ ନିର୍ଦ୍ଦେଶକ ଓ ଶ୍ରେଷ୍ଠ ସଂଳାପ ଲେଖକ ଭାବେ ସ୍ୱର୍ଗତ ସମ୍ବିତ୍ ମହାନ୍ତି ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇବାକୁ ମନୋନୀତ ହୋଇଥିବା ବେଳେ ତାଙ୍କ ପତ୍ନୀ ରିତୁ ମହାନ୍ତି ପୁରସ୍କାର ଗ୍ରହଣ କରିଥିଲେ। ଅନ୍ୟପକ୍ଷରେ ଶ୍ରେଷ୍ଠ ଅଭିନେତା ଭାବେ 'ହାଲୋ ଆର୍ସି'ର ପାର୍ଥସାରଥିରାୟ ଏବଂ 'ଲୈଲା ଓ ଲୈଲା' ଫିଲ୍ମ ପାଇଁ ସନ୍ମିରା ନାଗେଶ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ପାଇଛନ୍ତି। ଚଳଚ୍ଚିତ୍ର 'ଲୈଲା ଓ ଲୈଲା' ପାଇଁ ବୈଦ୍ୟନାଥ ଦାଶଙ୍କୁ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ, 'ଦୃଷ୍ଟାନ୍ତ'ର ଜିତେନ୍ଦ୍ରନାଥ ମହାପାତ୍ରଙ୍କୁ 'ଶ୍ରେଷ୍ଠ ସଂଳାପ ଲେଖକ', 'ସପନର ପଥେ ପଥେ' ଚଳଚ୍ଚିତ୍ରର 'ବିତିଯାଇଛି କେତେଦିନ...' ଗୀତ ପାଇଁ ସତ୍ୟଜିତ୍ ପ୍ରଧାନଙ୍କୁ 'ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ', 'ମୁଁ ଖାଣ୍ଟି ଓଡ଼ିଆ ଝିଅ...' ପାଇଁ ଅସୀମା ପଣ୍ଡାଙ୍କୁ 'ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟିକା' ପୁରସ୍କାର ମିଳିଛି। ସେହିପରି 'ଶିବା ନଟ୍ ଆଉଟ୍' ଚଳଚ୍ଚିତ୍ରର ଧ୍ରୁବାନନ୍ଦ ପଣ୍ଡାଙ୍କୁ 'ଶ୍ରେଷ୍ଠ ଚିତ୍ରଗ୍ରହଣକାରୀ', ପ୍ରାମାଣିକ ଚଳଚ୍ଚିତ୍ର 'କ୍ଷଣିକା' ପାଇଁ ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟଙ୍କୁ 'ଶ୍ରେଷ୍ଠ ସମ୍ପାଦନା', 'ତୁ ମୋ ଲଭ୍ ଷ୍ଟୋରୀ'ର 'ଟିକେ ଟିକେ ଅଚିହ୍ନା ତୁ' ଗୀତ ପାଇଁ ଅରୁଣ ମନ୍ତ୍ରୀଙ୍କୁ 'ଶ୍ରେଷ୍ଠ ଗୀତିକାର' ଓ ସେହି ଫିଲ୍ମର ଦେବୀଦତ୍ତ ମହାନ୍ତିଙ୍କୁ 'ଶ୍ରେଷ୍ଠ ଚିତ୍ରନାଟ୍ୟ' ପାଇଁ ସମ୍ମାନିତ କରାଯାଇଛି। 'ଖାଣ୍ଟି ଓଡ଼ିଆ ଝିଅ' ଚଳଚ୍ଚିତ୍ରର ମନୋଜ ପଟ୍ଟନାୟକଙ୍କୁ 'ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା', ମାମୁନି ମିଶ୍ରଙ୍କୁ 'ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ', 'ହିରୋ ନଂ ୱାନ'ର ତ୍ରିଭୂବନ ପଣ୍ଡାଙ୍କୁ 'ଶ୍ରେଷ୍ଠ ହାସ୍ୟ ଅଭିନେତା', 'ସପନଟିଏ' ଚଳଚ୍ଚିତ୍ରର ମାଗୁଣି ପାତ୍ରଙ୍କୁ 'ଶ୍ରେଷ୍ଠ ଶିଶୁ କଳାକାର' ପୁରସ୍କାର ମିଳିଛି। ସ୍ୱତନ୍ତ୍ର ଜୁରି ବିଭାଗରେ 'ଶିବା ନଟ୍ ଆଉଟ୍'ର ପ୍ରଦ୍ୟୁମ୍ନ ଲେଙ୍କାଙ୍କୁ ପୁରସ୍କୃତ କରାଯାଇଛି। ଉତ୍ସବ ଅବସରରେ ପୁରସ୍କାର ଜୁରି କମିଟିର ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।


ଉତ୍ସବରେ ବରିଷ୍ଠ ଚଳଚ୍ଚିତ୍ର ସମ୍ପାଦକ ରବିଶଙ୍କର ପଟ୍ଟନାୟକଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି।



TJM/TTL/19/ORI



## ସଂକ୍ଷେପରେ

### ଆଜି ଭାଜପାର ଦେଶବ୍ୟାପୀ ବିଜୟ୍ ସଂକଳ୍ପ ବାଇକ୍ ରାଲି

**ଭୁବନେଶ୍ୱର, ୧।୩ (ବ୍ୟୁରୋ):** ଭାଜପା ଶନିବାର ଦେଶବ୍ୟାପୀ ବିଜୟ୍ ସଂକଳ୍ପ ବାଇକ ରାଲି ପାଳନ କରିବ । ଦେଶରେ ସୁଶାସନ ଓ ଭ୍ରଷ୍ଟାଚାର ମୁକ୍ତ କରିବାରେ ମୋଦି ସରକାର ବେଶ୍ ସଫଳ ହୋଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବୁ ବର୍ଗର ଲୋକଙ୍କ ପାଇଁ ବିଭିନ୍ନ ଯୋଜନା ଲାଗୁ କରିବା ସହ ଆୟୁଷ୍ମାନ ଭାରତ ଏବଂ ଉଜ୍ଜ୍ୱଳା ଭଳି ଅନେକ ଯୁଗାନ୍ତକାରୀ ଯୋଜନାକୁ ସମସ୍ତଙ୍କ ପାଖରେ ପହଞ୍ଚାଇ ପାରିଛନ୍ତି । ଏହି ପରିପ୍ରେକ୍ଷୀରେ କେନ୍ଦ୍ରରେ 'ପୁଣିଥରେ ମୋଦି ସରକାର' ଏବଂ ରାଜ୍ୟରେ 'ଏଥର ସରକାର ବଦଳିବା ଦରକାର' ଅଭିଯାନ ଆରମ୍ଭ ହୋଇଛି । ଏହି ଅବସରରେ ଶନିବାର ଦେଶବ୍ୟାପୀ ବିଜୟ୍ ସଂକଳ୍ପ ବାଇକ ରାଲି ସମାବେଶ ସମସ୍ତ ବିଧାନସଭାରେ ଆୟୋଜିତ ହେବ ବୋଲି ଭାଜପା ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି ।

# ୟୁନିଫର୍ମ ପଲିସିକୁ ରାଜ୍ୟ ସରକାରଙ୍କ ମୋହର

**ପୁରୀ ଅଫିସ, ୧।୩**

- ତ୍ୱରାନ୍ୱିତ ହେବ ମହାପ୍ରଭୁଙ୍କ ଜମି ବିକ୍ରି
- ବର୍ଦ୍ଧିତ ଦର ବିଚାରାଧୀନ ଦରଖାସ୍ତ ଗୁଡ଼ିକ କ୍ଷେତ୍ରରେ ଲାଗୁ ହେବନି

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନାମରେ ଥିବା ଜମି ବିକ୍ରି ପାଇଁ ବାଟ ଫିଟିଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦିଆଯାଇଥିବା ସଂଶୋଧିତ ସମାନ ନୀତି (ୟୁନିଫର୍ମ ପଲିସି-୨୦୦୩)କୁ ଗୁରୁବାର ରାଜ୍ୟ ସରକାର ମୋହର ମାରିଛନ୍ତି। ରାଜ୍ୟ ତଥା ରାଜ୍ୟ ବାହାରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନାମରେ ଥିବା ଜମିକୁ ବିକ୍ରି କରି ଶ୍ରୀମନ୍ଦିରର ପାଣ୍ଠି ବୃଦ୍ଧି କରିବା ନିମନ୍ତେ ମନ୍ଦିର ପ୍ରଶାସନ ଲକ୍ଷ୍ୟ ରଖିଛି। ମହାପ୍ରଭୁଙ୍କ ଜମି ବିକ୍ରି ଲାଗି ରହିଛି ସମାନ ନୀତି ବା ୟୁନିଫର୍ମ ପଲିସି-୨୦୦୩। ୨୦୧୫ ନଭେମ୍ବର ୧୩ ତାରିଖ ପରିଚାଳନା କମିଟି ନିଷ୍ପତ୍ତି କ୍ରମେ ୟୁନିଫର୍ମ ପଲିସିରେ ଆବଶ୍ୟକ ସଂଶୋଧନ ଅଣାଯାଇ ୨୦୧୬ ଜୁନ୍ ୩୦ରେ ରାଜ୍ୟ ସରକାରଙ୍କ ଆଇନ ବିଭାଗକୁ ଅନୁମୋଦନ ନିମନ୍ତେ ପଠା ଯାଇଥିଲା। ଦୀର୍ଘ ୨ ବର୍ଷ ଧରି ଏହି ପ୍ରସ୍ତାବ ଆଇନ ବିଭାଗ ନିକଟରେ ପଡି ରହିଥିଲା। ୨୦୧୮ ସେପ୍ଟେମ୍ବର ୧୭ରେ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ଓ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଉପସ୍ଥିତିରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦିଆଯାଇଥିବା ସଂଶୋଧିତ ୟୁନିଫର୍ମ ପଲିସି ଉପରେ ଆଲୋଚନା କରାଯାଇଥିଲା। ପ୍ରଶାସନ ପକ୍ଷରୁ ଦିଆଯାଇଥିବା ସଂଶୋଧନକୁ ତର୍ଜମା କରି ପୁଣି ରାଜ୍ୟ ସରକାର ପରିଚାଳନା କମିଟିର ଅନୁମୋଦନ ଲାଗି ପଠାଇଥିଲେ। ଗତବର୍ଷ ସେପ୍ଟେମ୍ବର ୨୭ରେ ଅନୁଷ୍ଠିତ ପରିଚାଳନା କମିଟିରେ ଏହା ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ସେଥିରେ କେତେକ ସଂଶୋଧନ କରାଯିବା ସହ ଏକାଧିକ ନିଷ୍ପତ୍ତି ନିଆଯାଇଥିଲା। ୩୦ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ସମୟ ଧରି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମିକୁ ଦଖଲରେ ରଖିଥିବା ବ୍ୟକ୍ତିଙ୍କୁ ପୂର୍ବରୁ ଏକର ପିଛା ୩ ଲକ୍ଷ ଟଙ୍କା ଦେବାକୁ ପଡୁଥିଲା। ଏବେ ଏକର ପିଛା ୬ ଲକ୍ଷ ଟଙ୍କା ଦେବାକୁ ପଡିବ। ୨୦ ବର୍ଷରୁ ଊର୍ଦ୍ଧ୍ୱ ଓ ୩୦ବର୍ଷରୁ କମ୍ ସମୟ ଦଖଲରେ ରହିଥିବା ବ୍ୟକ୍ତିଙ୍କୁ ପୂର୍ବରୁ ଏକର ପିଛା ସାଢ଼େ ୪ ଲକ୍ଷ ଟଙ୍କା ଦେବାକୁ ପଡୁଥିବାବେଳେ ଏବେ ଏକର ପିଛା ୯ ଲକ୍ଷ ଟଙ୍କା ଦେବାକୁ ପଡ଼ିବ। ସେହିପରି ୧୨ ବର୍ଷରୁ ଊର୍ଦ୍ଧ୍ୱ ଓ ୨୦ ବର୍ଷରୁ କମ୍ ଦଖଲଦାରଙ୍କୁ ପୂର୍ବରୁ ଏକର ପିଛା ସାଢ଼େ ୭ ଲକ୍ଷ ଟଙ୍କା ଦେବାକୁ ପଡୁଥିବାବେଳେ ଏବେ ୧୫ ଲକ୍ଷ ଟଙ୍କା ଦେବାକୁ ପଡିବ। ୟୁନିଫର୍ମ ପଲିସିରେ ଏହିଭଳି କେତେକ ସଂଶୋଧନ କରାଯାଇଥିଲା। ପରିଚାଳନା କମିଟି ଏହାକୁ ଅନୁମୋଦନ କରି ଗତବର୍ଷ ନଭେମ୍ବର ୧୧ ତାରିଖରେ ପତ୍ର ସଂଖ୍ୟା ୧୨୦୪୬ରେ ରାଜ୍ୟ ସରକାରଙ୍କ ବିଧି ବିଭାଗକୁ ପଠାଇଥିଲା। ରାଜ୍ୟ ସରକାର ଏହି ସଂଶୋଧିତ ୟୁନିଫର୍ମ ପଲିସିକୁ ଗୁରୁବାର ଅନୁମୋଦନ କରିଛନ୍ତି। ଏହି ବର୍ଦ୍ଧିତ ଦର ବର୍ତ୍ତମାନ ବିଚାରାଧୀନ ଦରଖାସ୍ତ ଗୁଡ଼ିକ କ୍ଷେତ୍ରରେ ଲାଗୁ କରାଯିବ ନାହିଁ। ବର୍ଦ୍ଧିତ ଦର ସରକାରୀ ଅନୁମୋଦନ ଲାଭ ପରଠାରୁ ଯେଉଁମାନେ ଜମି କ୍ରୟ ପାଇଁ ଅବେଦନ କରିବେ ସେମାନଙ୍କ ପ୍ରତି ଏହା ଲାଗୁ କରାଯିବ।

ସୂଚନାଯୋଗ୍ୟ, ରାଜ୍ୟ ତଥା ରାଜ୍ୟ ବାହାରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ୬୦ ହଜାର ଏକର ଜମି ରହିଛି। ସେଥିମଧ୍ୟରୁ ଗତ ୧୯ବର୍ଷ ମଧ୍ୟରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୩୦୮ ଏକର ୨୭୧ ଡେସିମିଲ ଜମି ବିକ୍ରି କରାଯାଇଛି। ଜମି ବିକ୍ରି ଲବ୍ଧ ଅର୍ଥ କର୍ପସ ଫଣ୍ଡରେ ଜମା ରଖାଯାଇଛି। ଅନ୍ୟପକ୍ଷରେ ଗତ କିଛିବର୍ଷ ମଧ୍ୟରେ ଶ୍ରୀମନ୍ଦିର ପ୍ରଶାସନ ନିକଟରୁ ଜମି କଣିବା ଲାଗି ୬,୫୪୮ଟି ଆବେଦନ ଆସିଛି। ସେଥିମଧ୍ୟରୁ ୫,୦୪୦ଟି ଆବେଦନ କେବେଳ ପୁରୀ ସହରର ରହିଛି। ୟୁନିଫର୍ମ ପଲିସିକୁ ଅନୁମୋଦନ ମିଳିପାରି ନ ଥିବାରୁ ଜମି ବିକ୍ରି ବନ୍ଦ ରହିଥିଲା। ଏବେ ରାଜ୍ୟ ସରକାର ଏହାକୁ ଅନୁମୋଦନ ଦେଇଥିବାରୁ ଜମି ବିକ୍ରି ପୁଣି ତ୍ୱରାନ୍ୱିତ ହେବ ବୋଲି କୁହାଯାଉଛି।

# ଶ୍ରୀଜଗନ୍ନାଥଙ୍କ ଜମି ବିକ୍ରିକୁ ବିରୋଧ

**କଟକ ଅଫିସ,୧।୩:** ପୁରୀ ଶ୍ରୀଜଗନ୍ନାଥଙ୍କ ଜମି ବିକ୍ରି ନିମନ୍ତେ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିନିମନ୍ତେ ପ୍ରସ୍ତୁତ ହୋଇଥିବା ସଂଶୋଧିତ ଏକକ ପଲିସିକୁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି। ଫଳରେ ମହାପ୍ରଭୁ ଜଗନ୍ନାଥଙ୍କ ରାଜ୍ୟ ତଥା ରାଜ୍ୟ ବାହାରେ ଥିବା ଜମି ବିକ୍ରି କରିବା ପାଇଁ ସରକାର କ୍ଷେତ୍ର ପ୍ରସ୍ତୁତ କରିଛନ୍ତି। ସରକାରଙ୍କ ଏଭଳି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଆଡଭୋକେଟ ଦିଲୀପ କୁମାର ମହାପାତ୍ର ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି। ଆଡଭୋକେଟ ମହାପାତ୍ର ନିଜ ପିଟିଶନରେ ଦର୍ଶାଇଛନ୍ତି ଯେ, ୨୦୦୩ ମସିହାରେ ଜଗନ୍ନାଥଙ୍କ ଜମି ବିକ୍ରି କରିବା ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ଏକ ୟୁନିଫର୍ମ ପଲିସି ପ୍ରସ୍ତୁତ ହୋଇଥିଲା। ଏବେ ଏହି ପଲିସିରେ କେତେକ ସଂଶୋଧନ ଅଣାଯାଇଛି। ଏପରି କି ସଂଶୋଧିତ ପଲିସିକୁ ସରକାର ଅନୁମୋଦନ କରିଛନ୍ତି। ଆଡଭୋକେଟ ମହାପାତ୍ର ପିଟିଶନରେ ଦର୍ଶାଇଥିବା ତଥ୍ୟ

**ହାଇକୋର୍ଟରେ ମାମଲା**

ଅନୁଯାୟୀ ଶ୍ରୀଜଗନ୍ନାଥଙ୍କ ଜମି କିଣିବା ଲାଗି ଏବେ ୧୦ହଜାର ଆବେଦନ ପଡ଼ିରହିଛି। ରାଜ୍ୟର ବିଭିନ୍ନ ଜିଲାରେ ମହାପ୍ରଭୁ ଜଗନ୍ନାଥଙ୍କ ୬୦ହଜାର ୪୧୮ ଏକର ଭୂସମ୍ପତ୍ତି ରହିଛି। ସେଥିରୁ ୩୫ ହଜାର ଏକର ଜମିର ମାଲିକାନା ସ୍ୱତ୍ୱ ଶ୍ରୀଜଗନ୍ନାଥ ପରିଚାଳନା କମିଟି ନାମରେ ରହିଛି। ଓଡ଼ିଶାକୁ ବାଦ୍ ଦେଲେ ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ ଓ ମଧ୍ୟପ୍ରଦେଶ ଭଳି ରାଜ୍ୟରେ ମଧ୍ୟ ମହାପ୍ରଭୁଙ୍କର ବହୁ ପରିମାଣର ଭୂସମ୍ପତ୍ତି ରହିଛି। ଏପରିକି ଏହି ଜମିଗୁଡ଼ିକ ମଧ୍ୟରୁ ଅଧିକାଂଶ ସହରାଞ୍ଚଳରେ ରହିଛି। ଏବେ ସରକାର ଏହି ବହୁମୂଲ୍ୟ ଜମିକୁ ଶାଗମାଛ ଦରରେ ବିକ୍ରି କରିବାକୁ ମସୁଧା ଚଳାଇଥିବା ଆବେଦନକାରୀ କୋର୍ଟଙ୍କୁ ଦର୍ଶାଇଛନ୍ତି। ତେଣୁ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ରଦ୍ଦ କରିବାକୁ ପିଟିଶନରେ ନିବେଦନ କରିଛନ୍ତି।

## ■ ଓପିଜିସିର ୩ୟ, ୪ର୍ଥ ୟୁନିଟ୍ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

# ବିଦ୍ୟୁତ୍ କ୍ଷେତ୍ରରେ ଇତିହାସ ସୃଷ୍ଟି କଲା ଓଡ଼ିଶା

**ଲଖନପୁର,୧।୩(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବନହରପାଲିସ୍ଥିତ ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ(ଓପିଜିସି)ର ୬୬୦ମେଗାୱାଟ୍ ବିଶିଷ୍ଟ ୩ୟ, ୪ର୍ଥ ୟୁନିଟ୍‌କୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ଉଦ୍ଦେଶ୍ୟରେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ କହିଲେ, ରାଜ୍ୟ ସରକାରଙ୍କ ନିଜସ୍ୱ ବିଦ୍ୟୁତ୍ ନିଗମ ଓପିଜିସି ରହିଛି। ଏହାର ୩ୟ, ୪ର୍ଥ ୟୁନିଟ୍ ଆଜି କାର୍ଯ୍ୟକ୍ଷମ ହୋଇଛି। ଏଥିରୁ ୧୩୨୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ହେବ। ଏହା ରାଜ୍ୟର ବିଦ୍ୟୁତ୍ ଚାହିଦା ପୂରଣ କରିବ। ଏହି ୨ ୟୁନିଟ୍ କାର୍ଯ୍ୟକ୍ଷମ ହେବା ପରେ ବିଦ୍ୟୁତ୍ କ୍ଷେତ୍ରରେ ଓଡ଼ିଶା ଏକ ନୂଆ ଇତିହାସ ସୃଷ୍ଟି କରିଛି। ଆସନ୍ତା ୨୫ବର୍ଷ ପାଇଁ କ୍ୱାଲିଟି ପାୱାର ଯୋଗାଇବାରେ ଏହି ୨ ୟୁନିଟ୍ ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ରାଜ୍ୟରେ ବିଦ୍ୟୁତ୍ କ୍ଷେତ୍ରରେ ବିକାଶ ହୋଇଛି। ରାଜ୍ୟର ସବୁଗ୍ରାମକୁ ବିଦ୍ୟୁତ୍ ପହଞ୍ଚି ପାରିଛି। ୧ କୋଟି ଘରକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ରାଜ୍ୟ ପାଇଁ ଆଜିର ଦିବସ ଏକ ଐତିହାସିକ ଦିନ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂ କହିଥିଲେ, ଓପିଜିସିରୁ ୧୩୨୦ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ପରେ ରାଜ୍ୟରେ ଦେଖାଦେଉଥିବା ବିଦ୍ୟୁତ୍ ସମସ୍ୟା ଦୂରହେବା ସାଙ୍ଗକୁ ଓଡ଼ିଶା ବଳକା ବିଦ୍ୟୁତ୍ ରାଜ୍ୟ ଭାବେ ପରିଗଣିତ ହେବ। ଏହା ସହିତ ୩ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଶକ୍ତିମନ୍ତ୍ରୀ ସିଂ କହିଥିଲେ। ଏହି ଅବସରରେ ସ୍ଥାନୀୟ ରାଜୀବ ଗାନ୍ଧୀ ପଡ଼ିଆରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସୁନ୍ଦରଗଡ଼ ମନୋହରପୁର କୋଲ୍‌ବ୍ଲକ୍‌କୁ ସୁଇଚ୍ ଟିପି ଉଦ୍‌ଘାଟନ କରିଥିଲେ। ଏହି ସଭାରେ ଶକ୍ତିମନ୍ତ୍ରୀ ସିଂ, ଏମ୍‌ପି ପ୍ରଭାସ ସିଂ, ଶକ୍ତିସଚିବ ହେମନ୍ତ ଶର୍ମା, ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକ, ଓପିଜିସି ମୁଖ୍ୟପରିଚାଳକ ଇନ୍ଦ୍ରନୀଳ ଦତ୍ତ, ଏଇଏସ୍ ଅଧିକାରୀ ମାର୍କ ଗ୍ରୀନ୍ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏଥିରେ କମ୍ପାନୀ ଅଧିକାରୀ, କର୍ମଚାରୀ ଓ ସ୍ଥାନୀୟ ଜନସାଧାରଣଙ୍କ ସମେତ ୫ହଜାର ଲୋକଙ୍କ ସମାଗମ ହୋଇଥିଲେ।

ସୂଚନାଯୋଗ୍ୟ, ୧୧ହଜାର ୫୪୭କୋଟି ଟଙ୍କା ବ୍ୟୟରେ ୩ୟ, ୪ର୍ଥ ୟୁନିଟ୍ ନିର୍ମାଣ ହୋଇଛି। ସେହିପରି ୧୩ ଶହ ୮୨କୋଟି ଟଙ୍କା ବ୍ୟୟରେ ମନୋହରପୁରରେ ଆରମ୍ଭ ହୋଇଛି କମ୍ପାନୀର ନିଜସ୍ୱ କୋଲ୍‌ବ୍ଲକ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

# ଆଜି ବିଜେଡିର ପ୍ରତୀକାତ୍ମକ ବିକ୍ଷୋଭ

**ପୁରୀ ଅଫିସ, ୧।୩:** କେନ୍ଦ୍ର ସରକାର ପୂର୍ବତଟ ରେଳପଥକୁ ବିଭାଜନ କରିବା ଲାଗି ଘୋଷଣା କରିଛନ୍ତି। ଏହାକୁ ବିରୋଧ କରି ଶନିବାର ବିଜେଡି ପକ୍ଷରୁ ଭୁବନେଶ୍ୱରସ୍ଥିତ ପୂର୍ବତଟ ରେଳପଥର ମୁଖ୍ୟ ଦପ୍ତର ସମ୍ମୁଖରେ ପ୍ରତୀକାତ୍ମକ ବିକ୍ଷୋଭ ସମାବେଶ କରାଯିବ। ଶୁକ୍ରବାର ପୁରୀଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ସାଧାରଣ ସମ୍ପାଦକ ସଞ୍ଜୟ କୁମାର ଦାସବର୍ମା ଏହା କହିଛନ୍ତି। କେନ୍ଦ୍ର ଆଗାମୀ ନିର୍ବାନକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥକୁ ବିଭାଜନ କରିଛନ୍ତି। ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନା ପାଇଁ ଏହାକୁ ଦୁଇଭାଗ କରିଦିଆଯାଇଛି। କୌଣସି ଯଥାର୍ଥ କାରଣ ନ ଥାଇ ପୂର୍ବତଟ ରେଳପଥକୁ ଭାଗ ଭାଗ କରିଦିଆଯିବା ଏକ ଅଦୂରଦର୍ଶୀ, ନିନ୍ଦନୀୟ ପଦକ୍ଷେପ ବୋଲି ଦାସବର୍ମା କହିଛନ୍ତି। ଏପରି ହେଲେ ପୂର୍ବତଟ ରେଳପଥର ପରିସୀମା

**ପୂର୍ବତଟ ରେଳପଥ ବିଭାଜନକୁ ବିରୋଧ**

ସଙ୍କୁଚିତ ହେବ। ଏଥିସହ ଆନୁଷଙ୍ଗିକ କ୍ଷେତ୍ରରୁ ଯାହା ଅର୍ଥ ମିଳୁଥିଲା ତାହା ମଧ୍ୟ କମିଯିବ। ପୂର୍ବତଟ ରେଳପଥ ରେଲ୍‌ୱେକୁ ବାର୍ଷିକ ୨୦ ହଜାର କୋଟି ଟଙ୍କା ରାଜସ୍ୱ ଦେଉଛି। ହେଲେ ବାରମ୍ବାର ରେଲୱେ ଓଡ଼ିଶା ପ୍ରତି ଅବହେଳା ପ୍ରଦର୍ଶନ କରୁଛି। ଦୀର୍ଘଦିନର ଲଢେଇ ଓ ସଂଗ୍ରାମ ପରେ ପୂର୍ବତଟ ରେଳପଥ ପ୍ରତିଷ୍ଠା ହୋଇପାରିଥିଲା। ହେଲେ ଏବେ ଏହା ପ୍ରତି ଷଡ଼ଯନ୍ତ୍ର କରାଯାଇଛି। ପୂର୍ବତଟ ରେଳପଥ ବିଭାଜନ କରିବାକୁ କେନ୍ଦ୍ର ସରକାର ଯୋଜନା କରୁଥିବା ଜାଣି ୨୦୧୮ ଫେବୃୟାରୀ ୧୬ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ରେଳମନ୍ତ୍ରୀ ପୀୟୁଷ ଗୋଏଲଙ୍କୁ ଚିଠି ଲେଖି ମୁଖ୍ୟମନ୍ତ୍ରୀ ନିର୍ଦ୍ଦିଷ୍ଟ ଭାବେ ଦର୍ଶାଇଥିଲେ ଯେ, ପୂର୍ବତଟ ରେଳପଥର ଯଦି ସାମାନ୍ୟତମ ଅଂଶ ଆନ୍ଧ୍ରପ୍ରଦେଶକୁ ଠେଲିଦିଆଯାଏ ତେବେ ବିଭିନ୍ନ ଦୃଷ୍ଟିକୋଣରୁ ଓଡ଼ିଶା କ୍ଷତିଗ୍ରସ୍ତ ହେବ। କେନ୍ଦ୍ରମନ୍ତ୍ରିମଣ୍ଡଳରେ ପ୍ରତିନିଧିତ୍ୱ କରୁଥିବା ଦୁଇ ଓଡ଼ିଆମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଜୁଏଲ ଓରାମ୍ ଏ ପ୍ରସଙ୍ଗରେ ନୀରବ ରହିବା ନିଶ୍ଚିତ ଦୁର୍ଭାଗ୍ୟର କଥା। ଏହାକୁ ବିରୋଧ କରି ଶନିବାର ଭୁବନେଶ୍ୱରସ୍ଥିତ ପୂର୍ବତଟ ରେଳପଥର ମୁଖ୍ୟଦପ୍ତର ସମ୍ମୁଖରେ ଦଳ ପକ୍ଷରୁ ବିକ୍ଷୋଭ ସମାବେଶ କରାଯିବ। ଏହା ପ୍ରତୀକାତ୍ମକ ଭାବେ ହେବ। କେନ୍ଦ୍ର ସରକାର ଯଦି ତାଙ୍କ ନିଷ୍ପତ୍ତିରେ ପରିବର୍ତ୍ତନ ନ କରନ୍ତି ତେବେ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. SDCM/KUR/Cloak Room/BBS/19, ତା: 27.02.2019

**କାର୍ଯ୍ୟର ନାମ :** ଭୁବନେଶ୍ୱର ରେଳ ଷ୍ଟେସନ ଠାରେ କ୍ଲୋକ୍ ରୁମ୍ (Cloak Room) ( କ୍ଲୋକ୍ ରୁମ୍ ର କ୍ଷେତ୍ର = 28.28 ବର୍ଗମିଟର) ।

03 (ତିନି) ବର୍ଷ ନିମନ୍ତେ ଟେଣ୍ଡରର ଆନୁମାନିକ ମୂଲ୍ୟ : ₹ 64,26,151/-, EMD ମୂଲ୍ୟ : ₹ 3,21,308/- ଟେଣ୍ଡର କାଗଜପତ୍ରର ମୂଲ୍ୟ (ଫେରସ୍ତଯୋଗ୍ୟ ନୁହେଁ) : ₹ 5,900/- ।

ଟେଣ୍ଡର ଜାରି କରାଯିବାର ଅନ୍ତିମ ତାରିଖ ଓ ସମୟ : ତା 24.04.2019 ରିଖ 1200 ଘଟିକା ପର୍ଯ୍ୟନ୍ତ, ଟେଣ୍ଡର ଗ୍ରହଣ କରାଯିବାର ଅନ୍ତିମ ତାରିଖ ଓ ସମୟ : ତା 24.04.2019 ରିଖ ତା 1500 ଘଟିକା ପର୍ଯ୍ୟନ୍ତ,

ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ : ତା 24.04.2019 ରିଖ 1530 ଘଟିକା ।

ଟେଣ୍ଡର ଫର୍ମ ଉପଲବ୍ଧ ହେବା ସ୍ଥାନ : ସିନିୟର ଡ଼ିଭିଜନାଲ୍ କମର୍ସିଆଲ ମ୍ୟାନେଜର, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ଼, ଜଟଣୀ - 752050, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶାଙ୍କ କାର୍ଯ୍ୟାଳୟରୁ ଯେକୌଣସି କାର୍ଯ୍ୟଦିବସରେ ମିଳିପାରିବ । ଟେଣ୍ଡର ନଥିପତ୍ର ମଧ୍ୟ ୱେବ୍‌ସାଇଟ୍ www.eastcoastrail.indianrailways.gov.in ଏବଂ http://tenders.gov.in ରେ ତା 28.02.2019 ରିଖ ଠାରୁ ତା 24.04.2019 ରିଖ ମଧ୍ୟରେ ଉପଲବ୍ଧ ହେବ ।

ଯଦି ଇଣ୍ଟରନେଟ୍‌ରୁ ଡାଉନ୍‌ଲୋଡ୍ କରାଯାଇଥିବା ଟେଣ୍ଡର ନଥିପତ୍ର ଏବଂ କାର୍ଯ୍ୟାଳୟରେ ଉପଲବ୍ଧ ମାଷ୍ଟର କପି ମଧ୍ୟରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏ, ତେବେ ସେ କ୍ଷେତ୍ରରେ କାର୍ଯ୍ୟାଳୟର ମାଷ୍ଟର କପି ହିଁ କାଏମ୍ ରହିବ ତଥା ଟେଣ୍ଡର ଆବେଦନକାରୀ(ମାନେ) ତାହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବେ । ଏ କ୍ଷେତ୍ରରେ କୌଣସି ଦାବିକୁ ଗ୍ରହଣ କରାଯିବ ନାହିଁ ।

ଡିଭିଜନାଲ କମର୍ସିଆଲ ମ୍ୟାନେଜର(ସମନ୍ୱୟ), ଖୋର୍ଦ୍ଧା ରୋଡ଼

PR-512/J/18-19

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.MCSW-REFURBISH-18-19-21

**କାର୍ଯ୍ୟର ନାମ :** ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ 290 ଗୋଟି କୋଚ୍‌ଗୁଡ଼ିକର ନବୀକରଣ (Refurbishment) ।

ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 6,59,16,522/-, EMD (ଟଙ୍କାରେ) : 4,79,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 10,000/-, ଶେଷ ହେବା ଅବଧି : 24 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.13.03.2019 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.27.03.2019 ରିଖ 1500 ଘଟିକାରେ ।

ଏହି ଟେଣ୍ଡର ସମ୍ପର୍କରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର http://www.ireps.gov.in ରେ ଉପଲବ୍ଧ ଅଟେ ।

ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର/କାରଖାନା/ ମଞ୍ଚେଶ୍ୱର

PR-508/J/18-19

**ପୂର୍ବ ତଟ ରେଳପଥ**

**ଦୁଲାଖାପାଟଣା ଏବଂ ବଡ଼ପଦାଗାଁ ପାସେଞ୍ଜର ହଲ୍ଟ ନିମନ୍ତେ ହଲ୍ଟ ଏଜେଣ୍ଟ ନିଯୁକ୍ତି ପାଇଁ ଅଧିସୂଚନା**

ସଂ. G.51/P.H/DLPT& BDPG ତା. 27.02.2019 ରିଖ

ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ବଡ଼ପଦାଗାଁ ପାସେଞ୍ଜର ହଲ୍ଟ (ଚାରବାଟିଆ ଓ ଗୁରୁଡ଼ିଝାଟିଆ ମଧ୍ୟରେ) ଏବଂ ଦୁଲାଖାପାଟଣା ପାସେଞ୍ଜର ହଲ୍ଟ (ମଞ୍ଜୁରି ରୋଡ଼-ବୈତରଣୀ ରୋଡ଼ ମଧ୍ୟରେ) ଷ୍ଟେସନଗୁଡ଼ିକଠାରେ ଟିକଟ ବିକ୍ରୟ ନିମନ୍ତେ ପାସେଞ୍ଜର ହଲ୍ଟ ଏଜେଣ୍ଟ ଭାବେ ନିଯୁକ୍ତି ପାଇଁ ଇଚ୍ଛୁକ ବ୍ୟକ୍ତିବିଶେଷଙ୍କ ଠାରୁ ଦରଖାସ୍ତ ଆମନ୍ତ୍ରଣ କରାଯାଉଛି ।

ହଲ୍ଟ ଏଜେଣ୍ଟଙ୍କୁ ପ୍ରଦାନଯୋଗ୍ୟ କମିଶନ ନିମ୍ନପ୍ରକାର କରାଯିବ : ମାସିକ ଟିକଟ ବିକ୍ରୟ ପରିମାଣ ଏବଂ ଦେୟ କମିଶନ : ଟ. 1-15,000/-: 15%, ଟ. 15,001-50,000/-: 12%, ଟ.50,001–1,00,000/-:9%, ଟ.1,00,001–2,00,000/-: 6%, ଟ.2,00,001 ଏବଂ ତଦୂର୍ଦ୍ଧ୍ୱ : 3%

ସୁରକ୍ଷା ଜମା ରାଶି: ଟ. 2,500/- (ସୁରକ୍ଷା ଜମା ବାବଦକୁ ଟ. 2,000/- + ରେଳବାଇ ସାମଗ୍ରୀ ମୂଲ୍ୟର 50% ବାବଦକୁ ଟ. 500/-) ।

କିପରି ଆବେଦନ କରିବେ: ଆବାସ ଦୃଷ୍ଟିକୋଣରୁ ଯୋଗ୍ୟ ସାବ୍ୟସ୍ତ ହୋଇଥିବା ପ୍ରାର୍ଥୀମାନେ ଉପରୋକ୍ତ ପାସେଞ୍ଜର ହଲ୍ଟ ନିମନ୍ତେ ସାଦା କାଗଜରେ ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ଼, ପୋଷ୍ଟ-ଜଟଣୀ, ଜିଲ୍ଲା-ଖୋର୍ଦ୍ଧା, ପିନ୍-752050 ଙ୍କ ଠିକଣାରେ ଆବେଦନ କରିବେ ଏବଂ କାର୍ଯ୍ୟାଳୟରେ ଏହି ଉଦ୍ଦେଶ୍ୟରେ ରଖା ଯାଇଥିବା ବାକ୍ସରେ ପକାଇ ପାରିବେ । ଡାକ ସେବା କିମ୍ବା କୌଣସି ଅନ୍ୟାନ୍ୟ ସେବା ମାଧ୍ୟମରେ ଆସିଥିବା ଆବେଦନପତ୍ରଗୁଡ଼ିକୁ ଗ୍ରହଣ କରାଯିବ ନାହିଁ ।

ଉପଯୁକ୍ତ ଭାବେ ଫର୍ମାଟ୍ ଅନୁଯାୟୀ ପୂରଣ କରାଯାଇଥିବା ଆବେଦନ ପତ୍ରଗୁଡ଼ିକୁ ଏହି କାର୍ଯ୍ୟାଳୟରେ ତା.28.03.2019 ରିଖ (ଗୁରୁବାର) 1500 ଘଟିକା କିମ୍ବା ତା ପୂର୍ବରୁ ପହଞ୍ଚିବା ଆବଶ୍ୟକ । ଯଦି ଅନ୍ତିମ ଦିବସ ଅର୍ଥାତ୍ ତା. 28.03.2019 ରିଖ ଦିନ ଛୁଟି ଦିବସ ରୂପେ ଘୋଷିତ ହୁଏ, ତେବେ ଦରଖାସ୍ତଗୁଡ଼ିକ ପରବର୍ତ୍ତୀ କାର୍ଯ୍ୟ ଦିବସର ସେହି ସମୟ ମଧ୍ୟରେ ଗ୍ରହଣ କରାଯିବ ।

ରେଳବାଇ ପ୍ରଶାସନ ଯେକୌଣସି ଦରଖାସ୍ତକୁ କୌଣସି କାରଣ ନ ଦର୍ଶାଇ ଗ୍ରହଣ କିମ୍ବା ଖାରଜ କରିବାର ଅଧିକାର ନିଜ ପାଖରେ ସୁରକ୍ଷିତ ରଖିଛନ୍ତି ।

ସବିଶେଷ ବିବରଣୀ, ନିୟମ ଏବଂ ସର୍ତ୍ତାବଳୀ ତଥା ଦରଖାସ୍ତ ଫର୍ମାଟ୍ ପାଇଁ ୱେବ୍‌ସାଇଟ୍ www.eastcoastrail.indianrailways.gov.in ଅବଲୋକନ କରନ୍ତୁ ।

ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ (ସମନ୍ୱୟ)/ ଖୋର୍ଦ୍ଧା ରୋଡ଼

PR-510/J/18-19


## ■ ଏଲ୍‌ଓଆଇ ବିତରଣ କାର୍ଯ୍ୟକ୍ରମ

# 'ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଅସମ୍ଭବ ସମ୍ଭବ ହୋଇପାରିଛି'

**ଭୁବନେଶ୍ୱର, ୧।୩ (ବ୍ୟୁରୋ):** ଭାରତବାସୀଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବାର ଆବଶ୍ୟକତା ଅଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହା କହିଛନ୍ତି ହେଲେ ସମସ୍ତେ ମିଶି ଏହାକୁ କରିବାର ଆବଶ୍ୟକତା ରହିଛି । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ବର୍ତ୍ତମାନ ସବୁ ଅସମ୍ଭବକୁ ସମ୍ଭବ କରାଯାଇପାରିଛି ବୋଲି ନୂଆଦିଲ୍ଲୀଠାରେ ଆୟୋଜିତ ୧୦ତମ ସିଜିଡି ବିଡିଂ ରାଉଣ୍ଡ ଅନ୍ତର୍ଗତ ୧୨୪ ଜିଲାର ୫୦ ଭୌଗୋଳିକ କ୍ଷେତ୍ର ପାଇଁ ଲେଟର ଅଫ୍ ଇନ୍‌ଟେଣ୍ଟ (ଏଲ୍‌ଓଆଇ) ବିତରଣ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ।

ଧର୍ମେନ୍ଦ୍ର କହିଛନ୍ତି ଯେ, ପୂର୍ବରୁ ୨୦ପ୍ରତିଶତ ଲୋକଙ୍କ ପାଖରେ ସିଜିଡି ନେଟ୍‌ୱର୍କ ଥିଲା, ଯାହା ବର୍ତ୍ତମାନ ୭୦ପ୍ରତିଶତରେ ପହଞ୍ଚିଛି। ଭାରତର ପାଇପ ନ୍ୟାଚୁରାଲ ଗ୍ୟାସ ନେଟ୍‌ୱର୍କ ତଥା ଦେଶର ଗ୍ୟାସ ଉତ୍ପାଦନ ନୀତିରେ ନୂଆ ସଂସ୍କାର ଆସିପାରିଛି । ଦୁନିଆର ସବୁଠୁ ବଡ ପଲିସି ମୋଦିଙ୍କ ସରକାର ସମୟରେ ଆସିପାରିଛି । ୭ରୁ ୮ଲକ୍ଷ କୋଟି ଟଙ୍କାର ଇନ୍ଧନ ଆମେ ବିଦେଶରୁ ଆମଦାନୀ କରୁଛୁ। ଏଥିରୁ ରକ୍ଷା ପାଇବାକୁ ହେଲେ ଦେଶରେ ଇନ୍ଧନ ଉତ୍ପାଦନ ବୃଦ୍ଧି କରିବାର ଆବଶ୍ୟକତା ରହିଛି । ଦେଶରେ ଉତ୍ପାଦନ ବଢିଲେ ଲୋକେ ଅଧିକ ଆତ୍ମନିର୍ଭରଶୀଳ ହୋଇପାରିବେ । ଗୁଜରାଟ, ପଞ୍ଜାବ ଏବଂ ହରିୟାଣା ଶତ ପ୍ରତିଶତ ସିଜିଡି ନେଟ୍‌ୱର୍କରେ ଆସି ସାରିଲାଣି। ସିଜିଡି ନେଟ୍‌ୱର୍କ ଭାରତର ନୂଆପିଢ଼ିକୁ ରୋଗରୁ ବଞ୍ଚାଇପାରିବ । ଭାରତର ଗରିବଙ୍କୁ ରୋଗରୁ ବଞ୍ଚାଇବା ମାଧ୍ୟମର ଚାବିକାଠି ସରକାରଙ୍କ ପାଖରେ ଅଛି । ଏହା ଭାରତ ସରକାରଙ୍କ ଉଚ୍ଚାକାଂକ୍ଷା ବୋଲି ଧର୍ମେନ୍ଦ୍ର କହିଛନ୍ତି ।ସାଧାରଣ ବ୍ୟକ୍ତି ମଧ୍ୟ ୫ଗୁଣା ରୋଜଗାର କରିପାରୁଛି । ସିଜିଡି ନେଟ୍‌ୱର୍କ ଭାରତର ନୂଆପିଢିକୁରୋଗରୁବଞ୍ଚାଇପାରିବ। ଭାରତର ଗରିବଙ୍କୁ ରୋଗରୁ ବଞ୍ଚାଇବା ମାଧ୍ୟମର ଚାବିକାଠି ସରକାରଙ୍କ ପାଖରେ ଅଛି । ଏହା ଭାରତ ସରକାରଙ୍କ ଉଚ୍ଚାକାଂକ୍ଷା ବୋଲି ଧର୍ମେନ୍ଦ୍ର କହିଛନ୍ତି ।


DSPL-439

**ରାଷ୍ଟ୍ରୀୟ ଆମ୍ବୁଲାନ୍ସ ସେବା '୧୦୮' ଏବଂ '୧୦୨'ର ଉପଯୋଗ ସମ୍ପର୍କରେ ସୂଚନା**

୧୦୮ ଆମ୍ବୁଲାନ୍ସ ସେବା
ଫୋନ୍ ୧୦୨ ଆମ୍ବୁଲାନ୍ସ

**ଏହାର ସୁବିଧା :**

- ୨୪ ଘଣ୍ଟିଆ ଦିନରାତି ଆମ୍ବୁଲାନ୍ସ ସେବା
- ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ (କଲ୍ ସେଣ୍ଟର)ରେ ୨୪ ଘଣ୍ଟିଆ ଫୋନ୍ କଲ୍ ଗ୍ରହଣ ସହ ଆମ୍ବୁଲାନ୍ସ ଯୋଗାଇ ଦେବାର ବ୍ୟବସ୍ଥା
- ଏହି ଆମ୍ବୁଲାନ୍ସରେ ରୋଗୀ ସହ ଜଣେ ବ୍ୟକ୍ତି ସହାୟକରୂପେ ଯାଇପାରିବେ
- ଏହି ସେବା ବିନା ମୂଲ୍ୟରେ ଉପଲବ୍ଧ

**ଜରୁରୀକାଳୀନ ୧୦୮ ଆମ୍ବୁଲାନ୍ସ ସେବା**

- ୧୦୮ ଆମ୍ବୁଲାନ୍ସ ଦ୍ୱାରା ରୋଗୀଙ୍କୁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ଡାକ୍ତରଖାନାକୁ ନିଆଯାଇଥାଏ ।
- ଏହି ସେବା ନିମନ୍ତେ '୧୦୮' ନମ୍ବରକୁ ବିନା କୋଡ୍‌ରେ ଫୋନ୍ କରନ୍ତୁ ।
- ଏଥିରେ ଡାକ୍ତରଖାନା ପହଞ୍ଚିବା ପର୍ଯ୍ୟନ୍ତ ରୋଗୀକୁ ଆବଶ୍ୟକୀୟ ମୌଳିକ ଚିକିତ୍ସା ଯୋଗାଇଦେବାର ବ୍ୟବସ୍ଥା ରହିଛି ।



**ରାଷ୍ଟ୍ରୀୟ ଆମ୍ବୁଲାନ୍ସ ସେବା (୧୦୨)**

- ଡ଼ାକ୍ତରଖାନାରେ ପ୍ରସବ ପାଇଁ ସମସ୍ତ ଗର୍ଭବତୀ, ପ୍ରସୂତି ଓ ୧ ବର୍ଷ ପର୍ଯ୍ୟନ୍ତ ଅସୁସ୍ଥ ଶିଶୁମାନଙ୍କର ଜରୁରୀ ଚିକିତ୍ସା ନିମନ୍ତେ ଡ଼ାକ୍ତରଖାନାକୁ ନେବା ପାଇଁ ୧୦୨ ଆମ୍ବୁଲାନ୍ସ ସେବାର ପ୍ରଚଳନ କରାଯାଇଛି ।
- ଏହି ସୁବିଧା ପାଇବା ପାଇଁ ଦେୟମୁକ୍ତ ନମ୍ବର ୧୦୨କୁ ବିନା କୋଡ୍‌ରେ ଫୋନ୍ କରନ୍ତୁ ।



10003/13/0108/1819

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha http://www.health.odisha.gov.in/ @HFWOdisha

"ଯାହାସବୁ ତୁମକୁ ଭଗବାନଙ୍କ ଆଡକୁ ଯିବାକୁ ସାହାଯ୍ୟ କରେ– ସେଗୁଡିକ ଗ୍ରହଣ କର। ଏବଂ ଯାହା କିଛି ତୁମକୁ ଭଗବାନଙ୍କଠାରୁ ଦୂରେଇ ନିଏ– ସେଗୁଡିକୁ ତୁରନ୍ତ ବର୍ଜନ କର।
–ଶ୍ରୀମା



# ଅନନ୍ତ ପ୍ରତୀକ୍ଷା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଭାରତ ସରକାରଙ୍କର ଦୁଇଜଣ ବରିଷ୍ଠ ଆଇଏଏସ୍ ଅଫିସର ଏବଂ ୟୁଟି କ୍ୟାଡରର ଜଣେ ଅଫିସରଙ୍କୁ ତାଙ୍କର ବର୍ତ୍ତମାନର ପଦରୁ ଅପସାରିତ କରାଯାଇଥିବା ବେଳେ ପରବର୍ତ୍ତୀ ପୋଷ୍ଟିଂ ପାଇଁ ସେମାନେ ଏବେ ବି ଅପେକ୍ଷାରେ ଅଛନ୍ତି। ଅଥଚ ତାଙ୍କର ଉତ୍ତରାଧିକାରୀମାନଙ୍କୁ ତାଙ୍କ ସ୍ଥାନରେ ନିଯୁକ୍ତି ମିଳିସାରିଲାଣି। ପ୍ରାପ୍ତ ସୂଚନା ଅନୁସାରେ, ୟୁନିଭର୍ସାଲ ସର୍ଭିସେସ୍ ଓବ୍ଲିଗେଶନ ଫଣ୍ଡ (ୟୁଏସ୍ଓଏଫ୍)ରେ ମଧ୍ୟପ୍ରଦେଶ କ୍ୟାଡରର ୧୯୮୭ ବ୍ୟାଚ୍ ଆଇଏଏସ୍ ଅଫିସର ସଞ୍ଜୟ କୁମାର ସିଂଙ୍କ ସ୍ଥାନରେ ୧୯୮୯ ବ୍ୟାଚ୍‌ର ଆଇଏଏସ୍ ଅଫିସର ଅଂଶୁଲି ଆର୍ଯ୍ୟା ନିଯୁକ୍ତି ପାଇସାରିଛନ୍ତି। କିନ୍ତୁ ସିଂଙ୍କୁ ପରବର୍ତ୍ତୀ ନିଯୁକ୍ତି କେଉଁଠି ଦିଆଯିବ ତାହା ଏଯାଏ ସ୍ଥିର ହୋଇନାହିଁ। ସେହିପରି ମହାରାଷ୍ଟ୍ର କ୍ୟାଡରର ୧୯୮୬ ବ୍ୟାଚ୍ ଅଫିସର ଜୟଶ୍ରୀ ମୁଖାର୍ଜୀଙ୍କୁ ଗତ ଡିସେମ୍ବର ମାସରେ ସୂଚନା ପ୍ରସାରଣ ମନ୍ତ୍ରଣାଳୟରୁ ହଟାଇ ଏବଂ ଉକ୍ତ ପଦବୀକୁ ଆସିଷ୍ଟାଣ୍ଟ ସେକ୍ରେଟାରୀରୁ ଜଏଣ୍ଟ ସେକ୍ରେଟାରୀ ପାହ୍ୟାକୁ ଅବନତ କରାଇ ସେହି ସ୍ଥାନରେ ଅତୁଲ କୁମାର ତିୱାରୀଙ୍କୁ ନିଯୁକ୍ତି ଦିଆଯାଇଛି। ଅଥଚ ଶ୍ରୀମତୀ ମୁଖାର୍ଜୀ ଏପର୍ଯ୍ୟନ୍ତ ନିଜର ନୂତନ ନିଯୁକ୍ତି ପାଇଁ ଅପେକ୍ଷାରେ ଅଛନ୍ତି। ପୁନଶ୍ଚ ଗତ ଡିସେମ୍ବର ମାସରେ ଗୋଆ ମୁଖ୍ୟ ଶାସନ ସଚିବ ଧର୍ମେନ୍ଦ୍ର ଶର୍ମାଙ୍କ ସ୍ଥାନରେ ତାଙ୍କର ଉତ୍ତରାଧିକାରୀ ଭାବେ ପରିମଳ ରାୟଙ୍କୁ ନିଯୁକ୍ତି ଦିଆଯିବା ପରେ ଶର୍ମା ଛୁଟିରେ ରହିଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ୟୁଟି କ୍ୟାଡରର ନିୟନ୍ତ୍ରଣକାରୀ କର୍ତ୍ତୃପକ୍ଷ ହୋଇଥିବାରୁ ଏବଂ ଏଭଳି ନିଯୁକ୍ତି ପାଇଁ ଲ୍ୟୁଟନାଣ୍ଟ ଗଭର୍ନରଙ୍କର ମଧ୍ୟ ମୁଖ୍ୟ ଭୂମିକା ରହିଥିବାରୁ ଶର୍ମାଙ୍କ ପରବର୍ତ୍ତୀ ନିଯୁକ୍ତି ନରେନ୍ଦ୍ର ମୋଦିଙ୍କ ପ୍ରଶାସନ ଉପରେ ନିର୍ଭର କରେ। ତେବେ ବରିଷ୍ଠ ଅଧିକାରୀମାନଙ୍କୁ ଅସ୍ୱାଭାବିକ ଭାବେ ଏତେ ଦୀର୍ଘକାଳ ଅପେକ୍ଷା କରେଇବା ଏକ ବିରଳ ଘଟଣା। ଏହି ବାବୁମାନେ ଏବେ କେବଳ ତାଙ୍କର କ୍ୟାରିୟର ନେଇ ଚିନ୍ତିତ ନୁହନ୍ତି, ତାଙ୍କ ପାଇଁ ମୁଖ୍ୟ ପ୍ରଶ୍ନ ହେଉଛି, ପୁରୁଣା ପଦରୁ ଅବ୍ୟାହତି ପାଇବା ପରେ ନୂତନ ନିଯୁକ୍ତି ହୋଇ ନ ଥିବାରୁ ସେମାନେ ଏବେ କେଉଁଠୁ ଓ କେଉଁ ବିଭାଗ ବା ମନ୍ତ୍ରଣାଳୟରୁ ଦରମା ପାଇବେ।

### ରେଳ ବିଭାଗ ପଦବୀ ପାଇଁ ବହୁ ଆଶାୟୀ

ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଏଷ୍ଟାବ୍ଲିଶ୍‌ମେଣ୍ଟ (ସ୍ପୋର୍ଟସ) ପଦବୀଟି ଏକ ବହୁ ଆକାଙ୍କ୍ଷିତ ପଦବୀ। ଭାରତୀୟ ରେଳପଥ ସାରା ଦେଶରେ ପ୍ରତିଭାଶାଳୀ କ୍ରୀଡ଼ାବିତ୍‌ମାନଙ୍କର ଏକ ବଡ଼ ନିଯୁକ୍ତିଦାତା ହୋଇଥିବାରୁ ଏହି ପଦର ଗୁରୁତ୍ୱ ରହିଛି। ସେଥିପାଇଁ ଏକ ଡଜନରୁ ଅଧିକ ଆଶାୟୀ ଉକ୍ତ ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହୋଇଛନ୍ତି। ୧୯୯୫ କ୍ୟାଡରର ଆଇଆର୍‌ପିଏସ୍ ରେଖା ଯାଦବ ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ଅଧୀନରେ ଅତିରିକ୍ତ କମିଶନର, ସିପିଏଫ୍‌ଓ ଭାବେ ବଦଳି ହୋଇଯିବା ପରଠାରୁ ଉକ୍ତ ପଦବୀଟି ଖାଲି ପଡ଼ିଛି। ବିଭିନ୍ନ କାରଣରୁ ଏହି ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧିପାଇଛି। ଆଶାୟୀମାନଙ୍କ ମଧ୍ୟରେ ଅଛନ୍ତି– ଅଶ୍ୱିନୀକୁମାର ଯାଦବ (ଆଇଆର୍‌ଏସ୍ଇ), ରବିନ୍ଦର ଭାଖାର (ସିପିଆର୍‌ଓ, ସିଆର୍), ଅଜିତ ସିଂ ଯାଦବ (ଆଇଆର୍‌ଏସ୍‌ଏସ୍), ଏମ୍.ଏସ୍. ସୁନୀଲ (ଆର୍‌ପିଏଫ୍), ପ୍ରେମା କେ. ଲୋଚନ (ଆଇଆର୍‌ଏସ୍ଇଇ), ବିନମର ମିଶର (ଡିଜିଏମ୍, ଏନ୍‌ଆର୍), ବିଜେନ୍ଦ୍ର ସିଂ (ଜିଏମ୍ ଏନ୍‌ଆର୍‌ଙ୍କ ସଚିବ) ଓ ସତ୍ୟନାରାୟଣ ମୀନା (ଆଇଆର୍‌ଏସ୍‌ଏସ୍ଇ) ପ୍ରମୁଖ। ତେବେ ଏହି ପ୍ରତିଦ୍ୱନ୍ଦ୍ୱିତାରେ କିଏ ବିଜେତା ସାବ୍ୟସ୍ତ ହେବେ, ତାହା ଦେଖିବାକୁ ବାକି ରହିଲା।

### ଫମ୍ପା ଧମକ

କୋଲକାତାରେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନରେ ସାମିଲ ଥିବା ପାଞ୍ଚଜଣ ପୋଲିସ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେନ୍ଦ୍ର ସରକାର ଯେଉଁ ଧମକ ଦେଇଛନ୍ତି, ତାହା ଫମ୍ପା ଧମକ ବୋଲି ମନେହୁଏ। କାରଣ ସେପରି ଧମକ ଦେବା ସହଜ, ତାକୁ କାର୍ଯ୍ୟକାରୀ କରିବା କଠିନ। କେତେକ ରିପୋର୍ଟ ଅନୁସାରେ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଉକ୍ତ ପାଞ୍ଚଜଣ ଅଫିସରଙ୍କ ବିରୋଧରେ ଦଣ୍ଡମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏବଂ ସେମାନଙ୍କ ପଦୋନ୍ନତି ଓ କେନ୍ଦ୍ରୀୟ ଡେପୁଟେଶନ ବନ୍ଦ କରିବାକୁ ଚାହିଁଥିଲା। ଏହି ଅଫିସରମାନଙ୍କ ମଧ୍ୟରେ ଅଛନ୍ତି କୋଲକାତା ଅତିରିକ୍ତ ପୋଲିସ କମିଶନର ସୁପ୍ରତିମ ସରକାର ଏବଂ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଦଳର ମୁଖ୍ୟ ବିନୀତ ଗୋୟଲ। ତେବେ ସୂଚନା ଅନୁସାରେ ବିନା ତଦନ୍ତରେ ସରକାର ଏପରି ଆଦେଶ ଦେଇପାରିବେ ନାହିଁ। ପୁଣି ନିୟମାନୁସାରେ କୌଣସି ଅଫିସରଙ୍କ ବିରୋଧରେ ଯେକୌଣସି ପ୍ରକାର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରଥମେ ରାଜ୍ୟ ସରକାରଙ୍କଠାରୁ ଆରମ୍ଭ ହୋଇଥାଏ ଏବଂ ରାଜ୍ୟ ସରକାର ସେ ବିଷୟରେ କେନ୍ଦ୍ର ସରକାରଙ୍କୁ ଅବଗତ କରାଇଥାନ୍ତି। ଯେହେତୁ ଏ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ସ୍ୱୟଂ ବିକ୍ଷୋଭ, ପ୍ରତିବାଦ ଓ ଧାରଣା ଆରମ୍ଭ କରିଥିଲେ, ତେଣୁ ସେ କେବେହେଲେ ଉକ୍ତ ବରିଷ୍ଠ ପୋଲିସ ବାବୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବେ ନାହିଁ। ଫଳତଃ କେନ୍ଦ୍ର ସରକାର ଧମକ ଦେଲେ ହେଁ ତାହା କେବେହେଲେ କାର୍ଯ୍ୟକାରୀ କରିପାରିବେ ନାହିଁ।

Email: dilipcherian@gmail.com

### ଚିରନ୍ତନୀ

''କ୍ଷଣିକ ଆଘାତ ଆସେ କ୍ଷଣ ପରେ ଭୁଲିଯାଏ ନର,
ଭାବେ ଏଥି ନାହିଁ କ୍ଷତି ନାହିଁ ଲାଭ ନାହିଁ ଜୀବନର,
ଜ୍ଞାନର ଛଳନା କରି କହେଁ ଏଥି ଚିତ୍ତ
ବିଚଳିତ ହେବା ଅନୁଚିତ।'' (ସୃଜନ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

### su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | | 2 | 3 | | | D | | | C | | | | | |
| 7 | 0 | | | 5 | | | | | E | | | 3 | 8 | B |
| | | | | | E | 7 | | | | | 4 | 0 | | |
| | | E | | | | 4 | | 5 | 0 | B | 1 | | 6 | |
| 5 | | | | | | | 2 | 9 | | | 8 | 7 | | 1 |
| B | | C | 0 | | | | 9 | | | 6 | 2 | | | |
| | 6 | A | | | | | | D | B | | | 2 | 3 | |
| | D | | | | 2 | | C | | | | | | B | 5 |
| | 5 | | 8 | | 7 | | | | | 4 | 3 | | 9 | |
| | 2 | | | C | | | | | 1 | | | | 0 | |
| | C | | | 1 | | | 4 | | | 0 | B | 6 | | |
| D | | | | 3 | | 0 | E | | | | 5 | | 2 | |
| | | | 6 | B | A | 1 | 7 | | | | | | | |
| 6 | B | | 7 | | | A | 8 | | | 3 | | | | |
| | | | | | | | | 6 | 9 | 8 | | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 9 | C | E | 1 | 7 | 4 | 5 | A | B | 8 | D | 2 | 3 | 0 |
| 2 | B | 5 | 9 | A | 3 | 7 | C | 6 | E | 1 | 0 | 4 | 8 | D |
| E | 0 | 3 | 4 | 5 | 2 | B | D | 8 | A | 6 | 9 | 7 | C | 1 |
| D | A | 1 | 6 | 0 | 8 | E | 3 | 2 | 4 | C | 7 | 9 | B | 5 |
| 7 | 8 | 4 | D | B | C | 0 | 1 | 9 | 5 | 2 | 3 | E | 6 | A |
| B | 1 | D | C | 4 | 9 | 8 | 7 | 5 | 0 | E | 6 | A | 2 | 3 |
| 9 | E | A | 5 | 8 | B | 2 | 4 | D | 7 | 3 | 1 | 6 | 0 | C |
| C | 3 | 7 | 2 | E | D | 6 | 0 | 1 | 8 | 9 | A | 5 | 4 | B |
| 8 | 4 | 2 | 0 | 7 | 6 | A | B | 3 | C | D | 5 | 1 | 9 | E |
| 0 | 5 | 6 | 1 | 3 | A | 9 | E | C | 2 | B | 4 | D | 7 | 8 |
| 5 | 2 | 0 | A | D | 4 | 3 | 8 | B | 6 | 7 | E | C | 1 | 9 |
| 4 | D | B | 3 | C | 5 | 1 | 6 | E | 9 | 0 | 2 | 8 | A | 7 |
| A | C | 8 | 7 | 2 | 1 | D | 9 | 4 | 3 | 5 | B | 0 | E | 6 |
| 3 | 6 | E | 8 | 9 | 0 | 5 | A | 7 | 1 | 4 | C | B | D | 2 |
| 1 | 7 | 9 | B | 6 | E | C | 2 | 0 | D | A | 8 | 3 | 5 | 4 |

ଗତକାଲିର ଉତ୍ତର

# ବିଭାଜନର ବିଡ଼ମ୍ବନା



ଶମ୍‌ସୁଲହକ୍ ଶମ୍‌ସ

ଭାରତ ଏବଂ ପାକିସ୍ତାନ ଅତୀତରେ ଗୋଟିଏ ଦେଶ ଥିଲେ। ଏହାର ଇତିହାସ ଏକ, ସଂସ୍କୃତି ଏକ, ପରମ୍ପରା ଏକ ଏବଂ ଅଭିନ୍ନ ଥିଲା। ଦେଶ ବିଭାଜନରେ କେବଳ ଭୂମିର ବିଭାଜନ ହୋଇ ନ ଥିଲା, ବରଂ ମିଳିତ ସମ୍ପତ୍ତି ଓ ଇତିହାସର ମଧ୍ୟ ବିଭାଜନ ହୋଇଥିଲା। ଦୁଇ ଦେଶର ନାଗରିକ ବିଭାଜନ ସମୟରେ ଛୁଞ୍ଚି, ପେନ୍‌ସିଲ, କଲମକାଗଜ, ଚୌକି ଟେବୁଲ ଏବଂ ପାଳିତ ପଶୁପକ୍ଷୀର ମାଲିକାନା ନିମନ୍ତେ ଟଣାଓଟରା ହୋଇଥିଲେ, ଯାହା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ ପରିସ୍ଥିତି ସୃଷ୍ଟି କରିଥିଲା। ସିନ୍ଧୁ ସଭ୍ୟତାର ଭିତ୍ତିଭୂମି କୁହାଯାଉଥିବା ସହର ମହେଞ୍ଜୋଦାରୋର ଖନନ ସମୟରେ ଏକ ହାର ମିଳିଥିଲା, ଯାହାର ମାଲିକାନା ନିମନ୍ତେ ଭାରତ ଓ ପାକିସ୍ତାନ ମଧ୍ୟରେ ଟଣାଓଟରା ଦେଖିବାକୁ ମିଳିଥିଲା।

୧୯୨୦ରେ ଅବିଭକ୍ତ ଭାରତର ସିନ୍ଧୁପ୍ରଦେଶର ପ୍ରତ୍ନତତ୍ତ୍ୱ ବିଭାଗ ଆନୁକୂଲ୍ୟରେ ମହେଞ୍ଜୋଦାରୋ ସହରର ପ୍ରାଚୀନ ଭଗ୍ନାବଶେଷକୁ ଖୋଳି ବାହାର କରାଯାଉଥିବା ସମୟରେ ପ୍ରାୟ ପାଞ୍ଚହଜାର ବର୍ଷ ପୁରାତନ ସହରର ସନ୍ଧାନ ମିଳିଥିଲା। ଏହା ସିନ୍ଧୁ ସଭ୍ୟତା ନାମରେ ପରିଚିତ। ଏହା ଆଧୁନିକ ସିନ୍ଧୁପ୍ରଦେଶ (ପାକିସ୍ତାନ ଅନ୍ତର୍ଗତ)ର ଲାରକାନା ଜିଲାରେ ଅବସ୍ଥିତ। ମହେଞ୍ଜୋଦାରୋ ସହିତ ହରପ୍ପାର ନାମ ମଧ୍ୟ ସଂଯୁକ୍ତ। ଏଠାରେ ମଧ୍ୟ ଖନନ କାର୍ଯ୍ୟ ହୋଇଛି। ଏହା ମଧ୍ୟ ପାକିସ୍ତାନ ଅନ୍ତର୍ଗତ ପଞ୍ଚମ ପଞ୍ଜାବର ମଣ୍ଟଗୋମେରୀ ଜିଲାରେ ଅବସ୍ଥିତ। ମହେଞ୍ଜୋଦାରୋରେ ଖନନ ସମୟରେ ଯେଉଁ ସହରର ସନ୍ଧାନ ମିଳିଲା ତାହା ମାନବ ସଭ୍ୟତାର ଉତ୍କର୍ଷର ପ୍ରମାଣ ଥିଲା। ବର୍ତ୍ତମାନ ଭାରତୀୟମାନେ ଏହା କହିପାରୁଛନ୍ତି କି ତାଙ୍କର ଇତିହାସ ମଧ୍ୟ ମିଶର, ଗ୍ରୀସ୍, ବେବିଲୋନ ଏବଂ ଚାଇନାର ସଭ୍ୟତା ପରି ହଜାର ହଜାର ବର୍ଷର ପୁରୁଣା।

ମହେଞ୍ଜୋଦାରୋର ଖନନ ସମୟରେ ନୃତ୍ୟଭଙ୍ଗୀରେ ଥିବା ଏକ ନାରୀ ପ୍ରତିମା, ଏକ ପୂଜାରୀ ପ୍ରତିମା ଏବଂ ଶହ ଶହ ଅନ୍ୟ ପୁରାତନ ବସ୍ତୁ ମିଳିଲା। କିନ୍ତୁ କୌଣସି ବସ୍ତୁ ଅକ୍ଷୁଣ୍ଣ ଅବସ୍ଥାରେ ନ ଥିଲା। ଖନନ ସମୟରେ ଗୋଟିଏ ସୁନାର ହାର ମଧ୍ୟ ମିଳିଥିଲା, ଯହିଁରେ ବହୁ ମୂଲ୍ୟ ହୀରା, ନୀଳା, ମାଣିକ୍ୟ ସୁନାର ଖାଲରରେ ଖଞ୍ଜା ଯାଇଥିଲା। ମହେଞ୍ଜୋଦାରୋରୁ ମିଳିଥିବା ବସ୍ତୁଗୁଡ଼ିକ ମଧ୍ୟରେ କେବଳ ଏହି ହାରଟି ହିଁ ଅକ୍ଷୁଣ୍ଣ ଥିଲା। ହାରଟି ତମ୍ବା ତିଆରି ଏକ ଫରୁଆ ମଧ୍ୟରୁ ମିଳିଥିଲା।

ସୁଦେଷ୍ଣା ଗୁହଙ୍କ କହିବା ଅନୁଯାୟୀ, ସିନ୍ଧୁ ସଭ୍ୟତାର ଆବିଷ୍କାର ଭାରତ ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଥିଲା। ତାମ୍ରଯୁଗର ଏହି ସଭ୍ୟତାର ଆବିଷ୍କାର ଦ୍ୱାରା ଭାରତ ସେହି ଦେଶଗୁଡ଼ିକ ଶ୍ରେଣୀରେ ସାମିଲ ହୋଇଗଲା, ଯେଉଁମାନେ ଅତି ଗୌରବମୟ ଏବଂ ପୁରାତନ ଇତିହାସର ଅଧିକାରୀ। ଆମେରିକା ବ୍ରାଉନ ବିଶ୍ୱବିଦ୍ୟାଳୟର ପ୍ରତ୍ନତତ୍ତ୍ୱ ବିଭାଗର ଐତିହାସିକ ଓଜିର ଫାଜଲି କହନ୍ତି, ସିନ୍ଧୁ ସଭ୍ୟତା ଭାରତ ଇତିହାସର ସବୁଠାରୁ ବଡ଼ ଆବିଷ୍କାର। ଏହା ଭାରତ ପାକିସ୍ତାନର ସମ୍ମିଳିତ ସ୍ୱତ୍ୱ ବା ମାଲିକାନା। କାରଣ ୧୯୪୭ ପୂର୍ବରୁ ଉଭୟ ଗୋଟିଏ ଦେଶ ଥିଲା। କିନ୍ତୁ ଯେତେବେଳେ ୧୯୪୭ରେ ଦେଶ ବିଭାଜନର ଘୋଷଣା କରାଗଲା, ସେତେବେଳେ ଶହ ଶହ ବର୍ଷରୁ ଏକତ୍ର ବସବାସ କରୁଥିବା ଲୋକେ ଛୋଟବଡ଼ ବସ୍ତୁ ନିମନ୍ତେ ନିଜ ମଧ୍ୟରେ ଝଗଡା କରିବାକୁ ଲାଗିଲେ।

ସ୍ୱାଧୀନତା ପ୍ରାପ୍ତିର କିଛି ମାସ ପୂର୍ବରୁ ଇଂଲଣ୍ଡରୁ ଅଣାଯାଇଥିବା ୬୦ଟି ବତକଙ୍କୁ ଭାଇସ୍‌ରୟଙ୍କ ଭବନର ମୋଗଲ ଗାର୍ଡେନ (ବର୍ତ୍ତମାନର ରାଷ୍ଟ୍ରପତି ଭବନ)ରେ ରଖାଯାଇଥିଲା। ସେମାନଙ୍କୁ ମଧ୍ୟ ଦୁଇ ଦେଶ ମଧ୍ୟରେ ବଣ୍ଟା ଯାଇଥିଲା। ଭାଇସ୍‌ରୟଙ୍କ ବ୍ୟବହାର ନିମନ୍ତେ ଭବନରେ ଦୁଇଟି ବହୁମୂଲ୍ୟ ଘୋଡ଼ାଗାଡ଼ି ଥିଲା। ଗୋଟିଏ ସୁନା ଛାଉଣି ଏବଂ ଅନ୍ୟଟି ରୁପା ଛାଉଣିବାଲା। ରୁପା ଛାଉଣିବାଲା ଘୋଡାଗାଡି ପାକିସ୍ତାନକୁ ଏବଂ ସୁନା ଛାଉଣିବାଲା ଗାଡି ଭାରତକୁ ଦିଆଗଲା। ସେହିପରି ଅବିଭକ୍ତ ବଙ୍ଗ ପ୍ରଦେଶର ଜଙ୍ଗଲ ବିଭାଗର ମାଲିକାନାରେ ଥିବା ଜାଏମନୀ ନାମକ ଗୋଟିଏ ଦନ୍ତାହାତୀକୁ ପୂର୍ବବଙ୍ଗ (ବର୍ତ୍ତମାନର ବାଂଲାଦେଶ)କୁ ଦେଇଦେବା ହେତୁ ଭାରତର ଲୋକଙ୍କ ମଧ୍ୟରେ ପ୍ରବଳ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ହାତୀର ମାହୁନ୍ତ ଅବଶ୍ୟ ଭାରତରେ ହିଁ ରହିବାର ନିଷ୍ପତ୍ତି ନେଇଥିଲେ। ଦେଶ ବିଭାଜନ ସଙ୍ଗେ ସଙ୍ଗେ ଛୋଟ ଛୋଟ ବସ୍ତୁଗୁଡ଼ିକୁ ମଧ୍ୟ ଦୁଇଭାଗ କରାଗଲା। ଉଦାହରଣ ସ୍ୱରୂପ ବୈଦେଶିକ ବିଭାଗରୁ ୨୧ଟି ଟାଇପ ରାଇଟର, ୩୧ଟି ପେନ୍‌ଷ୍ଟାଣ୍ଡ ଏବଂ ଅଫିସରମାନଙ୍କ ବସିବା ନିମନ୍ତେ ୧୬ଟି ଆର୍ମଚୌକି, ୧୭୫ଟି କାଗଜ ରଖିବା ଷ୍ଟାଣ୍ଡ, ୩୧ଟି ବସିବା ଚୌକି ପାକିସ୍ତାନ ପଠେଇ ଦିଆଗଲା।

ବଙ୍ଗ ଏବଂ ପଞ୍ଜାବ ପ୍ରଦେଶର ବିଭାଜନ ବେଳେ ଅନେକ ଅପ୍ରତ୍ୟାଶିତ ଘଟଣା ଘଟିଥିଲା। ପଞ୍ଜାବ ପୋଲିସ ବିଭାଗର ବିଭାଜନ ହେଲା। ଅସ୍ତ୍ରଶସ୍ତ୍ରଠାରୁ ଆରମ୍ଭକରି ବ୍ୟାଣ୍ଡବାଜା ପର୍ଯ୍ୟନ୍ତ ଭାଗ ଭାଗ କରାଗଲା। ଶେଷରେ ଗୋଟିଏ ବିଗୁଲ୍ ରହିଗଲା। ତା'ର ଭାଗବଣ୍ଟା ହୋଇପାରିଲା ନାହିଁ। ପାକିସ୍ତାନୀ ପଞ୍ଜାବ ଓ ଭାରତୀୟ ପଞ୍ଜାବର ପୋଲିସ ବାହିନୀ ଉଭୟେ ସେ ବିଗୁଲ୍‌କୁ ନେବା ପାଇଁ ଦାବି କଲେ। ଶେଷରେ ଅନ୍ୟ ଉପାୟ ନ ପାଇ ଅବିଭକ୍ତ ପଞ୍ଜାବ ପ୍ରଦେଶର ପୋଲିସ ବାହିନୀର ଇନ୍‌ସପେକ୍ଟର ଜେନେରାଲ (ବର୍ତ୍ତମାନ ଡିଜି) ମିଷ୍ଟର ଜାକ୍ ହାମିଲଟନ୍ ବିଗୁଲ୍‌ଟିକୁ ନିଜେ ରଖିନେଇ ନିଜ ସାଙ୍ଗରେ ଇଂଲଣ୍ଡ ନେଇଯାଇଥିଲେ। ଶୁଣାଯାଏ ସେ ପ୍ରତି ରବିବାର ସନ୍ଧ୍ୟାରେ ଲଣ୍ଡନର ହାଇଡ ପାର୍କରେ ପହଞ୍ଚି ସେ ବିଗୁଲ୍‌କୁ ବଜାଇ ଲୋକମାନଙ୍କୁ ଭାରତର ଦୁର୍ଭାଗ୍ୟ ବିଷୟରେ ଅବଗତ କରାଉଥିଲେ।

ଦେଶ ବିଭାଜନ ପରେ ଦିଲ୍ଲୀ ଭାରତର ରାଜଧାନୀ ହୋଇ ରହିଲା ଏବଂ ପାକିସ୍ତାନ ନିଜର ରାଜଧାନୀ କରାଚୀ ସହରକୁ ବାଛିଲା। କରାଚୀ ସିନ୍ଧୁପ୍ରଦେଶର ପ୍ରାଦେଶିକ ରାଜଧାନୀ ଥିଲା। ସେଠାରେ ଏତେ ପରିମାଣରେ ସରକାରୀ କାର୍ଯ୍ୟାଳୟ ଏବଂ ବାସଗୃହ ନ ଥିଲା, ଯାହା ଗୋଟିଏ ସାର୍ବଭୌମ ଦେଶର ରାଜଧାନୀ ନିମନ୍ତେ ଆବଶ୍ୟକ। ସ୍ଥାନର ଅଭାବ ଏବଂ ଦେଶକୁ ସୁଚାରୁ ରୂପେ ଚଳାଇବା ନିମନ୍ତେ ଆନୁଷଙ୍ଗିକ ସଂସ୍ଥାନ ଓ ଶକ୍ତିକେନ୍ଦ୍ରର ଅଭାବ ହେତୁ ୧୯୬୭ ଅଗଷ୍ଟ ୧୪ରେ ପାକିସ୍ତାନ କରାଚୀରୁ ନିଜର ରାଜଧାନୀ ଇସଲାମାବାଦକୁ ଉଠାଇନେଲା।

କେହି କେହି ଭାବୁଥିବେ ଯେବେ ଦୁଇଦେଶ କଲମ, ପେନ୍‌ସିଲ ଏବଂ କାଗଜ ପରି ଛୋଟ ଛୋଟ ବସ୍ତୁର ଭାଗ ବଣ୍ଟା କରୁଥିବାବେଳେ ଅତି ମୂଲ୍ୟବାନ ଓ ଐତିହାସିକ ବସ୍ତୁଗୁଡିକର ଭାଗବଣ୍ଟା କିପରି କରିଥିବେ। ପ୍ରତ୍ୟେକ ଦେଶ ପାଇଁ ତାହାର ନିଜର ଇତିହାସ ରହିବା ନିତାନ୍ତ ଜରୁରୀ। କିନ୍ତୁ ଭାରତ ଓ ପାକିସ୍ତାନର ଇତିହାସ ଅଲଗା ଅଲଗା ନୁହେଁ। ଉଭୟ ଦେଶର ଇତିହାସ ଏକ ଏବଂ ଅଭିନ୍ନ। ଏହାର ବିଭାଜନ ବା କିପରି ହୋଇପାରିବ? ଦେଶ ବିଭାଜନ ହେତୁ ସିନ୍ଧୁ ସଭ୍ୟତା ଓ ସଂସ୍କୃତିର ସବୁଠାରୁ ବଡ଼ କେନ୍ଦ୍ର ଏବଂ ସ୍ମାରକ ମହେଞ୍ଜୋଦାରୋ ପାକିସ୍ତାନରେ ରହିଗଲା। ପାକିସ୍ତାନର ଅଲଗା କୌଣସି ଇତିହାସ ନାହିଁ। ପାକିସ୍ତାନ ଚାହିଁଲା ସିନ୍ଧୁ ଉପତ୍ୟକାକୁ ନୂତନ ପ୍ରକାରରେ ବ୍ୟାଖ୍ୟା କରି ଏହାକୁ ଭାରତଠାରୁ ଭିନ୍ନ ନିଜର ଇତିହାସ ରୂପେ ଦର୍ଶାଇବା ପାଇଁ। ପାକିସ୍ତାନୀ ଐତିହାସିକ ଓ୍ୱାଜିରା ଜମିଦାରଙ୍କ ଅନୁଯାୟୀ ଦେଶ ବିଭାଜନ ପରେ ସିନ୍ଧୁ ସଭ୍ୟତାର ପୁନର୍ବ୍ୟାଖ୍ୟାର ଆବଶ୍ୟକତା ଅନୁଭବ କରାଗଲା ଏବଂ ଏହାକୁ ପାକିସ୍ତାନର ଜାତୀୟ ଗରିମା ସହ ଯୋଡ଼ିବାର ଚେଷ୍ଟା ଆରମ୍ଭ ହେଲା। ସେମାନେ ଏହା ପ୍ରମାଣ କରିବାକୁ ଚାହୁଁଥିଲେ କି ଭାରତଠାରୁ ସମ୍ପୂର୍ଣ୍ଣ ଭାବେ ଅଲଗା ପାକିସ୍ତାନର ଏକ ଗୌରବମୟ ଇତିହାସ ରହିଛି, ଯାହା ହିନ୍ଦୁ ଭାରତର ନୁହେଁ ବରଂ ମୁସ୍‌ଲିମ ପାକିସ୍ତାନର ଇତିହାସ। ଏଥିନିମନ୍ତେ ଦେଶ ବିଭାଜନ ପରେ ପାକିସ୍ତାନର ପାଞ୍ଚ ହଜାର ବର୍ଷର ପ୍ରାଚୀନ ଇତିହାସ ସମ୍ବନ୍ଧୀୟ ପୁସ୍ତକ ସବୁ ସଙ୍କଳନ କରିବାର ପ୍ରୟାସ କରାଗଲା। ଏପରି ଏକ ଇତିହାସ ଲେଖିବାର ପ୍ରଚେଷ୍ଟା କରାଗଲା, ଯାହା କେବେ ବି ନ ଥିଲା।

ଐତିହାସିକ ସୁଦେଷ୍ଣା ଗୁହାଙ୍କ କହିବା ଅନୁଯାୟୀ ଦେଶ ବିଭାଜନ ସମୟରେ ଭାରତ ମଧ୍ୟ ମହେଞ୍ଜୋଦାରୋରୁ ପ୍ରାପ୍ତ ଏକ ହଜାରରୁ ଊର୍ଦ୍ଧ୍ୱ ବସ୍ତୁ ଉପରେ ନିଜର ଦାବି ଉପସ୍ଥାପନ କଲା। ବସ୍ତୁଗୁଡ଼ିକର ଭାଗବଣ୍ଟା ନିମନ୍ତେ ଯେଉଁ ପଦ୍ଧତି ଅନୁସରଣ କରାଗଲା, ସେହି ଅନୁଯାୟୀ ୬୦% ବସ୍ତୁ ଭାରତକୁ ଏବଂ ୪୦% ପାକିସ୍ତାନକୁ ମିଳିଥିଲା। ଏଥିରେ ନୃତ୍ୟାଙ୍ଗନାର ପ୍ରତିମା ଏବଂ ଧ୍ୟାନରତ ଯୋଗୀଙ୍କ ପ୍ରତିମା ମଧ୍ୟ ସାମିଲ ଥିଲା। ଏହା ସହିତ ସେହି ବହୁମୂଲ୍ୟ ସୁନା ଏବଂ ହୀରାର ହାର ମଧ୍ୟ ଏଥିରେ ରହିଥିଲା। ନୃତ୍ୟରତା ବାଳିକାର ପ୍ରତିମା ଭାରତ ଭାଗରେ ପଡ଼ିବା ସହ ଯୋଗୀଙ୍କର ପ୍ରତିମା ପାକିସ୍ତାନ ଭାଗକୁ ଆସିଲା। ବର୍ତ୍ତମାନ କଥା ସେହି ବହୁମୂଲ୍ୟ ହାର ଉପରେ ଅଟକିଲା। ଏହା ହିଁ ଏକକ ବସ୍ତୁ ଥିଲା, ଯାହା ଖୋଳିବା ସମୟରେ ସମ୍ପୂର୍ଣ୍ଣ ଅକ୍ଷତ ଅବସ୍ଥାରେ ପ୍ରାପ୍ତ ହୋଇଥିଲା। ଯେତେବେଳେ ଏହି ହାରର ମାଲିକାନା ବିଷୟରେ କୌଣସି ରାଜିନାମା ଦୁଇ ଦେଶ ମଧ୍ୟରେ ହୋଇପାରିଲା ନାହିଁ, ସେତେବେଳେ ଏହି ହାରଟିକୁ ମଧ୍ୟ ଉଭୟ ଦେଶର ଅଫିସରମାନେ ଦୁଇଖଣ୍ଡ କରିଦେଲେ। ହାରର ଗୋଟିଏ ଖଣ୍ଡ ପାକିସ୍ତାନକୁ ଏବଂ ଅନ୍ୟ ଖଣ୍ଡଟି ଭାରତକୁ ମିଳିଲା। ଭାରତକୁ ମିଳିଥିବା ଖଣ୍ଡିତ ହାର ଦିଲ୍ଲୀର ନ୍ୟାଶନାଲ ମ୍ୟୁଜିୟମ୍‌ରେ ରଖାଯାଇଛି।

ଐତିହାସିକ ସୁଦେଷ୍ଣା ଗୁହ ଏହି ବିଭାଜନକୁ ଇତିହାସର ବିଡ଼ମ୍ବନାର ବ୍ୟାଖ୍ୟା ଦେଇଛନ୍ତି। ସେ କହନ୍ତି, ଇତିହାସକୁ ଚିରି ଫାଳ ଫାଳ କରି ଏହାକୁ ଦୁଇ ଭାଗରେ ବିଭକ୍ତ କରିଦିଆଗଲା। ଥରେ ୧୯୬୧ ମସିହାରେ ଆମେରିକାର ନ୍ୟୁୟର୍କ ସହରରେ ଗୋଟିଏ ପ୍ରଦର୍ଶନୀରେ ଏହି ଦୁଇଖଣ୍ଡ ହାରକୁ ଏକତ୍ର କରିବାର ଇଚ୍ଛା ପ୍ରକାଶ କରାଯାଇଥିଲା। କିନ୍ତୁ ଭାରତ ନିଜ ଭାଗର ଖଣ୍ଡିତ ହାରକୁ ଦେବାକୁ ମନା କରି ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଇଥିଲା। ମହେଞ୍ଜୋଦାରୋର ପ୍ରତ୍ନତତ୍ତ୍ୱ ଖନନରୁ ମିଳିଥିବା ଏହି ହାର ଏବଂ ଏହାର ଦୁଇଖଣ୍ଡ ହିନ୍ଦୁସ୍ଥାନ ଏବଂ ପାକିସ୍ତାନର ଦୁର୍ଭାଗ୍ୟଜନକ ବିଭାଜନର ସବୁଠାରୁ ବଡ଼ ମୂକସାକ୍ଷୀ। ହାୟ ବିଭାଜନର କି ବିଡ଼ମ୍ବନା!

ଆଡ୍‌ଭୋକେଟ, ଓଡ଼ିଶା ହାଇକୋର୍ଟ, ଦେଓପୁର,
କଟକ, ମୋ–୯୩୩୮୧୫୮୬୯

# ମେଣ୍ଟ ରାଜନୀତି



ହୃଦୟବଲ୍ଲଭ ଦାସ

ଦେଶରେ ସାଧାରଣ ନିର୍ବାଚନର ଫଳାଫଳ ଘୋଷଣା ହେବା ପରେ ଯଦି କୌଣସି ଗୋଟିଏ ଦଳ ସଂଖ୍ୟାଗରିଷ୍ଠତା ହାସଲ କରିପାରନ୍ତି ନାହିଁ, ସେମାନେ ଅନ୍ୟ ଛୋଟ ଦଳଗୁଡ଼ିକ ସହିତ ମେଣ୍ଟକରି ଶାସନ କରିବା ଦେଖାଯାଏ। ଛୋଟ ଛୋଟ ଦଳ ଏକକ ସଂଖ୍ୟାଗରିଷ୍ଠତା ହାସଲ କରିଥିବା ଦଳ ସହିତ ମେଣ୍ଟ ବାନ୍ଧିଥାଆନ୍ତି। କିନ୍ତୁ ନୀତିଗତ ପାର୍ଥକ୍ୟ ଦୃଷ୍ଟିରୁ ହେଉ କିମ୍ବା ଅନ୍ୟ କୌଣସି କାରଣବଶତଃ କିଛି ବିରୋଧୀ ଦଳ ଶାସନ କ୍ଷମତାରେ ଥିବା ଦଳ ସହିତ ମେଣ୍ଟ କରିପାରନ୍ତି ନାହିଁ। ସେ ଯାହା ହେଉ, ଏଭଳି ଛୋଟ ଛୋଟ ବିରୋଧୀ ରାଜନୈତିକ ଦଳଗୁଡ଼ିକ ବଡ଼ ଦଳ ସହ ମେଣ୍ଟ ମାଧ୍ୟମରେ ଶାସନ କ୍ଷମତାକୁ ଆସି ମନ୍ତ୍ରିମଣ୍ଡଳରେ ଭାଗନିଅନ୍ତି। ସଂଖ୍ୟାଗରିଷ୍ଠତା ନ ଥାଇ କିଛି ରାଜନୈତିକ ଦଳ ସରକାରୀ ଦଳ ସହିତ ମିଶି ସମୀକରଣ କରି କ୍ଷମତା ଗାଦିରେ ରହିବାକୁ ଚାହିଁଥାନ୍ତି। ବିଭିନ୍ନ ଅଂଶୀଦାର ରାଜନୈତିକ ଦଳର ଦୃଷ୍ଟିକୋଣ, ନୀତିନିୟମରେ ପାର୍ଥକ୍ୟ ଥିବାରୁ ପରସ୍ପର ମଧ୍ୟରେ ଦ୍ୱନ୍ଦ୍ୱ ଉପୁଜିଥାଏ ଓ ରାଜନୀତି କ୍ଷେତ୍ରରେ ମୀମାଂସା ସମ୍ଭବପର ହୋଇ ନ ଥାଏ। ଫଳରେ ମେଣ୍ଟ କରି ଶାସନ କ୍ଷମତାକୁ ଆସିଥିବା ରାଜନୈତିକ ଦଳଗୁଡ଼ିକ ମେଣ୍ଟ ସରକାରରୁ ବାଧ୍ୟହୋଇ ଓହରି ଯାଆନ୍ତି ଓ ସେମାନଙ୍କ ଦ୍ୱାରା ଗଠିତ ମିଳିତ ମନ୍ତ୍ରିମଣ୍ଡଳ ଭାଙ୍ଗିଯାଏ। ଏହା ନିଶ୍ଚିତ କଥା, ମେଣ୍ଟ ରାଜନୀତି ଆମ ଦେଶରେ କେବେ ବହୁ ଦିନଯାଏ ତିଷ୍ଠି ରହିପାରି ନାହିଁ। ଏଭଳି ମିଳିତ ମନ୍ତ୍ରିମଣ୍ଡଳର ପରମାୟୁ ସ୍ୱଳ୍ପକାଳସ୍ଥାୟୀ।

ଯେହେତୁ ମେଣ୍ଟକୁ ଆସିଥିବା ରାଜନୈତିକ ଦଳଗୁଡ଼ିକର କୌଣସି ନୀତିଗତ ସାମଞ୍ଜସ୍ୟ ରହେନାହିଁ, ତେଣୁ କୋଆଲିସନ ପଲିଟିକ୍ସ ଆମ ଦେଶରେ ଯଦିବା ଅନେକବାର ଦେଖାଯାଇଛି ତଥାପି ଏହା କୌଣସି ରାଜ୍ୟ ବା ଦେଶର ରାଜନୀତିରେ ଦୀର୍ଘସ୍ଥାୟୀ ହୋଇ ରହିନାହିଁ। ମେଣ୍ଟ କରି ମନ୍ତ୍ରିମଣ୍ଡଳକୁ ଆସିଥିବା ରାଜନୈତିକ ଦଳଗୁଡ଼ିକ ସେମାନଙ୍କର ଦୃଷ୍ଟିଭଙ୍ଗୀ ବଦଳାଇବା ନିତାନ୍ତ ଜରୁରୀ। ସେମାନେ ଶାସକ ଦଳର ନୀତିନିୟମକୁ ପୂର୍ଣ୍ଣମାତ୍ରାରେ ମାନିବା ଆବଶ୍ୟକ, ଯାହାଫଳରେ ଉଭୟଙ୍କ ମଧ୍ୟରେ ବିରୋଧ ଉପୁଜିବ ନାହିଁ ଓ ମେଣ୍ଟ ଦ୍ୱାରା ଗଠିତ ମିଳିତ ମନ୍ତ୍ରିମଣ୍ଡଳ ବହୁଦିନ ଧରି ଦେଶ ତଥା ରାଜ୍ୟ ଶାସନରେ ତିଷ୍ଠି ରହିପାରିବ। ତେଣୁ ମଣ୍ଟ ସରକାରକୁ ଆସିଥିବା ରାଜନୈତିକ ଦଳଗୁଡ଼ିକ ଖାଲି ଭାଗୀଦାରି ଶାସନକର୍ତ୍ତା ହୋଇଗଲେ ଚଳିବ ନାହିଁ। ମେଣ୍ଟ ସରକାରରେ ରହିବା ପାଇଁ ଶାସକ ଦଳର ନୀତିନିୟମକୁ ମାନିବା ନିତାନ୍ତ ଜରୁରୀ। ତା'ହେଲେ ଯାଇ କୋଆଲିସନ ପଲିଟିକ୍ସ ଦେଶର ରାଜନୀତିରେ ବା ରାଜ୍ୟମାନଙ୍କ ମନ୍ତ୍ରିମଣ୍ଡଳ ଗଠନ ଦିଗରେ ସଫଳ ହୋଇପାରିବ।

ରାଜନୈତିକ ଦଳଗୁଡ଼ିକ ନିର୍ବାଚିତ ହୋଇ ମିଳିତ ସରକାର ଗଠନ କଲା ପରେ ପରସ୍ପର ମଧ୍ୟରେ ନୀତିଗତ ପାର୍ଥକ୍ୟ, ରାଜନୈତିକ ଅଭିସନ୍ଧିରେ ସଫଳ ନ ହେବା ଯୋଗୁ କିଛିଦିନ ପରେ ମେଣ୍ଟ ରାଜନୀତି ତିଷ୍ଠି ନ ପାରି ନିର୍ଦ୍ଧାରିତ ସମୟ ପୂର୍ବରୁ ସରକାର ଭାଙ୍ଗିଯାଏ। ଫଳରେ ସାନି ନିର୍ବାଚନ ହୁଏ, ଯାହା ଦେଶର ସ୍ୱାର୍ଥଦୃଷ୍ଟିରୁ ହିତକର ନୁହେଁ। ଏଭଳି ପୁନଃନିର୍ବାଚନ ଦେଶ ତଥା ରାଜ୍ୟ ପ୍ରତି ବ୍ୟୟବହୁଳ ହୋଇଥାଏ। ରାଜନୈତିକ ଦଳଗୁଡ଼ିକ ସଂଖ୍ୟାଗରିଷ୍ଠତା ହାସଲ କରି ନ ପାରିବାରୁ କିଛି ଦଳୀୟ ନେତା କୌଣସିମତେ ଶାସନ ଗାଦିକୁ ଆସିବା ପାଇଁ ଅନ୍ୟ ଉପାୟ ନ ପାଇ କୋଆଲିସନ ପଲିଟିକ୍ସକୁ ଆଦରି ନିଅନ୍ତି, ଯାହା ଦେଶ ବା ରାଜ୍ୟ ପାଇଁ ହିତକର ନୁହେଁ। ରାଜନେତାମାନେ ସର୍ବଦା ଦଳୀୟ ସ୍ୱାର୍ଥରୁ ଊର୍ଦ୍ଧ୍ୱରେ ରହି ଦେଶର ସର୍ବବିଧ ଉନ୍ନତି ପାଇଁ ପ୍ରୟାସ କରିବା ଉଚିତ। ଆମ ଦେଶ ତଥା ରାଜ୍ୟଗୁଡ଼ିକରେ ସାଧାରଣ ନିର୍ବାଚନ ପରେ ଅନେକଥର ଶାସନ କ୍ଷମତାରେ ଥିବା ଦଳ ଓ ବିରୋଧୀ ଦଳ ନେତାମାନଙ୍କୁ ନେଇ ମିଳିତ ମନ୍ତ୍ରିମଣ୍ଡଳ ଗଠନ କରାଯାଇଛି। କିନ୍ତୁ ବାସ୍ତବତା ହେଉଛି ଦେଶ ବା କୌଣସି ରାଜ୍ୟରେ ବହୁଦିନ ଧରି ମିଳିତ ମନ୍ତ୍ରିମଣ୍ଡଳ ଉଧେଇ ନାହିଁ। ଭାଗୀଦାରି ଶାସନରେ କୌଣସି ରାଜନୈତିକ ଦଳ ସମର୍ଥନ ପ୍ରତ୍ୟାହାର କରିବା ଯୋଗୁ ମିଳିତ ମନ୍ତ୍ରିମଣ୍ଡଳ ଭାଙ୍ଗିଯାଇଛି। ମିଳିତ ମନ୍ତ୍ରିମଣ୍ଡଳ ବା କୋଆଲିସନ ପଲିଟିକ୍ସ ଦେଶ ଶାସନ ପାଇଁ ଦରକାର ପଡ଼ିପାରେ। କିନ୍ତୁ ଏଭଳି ମନ୍ତ୍ରିମଣ୍ଡଳ ବହୁ ସମୟ ଧରି ତିଷ୍ଠି ରହିପାରେ ନାହିଁ। କାରଣ ରାଜନୈତିକ ଦଳଗୁଡ଼ିକର ମେଣ୍ଟ ମଧ୍ୟରେ ନାନା କାରଣରୁ ଫାଟ ଦେଖାଯାଇଥାଏ।

ଅବସରପ୍ରାପ୍ତ ସ୍ୱତନ୍ତ୍ର ବିଚାରପତି,
ସିବିଆଇ, ୨୦୫, ଶହୀଦ ନଗର, ଭୁବନେଶ୍ୱର

### ଏଇ ଭାରତରେ

ମାନସିକ ପୂରଣ ପାଇଁ ଶ୍ରଦ୍ଧାଳୁ ଠାକୁରଙ୍କ ଉଦ୍ଦେଶ୍ୟରେ ହାତକଡ଼ି ଚଢ଼ାଉଥିବା ଘଟଣା ଆଶ୍ଚର୍ଯ୍ୟ ଲାଗିଲେ ମଧ୍ୟ ସତ୍ୟ। ରାଜସ୍ଥାନ ପ୍ରତାପଗଡ଼ର ଜୋଲର ଗ୍ରାମପଞ୍ଚାୟତରେ ରହିଛି ଦିବାକ୍ ମାତାଙ୍କ ପୁରାତନ ମନ୍ଦିର। ମନ୍ଦିରଟି ୫ଶହରୁ ଅଧିକ ବର୍ଷର ପୁରୁଣା। ଏଠାରେ ଥିବା ମାତାଙ୍କ ତ୍ରିଶୂଳରେ ଶ୍ରଦ୍ଧାଳୁ ହାତକଡି ଭେଟି ଦେଇଥାନ୍ତି। ବିଚାରାଧୀନ ବନ୍ଦୀ ଜାମିନରେ ଅଥବା ନିର୍ଦ୍ଦୋଷରେ ଖଲାସ ହେଲେ ରାତିରେ ଏଠାକୁ ପୂଜା କରିବାକୁ ଆସିଥାଆନ୍ତି। ଅନେକ ବର୍ଷ ଧରି ଏଠାରେ ଏହି ପରମ୍ପରା ବଜାୟ ରହିଛି। ମନ୍ଦିର ବାହାରେ ଅନେକ ହାତକଡି ଝୁଲୁଥିବାର ଦୃଶ୍ୟ ଦେଖିବାକୁ ମିଳେ। ମାତାଙ୍କ ମହିମା ଅପାର ବୋଲି ଶ୍ରଦ୍ଧାଳୁଙ୍କର ବିଶ୍ୱାସ ରହିଛି। ପୂର୍ବରୁ ଏଠାରେ ଥିବା ଡାକୁମାନେ ଜେଲ୍‌ରୁ ମୁକୁଳିଲେ କିମ୍ବା ପୋଲିସ ହାତରୁ ଖସିଗଲେ ମାତାଙ୍କୁ ହାତକଡି ଭେଟି ଦେଉଥିଲେ। ଥରେ ପୃଥ୍ୱୀରାଣା ନାମରେ ଜଣେ ଡକାୟତ ଜେଲ୍‌ରୁ ଫେରାର ହେବା ପାଇଁ ମାତାଙ୍କ ମନ୍ଦିରରେ ମାନସିକ କରିଥିଲେ। ହଠାତ୍ ଜେଲ୍‌ରେ ତାଙ୍କର ହାତକଡ଼ି ଭାଙ୍ଗି ଯାଇଥିଲା। ଏହାପରେ ସେ ଫେରାର୍ ହୋଇଯାଇଥିଲେ। ଏହା ମାତାଙ୍କ କୃପାରୁ ହୋଇଥିଲା ବୋଲି ବିଶ୍ୱାସ କରି ପୃଥ୍ୱୀରାଣା ମାତାଙ୍କ ମହିମା ପ୍ରଚାର କରିଥିଲେ।

### ୨୫ ବର୍ଷ ତଳର ଧରିତ୍ରୀ

**୨ ମାର୍ଚ୍ଚ ୧୯୯୪**

- ବାଂଲାଦେଶର ୨୩ଜଣ ନାଗରିକଙ୍କୁ ମ୍ୟାନ୍‌ମାର ସୀମା ଗାର୍ଡମାନେ ଅପହରଣ କରି ହତ୍ୟା କରିଥିବା ନେଇ ସୂଚନା।
- ପ୍ରଖ୍ୟାତ ହିନ୍ଦୀ ଚଳଚ୍ଚିତ୍ର ନିର୍ମାତା ତଥା ପ୍ରଯୋଜକ ମନମୋହନ ଦେଶାଇଙ୍କର ପରଲୋକ।
- ଓଡ଼ିଶାର ଅନୁନ୍ନତ ଅବସ୍ଥାକୁ ଦୃଷ୍ଟି ଦେଇ କେନ୍ଦ୍ର ସରକାର ଓଡ଼ିଶାର ପାର୍ଲାମେଣ୍ଟ ସଦସ୍ୟମାନଙ୍କୁ ସ୍ଥାନୀୟ ଆଞ୍ଚଳିକ ଉନ୍ନୟନ ଯୋଜନାରେ ଅଧିକ ୧ କୋଟି ଟଙ୍କା ଲେଖାଏଁ ଦେବା ପାଇଁ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଦାବି।

## ପାଠକ ଶ୍ରେଷ୍ଠ ବିଚାରକ

### ଆପଣା ହସ୍ତେ ଜିହ୍ୱା ଛେଦି

ମହାଶୟ,

ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟ ସରକାର ୨୦୧୯ ନିର୍ବାଚନକୁ ଆଖି ଆଗରେ ରଖି ଭୋଟ ହାତେଇବା ପାଇଁ ଆପ୍ରାଣ ଉଦ୍ୟମ ବିଭିନ୍ନ ଯୋଜନା ମାଧ୍ୟମରେ ଜାରି ରଖିଛନ୍ତି। ଉଜ୍ଜ୍ୱଳା ଯୋଜନା, ସ୍ୱାସ୍ଥ୍ୟ ଯୋଜନା, କାଳିଆ ଯୋଜନା, ବୃଦ୍ଧାବୃଦ୍ଧଙ୍କର ଭତ୍ତା ବୃଦ୍ଧି ଆଦି ଘୋଷଣା କରୁଛନ୍ତି। ପୂର୍ବରୁ ଟଙ୍କିଆ ଚାଉଳ, ଗହମ ଯୋଗାଇ ଆସୁଛନ୍ତି। ଏଥିପାଇଁ ଏତେ ଅର୍ଥ ଆସିବ କେଉଁଠୁ ସେଥିପ୍ରତି କାହାର ନଜର ନାହିଁ। ଆଗରୁ ତ କେନ୍ଦ୍ର ଓ ରାଜ୍ୟ ସରକାର ଋଣରେ ବୁଡି ରହିଛନ୍ତି। ଏବେ ଋଣଭାର ଆହୁରି ବଢ଼ିଯିବ। ରିଜର୍ଭ ବ୍ୟାଙ୍କ ଓ ଅର୍ଥନୀତିଜ୍ଞମାନେ ଦେଶ ଓ ରାଜ୍ୟର ଅର୍ଥନୀତି ପ୍ରଭାବିତ ହେବ ବୋଲି ସତର୍କ କରିଦେଲେଣି। ଲୋକେ ଏତେ ସୁବିଧା ପାଇଲେ ଆଉ ପରିଶ୍ରମ କରିବାକୁ ଇଚ୍ଛା ନ କରି ନିକମା ହୋଇ ବସିରହିବେ। ଫଳରେ କୃଷିକାର୍ଯ୍ୟ ନିଶ୍ଚିତ ବ୍ୟାହତ ହେବ। ଜମିବାଡି ପଡିଆ ରହିଲେ ଲୋକେ ଖାଇବେ କ'ଣ ? ଚାଉଳ କେଉଁଠୁ ଆଣି ସରକାର ଦେବେ ? ଏକଥା କାହାକୁ କହିବା, ଆମେତ ନିଜ ହାତରେ ଆମର ସର୍ବନାଶ କରୁଛୁ। ସେଥିପାଇଁ କୁହାଯାଇଛି , 'ଆପଣା ହସ୍ତେ ଜିହ୍ୱା ଛେଦି, କେ ଅଛି ତା'ର ପ୍ରତିବାଦୀ'।

ଭଗବାନ ଦାସ, ହରିନିବାସ, ନାରାୟଣପୁର, କେନ୍ଦ୍ରାପଡା

### ଶାଗୁଣା ଓ ଭୋକିଲା ମଣିଷ

ଧରିତ୍ରୀ (୧୦।୨)ରେ ପ୍ରକାଶିତ ପ୍ରକାଶ ବାବୁଙ୍କ ପ୍ରବନ୍ଧ 'ଶାଗୁଣା ଓ ଭୋକିଲା ମଣିଷ' ପଢ଼ିଲା ବେଳେ ମନେପଡ଼ିଲା ଏକ ଓଡିଆ ଅପେରା ପାର୍ଟିର ନାଟକ 'ଶାଗୁଣା ବସିଛି ଡେଣା ମେଲାଇ'। ବାସ୍ତବରେ କ୍ଷୁଧା ରାକ୍ଷସ କବଳରେ ଆଜି ବିଶ୍ୱର ୮୦ ଭାଗ ଲୋକ। ଫଟୋଗ୍ରାଫର କେଭିନ୍‌ଙ୍କ ବଳିଦାନରୁ ମଣିଷ ଶିକ୍ଷା କରିବା କଥା। ଜଣେ ସନ୍ଥ ଗୋଟିଏ ଗିନାରେ ପାଣି ଓ ଛୁଞ୍ଚିଟିଏ ରଖି ଖାଇବସୁଥିଲେ। ପଡି ଯାଉଥିବା ଅନ୍ନକଣାକୁ ଛୁଞ୍ଚିରେ ଉଠାଇ ଧୋଇ ପୁଣି ଖାଉଥିଲେ। ସେ କହୁଥିଲେ– ଅନ୍ନ ହିଁ ବ୍ରହ୍ମ। ଭାଗବତରେ ଅଛି 'ଅନ୍ନ ବିହୁନେ ହଂସହାନି, ଯୋଗ ସାଧିବି କାହା ଘେନି'। ବହୁଦିନ ତଳେ ଖବରକାଗଜରେ ବାହାରିଥିଲା– ନୋଏଡାରେ ଭୋଜି ଚାଲିଥିବା ବେଳେ ଗୋଟିଏ ଭିକାରି ପିଲା ପଶି ଖାଉଥିବା ବେଳେ ଧରା ପଡିଲା। ଆୟୋଜକମାନେ ପିଟିପିଟି ମାରିଦେଲେ ପିଲାଟିକୁ। ତେଣୁ ଖାଦ୍ୟର ମହତ୍ତ୍ୱ କେତେ ତାହା ଖାଦ୍ୟ ନଷ୍ଟ କରୁଥିବା ମଣିଷ ବୁଝିବା ଦରକାର।

ଡି. ଲକ୍ଷ୍ମୀନାରାୟଣ, ସରସ୍ୱତୀ ଶିଶୁ ମନ୍ଦିର, ବୁର୍ଲା, ସମ୍ବଲପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଯେଉଁଟିକୁ ତୁମେ ଠିକ୍ ବୋଲି ଭାବୁଛ, ତାକୁ ନ କରିବାଟା ହେଉଛି ବ୍ୟର୍ଥତା। ଉଦ୍ୟମ କରି ବିଫଳ ହେବା ବ୍ୟର୍ଥତା ନୁହଁ।
- ଜର୍ଜ ଇଲିଅଟ



## ସଂକ୍ଷେପରେ

### ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

**ବିରଜାକ୍ଷେତ୍ର,୧।୩(ଡି.ଏନ୍.ଏ):** ବରୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଯାଜପୁର ବ୍ଲକ ସୁଜନପୁର ପଞ୍ଚାୟତ ଓ ଏରବାଙ୍କ ପଞ୍ଚାୟତରେ ବିଧାୟକଙ୍କ ଅନୁଦାନ ପାଣ୍ଠି ଓ ଆମ ଗାଁ ଆମ ବିକାଶ ଯୋଜନାରେ ହୋଇଥିବା ବିଭିନ୍ନ ପ୍ରକଳ୍ପକୁ ଶୁକ୍ରବାର ବରୀ ବିଧାୟକ ଦେବାଶିଷ ନାୟକ ଉଦ୍‌ଘାଟନ କରିଛନ୍ତି। ସୁଜନପୁର ପଞ୍ଚାୟତର କାଶିପୁର ଅଙ୍ଗନୱାଡ଼ି(୨) ନୂତନ ଗୃହ ଓ ରୁଦ୍ରଚରଣ ଉଚ୍ଚ ବିଦ୍ୟାଳୟର ଗୃହ ପୁନରୁଦ୍ଧାରକୁ ବିଧାୟକ ନାୟକ ଉଦ୍‌ଘାଟନ କରିଥିଲେ। ସେହିପରି ସୁଜନପୁର ପଞ୍ଚାୟତର ଦୁର୍ଗାପୁର ରାଧାକୃଷ୍ଣ କମ୍ୟୁନିଟି ସେଣ୍ଟର, ହସନପୁର ମହାଳୟ କମ୍ୟୁନିଟି ସେଣ୍ଟର, ଏରବାଙ୍କ ପଞ୍ଚାୟତର ଦୁର୍ଗା କମ୍ୟୁନିଟି ସେଣ୍ଟର, ହେମସିଂହାର ମହାଲକ୍ଷ୍ମୀ କମ୍ୟୁନିଟି ସେଣ୍ଟର, ବରହମପୁର ମଙ୍ଗଳା କମ୍ୟୁନିଟି ସେଣ୍ଟର ମଧ ସେ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ପ୍ରଦୀପ ନାୟକ, ବରୀ ବିଧାୟକଙ୍କ ପ୍ରତିନିଧି ଗଣେଶ ଚନ୍ଦ୍ର ମହାକୁଡ଼, ବରୀ ବ୍ଲକ ବିଜେଡି ସଭାପତି ସେକ୍ ସଫିକ୍‌ଉଦ୍ଦିନ, ସରପଞ୍ଚ ଅଶ୍ୱିନୀ ବିଶ୍ୱାଳ, ସମିତିସଭ୍ୟ ପ୍ରଫୁଲ୍ଲ ବିଶ୍ୱାଳ, କରୁଣାକର ଆଚାର୍ଯ୍ୟ, କୁଳମଣି ବିଶ୍ୱାଳ, ଜିଲାପରିଷଦ ସଦସ୍ୟ ଅଶୋକ ସାମଲ, ସରପଞ୍ଚ କେଦାର ସାମଲ ପ୍ରମୁଖ ଯୋଗ ଦେଇଥିଲେ।

### ୨୮୭୪ ଜଣଙ୍କୁ ଭତ୍ତା ବଣ୍ଟନ

**ବିଞ୍ଝାରପୁର,୧।୩(ଡି.ଏନ.ଏ):** ବିଞ୍ଝାରପୁର ପଞ୍ଚାୟତ ସମିତି ପକ୍ଷରୁ ବ୍ଲକର ୨୯ଟି ପଞ୍ଚାୟତର ୨୮୭୪ଜଣ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ବଣ୍ଟାଯାଇଛି। ଆଜି ବ୍ଲକ ଅଧକ୍ଷ ନନ୍ଦ କିଶୋର ସାମଲଙ୍କ ଅକ୍ଷତାରେ ବ୍ଲକ ପରିସରରେ ଅନୁଷ୍ଠିତ ଭତ୍ତା ବଣ୍ଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟିକା ପ୍ରମିଳା ମଲିକ ଯୋଗଦେଇ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ୨୮୭୪ଜଣ ହିତାଧିକାରୀଙ୍କୁ ନୂଆଭାବେ ଭତ୍ତା ବଣ୍ଟିଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ମିନତୀ ଜଗଦେବ, ବିଜେଡିର ବରିଷ୍ଠ ନେତା ତଥା ସରପଞ୍ଚ ରାମଚନ୍ଦ୍ର ବେହେରା, ବିପିଓ ଧର୍ମେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧରେ ବିଜେଡି ଯୁବ ନେତା ଶ୍ୟାମସୁନ୍ଦର ବେହେରା, ଆନନ୍ଦ ଚନ୍ଦ୍ର ଦାସ, ଦିଲ୍ଲୀପ କୁମାର ରାଉଳ, ରଞ୍ଜନ କୁମାର ଜେନା, ନିଳାମ୍ବର ବିଶ୍ୱାଳ, ଅନନ୍ତ କୁମାର ଦାସ, ବିଜୟ କୁମାର ଚାନ୍ଦ, ପ୍ରଦୀପ ରାଉତ, କାଳନ୍ଦି ବେହେରା, ଦେବେନ୍ଦ୍ର ସ୍ୱାଇଁ, ଖଗେଶ୍ୱର ରାଉତ, ବରୁଣ ସ୍ୱାଇଁ, ଅତୁଲ କୁମାର ଦାଶ, ଅନନ୍ତ କୁମାର ବିନ୍ଧାଣି, ରାଜକୃଷ୍ଣ ମିଶ୍ର, ପ୍ରମୁଖ ଉପସ୍ଥିତ ଥିଲେ।

### ଥାନାଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**କୋରେଇ,୧।୩(ସ୍ୱ.ପ୍ର.):** କୋରେଇ ଥାନାଧିକାରିଣୀ ଚିନ୍ମୟୀ ସାହୁଙ୍କୁ ଶୁକ୍ରବାର ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଥାନା ଅଭ୍ୟର୍ଥନା ଗୃହରେ ଏସ୍‌ଡିପିଓ କେଦାରନାଥ ସାହୁଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏସଆଇ କଳ୍ପନା ପ୍ରଧାନ, ଏଏସଆଇ ସଲିଲ କୁମାର ମଲ୍ଲିକ, ଦୁଃଶାସନ ରାଉତ, ମଦନ ମୋହନ ମଲିକ, ଦୀପ୍ତିରଞ୍ଜନ ଗିରି, ଶରତ କୁମାର ଜେନା, ବୁଦ୍ଧିରାମ ପୂର୍ତ୍ତି, ବୁଦ୍ଧଦେବ ସେଠୀ, ମନ୍ଦରୀ ବାନରା, ଶାନ୍ତିଲତା ବେହେରାଙ୍କ ସମେତ ସମସ୍ତ ଅଧିକାରୀ, ଆମ ପୋଲିସ ସଦସ୍ୟ, ଖବରଦାତା, ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ। ଏସ୍‌ଆଇ ସୁବ୍ରତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୫ ଦିନ ହେଲା ମଇଥାନ ଇସ୍ପାତ ବନ୍ଦ

# ସଙ୍କଟରେ କର୍ମଚାରୀ, ଶ୍ରମିକଙ୍କ ଜୀବିକା

**ଯାଜପୁର ଅଫିସ/ କଳିଙ୍ଗନଗର(ଡି.ଏନ.ଏ.),୧।୩**

ରାଜ୍ୟ ନେତୃବର୍ଗଙ୍କ ଗୋଟିଏ ଦାବି ଯେ, ଯାଜପୁର ଜିଲା କଳିଙ୍ଗନଗରରେ ଶିଳ୍ପ ପ୍ରତିଷ୍ଠା ଯୋଗୁ ଲୋକଙ୍କ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହୋଇଛି। ବେକାରୀ ସମସ୍ୟା ଦୂର ହେଉଛି। ହେଲେ ବାସ୍ତବତା ସମ୍ପୂର୍ଣ୍ଣ ଓଲଟା। ନିର୍ବାଚନ ଆସୁଥିବାରୁ ସଭାସମିତି, ସମାରୋହ, ଉତ୍ସବ ଆଦିରେ ଭାଷଣ ଦେଇ ସାଧାରଣ ଲୋକଙ୍କୁ ଭୁଆଁ ବୁଲାଇବା ସାର ହେଉଛି। ଫେବୃୟାରୀ ୧୫ରୁ କଞ୍ଚାମାଲ ଅଭାବରୁ ମେସ୍କୋ ଗ୍ରୁପ ପରିଚାଳିତ ମଇଥାନ ଇସ୍ପାତ ବନ୍ଦ ହୋଇଯାଇଛି। ଫଳରେ ପ୍ରାୟ ହଜାରେ ନିୟମିତ ଓ ଠିକା କର୍ମଚାରୀଙ୍କ ଜୀବନଜୀବିକା ସଂକଟରେ ପଡିଛି। ମେସ୍କୋ ଗ୍ରୁପ କର୍ତ୍ତୃପକ୍ଷ କଳିଙ୍ଗନଗରବାସୀଙ୍କୁ ଦୀର୍ଘଦିନ ହେଲା ଠକି ଚାଲିଛନ୍ତି।। କଳିଙ୍ଗନଗରରେ ଏହି ଗ୍ରୁପର ୨ଟି କାରଖାନା ମେସ୍କୋ ଷ୍ଟିଲ ଓ ମଇଥାନ ଇସ୍ପାତ ରହିଛି। ୩ବର୍ଷ ତଳେ ମେସ୍କୋ ଗ୍ରୁପ ମଇଥାନ କାରଖାନାକୁ କିଣି ଦମ୍ଭ ଦେଖାଇଥିଲା। ଏହାବାଦ ମେସ୍କୋ କଳିଙ୍ଗ ପ୍ରତିଷ୍ଠା କରିବାକୁ ପ୍ରତିଶ୍ରୁତି ଦେଇ ଇଡ୍‌କୋଠାରୁ ୨ ହଜାରରୁ ଊର୍ଦ୍ଧ୍ୱ ଏକର ଜମି ଅଧିକୃତ କରିଛି। ହେଲେ ଏଯାଏ ମେସ୍କୋ କଳିଙ୍ଗ ପ୍ରତିଷ୍ଠା ହୋଇପାରି ନାହିଁ। ୧୯୯୬ ଅଗଷ୍ଟରେ ଯୋଡା ଖଣି ମଣ୍ଡଳରେ ଖଣି ଖାଦାନ ହାତେଇବା ପାଇଁ କମ୍ପାନୀ ପ୍ରତିଷ୍ଠା ହେଲା ବୋଲି ଘୋଷଣା କରିଥିଲା। ସରକାରଙ୍କ କାରଖାନା ନାହିଁ ତ ଖଣି ନାହିଁ ନିୟମକୁ ପାଳନ କରି ମେସ୍କୋ କମ୍ପାନୀ କେବଳ ନାମକୁ ମାତ୍ର ପ୍ରତିଷ୍ଠା କରିଥିଲା ବୋଲି ଅଭିଯୋଗ ହୋଇଥିଲା। ତେବେ ବେଆଇନ ଖଣି ଉତ୍ତୋଳନକୁ ନେଇ ସୁପ୍ରିମକୋର୍ଟ ଜୋରିମାନା ନିର୍ଦ୍ଦେଶ ଦେବା ପରେ ମେସ୍କୋ ଗ୍ରୁପର ଦମ୍ଭ ଭାଙ୍ଗି ପଡିଛି। ମେସ୍କୋ ଉପରେ ପ୍ରାୟ ୯୦୦ କୋଟି ଟଙ୍କାର ଜୋରିମାନା ହୋଇଛି। ଏହି ଜୋରିମାନା ଅର୍ଥ ଦାଖଲ ହୋଇ ନ ଥିବାରୁ ଯୋଡା ମଣ୍ଡଳରେ ଥିବା ମେସ୍କୋର ନିଜସ୍ୱ ଖଣି ବନ୍ଦ ହୋଇଯାଇଛି। ଫଳରେ ବାହାରୁ ଲୁହାପଥର କିଣି ମଇଥାନ ଓ ମେସ୍କୋ ଷ୍ଟିଲ କାରଖାନା ଚଳାଇବା ମେସ୍କୋ ଗ୍ରୁପ ପକ୍ଷେ ସମ୍ଭବ ହୋଇପାରି ନାହିଁ। ପୁଣି ମଇଥାନ ଇସ୍ପାତ କାରଖାନାର ସୁଧମୂଳ ବାବଦକୁ ୩ମାସରେ ପ୍ରାୟ ୧୨କୋଟି ଟଙ୍କା ଦେବାକୁ ପଡୁଛି। ଏଭଳି କ୍ଷତିରେ କାରଖାନାକୁ ବନ୍ଦ କରି ଦିଆଯାଇଥିବା ଚର୍ଚ୍ଚା ହେଉଛି। ସେହିପରି ମେସ୍କୋ ଷ୍ଟିଲ ଚାଲିଥିଲେ ହେଁ ଆର୍ଥିକ ସ୍ଥିତି ଠିକ ନ ଥିବା କୁହାଯାଉଛି। ଅନ୍ୟପକ୍ଷେ ବ୍ୟାଙ୍କର କିଛି ମାତ୍ରାରେ ସୁଧ ଛାଡ କରିବାକୁ କାରଖାନା ବନ୍ଦ କରିବା ଏକ ନାଟକ ବୋଲି ମଧ କେତେକ ମତପ୍ରକାଶ କରିଛନ୍ତି। ଏଥିରୁ ବିଜୁ ବାବୁଙ୍କ କଳିଙ୍ଗନଗର ସ୍ୱପ୍ନ କେତେ ଦୂର ସଫଳ ହେଉଛି ଏଥିରୁ ସହଜେ ଅନୁମେୟ। ଇସ୍ପାତ ଉତ୍ପାଦନ କ୍ଷେତ୍ରରେ ଯେଉଁସବୁ ସମସ୍ୟାର ଘରୋଇ ପୁଞ୍ଜି ନିବେଶକାରୀ ତଥା ଉଦ୍ୟୋଗପତିମାନେ ସମ୍ମୁଖୀନ ହେଉଛନ୍ତି ତାହାର ଅନୁଧ୍ୟାନପୂର୍ବକ ସମାଧାନର ସୂତ୍ର ବାହାର କରି ଦେଶକୁ ସର୍ବବୃହତ ଇସ୍ପାତ ଉତ୍ପାଦନକାରୀ ରାଷ୍ଟ୍ରରେ ପରିଣତ କରିବାକୁ ୨୦୧୮ ମେ'ରେ କେନ୍ଦ୍ର ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ଉଦ୍ୟମ ଆରମ୍ଭ କରିଥିଲା। ଅଥଚ କଳିଙ୍ଗନଗର ଶିଳ୍ପାଞ୍ଚଳରେ ସେହିସବୁ ଫସର ଫାଟିଛି। ସରକାର କହିଥିଲେ ୧୯୯୦ରୁ ୨୦୧୦ ମଧ୍ୟରେ କଳିଙ୍ଗନଗର ଷ୍ଟିଲହବ୍ ଅତି କମ୍‌ରେ ୨୦ ନିୟୁତ ଟନ ଇସ୍ପାତ ଉତ୍ପାଦନ କରିବ। ବିଡମ୍ବନା ଯେ, କଳିଙ୍ଗନଗର ଶିଳ୍ପ ପ୍ରତିଷ୍ଠାର ୨୫ବର୍ଷ ମଧରେ ବିଶ୍ୱ ଧାତବ ଶିଳ୍ପ ରାଜଧାନୀ କୁହାଯାଉଥିବା କଳିଙ୍ଗନଗରରୁ ମାତ୍ର ୪ ନିୟୁତ ଟନ ଷ୍ଟିଲ ଉତ୍ପାଦନ ହେଉଛି। ସରକାରଙ୍କ ସବୁପ୍ରକାର ପ୍ରତିଶ୍ରୁତି କଳିଙ୍ଗନଗରରେ ଧୂଆଁବାଣ ହେଉଛି। ଏହିକ୍ରମରେ ମଇଥାନ ଇସ୍ପାତ ପୁଣି କାର୍ଯ୍ୟକ୍ଷମ ହେବା ନେଇ ସନ୍ଦେହ ଦେଖାଦେଇଛି। ଏହି କାରଣରୁ କାରଖାନାରେ କାର୍ଯ୍ୟରତ କର୍ମଚାରୀ ଓ ଶ୍ରମିକ ମହଲରେ ଚିନ୍ତା ବଢିଛି। ତେବେ ଏ ସଂକ୍ରାନ୍ତରେ କାରଖାନାର ଜେନେରାଲ ମ୍ୟାନେଜରଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ହେଁ ସମ୍ଭବ ହୋଇ ପାରି ନ ଥିଲା।

> ■କଞ୍ଚାମାଲ ଅଭାବରୁ କାରଖାନା ଅଚଳ
>
> ■ମେସ୍କୋ ଉପରେ ପ୍ରାୟ ୯୦୦ କୋଟି ଟଙ୍କାର ଜରିମାନା

### ତହସିଲ୍ ପକ୍ଷରୁ ଚଢାଉ, ୫ ୫ ଟ୍ରାକ୍ଟର, ୧ ଟ୍ରକ୍ ଜବତ

**ଧର୍ମଶାଳା/ଜେନାପୁର, ୧।୩(ଡି.ଏନ୍.ଏ.)**

ଧର୍ମଶାଳା ତହସିଲ ପକ୍ଷରୁ ଶୁକ୍ରବାର ଚଢେଇଧରା ଓ କାଏମାଠାରେ ଚଢାଉକରାଯାଇ ବେଆଇନ୍ ପରିବହନ କରୁଥିବା ୫ଟି ଟ୍ରାକ୍ଟର ସହ ଏକ ଟ୍ରକ୍ ଜବତ କରିଛି। ଜବତ ଗାଡିଗୁଡିକଠାରୁ ଶନିବାର ଜରିମାନା ଆଦାୟ କରାଯିବ ବୋଲି ଅତିରିକ୍ତ ତହସିଲଦାର ସୂଚନା ଦେଇଛନ୍ତି। ପ୍ରକାଶ ଯେ. ତହିସିଲଦାର ସରୋଜ କୁମାର ପଣ୍ଡାଙ୍କ ନେତୃତ୍ୱରେ ଅତିରିକ୍ତ ତହସିଲ ଦାର ଦେବୀପ୍ରସାଦ ମହାନ୍ତି ଚଢାଉରେ ସାମିଲ ହୋଇଥିଲେ। ଚଢେଇଧରାଠାରେ ଚଢାଉକରି ବେଆଇନଭାବେ କଳାପଥର ପରିବହନ କରୁଥିବା ୨ଟି ଟ୍ରାକ୍ଟର ଓ ଗୋଟିଏ ଟ୍ରକ୍‌କୁ ଜବତ କରି ଚଢେଇଧରା ଫାଣ୍ଡିରେ ଅଟକ ରଖାଯାଇଛି। ଏହିପରି କାଏମା ନିକଟସ୍ଥ କେଲୁଅ ନଦୀରୁ ବେଆଇନଭାବେ ପରିବହନ କରୁଥିବା ଗୋଟିଏ ବାଲି ଓ ୨ଟି ମାଟି ବୋଝେଇ ଟ୍ରାକ୍ଟରକୁ ଜବତ କରି ଧର୍ମଶାଳା ଥାନାରେ ଅଟକ ରଖାଯାଇଥିବା ତହସିଲ ପକ୍ଷରୁ ସୂଚନା ଦିଆଯାଇଛି।

## ଆଜି ମୁଖ୍ୟମନ୍ତ୍ରୀଙ୍କ ବଡ଼ଚଣା ଗସ୍ତ

# ରାଜସ୍ୱ ସବ୍‌ଡିଭିଜନର ଆଶା ବାନ୍ଧିଛନ୍ତି ଅଞ୍ଚଳବାସୀ

**ଚଣ୍ଡିଖୋଲ,୧।୩(ଡି.ଏନ.ଏ.)**

ଆସନ୍ତା ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ବଡ଼ଚଣା ନିର୍ବାଚନ ମଣ୍ଡଳୀର ଚଣ୍ଡିଖୋଲଠାରେ ଏକ ସାଧାରଣ ସଭାରେ ଯୋଗଦେବେ। ସେ ନେଇ ପ୍ରସ୍ତୁତି ପର୍ବ ଶେଷ ହୋଇଛି। ତେବେ ଚଣ୍ଡିଖୋଲ ପ୍ରତି ମୁଖ୍ୟମନ୍ତ୍ରୀ ଏବଂ ତାଙ୍କର ଦିବଂଗତ ପିତା ବିଜୁ ବାବୁଙ୍କ ସ୍ୱପ୍ନର ଚଣ୍ଡିଖୋଲ ଗଢିବାର ପ୍ରତିଶ୍ରୁତି ଓ ପରିକଳ୍ପନା ଏବେ ପୂର୍ଣ୍ଣ ହେବ କି ନାହିଁ, ସମଗ୍ର ଅଞ୍ଚଳବାସୀ ଅପେକ୍ଷା କରିଛନ୍ତି। ଚଣ୍ଡିଖୋଲକୁ ଉତ୍ତର କଟକ ଜିଲାର ସଦର ମହକୁମାର ମାନ୍ୟତା ଦେବା ପାଇଁ ନିଷ୍ପତ୍ତି ହୋଇଥିଲା। ତେବେ ବିଜୁ ବାବୁ ମୁଖ୍ୟମନ୍ତ୍ରୀ ଥିବା ସମୟରେ ରାଜ୍ୟରେ ଜିଲା ସଂଖ୍ୟା ୧୩ରୁ ୩୦ ହୋଇଥିଲେ ମଧ ସେଥିରେ ଚଣ୍ଡିଖୋଲ ସ୍ଥାନ ପାଇ ନ ଥିଲା। ହେଲେ ପରବର୍ତ୍ତୀ ସମୟରେ ବିଜୁ ବାବୁ ଚଣ୍ଡିଖୋଲକୁ ରାଜସ୍ୱ ସବ୍‌ଡିଭିଜନର ମାନ୍ୟତା ଦିଆଯିବ ବୋଲି ଘୋଷଣା କରିଥିଲେ। ଏହି ଘୋଷଣାକୁ ଇତି ମଧରେ ୨୫ ବର୍ଷ ପୂରିଯାଉଛି। ସବ୍‌ଡିଭିଜନ ପ୍ରତିଷ୍ଠା ସମ୍ଭବ ହୋଇ ନ ଥିଲାବେଳେ ନବୀନ ବାବୁ ୨୦୦୦ରେ ଚଣ୍ଡିଖୋଲକୁ ଆସି ଜନକଲ୍ୟାଣ ହାଇସ୍କୁଲ ପଡ଼ିଆରେ ଏକ ସାଧାରଣ ସଭାରେ ତାଙ୍କ ବାପାଙ୍କ ପୂର୍ବ ଘୋଷଣାକୁ ଦୋହରାଇଥିଲେ। ଖୁବ୍‌ଶୀଘ୍ର ଚଣ୍ଡିଖୋଲକୁ ସବ୍‌ଡିଭିଜନର ମାନ୍ୟତା ଦିଆଯିବା ସହ ଏନଏସିର ମାନ୍ୟତା ଦିଆଯିବ ବୋଲି ଘୋଷଣା କରିଥିଲେ। ହେଲେ ୧୮ ବର୍ଷ ବିତିଯାଇଥିଲେ ଘୋଷଣା କାର୍ଯ୍ୟକାରି ହୋଇପାରିନାହିଁ। ତେବେ ଚଳିତ ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ବଡ଼ଚଣା ଗସ୍ତ କରିବା ସହ ସାଧାରଣ ସଭାରେ ଯୋଗଦେବା ଓ ବହୁ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ ପର୍ବରେ ନିଜକୁ ସାମିଲ କରିବା ପାଇଁ ଆସୁଛନ୍ତି। ଏହି ଅବସରରେ ତାଙ୍କ ପୂର୍ବ ଘୋଷଣା ଓ ପ୍ରତିଶ୍ରୁତି ରକ୍ଷା କରି ଚଣ୍ଡିଖୋଲକୁ ରାଜସ୍ୱ ସବ୍‌ଡିଭିଜନର ମାନ୍ୟତା ଦେବାକୁ ବିଧିବଦ୍ଧ ଘୋଷଣା କରିବେ ବୋଲି ଅଞ୍ଚଳବାସୀ ଆଶା ବାନ୍ଧି ବସିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ଯାଜପୁର ଏସ୍‌ପି ଚରଣ ସିଂ ମୀନା ବଡ଼ଚଣା ବ୍ଲକ ଅନ୍ତର୍ଗତ ସଭାସ୍ଥଳ ସୁଙ୍ଗୁଡ଼ା ଖେଳ ପଡ଼ିଆ ଶୁକ୍ରବାର ପରିଦର୍ଶନ କରିଛନ୍ତି। ପରିଦର୍ଶନ କରିବା ସହ ପୋଲିସ ତରଫରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଏସ୍‌ପିଙ୍କ ନେତୃତ୍ୱରେ ୩ ଅତିରିକ୍ତ ଏସ୍‌ପି, ୫ ଡିଏସ୍‌ପି, ୨୦ ଇନ୍ସପେକ୍ଟର, ୫୦ ଏସଆଇ ଓ ଏଏସଆଇ ନିଯୁକ୍ତି ହୋଇଛନ୍ତି। ଏମାନଙ୍କ ସହ ୧୦୦ ଜଣ କନଷ୍ଟେବଳ ଓ ୧୨ ପ୍ଲାଟୁନ୍ ପୋଲିସ ଫୋର୍ସ ରହିବେ ବୋଲି ଏସ୍‌ପି ମୀନା ସୂଚନା ଦେଇଛନ୍ତି।

### ମୋ ବୁଥ୍ ସବୁଠୁ ମଜଭୁତ୍ କାର୍ଯ୍ୟକ୍ରମ

**ବିଞ୍ଝାରପୁର,୧।୩(ଡି.ଏନ.ଏ)**

ବିତନା ହାଟରେ ଭାଜପା ପକ୍ଷରୁ ମୋ ବୁଥ୍ ସବୁଠୁ ମଜଭୁତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୋଟରଙ୍କୁ ଦେଇଥିବା ଉଦ୍‌ବୋଧନର ସିଧା ପ୍ରସାରଣ କରାଯାଇ ତାଙ୍କ ବାର୍ତ୍ତା ଲୋକଙ୍କୁ ଶୁଣାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଭାଜପା ନେତା ଅମୀୟକାନ୍ତ ମଲିକ, ଭାଜପା ଜିଲ୍ଲା ସଭାନେତ୍ରୀ ବବିତା ମଲିକ, ବରିଷ୍ଠ ନେତା ନିରଞ୍ଜନ ବେଉରିଆ, ଧିରେନ ଦାସ, ଦିଗାମ୍ବର ପାତ୍ର, ଶ୍ରୀକାନ୍ତ ପ୍ରଧାନ, ଅରୁଣଜିତ୍ ରାଉତରାୟ, ରମାବଲ୍ଲଭ ସାମଲ, ମାଧବୀଲତା ଦାଶ, ରାଣାପ୍ରତାପ ମହାପାତ୍ର, ସ୍ମୃତିରଞ୍ଜନ ସ୍ୱାଇଁ ପ୍ରମୁଖଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶତାଧିକ କର୍ମୀ ସାମିଲ ହୋଇଥିଲେ।

## ବରୀ ଦ୍ୱୀପାଞ୍ଚଳ ଉନ୍ନୟନ ପରିଷଦର ଆନ୍ଦୋଳନ ପ୍ରତ୍ୟାହୃତ

# ଦ୍ୱିପାକ୍ଷିକ ବୈଠକରେ ଦାବିପୂରଣ ପ୍ରତିଶ୍ରୁତି



ବୈଠକରେ ଜିଲାପାଳଙ୍କ ସହିତ ଅନ୍ୟ ଅଧିକାରୀ।

**ଯାଜପୁର ଅଫିସ,୧।୩**

ବରୀ ଦୀପାଞ୍ଚଳ ଉନ୍ନୟନ ପରିଷଦ ପକ୍ଷରୁ ବରୀ ତହସିଲଠାରେ ଚାଲିଥିବା ଆନ୍ଦୋଳନକୁ ପ୍ରତ୍ୟାହାର କରି ନିଆଯାଇଛି ବୋଲି ପରିଷଦ ସଭାପତି କୂଳମଣି ଶୁକ୍ଳା ସୂଚନା ଦେଇଛନ୍ତି। ଶୁକ୍ରବାର ଜିଲାପାଳଙ୍କ ସମ୍ମିଳନୀ ଗୃହରେ ପରିଷଦର ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜିଲାପାଳ ରଞ୍ଜନ କୁମାର ଦାସ ଏଥିରେ ଅଧକ୍ଷତା କରିବା ସହ ପରିଷଦର ବିଭିନ୍ନ ଦାବି ଉପରେ ବିଭାଗୀୟ ଅଧିକାରୀ ତ୍ୱରାନ୍ୱିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଆନ୍ଦୋଳନ ଓ ଦାବି ପୂରଣ ନାମରେ ସରକାରୀ କାର୍ଯ୍ୟାଳୟକୁ ଅବରୋଧ ବା ବନ୍ଦ କରି ସାଧାରଣ ଲୋକଙ୍କ ଦୈନନ୍ଦିନ ଆବଶ୍ୟକ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି ଠିକ ନୁହେଁ ବୋଲି ଜିଲାପାଳ ମତ ଦେଇଥିଲେ। ଏହାସହ ବିଭିନ୍ନ ସମସ୍ୟାଗୁଡିକର ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ଯଥାଶୀଘ୍ର ପଦକ୍ଷେପ ନେବାକୁ ଜିଲାପାଳ ଅନୁରୋଧ କରିଥିଲେ । ପରିଷଦର ଦାବିଗୁଡିକ ମଧରେ ନିଶା ନିବାରଣ, ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ନୈତିକ ଶିକ୍ଷା ସହ ନିଶାର ଅପକାରିତା ସଚେତନତା, କୃଷିକୁ ପ୍ରୋତ୍ସାହନ, ଦାଦନ ରୋକଯିବା, ଶୀତଳ ଭଣ୍ଡାର ପ୍ରତିଷ୍ଠା, ମହିଳା ସ୍ୱାବଲମ୍ବନଶୀଳ କାର୍ଯ୍ୟକ୍ରମ, ବର୍ଷ ସାରା ନଦୀରେ ମଧୁର ଜଳର ଉପଲବ୍ଧ, କୃଷି ପାଇଁ ନିଶୁଳ୍କ ଓ ଘରୋଇ ପାଇଁ ନିରନ୍ତର ବିଦ୍ୟୁତ ଯୋଗାଣ, ସ୍ୱାସ୍ଥ୍ୟସେବା, ନଦୀବନ୍ଧ ସୁଦୃଢୀକରଣ ଇତ୍ୟାଦି ୧୪ ଦଫା ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମନୋଜ କୁମାର ବେହେରା, ଅତିରିକ୍ତ ଜିଲାପାଳ ମହିରପ୍ରସାଦ ମହାନ୍ତି, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ପ୍ରମୁଖ ଉପସ୍ଥିତ ଥିଲେ।

## ପଞ୍ଚାୟତ ସମିତିର ପଞ୍ଚମ ସାଧାରଣ ଅଧିବେଶନ

# ପାନୀୟ ଜଳ ଯୋଜନାକୁ ଗୁରୁତ୍ୱ

**ଧର୍ମଶାଳା,୧।୩(ଡି.ଏନ୍.ଏ.)**

ଧର୍ମଶାଳା ପଞ୍ଚାୟତ ସମିତିର ପଞ୍ଚମ ସାଧାରଣ ଅଧିବେଶନ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ୍ ପରିସରରେ ଶୁକ୍ରବାର ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆମ ଗାଁ ଆମ ବିକାଶ ଯୋଜନା, ୪ର୍ଥ ଓ ଚତୁର୍ଦ୍ଦଶ ଅର୍ଥ କମିଶନ ଅନୁଦାନ, ଖାଦ୍ୟ ସୁରକ୍ଷା, ପାନୀୟଜଳ ଯୋଗାଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ବୈଠକରେ ବିଧାୟକ ପ୍ରଣବ ବଳବନ୍ତରାୟ ଯୋଗଦେଇ ଯେ ଆମ ଗାଁ ଆମ ବିକାଶ ଯୋଜନା କାର୍ଯ୍ୟକ୍ରମରେ ଧର୍ମଶାଳା ବ୍ଲକ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି। ପାନୀୟ ଜଳ ଯୋଗାଣ ଉପରେ ଅଧିକ ଗୁରୁତ୍ୱ ଦେଇ ୩୦ଟି ଜଳଯୋଗାଣ ପାଇଁ ଅର୍ଥ ମଞ୍ଜୁର ହୋଇସାରିଛି। ୨୦୧୯-୨୦ ଆର୍ଥିକ ବର୍ଷରେ ୬ଶହ କୋଟି ଟଙ୍କା ବ୍ୟୟରେ ମେଗା ଜଳ ପ୍ରକଳ୍ପ କରାଯାଇ ବ୍ଲକର ୪୫ଟି ପଞ୍ଚାୟତର ସମସ୍ତ ଗ୍ରାମକୁ ପାଇପ୍‌ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ଅତିଥିଭାବେ ଏମ୍‌ପି ରୀତା ତରାଇ ଯୋଗଦେଇ ଏମ୍‌ପିଙ୍କ ପାଣ୍ଠିରୁ ଉନ୍ନୟନ କାର୍ଯ୍ୟ ପାଇଁ ଅର୍ଥ ଯୋଗାଇ ଦେଇଥିବା ପ୍ରକାଶ କରିଛନ୍ତି। ତେବେ ବୈଠକରେ ଅରାବଳ ପଞ୍ଚାୟତର ବିଭିନ୍ନ ସମସ୍ୟା ସମାଧାନ ନେଇ ସରପଞ୍ଚ ନିର୍ମଳ ସାମଲ ଅଭିଯୋଗ କରିଥିଲେ। କିନ୍ତୁ ବିଭାଗୀୟ ଅଧିକାରୀ ଅଭିଯୋଗବାବଦରେ ସ୍ୱଷ୍ଟୀକରଣ କରି ନ ଥିଲେ। ଏହାକୁ ବିରୋଧ କରି ନିର୍ମଳ ସଭାକକ୍ଷ ତ୍ୟାଗକରି ବାହାରେ ଧାରଣା ଦେଇଥିଲେ। ପରେ ବ୍ଲକ ଅଧକ୍ଷଙ୍କ ଅନୁରୋଧ କ୍ରମେ ବୈଠକରେ ଯୋଗଦେଇଥିଲେ। ଜିଲାପରିଷଦ ସଭ୍ୟ ନିରଞ୍ଜନ ରାଉତ, ଦିବାକର ବେହେରା, ଶ୍ୟାମସୁନ୍ଦର ସାହୁ, ହରିହର ରାଉତ, ନଟବର ସାହୁ, ସରୋଜିନୀ ମଲିକ, ରୀନାରାଣୀ ମହାନ୍ତି, ଚକ୍ରଧର ବେହେରା ଓ ସମିତି ସଭ୍ୟ ଜଳଧର ସାହୁ , ପ୍ରସନ୍ନ କୁମାର ରାଉତ, ମହେଶ୍ୱର ଭୋଇ, ସୁବ୍ରତ ଧଳ, ବିଜୟିନୀ ପରିଡା ପ୍ରମୁଖ ପାନୀୟ ଜଳଯୋଗାଣ ଓ ଖାଦ୍ୟ ସୁରକ୍ଷା ଯୋଜନାର ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ବୈଠକରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କେହି ଉପସ୍ଥିତି ନ ଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ଉପରେ ଆଲୋଚନା ହୋଇ ପାରି ନାହିଁ। ଏ ନେଇ କାରଣ ଦର୍ଶାଅ ନୋଟିସ୍ କରାଯିବାକୁ ବୈଠକରେ ସ୍ଥିର କରାଯାଇଛି। ଜିଲା ପରିଷଦ ସଭ୍ୟା ମମତା ଦଣ୍ଡପାଟ, ପ୍ରଣତି ଲେଙ୍କା, ସୁରେଖା ନାୟକ, ପ୍ରଶାନ୍ତ କୁମାର ମହାନ୍ତି, ଦୀପକ କୁମାର ଜେନା, ପ୍ରଭାତ କୁମାର ଦେଓ, ନବକିଶୋର ସାହୁ ପ୍ରମୁଖ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ଅତିରିକ୍ତ ବିଡିଓ ଉପେନ୍ଦ୍ର ଜେନା ପୂର୍ବ ବୈଠକ ବିବରଣୀ ପାଠ କରିଥିଲେ। ସୁଜାତା ରାଉତ ସ୍ୱାଗତ ଭାଷଣ ଓ ଜଗମୋହନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।





ବୈଠକରେ ବିଧାୟକଙ୍କ ସମେତ ଉପସ୍ଥିତ ଅନ୍ୟ ଅଧିକାରୀ।

### ବୁଥ୍ ମଜଭୁତ ପାଇଁ କାର୍ଯ୍ୟକ୍ରମ

**ଧର୍ମଶାଳା,୧।୩ (ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଚୋରମୁହାଁ ପଞ୍ଚାୟତର ଚୋରମୁହାଁ ମଜାର ପଡ଼ିଆଠାରେ ଶୁକ୍ରବାର ଭାଜପାର 'ମୋ ବୁଥ ସବୁଠୁ ମଜଭୁତ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନ୍‌ଲାଇନ ପ୍ରୋଜେକ୍ଟର ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କାର୍ଯ୍ୟକର୍ତ୍ତା ଓ କର୍ମୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏଥିସହ ମୋ ବୁଥ କିପରି ମଜଭୁତ ହୋଇପାରିବ ସେ ଦିଗରେ ପରାମର୍ଶ ଦେଇଥିଲେ। ଏଥିରେ ଚୋରମୁହାଁ ବୁଥ୍‌ର ଶତାଧିକ କର୍ମୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ନୂତନଭାବେ ଦଳରେ ଓଡ଼ଶୋ ପଞ୍ଚାୟତର ବିଜେଡି ଯୁବନେତା ସଞ୍ଜୟ କୁମାର ଦାସ ଯୋଗ ଦେଇଥିଲେ। କାର୍ଯ୍ୟକର୍ତ୍ତାମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ନବାଗତଙ୍କୁ ସ୍ୱାଗତ କରିଥିଲେ।

## ଚାଷୀଙ୍କ ଜମାଖାତାରୁ ଅର୍ଥ ହଡପ ମସୁଧା ବିଫଳ

# ଟଙ୍କା ନ ଦେବାରୁ ଚାଷୀଙ୍କୁ ପିଟିଲେ ଠିକାଦାର

**ରସୁଲପୁର,୧।୩(ଡିଏନଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ଜାବରା ପଞ୍ଚାୟତରେ ଜଳ ବିଭାଜିକା ଅର୍ଥ ହଡ଼ପ ମସୁଧା ପଦାରେ ପଡିଛି । ଏହି ପଞ୍ଚାୟତର ଚାଷୀ ରଞ୍ଜନ କୁମାର ସେଠୀଙ୍କ ବ୍ୟାଙ୍କ ଜମାଖାତା ଜରିଆରେ ଟଙ୍କା ହଡପ କରିବା ଯୋଜନା ପଣ୍ଡ ହୋଇଛି। ଚାଷୀ ଜମାଖାତାକୁ ଆସିଥିବା ଟଙ୍କାକୁ ନ ଦେବାରୁ ଠିକାଦାରଙ୍କଠାରୁ ତାଙ୍କୁ ମାଡ ଖାଇବାକୁ ପଡିଛି। ଏ ନେଇ ମାମଲା କୁଆଖିଆ ଥାନାରେ ପହଞ୍ଚିଛି । ପୋଲିସ ପକ୍ଷରୁ ଅଭିଯୋଗକୁ ନେଇ ପ୍ରାଥମିକ ତଦନ୍ତ ଆରମ୍ଭ ହୋଇଛି।

ଏହି ବ୍ଲକରେ ଜଳବିଭାଜିକା ପ୍ରକଳ୍ପକୁ ନେଇ ସବୁବେଳେ ବିବାଦ ଦେଖାଦେଉଛି। ଜଳଛାୟା ବିଭାଗ ପକ୍ଷରୁ ଚାଷୀଙ୍କ ନାଁରେ ଅର୍ଥ ହରିଲୁଟ୍ ହେଉଛି। ଏହି ପଞ୍ଚାୟତରେ ରଞ୍ଜନଙ୍କ ପକ୍ଷରୁ ଥାନାରେ ହୋଇଥିବା ଅଭିଯୋଗରୁ ତାହା ପ୍ରମାଣିତ ହୋଇଛି। କଳ୍ପତରୁ ଦେଓ ନାମକ ଜଣେ ଠିକାଦାର ଫେବୃୟାରୀ ୧୫ରେ ରଞ୍ଜନଙ୍କଠାରୁ ଜମାଖାତା ନମ୍ବର ନେଇଥିଲେ। କିଛିଦିନ ପରେ ତାଙ୍କ ଆକାଉଣ୍ଟକୁ ୨୮ହଜାର ଟଙ୍କା ଆସିଥିଲା। ଉକ୍ତ ଟଙ୍କା ଉଠାଇ ଦେବାକୁ କଳ୍ପତରୁ ରଞ୍ଜନଙ୍କୁ କହିଥିଲେ। ସେଥିରେ ରଞ୍ଜନ ରାଜି ନ ହେବାରୁ କଳ୍ପତରୁ ତାଙ୍କୁ ମାଡ ମାରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏ ନେଇ ଗୁରୁବାର ରଞ୍ଜନ କୁଆଖିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ବୃଦ୍ଧି ପାଉଛି ଅପମିଶ୍ରିତ ଖାଦ୍ୟ ବିକ୍ରି

**ଯାଜପୁରରୋଡ,୧।୩(ନି.ପ୍ର.)**

ବ୍ୟାସନଗର ପୌର ପରିଷଦରେ ଠେଲା ଗାଡ଼ି ଓ ଉଠା ଦୋକାନ ଛତୁ ଫୁଟିବା ଭଳି ରହିଛି। ଏଥିରେ ଜଳଖିଆ, ଦହିବରା, ଗୁପଚୁପ, ଚାଟ ଏବଂ ଫାଷ୍ଟ ଫୁଡ ବିକ୍ରି ହେବା ସହ ଫଳମୂଳ ମଧ ବିକ୍ରି ହେଉଛି। ସହରର ବିଭିନ୍ନ ସ୍ଥାନରେ ଏଭଳି ୩ ଶହରୁ ଉର୍ଦ୍ଧ୍ୱ ଦୋକାନ ଖୋଲାଯାଇଛି। ଏହି ଦୋକାନ ଗୁଡିକରେ ବାସି ଖାଦ୍ୟକୁ ପୋଡା ତେଲରେ ଗରମ କରି ଗ୍ରାହକଙ୍କୁ ଦିଆଯିବା ସହ ପଚାଫଳ ମଧ ବିକ୍ରି ହେଉଛି। ଦୁଇ ତିନି ଦିନର ବାସି ବିରି ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀରେ ଜଳଖିଆ ପ୍ରସ୍ତୁତ କରାଯାଉଛି। ଗ୍ରାହକଙ୍କୁ ଦୂଷିତ ପାଣି ମଧ ଦିଆଯାଉଛି। ଯାଜପୁରରୋଡ ଷ୍ଟେଶନ ବଜାରରେ ବିଶେଷ ଭାବେ ଅପମିଶ୍ରିତ ଖାଦ୍ୟ ବିକ୍ରି ହେଉଛି। କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖ୍ୟ ଦ୍ୱାର ହୋଇଥିବାରୁ ସନ୍ଧ୍ୟା ସମୟରେ ଉଠା ଦୋକାନୀଙ୍କ ଭିଡ ଜମୁଛି। ସେହିପରି ସହରରେ ଥିବା ମିଠା ଦୋକାନ ଓ ବଡ ବଡ ହୋଟେଲଗୁଡ଼ିକରେ ଅପମିଶ୍ରିତ ଖାଦ୍ୟ ବିକ୍ରି ହେଉଥିବା ଜଣାପଡ଼ିଛି। ଏ ନେଇ ବହୁ ଅଭିଯୋଗ ହୋଇଥିଲେ ମଧ୍ୟ ପୌର ପରିଷଦର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଦୀର୍ଘ ୪ ବର୍ଷ ହେବ ଖାଦ୍ୟ ନିରୀକ୍ଷକ ଓ ପୌର ପରିଷଦ ପକ୍ଷରୁ କୌଣସି ଜଳଖିଆ ଦୋକାନ ଓ ହୋଟେଲଗୁଡିକ ତନଖି କରାଯାଇନାହିଁ। ଫଳ ଦୋକାନୀ ଉଚ୍ଚା ଦରରେ ପଚାଫଳ ବିକ୍ରି କରୁଛନ୍ତି। ଏ ସମ୍ପର୍କରେ ପୌର ପରିଷଦର ପ୍ରଶାସକ ତଥା କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରେ, ଦୂଷିତ ଖାଦ୍ୟ ବିକ୍ରି ହେଉଥିବା ନଜରକୁ ଆସୁଛି। ସେଥିପାଇଁ ପୌର ପରିଷଦର ଏକ ସ୍ୱତନ୍ତ୍ର ସ୍କ୍ୱାଡ ଗଠନ କରାଯାଇ ବଡ ବଡ ହୋଟେଲ, ମିଠା ଦୋକାନ ଓ ଉଠା ଦୋକାନ ଉପରେ ଚଢାଉ କରାଯିବ। ବିଶେଷକରି ଉଠା ଦୋକାନୀ ରାସ୍ତା କଡରେ ବେଆଇନ ଭାବେ ବ୍ୟବସାୟୀ କରୁଛନ୍ତି। ପତର ଠୁଙ୍ଗା ଆଦି ପକାଇବା ଦ୍ୱାରା ରାସ୍ତା ଅପରିଷ୍କାର ହେଉଛି। ସେମାନଙ୍କୁ ବାରମ୍ବାର ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଉଛି। ଅପମିଶ୍ରିତ ଖାଦ୍ୟ ଉପରେ ପୌର ପରିଷଦ ପକ୍ଷରୁ ପଦକ୍ଷେପ ନେବେ ବୋଲି ସେ କହିଛନ୍ତି।

> ■ସହରରେ ରହିଛି ୩ ଶହରୁ ଊର୍ଦ୍ଧ୍ୱ ଉଠା ଦୋକାନ
>
> ■ଖାଦ୍ୟ ନିରୀକ୍ଷକ ଓ ପୌର ପରିଷଦ ପକ୍ଷରୁ ତନଖି କରାଯାଉନି

## ୬ରୁ ଦ୍ୱିତୀୟ ପର୍ଯ୍ୟାୟ ଭୋଟର ସଚେତନତା କାର୍ଯ୍ୟକ୍ରମ

# ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ସ୍ୱତନ୍ତ୍ର ଗାଡ଼ି ବ୍ୟବସ୍ଥା

**ଯାଜପୁର ଅଫିସ,୧।୩**

ଭୋଟରଙ୍କୁ ଚଳିତ ନିର୍ବାଚନ ପାଇଁ ପ୍ରଶିକ୍ଷିତ କରାଯାଇଛି। ସେମାନେ ଠିକ ଭାବେ ଯେପରି ସେମାନଙ୍କ ବହୁ ମୂଲ୍ୟ ମତଦାନ ପ୍ରଦାନ କରିପାରିବେ ସେଥିପାଇଁ ପ୍ରଥମ ପର୍ଯ୍ୟାୟ ଡେମୋ ଓ ମକପୁଲ ମାଧ୍ୟମରେ ଅବଗତ ହୋଇଥିଲେ। ତେବେ ଆୟୁକ୍ତ ଦ୍ୱିତୀୟ ପର୍ଯ୍ୟାୟ ମକପୁଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଦାୟିତ୍ୱରେ ଥିବା କର୍ମଚାରୀମାନେ ନିର୍ଦ୍ଧାରିତ ବୁଥରେ ପହଞ୍ଚିବା ସହ ଭୋଟରଙ୍କ ଦ୍ୱାରା ମକପୁଲ ବା ଛାୟା ଭୋଟ କରାଇବେ। ଏହାଦ୍ୱାରା ଭୋଟର ନିଜ ଭୋଟ୍‌ଟି ସଠିକ ଭାବେ ଦେଇ ପାରିବା ସହ ଦେଉଥିବା ପ୍ରାର୍ଥୀଙ୍କ ସପକ୍ଷରେ ଭୋଟଟି ଯାଇଛି ବୋଲି ଭିଭିପାଟରେ ମଧ ଦେଖିପାରିବେ। ଦ୍ୱିତୀୟ ପର୍ଯ୍ୟାୟ ଡେମୋ ପ୍ରଦର୍ଶନ ଆସନ୍ତା ୬ ତାରିଖରୁ ଆରମ୍ଭ ହେବ। ସେହିପରି ରାଜନୈତିକ ବ୍ୟକ୍ତି ବିଶେଷ, ପଞ୍ଚାୟତ ପ୍ରତିନିଧିଙ୍କ ମଧ ଇଭିଏମ, ଭିଭିପାଟ ସମ୍ପର୍କରେ ଅବଗତ କରାଯିବ। ସେମାନଙ୍କୁ ଡେମୋ ଦେଖାଯିବା ପରେ ମକପୁଲ ମଧ କରାଯିବ। ଫଳରେ ସେମାନେ ମଧ ମତଦାନ ପ୍ରକ୍ରିୟା ଓ ଏହାର ସ୍ୱଚ୍ଛତା ସମ୍ପର୍କରେ ଅବଗତ ହୋଇ ପାରିବେ । ପଞ୍ଚାୟତ ପ୍ରତିନିଧିଙ୍କ ପାଇଁ ବ୍ଲକରେ ଓ ଅନ୍ୟ ବ୍ୟକ୍ତି ବିଶେଷଙ୍କ ପାଇଁ ଜିଲାପାଳ, ଉପଜିଲାପାଳ କାର୍ଯ୍ୟାଳୟରେ ଆସନ୍ତା ୧୦ରୁ ସେମାନଙ୍କୁ ଡେମୋ ଦେଖାଯିବାର ବ୍ୟବସ୍ଥା ହୋଇଛି ବୋଲି ଜିଲାପାଳ ରଞ୍ଜନ କୁମାର ଦାସ ସୂଚନା ଦେଇଛନ୍ତି। ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ନିର୍ବାଚନ କମିଶନ ଚଳିତ ନିର୍ବାଚନରେ ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି। ସେମାନଙ୍କୁ ବୁଥୱାରୀ ଚିହ୍ନଟ ସହ ସେମାନଙ୍କ ଘରଠାରୁ ମତଦାନ କେନ୍ଦ୍ର ପର୍ଯ୍ୟନ୍ତ ଗାଡିମାଧ୍ୟମରେ ସେମାନଙ୍କୁ ନେବା ଆଣିବା କରାଯିବ । ଗାଡିରେ ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ଚିହ୍ନଟ ବୋର୍ଡ ଲାଗିବ। ସେହିପରି ୧୮ ବର୍ଷରୁ କମ ଏନ୍‌ସିସି, ସ୍କାଉଟ ଗାଇଡ ଛାତ୍ରୀଛାତ୍ରଙ୍କୁ ସହାୟକ ଭାବେ ଦାୟିତ୍ୱ ଦିଆଯିବ।

## ସଂକ୍ଷେପରେ

### ଶିକ୍ଷାବର୍ଷ ଶେଷକୁ ପିଲାଙ୍କୁ ମିଳିଲା ନୂତନ ପୋଷାକ

**ମାର୍ଶାଘାଇ,୧୩ (ଡିଏନ୍‌ଏ) :** ଶୁକ୍ରବାର ମାର୍ଶାଘାଇ ସରକାରୀ କେନ୍ଦ୍ରୀୟ ଉଚ୍ଚ ବିଦ୍ୟାଳୟର ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୪୮୫ ଜଣ ଛାତ୍ରୀଛାତ୍ରଙ୍କୁ ୨୦୧୮-୧୯ ଶିକ୍ଷାବର୍ଷର ନୂତନ ପୋଷାକ ବଣ୍ଟନ କରାଯାଇଛି। ବିଦ୍ୟାଳୟ ମିଶ୍ରଣ ପ୍ରକ୍ରିୟାରେ ମାର୍ଶାଘାଇ ବାଳିକା ଉଚ୍ଚ ବିଦ୍ୟାଳୟ ସହିତ ମାର୍ଶାଘାଇ ଉପ୍ରା ବିଦ୍ୟାଳୟ ଏବଂ ମାର୍ଶାଘାଇ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ଗତବର୍ଷ ସେପ୍ଟେମ୍ବର ୪ ତାରିଖରେ ମିଶ୍ରଣ ହୋଇଥିଲା । ସେହିଦିନ ଠାରୁ ଗୋଟିଏ କ୍ୟାମ୍ପସ ମଧ୍ୟରେ ୩ ଗୋଟି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପାଠ ପଢୁଥିଲେ । ୩ ଗୋଟି ବିଦ୍ୟାଳୟ ପରିଚାଳନା କମିଟି ସହ ଅଭିଭାବକ ଏବଂ ସ୍ଥାନୀୟ ଅଧିବାସୀ ଏହି ମିଶ୍ରଣ ପ୍ରକ୍ରିୟାକୁ ସେତେବେଳେ ବିରୋଧ କରିଥିଲେ । କିନ୍ତୁ ତରବରିଆ ଭାବେ ମିଶ୍ରଣ ପ୍ରକ୍ରିୟାକୁ ଶିକ୍ଷା ଅଧିକାରୀ ତ୍ୱରାନିତ କରିଥିଲେ ମଧ୍ୟ ପ୍ରଶାସନିକ ବ୍ୟବସ୍ଥାରେ ସଂଶୋଧନ ଆଣି ନ ଥିଲେ । ଫଳରେ ପୋଷାକ ବିତରଣ ପାଇଁ ଆସିଥିବା ଅନୁଦାନ ପୂର୍ବ ପରି ୩ ଗୋଟି ଜମା ଖାତାରେ ପଡ଼ି ରହିଥିଲା । ପୋଷାକ ବିତରଣ ଟଙ୍କା ଉଠାଣରେ ଅସୁବିଧା ହେବାରୁ ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଜିଲା ଶିକ୍ଷା ଅଧିକାରୀଣୀ ହସ୍ତକ୍ଷେପ କରି ସମସ୍ୟାର ସମାଧାନ କରିଥିଲେ ।
ଫଳରେ ଶୁକ୍ରବାର ପ୍ରଧାନ ଶିକ୍ଷକ ଅଧିକାରୀ ରବିନାରାୟଣ ଦାଶଙ୍କ ପୌରୋହିତ୍ୟରେ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲା ପରିଷଦ ସଦସ୍ୟ ପ୍ରଦୀପ୍ତ ଗାହାଣ, ସରପଞ୍ଚ ସରିତା ପ୍ରଧାନ ,ପରିଚାଳନା କମିଟି ସଭାନେତ୍ରୀ କାବେରୀ ବେହେରା, ଅତିଥି ଭାବେ ଯୋଗ ଦେଇଥିଲେ ।

# ଗହୀରମଥାରେ ୩ ଦିନରେ ୨ଲକ୍ଷ ୫୦ହଜାର ଅଲିଭ୍ ରିଡ୍‌ଲେଙ୍କ ଅଣ୍ଡାଦାନ

**ରାଜନଗର, ୧୩ (ଡିଏନଏ)**


ବେଳାଭୂମିରେ ଅଣ୍ଡାଦାନ ପାଇଁ କଇଁଛଙ୍କ ସମାଗମ ।

ବିରଳ ସାମୁଦ୍ରିକ କଇଁଛ ଅଲିଭ୍ ରିଡ୍‌ଲେଙ୍କ ଅନ୍ତୁଡିଶାଳ ଗହୀରମଥାରେ ଏବେ ସମୂହ ଅଣ୍ଡାଦାନ ପର୍ବ ଜାରି ରହିଛି। ଗତ ୨୭, ୨୮ ଏବଂ ୧ ତାରିଖ ୩ ଦିନ ଧରି ୨ଲକ୍ଷ ୫୦ ହଜାରରୁ ଊର୍ଦ୍ଧ୍ୱ ଅଲିଭରିଡଲେ କଇଁଛ ସମୂହ ଅଣ୍ଡାଦାନ କରିଛନ୍ତି। ଏହି ଗଣ ଅଣ୍ଡାଦାନ ପର୍ବ ୨-୩ ଦିନ ଧରି ଚାଲିବ ବୋଲି ରାଜନଗର ବନବିଭାଗ ସୂତ୍ରରୁ ଜଣାଯାଇଛି । ପାଗ ଅନୁକୂଳ ଥିବାରୁ ଲକ୍ଷ ଲକ୍ଷ ଅନ୍ତଃସତ୍ତ୍ୱା ମା’ କଇଁଛ ଗଭୀର ସମୁଦ୍ରର ନୀଳ ଜଳରାଶି ଅତିକ୍ରମ କରି ଏବେ ବେଳାଭୂମି ମୁହାଁ ହୋଇଛନ୍ତି । ପ୍ରାୟ ଅଢେଇ କିଲୋମିଟର ବ୍ୟାପି ବାବୁବାଲି ଦ୍ୱୀପରେ କଇଁଛମାନଙ୍କର ଏହି ପ୍ରକ୍ରିୟା ଚାଲିଛି।

ରାଜନଗର ବ୍ଲକ ଭିତରକନିକା ସଂଲଗ୍ନ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ବାବୁବାଲି ଦ୍ୱୀପ ନାସି-୨ ଠାରେ ବୁଧବାର ରାତ୍ରିଠାରୁ ଅଣ୍ଡାଦାନ ପର୍ବ ଆରମ୍ଭ ହୋଇଛି। ସିନ୍ଦୂରା ଫାଟିବା ପୂର୍ବରୁ ଏବଂ ସଞ୍ଜ ନଇଁ ଆସିବା ପରେ ଅଲିଭରିଡଲେ କଇଁଛମାନେ ସେମାନଙ୍କ ସବୁଠୁ ନିରାପଦ ସ୍ଥାନ ନାସି-୨ ଠାରେ ଅଣ୍ଡାଦାନ କରୁଛନ୍ତି । ଗୋଟିଏ କଇଁଛ ୮୦ ରୁ ୧୦୦ ପର୍ଯ୍ୟନ୍ତ ଅଣ୍ଡାଦାନ କରୁଛନ୍ତି। ସମୁଦ୍ରଠାରୁ ୫ ଫୁଟ ଦୂର ବେଳାଭୂମିରେ ୩ ରୁ ୪ ଫୁଟ ପର୍ଯ୍ୟନ୍ତ ଗାତ ଖୋଳି ମା’କଇଁଛମାନେ ଅଣ୍ଡା ଦେଉଛନ୍ତି । ସମୂହ ଅଣ୍ଡାଦାନ ପ୍ରକ୍ରିୟା ଜାରି ରହିଥିବାରୁ ଦ୍ୱୀପଠାରୁ ମାତ୍ର ୨ଶହ ଫୁଟ ଦୂରରେ ଥିବା ଭାରତ ସରକାରଙ୍କ ପ୍ରତିରକ୍ଷା ବିଭାଗର କାଲାମ କ୍ଷେପଣାସ୍ତ୍ର ଘାଟିର ଉଜ୍ଜ୍ୱଳ ଆଲୋକକୁ ସାମୂହିକ ଭାବେ ବନ୍ଦ ରଖାଯାଇଛି । କାରଣ ଉଜ୍ଜ୍ୱଳ ଆଲୋକ କଇଁଛମାନଙ୍କ ଅଣ୍ଡା ଦେବା ପ୍ରକ୍ରିୟାରେ ବାଧା ସୃଷ୍ଟି କରିଥାଏ । ରାଜନଗର ବନବିଭାଗର ଅନୁରୋଧ କ୍ରମେ ପ୍ରତିରକ୍ଷା ବିଭାଗର ବରିଷ୍ଠ ଅଧିକାରୀମାନେ ଉଜ୍ଜ୍ୱଳ ଆଲୋକକୁ ବନ୍ଦ ରଖିଛନ୍ତି । ଅପରପକ୍ଷରେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବେଆଇନ ଭାବେ ଚଳପ୍ରଚଳ କରୁଥିବା ଶକ୍ତିଶାଳୀ ଟ୍ରଲରଗୁଡିକ ଅଣ୍ଡାଦାନ ସମୟରେ ଯେପରି ନିଷିଦ୍ଧାଞ୍ଚଳକୁ ପ୍ରବେଶ କରି ନ ପାରିବେ ସେଥିପାଇଁ ତଟରକ୍ଷୀ ବାହିନୀ, ରାଜ୍ୟ ମତ୍ସ୍ୟ ବିଭାଗ ଏବଂ ରାଜନଗର ବନବିଭାଗର କର୍ମଚାରୀମାନେ ସଜାଗ ରହିଛନ୍ତି । ରାଜନଗର ଡିଏଫଓ ବିମଳ ପ୍ରସନ୍ନ ଆଚାର୍ଯ୍ୟ ଗହୀରମଥା ଅତିରିକ୍ତ ବନସଂରକ୍ଷକ ଶ୍ରୀରାମପଦ ଅରବିନ୍ଦ ମିଶ୍ର ପ୍ରମୁଖ ବରିଷ୍ଠ ଅଧିକାରୀମାନେ ବାବୁବାଲି ଦ୍ୱୀପରେ ଡେରା ପକାଇ କଇଁଛମାନଙ୍କ ସୁରକ୍ଷା ଦାୟିତ୍ୱରେ ରହିଛନ୍ତି । ପାଗ ଅନୁକୂଳ ଥିବାରୁ ଚଳିତବର୍ଷ ଅଧିକ କଇଁଛ ଅଣ୍ଡା ଦେବାର ସମ୍ଭାବନା ରହିଛି ବୋଲି ଅତିରିକ୍ତ ବନସଂରକ୍ଷକ ମିଶ୍ର କହିଛନ୍ତି । ଏହାବ୍ୟତୀତ ଅଗରନାସି ଦ୍ୱୀପ, ପେଣ୍ଠ ବେଳାଭୂମି, ବରୁଣେଇ ମୁହାଣ ପ୍ରଭୃତି ସ୍ଥାନରେ ଏହି ଗଣ ଅଣ୍ଡାଦାନ ପର୍ବ ଚାଲୁ ରହିଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛୁଆକୁ ମୋଡ଼ିବ କୁଆଁ ବେଳେ,**
**ବୋହୂକୁ ମୋଡ଼ିବ ନୂଆ ବେଳେ ।**

ବାଳୁତ ପିଲାକୁ ନିଜ ଆକଟରେ ରଖିବା ଉଚିତ। କଅଁଳ ଅବସ୍ଥାରୁ ତା’ପ୍ରତି ସତର୍କ ଦୃଷ୍ଟି ନ ରଖିଲେ ସେ ଅବାଟରେ ଚାଲିଯିବାର ସମ୍ଭାବନା ରହିଥାଏ। ଫଳରେ ତା’ର ଭବିଷ୍ୟତ ଅନ୍ଧକାରମୟ ହୋଇଯାଏ। ସେହିପରି ଘରକୁ ନୂଆହୋଇ ଆସିଥିବା ବୋହୂକୁ ଆରମ୍ଭରୁ ତାଗିଦ୍ ଭିତରେ ରଖିଲେ ସେ ନିଃସନ୍ଦେହ ସୁଗୃହିଣୀ ହୋଇପାରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଛି ଲୋ ଛତୁ,**
**ମେଘ ବରଷିଲେ କେତେ ତୁ ମାତୁ ?**

ବର୍ଷା ହେଲେ ମାଟି ଓଦା ହୁଏ। ପାଳଗଦା ତଥା ବାଲିଆ ଜାଗା ଉପରେ ଛତୁ ଫୁଟେ। ବର୍ଷା ଋତୁ ସରିଗଲେ ଆଉ ଛତୁ ଫୁଟେନି। ସମୟ ଓ ବେଳ ଉପରେ ସବୁକିଛି ନିର୍ଭର କରିଥାଏ। ପରୋକ୍ଷରେ ସମୟ ଟିକେ ଭଲ ପଡ଼ିଲେ କିଛି ମଣିଷ ଉତ୍‌ଫୁଲ୍ଲିତ ହୋଇଉଠନ୍ତି । ଅନ୍ୟଆଗରେ ନିଜର ବୃଥା ଦାମ୍ଭିକତା ଦେଖେଇ ହେଉଥିବା ନେଇ ଗଲେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଭୁବନମୋହନ ଜେନାଙ୍କୁ ଏସ୍‌ଟିଏଫ୍ ନୋଟିସ

**କେନ୍ଦ୍ରାପଡା ପୋଲିସ, ୧୩**

ଭାଜପାର ବରିଷ୍ଠ ନେତା ଭୁବନ ମୋହନ ଜେନା ଆସନ୍ତା ୭ ତାରିଖରେ ଭୁବନେଶ୍ୱରସ୍ଥ ଏସଟିଏଫ କାର୍ଯ୍ୟାଳୟରେ ହାଜର ହେବାକୁ ଏସଟିଏଫ କେସ ନଂ ୮/୧୮ର ତଦନ୍ତ ଅଧିକାରୀ ତପନ କୁମାର ମହାନ୍ତି ନୋଟିସ କରିଛନ୍ତି । ଗତ ଗୁରୁବାର ଜାରି ହୋଇଥିବା ଏହି ନୋଟିସ ପରେ ଏ ନେଇ ଆଲୋଚନା ଜୋର ଧରିଛି । ଏସଟିଏଫ କେସ ନଂ ୮/୧୮ରେ ଗ୍ୟାଙ୍ଗଷ୍ଟର ଟିଟୋ ଓରଫ ସୟଦ ଉସ୍‌ମାନ ଅଲିଙ୍କ ଆପରାଧିକ କାର୍ଯ୍ୟ ସମ୍ପର୍କରେ ଉଲ୍ଲେଖ ଅଛି । ଏହି ମାମଲା ସମ୍ପର୍କରେ ୨୦୧୮ ଡିସେମ୍ବର ୧୮ରେ କେନ୍ଦ୍ରାପଡା ଏସଡିଜେଏମ କୋର୍ଟରେ ୩୮୦ ପୃଷ୍ଠାର ଚାର୍ଜଶିଟ ଦାଖଲ ହୋଇଛି । ଏହି ଚାର୍ଜଶିଟରେ ଟିଟୋଙ୍କ ପେଟ୍ରୋଲ ଟାଙ୍କିଠାରୁ ଆରମ୍ଭ କରି ହତ୍ୟା, ଟେଣ୍ଡର ଫିକ୍ସିଂ, ଜମି ଜବରଦଖଲ, ଦାଦାଗିରି ଆଦି ଆପରାଧିକ କାର୍ଯ୍ୟକଳାପ ଉଲ୍ଲେଖ ଅଛି । ଏ ସମ୍ପର୍କରେ ଭାଜପା ନେତା ଜେନା କହିଛନ୍ତି ଯେ , ସେ ନିଶ୍ଚିତ ଭାବେ ଏସଟିଏଫ କୋର୍ଟରେ ହାଜର ହେବେ । ଏହା ବିଜେଡିର ଏକ ଚାଲ । ଆଗାମୀ ସାଧାରଣ ନିର୍ବାଚନରେ ମହାକାଳପଡା ବିଧାୟକ ପଦ ପାଇଁ ସେ ଲଢ଼ିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି ନିର୍ବାଚନମଣ୍ଡଳୀର ବିଧାୟକ ଅତନୁ ସବ୍ୟସାଚୀ ନାୟକଙ୍କୁ ଚିଟଫଣ୍ଡ ମାମଲାରେ ସିବିଆଇର ନୋଟିସ ପରେ ବିଜେଡି ନେତା ଓଡିଶା ପୋଲିସକୁ ଲଗାଇ ଟିଟୋ ମାମଲାରେ ସଂଶ୍ଲିଷ୍ଟ କରାଇ ତାଙ୍କୁ ଚୁପ କରାଇବାକୁ ଚାହୁଁଛନ୍ତି । ତେବେ ଟିଟୋଙ୍କ ଭାଇ ସହିତ ମୁଖ୍ୟମନ୍ତ୍ରୀ, କେନ୍ଦ୍ରାପଡା ବିଧାୟକ କିଶୋର ଚନ୍ଦ୍ର ତରାଇ, ମହାକାଳପଡା ବିଧାୟକ ନାୟକଙ୍କ ଫଟୋ ବହୁ ପୂର୍ବରୁ ଗଣମାଧ୍ୟମରେ ପ୍ରକାଶିତ ହୋଇ ବିଜେଡିର ଟିଟୋ ସହିତ ସମ୍ପର୍କକୁ ପଦାରେ ପକାଇଛି । ଏହି ମାମଲାରେ ତାଙ୍କର କୌଣସି ସଂପୃକ୍ତି ନ ଥିବା ସେ ଦର୍ଶାଇଛନ୍ତି ।

# ନେହେରୁ ଯୁବକେନ୍ଦ୍ରର ଯୁବ ସମାବେଶ



ଯୁବ ସମାବେଶରେ ଅତିଥିମାନେ ।

**କେନ୍ଦ୍ରାପଡା ଅଫିସ, ୧୩**

କେନ୍ଦ୍ରାପଡା ଇଞ୍ଜିନିୟରିଂ ଓ ଟେକ୍ନୋଲୋଜି ମହାବିଦ୍ୟାଳୟ ପରିସରରେ କେନ୍ଦ୍ରାପଡା ଜିଲାସ୍ଥିତ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଜିଲାସ୍ତରୀୟ ଯୁବ ସମାବେଶ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଜିଲା ସଂଯୋଜକ ଅଶୋକ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ପଣ୍ଡିତ ହୃଷିକେଶ ରଥ, ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଚନ୍ଦ୍ରକାନ୍ତ ନାୟକ, ଏନଏସଏସ ସଂଯୋଜକ ଶିଶିର କାନ୍ତ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ଯୁବବର୍ଗଙ୍କ ଶକ୍ତି ବିନିଯୋଗରେ ଅସାଧ୍ୟ କାର୍ଯ୍ୟ ସାଧିତ ହୋଇ ପାରିବ ବୋଲି ମତ ଦେଇଥିଲେ । ସେମାନେ ପ୍ରକାଶ କରିଥିଲେ ଯେ, ଅତୀତରେ ବାଜି ରାଉତ, ଉଦ୍ଧାମ ସିଂ, ରାଣୀ ଲକ୍ଷ୍ମୀବାଈ, ବିବେକାନନ୍ଦ ପ୍ରମୁଖଙ୍କ ଦେଶପ୍ରେମ ଅଦ୍ୟାବଧି ଉଦାହରଣ ହୋଇଛି । ସେହିପରି ଦେଶ ମାତୃକାର ସୁରକ୍ଷା ସହିତ ଶାସନର ସୁପରିଚାଳନା, ବୈଷୟିକ ଜ୍ଞାନ କୌଶଳକୁ ଯୁବବର୍ଗ ସହଜ କରିଛନ୍ତି । ସାମାଜିକ କର୍ତ୍ତବ୍ୟକୁ ସମ୍ପାଦନ କରିବା ପାଇଁ ଯୁବବର୍ଗ ଆଗ୍ରହ ପ୍ରକାଶ କରିବା ଆବଶ୍ୟକ ବୋଲି ମତ ଦେଇଥିଲେ । ଯୁବ କେନ୍ଦ୍ର ଉପଦେଷ୍ଟା ପ୍ରସନ୍ନ ପରିଡା, ଶୁଭେନ୍ଦୁନାଥ ସ୍ୱାଇଁ, ଲକ୍ଷ୍ମୀକାନ୍ତ ଜେନା, ଦିବ୍ୟଜ୍ୟୋତି ଜେନା, ଶିବଦତ୍ତ ଜେନା ପ୍ରମୁଖ ଏହାକୁ ପରିଚାଳନା କରିଥିଲେ ।

# ପ୍ରଣବ-ପ୍ରଦୀପ ମେମୋରିଆଲ କ୍ରିକେଟ: ନିମପୁର ଚାମ୍ପିୟନ

**ରାଜକନିକା, ୧୩ (ଡି.ଏନ୍.ଏ)**


ବିଜୟୀ ଦଳକୁ ମୁଖ୍ୟଅତିଥି ପ୍ରତାପକେଶରୀ ଦେବ ଟ୍ରଫି ପ୍ରଦାନ କରୁଛନ୍ତି ।

ରାଜକନିକା ବ୍ଲକ ଅନ୍ତର୍ଗତ ପାରିନୂଆପଡାର ବହୁରୂପା ଯୁବକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ୪ର୍ଥ ବାର୍ଷିକ ରାଜ୍ୟସ୍ତରୀୟ ପ୍ରଣବ-ପ୍ରଦୀପ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ମ୍ୟାଚ୍‌ରେ ଆୟୋଜକ ବହୁରୂପା କ୍ରିକେଟ କ୍ଲବକୁ ହରାଇ କଟକର ନିମପୁର ସ୍ପୋର୍ଟିଂ ଏକାଡେମୀ ଚାମ୍ପିୟନ ହୋଇଛି । ଗତ ଫେବୃୟାରୀ ୧୮ ତାରିଖରୁ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟରେ ରାଜ୍ୟର ବଛା ବଛା ୮ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚରେ ଟସ୍ ଜିଣି ଆୟୋଜକ ଦଳ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୫ ଓଭରରେ ୮ ଉଇକେଟ ହରାଇ ୧୪୭ ରନ କରିଥିଲା । ଜବାବରେ କଟକର ନିମପୁର ସ୍ପୋର୍ଟ୍ସ ଏକାଡେମୀ ୨୨.୩ ଓଭରରେ ୫ ଉଇକେଟ ହରାଇ ୧୪୮ ରନ୍ କରି ବିଜୟୀ ହେବା ସହ ଟାଇଟଲ ହାସଲ କରିଛି । ସମାଜସେବୀ ରାହାସ ବିହାରୀ ପରିଡାଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଏମ୍‌ପି ପ୍ରତାପ କେଶରୀ ଦେବ, ମୁଖ୍ୟବକ୍ତା ଭାବେ ବରିଷ୍ଠନେତା ବିକାଶ ଦାସ,ସମ୍ମାନିତ ଅତିଥି ଭାବେ ଜାଗୁଲାଇପଡା ସରପଞ୍ଚ ବର୍ଷାରାଣୀ ନାୟକ,କ୍ରୀଡାବିତ କୃଷ୍ଣଚନ୍ଦ୍ର ପଣ୍ଡା,ଫିଲ୍ମ ଅଭିନେତା ଦୁଷ୍ମନ୍ତ ସାହୁ ଓ ଅଭିନେତ୍ରୀ ରୀୟା, ଅୟସ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ । ଦିବ୍ୟଜ୍ୟୋତି ରାଉତ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ । ସେହିପରି ମ୍ୟାନ୍ ଅଫ୍ ଦି ସିରିଜଭାବେ ଆୟୋଜକ ଟିମର ପିଣ୍ଟୁ ଶର୍ମାଙ୍କୁ ଅତିଥିମାନେ ସିଲ୍ଡ ସହ ଅର୍ଥରାଶି ପ୍ରଦାନ କରିଥିଲେ । ଶିକ୍ଷକ ସଞ୍ଜୟ ବରଜ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ଶିକ୍ଷକ ପ୍ରଶାନ୍ତ କୁମାର ବେହେରା ମାନପତ୍ର ପାଠ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଯୁବ ସରପଞ୍ଚ ପବିତ୍ର ରାଉତ ଏବଂ ସହ କ୍ଲବର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ ।

**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

■ ନିକିରାଇ ପୋଲିସର ଯବାନଙ୍କ ପ୍ରତି ଅସମ୍ମାନ

# ମିଥ୍ୟା ମାମଲାରେ ଗିରଫ ଅଭିଯୋଗ

**କେନ୍ଦ୍ରାପଡା ପୋଲିସ,୧୩**


ସୁଶାନ୍ତ ମହାପାତ୍ର (ଫାଇଲ ଫଟୋ) ।

ପୁଲୱାମା ଆକ୍ରମଣ ଓ ଭାରତୀୟ ବାୟୁସେନାର ପାକିସ୍ତାନରେ ବୋମାମାଡ ଘଟଣା ପରେ ଛୁଟି ବାତିଲ କରି ଜମ୍ମୁ ଫେରୁଥିବା ଜଣେ ଯବାନଙ୍କୁ କେନ୍ଦ୍ରାପଡା ଜିଲା ନିକିରାଇ ପୋଲିସ ମଙ୍ଗଳବାର ଗିରଫ କରିଥିଲା । ତାଙ୍କ ପଡୋଶୀଙ୍କ ମିଥ୍ୟା ଅଭିଯୋଗକୁ ତଦନ୍ତ ନ କରି ଗିରଫ କରାଯାଇଥିବା ଯବାନଙ୍କ ବାପା ପ୍ରଦୀପ ମହାପାତ୍ର ଅଭିଯୋଗ କରିଛନ୍ତି । ଏ ସଂକ୍ରାନ୍ତରେ ସେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଶୁକ୍ରବାର ଚିଠି ଲେଖି ନ୍ୟାୟ ଭିକ୍ଷା କରିଛନ୍ତି । ଏଥିସହିତ ସ୍ଥାନୀୟ ଏସପିଙ୍କ ନିକଟରେ ନିକିରାଇ ପୋଲିସ ବିରୋଧରେ ଏକ ଅଭିଯୋଗ ପତ୍ର ଦେଇଛନ୍ତି ।

ନିକିରାଇ ଥାନା ଅଧୀନ ବିଲମୁଗବାଡି ଗ୍ରାମର ପ୍ରଦୀପଙ୍କ ଅଭିଯୋଗ ଅନୁଯାୟୀ, ବାୟୁସେନାରେ ତାଙ୍କ ପୁଅ ସୁଶାନ୍ତ କାର୍ଯ୍ୟ କରନ୍ତି । ସେ ମାସକ ପାଇଁ ଛୁଟି ନେଇ ଘରକୁ ଆସିଥିଲେ । ତେବେ ବାୟୁସେନାର କାର୍ଯ୍ୟାଳୟରୁ ନିର୍ଦ୍ଦେଶ ଆସିବାରୁ ଘରକୁ ଆସିବାର ମାତ୍ର ୫ ଦିନ ପରେ କାର୍ଯ୍ୟକ୍ଷେତ୍ର ଜମ୍ମୁକୁ ଫେରିବାକୁ ପ୍ରସ୍ତୁତ ହେଉଥିଲେ । ତେବେ ଜମିବାଡି ନେଇ ପଡୋଶୀଙ୍କ ସହ ପୂର୍ବ ଶତ୍ରୁତା ଥିବାରୁ ଗତ ମଙ୍ଗଳବାର ପୋଲିସ ତାଙ୍କୁ ଗିରଫ କରିଥିଲା । ପଡୋଶୀଙ୍କୁ ସୁଶାନ୍ତ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା । ଏହି ଅଭିଯୋଗର ତଦନ୍ତ ନ କରି ରାତିରେ ପୋଲିସ ସୁଶାନ୍ତଙ୍କୁ କୋର୍ଟ ଚାଲାଣ କରିଥିଲା । ତେବେ ସୁଶାନ୍ତଙ୍କ ପରିଚୟ ପତ୍ର ପାଇବା ପରେ ଏସଡିଜେଏମ କୋର୍ଟ ତୁରନ୍ତ ଜାମିନ ପ୍ରଦାନ କରିଥିଲେ । ଏ ସମ୍ପର୍କରେ ପ୍ରଦୀପ କହିଛନ୍ତି ଯେ, ସୁଶାନ୍ତ ନିଜ କର୍ମସ୍ଥଳୀକୁ ଫେରିଯାଇଛି । ନିକିରାଇ ପୋଲିସର ଏପରି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ନାପସନ୍ଦ କରାଯାଇଛି । କେନ୍ଦ୍ରାପଡା ଜିଲା ପୂର୍ବତନ ସୈନିକ ସଂଘ ବାୟୁସେନା ଯବାନଙ୍କୁ ଦେଶର ଏହି ଘଡିସନ୍ଧି ମୁହୂର୍ତ୍ତରେ ଉଦ୍ଦେଶ୍ୟମୂଳକ ଭାବେ ଗିରଫ କରିବା ଘଟଣାକୁ ନିନ୍ଦା କରିଛନ୍ତି । ଏ ସମ୍ପର୍କରେ ଏସପି ନୀତିଶୋଖର କହିଛନ୍ତି ଯେ, ମାମଲାର ତଦନ୍ତ ହେବ । ଅଧିକାରୀଙ୍କ କର୍ତ୍ତବ୍ୟରେ ଅବହେଳା ଥିଲେ, କାର୍ଯ୍ୟାନୁଷ୍ଠାନ ହେବ ।



# CLASSIFIED DISPLAY

**ALL EDITION-B/W (Every Day)** | **For Booking Contact: 0674-2580385, 7894447131, 7894447148, 9437038266, 7894447166**

GET INSTANT CASH AGAINST GOLD
GOLD CASH™
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର



| TARIFF | For Single Day | | For 7 Days | | For 15 Days | | For 30Days | | *GST 5% Extra |
|---|---|---|---|---|---|---|---|---|---|
| MORE SPACE • SAME PRICE | 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

ଡିଜିଟାଲ ଉପକରଣ -କମ୍ପାନୀ- SMS JOB

ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲ୍‌ଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7520206361
7061764396
Bukaro malepur, jamui Bihar-811313

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
Contact :- 8676907143, 9348274623


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ୨ଥର ଯାକ ପ୍ରାର୍ଥୀ ବଦଳାଇଛି ବିଜେଡି

# ଆଶାରେ ଅନେକ ଆଶାୟୀ


ପ୍ରିୟଦର୍ଶୀ ମିଶ୍ର


ଦିଲୀପ ମହାନ୍ତି


ମନୋରଞ୍ଜନ ଦାଶ

**ଚିଦାନନ୍ଦ ଜେନା**
ଭୁବନେଶ୍ୱର,୧।୩(ବ୍ୟୁରୋ)

୨୦୦୯ରେ ରାଜଧାନୀ ଭୁବନେଶ୍ୱର ଓ ଆଖାପାଖ କେତେକ ଅଞ୍ଚଳକୁ ନେଇ ୩ଟି ବିଧାନସଭା ନିର୍ବାଚନମଣ୍ଡଳୀ ଗଠନ ହୋଇଥିଲା। ସେଥିମଧ୍ୟରୁ ଭୁବନେଶ୍ୱର(ଉତ୍ତର) ଅନ୍ୟତମ। ଏହା ଅଧୀନରେ ରହିଛି ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ୨୫ଟି ୱାର୍ଡ ଏବଂ ଭୁବନେଶ୍ୱର ବ୍ଲକର ୫ଟି ପଞ୍ଚାୟତ। ୨୦୦୯ଠାରୁ ହିଁ ଏହି ନିର୍ବାଚନମଣ୍ଡଳୀ ଲଗାତର ୨ ଥର ବିଜେଡି ହାତରେ ରହିଛି। କିନ୍ତୁ ଦଳ ୨ଟି ଯାକ ନିର୍ବାଚନରେ ପ୍ରାର୍ଥୀ ପରିବର୍ତ୍ତନ କରିଥିଲା। ୨୦୦୯ରେ ଭାଜପା ପ୍ରାର୍ଥୀ ଗୋଲକ ମହାପାତ୍ରଙ୍କୁ ୫୧,୪୬୨ ଭୋଟରେ ପରାସ୍ତ କରିଥିଲେ ବିଜେଡି ପ୍ରାର୍ଥୀ ଭାଗୀରଥି ବଡଜେନା। କିନ୍ତୁ ୨୦୧୪ରେ ଭାଗୀରଥିଙ୍କୁ ଦଳ ଆଉ ଏଠାରେ ପ୍ରାର୍ଥୀ ନ କରି ଜଟଣୀରୁ ପ୍ରାର୍ଥୀ କରିଥିଲା। ଭାଗୀରଥିଙ୍କ ସ୍ଥାନରେ ବିଜେଡିର ପ୍ରାର୍ଥୀ ହୋଇଥିଲେ ପ୍ରିୟଦର୍ଶୀ ମିଶ୍ର। ଛାତ୍ର ରାଜନୀତିରେ ଦକ୍ଷତାକୁ ଆଧାର କରି ପ୍ରିୟଦର୍ଶୀଙ୍କୁ ବିଜେଡି ଦେଇଥିଲା ଟିକେଟ। ଏଥର କିନ୍ତୁ ସ୍ଥିତିରେ ଅନେକ ପରିବର୍ତ୍ତନ ଆସିଛି। ପ୍ରିୟଦର୍ଶୀଙ୍କ ବିରୋଧରେ ଜନଅସନ୍ତୋଷ ଅପେକ୍ଷା ଦଳୀୟ ଅସନ୍ତୋଷ ରହିଛି। ତେଣୁ ଆଉ କେତେଜଣ ବିଜେଡିରୁ ଟିକେଟ୍ ପାଇବାକୁ ଆଶାୟୀ ଅଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ଛାତ୍ର ବିଜେଡି ଉପଦେଷ୍ଟା ଚିନ୍ମୟ ସାହୁ, ସୁବାସ ପାତ୍ର ଓ ଅବସରପ୍ରାପ୍ତ ସରକାରୀ ଅଧିକାରୀ ମନୋରଞ୍ଜନ ନାୟକ। ଏମାନଙ୍କୁ ବାଦ୍ ଦେଇ ଦଳୀୟ ନେତୃତ୍ୱ ଅନ୍ୟ କାହାକୁ ବି ପ୍ରାର୍ଥୀ କରିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ବିଜେଡିରୁ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିବା ଅଚ୍ୟୁତ ସାମନ୍ତ ଏବଂ ଭୁବନେଶ୍ୱରର ପୂର୍ବତନ ମେୟର ଅନନ୍ତ ନାରାୟଣ ଜେନାଙ୍କ ଦ୍ୱାରା ଏଠାକାର ରାଜନୀତି ବହୁଳ ଭାବରେ ପ୍ରଭାବିତ ହେଉଥିବା ଜଣାପଡିଛି।

ବିଧାୟକ ପ୍ରିୟଦର୍ଶୀ ମିଶ୍ର କହିଛନ୍ତି ଯେ, 'ରାଜନୀତିରେ ଅସନ୍ତୋଷ ରହିବ। ସାଧାରଣ ଲୋକଙ୍କ କଥା ସବୁ ଫୋରମ୍‌ରେ ଉଠାଏ। ବିଧାନସଭାରେ ମିଳିଥିବା ସୁଯୋଗର ସଦ୍‌ବିନିଯୋଗ କରିଛି। କେହି କ'ଣ ବ୍ୟକ୍ତିଗତ ଉଦ୍ଦେଶ୍ୟ କରି ବିରୋଧ କଲେ ମୁଁ କ'ଣ ବା କରିପାରିବି। ସରକାରୀ ଯୋଜନାର ସଫଳ ରୂପାୟନ କରିବା ଦିଗରେ ଧ୍ୟାନ ଦେଇଛି। ଲୋକଙ୍କ ସହ ସବୁବେଳେ ଥିବାରୁ ସବୁକିଛି ଠିକ୍ ହେବ ବୋଲି ଭାବୁଛି। ନିର୍ବାଚନକୁ କମ୍ ସମୟ ଥିବାରୁ ସମସ୍ତ ଉନ୍ନତିମୂଳକ କାର୍ଯ୍ୟ ସାରିବା ଉପରେ ଗୁରୁତ୍ୱ ଦେଉଛି। ମୋ ସମ୍ପର୍କରେ ଦଳ ଉଚିତ ନିଷ୍ପତ୍ତି ନେବ ବୋଲି ଦୃଢବିଶ୍ୱାସ ରହିଛି।'

ଚିନ୍ମୟ ସାହୁ କହିଛନ୍ତି ଯେ, 'ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଯୁବବର୍ଗ ଏବଂ ମହିଳାଙ୍କୁ ସର୍ବାଧିକ ଗୁରୁତ୍ୱ ମିଳିଛି। ବିଜେଡିରେ ଯୋଗଦାନ ପରେ ମିଳିଥିବା ସମସ୍ତ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରିଛି। ଉତ୍ତର ଭୁବନେଶ୍ୱର ଅଞ୍ଚଳବାସୀଙ୍କ ସହ ଭାବଗତ ଭାବେ ଯୋଡ଼ି ହୋଇଛି। ଏଥିସହ ରାଜ୍ୟ ସରକାରଙ୍କ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଛି, ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟ ଜାରି ରଖିଛି। ତେଣୁ ଦଳ ନିଶ୍ଚୟ ଉଚିତ ବିଚାର କରିବ।'

ବିଜେଡିର ଖୋର୍ଦ୍ଧା ଜିଲା ଉପସଭାପତି ସୁବାସ ପାତ୍ର କହିଛନ୍ତି ଯେ, 'ମୁଁ ଉତ୍ତର ନିର୍ବାଚନମଣ୍ଡଳୀ ମାଟିର ପୁଅ। ବାହାର ପ୍ରାର୍ଥୀ ଏଠାକାର ସମସ୍ୟା ବୁଝିବାରେ ବିଫଳ ହୋଇଛନ୍ତି। ରାଜ୍ୟ ସରକାରଙ୍କ ଅନେକ ଯୋଜନା ସ୍ଥାନୀୟ ନେତାଙ୍କ ଯୋଗୁ ଜନଗଣଙ୍କ ପାଖରେ ପହଞ୍ଚିନାହିଁ। ତେଣୁ ଆଗାମୀ ନିର୍ବାଚନରେ ଦଳ ମୋ କଥା ନିଶ୍ଚୟ ବିଚାର କରିବ। ମୋ ବ୍ୟତୀତ ଉପଯୁକ୍ତ ପ୍ରାର୍ଥୀକୁ ଟିକେଟ୍ ମିଳିଲେ ସହଯୋଗ କରିବି। ଉପଯୁକ୍ତ ପ୍ରାର୍ଥୀ ଦିଆ ନ ଗଲେ କର୍ମୀଙ୍କ ମତାମତ ଲୋଡ଼ିବି।'




ଗତ ଜାନୁୟାରୀ ୩୧ରେ ସରକାରୀ ଚାକିରିରୁ ଅବସର ଗ୍ରହଣ କରିଥିବା ମନୋରଞ୍ଜନ ନାୟକଙ୍କ ନାଁକୁ ନେଇ ମଧ ଚର୍ଚ୍ଚା ହେଉଛି। ପଟିଆ ଅଞ୍ଚଳର କେତେଜଣ ଲୋକ ତାଙ୍କ ନାମକୁ ବିଜେଡି ନେତୃତ୍ୱଙ୍କୁ ସୁପାରିସ କରିଥିବା ଜଣାପଡିଛି। ଏ ସମ୍ପର୍କରେ ମନୋରଞ୍ଜନ କହିଛନ୍ତି ଯେ, ମୁଁ ପ୍ରାର୍ଥୀ ହୁଏ ବୋଲି ସ୍ଥାନୀୟ ଜନସାଧାରଣ ସୁପାରିସ କରିଛନ୍ତି। ଯଦି ମୋ ନାମ ବିଚାର କରାଯାଏ, ତେବେ ମୁଁ ନିଶ୍ଚୟ ଲଢିବି।

ବିଜେଡି ପରେ ଭାଜପାର ସ୍ଥିତି ନିର୍ବାଚନମଣ୍ଡଳୀରେ ରହିଛି। ତା' ପରେ ରହିଛି କଂଗ୍ରେସ। ମାତ୍ର ଦୁଇ ଜାତୀୟ ଦଳ ପୂର୍ବ ୨ଟି ନିର୍ବାଚନରେ ଶାସକ ଦଳ ପାଇଥିବା ଭୋଟର ଅଧା ପାଇପାରି ନ ଥିଲେ। ପଞ୍ଚାୟତ ନିର୍ବାଚନ ପରେ ଭାଜପା ନିଜ ସଙ୍ଗଠନକୁ ଅଧିକ ଗୁରୁତ୍ୱ ଦେଉଛି। ୨୦୧୪ରେ ଲଢି ପରାଜିତ ହୋଇଥିବା ଭାଜପା ପ୍ରାର୍ଥୀ ଦିଲୀପ ମହାନ୍ତି ନିଜ ସାଙ୍ଗଠନିକ କାର୍ଯ୍ୟ ଜାରି ରଖିଛନ୍ତି। ଗତ ବର୍ଷକ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକାଧିକ କାର୍ଯ୍ୟକ୍ରମ ଏହି ନିର୍ବାଚନମଣ୍ଡଳୀରେ ଆୟୋଜନ କରି ଦଳକୁ ଚର୍ଚ୍ଚାରେ ରଖିବା ପାଇଁ ଚେଷ୍ଟା କରିଛନ୍ତି। ସେହିପରି ଦଳୀୟ ରାଜନୀତିରେ ପୂର୍ବତନ ପ୍ରଶାସିକା ଅପରାଜିତା ଷଡ଼ଙ୍ଗୀଙ୍କ ଆବିର୍ଭାବ ଦଳୀୟ କର୍ମୀଙ୍କୁ ଉତ୍ସାହିତ କରୁଛି। ଭାଜପାରୁ ଦିଲୀପ ମହାନ୍ତି ଓ ଯୁଗାଂଶୁ ପଣ୍ଡା ବର୍ତ୍ତମାନ ଟିକେଟ ଦୌଡରେ ସର୍ବାଗ୍ରେ ଅଛନ୍ତି। ହେଲେ ରାଜଧାନୀ ଉପକଣ୍ଠସ୍ଥ ଆସନ ହୋଇଥିବାରୁ ଭାଜପା ଶେଷ ମୁହୂର୍ତ୍ତରେ ହାଇପ୍ରୋଫାଇଲ ପ୍ରାର୍ଥୀଙ୍କୁ ଠିଆ କରିପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି। ଭାଜପା ନେତା ଦିଲୀପ ମହାନ୍ତି କହିଛନ୍ତି ଯେ,'ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀ କହିଲେ ଶୈଳଶ୍ରୀ ବିହାର, ନୀଳାଦ୍ରି ବିହାର କିମ୍ବା କିଟ୍ ଛକକୁ ବୁଝାଇ ନଥାଏ। ଏହି ନିର୍ବାଚନମଣ୍ଡଳୀରେ ଗ୍ରାମୀଣ, ବସ୍ତି ଏବଂ ସହରୀ ସଭ୍ୟତା ରହିଛି। ଏସବୁ ସମନ୍ୱୟ ରକ୍ଷାକରି ଯେପରି ଭାବେ ବିକାଶ ହେବା କଥା, ତାହା ହୋଇନାହିଁ। ନିର୍ବାଚନମଣ୍ଡଳୀରେ ଟ୍ରାଫିକ ସମସ୍ୟା, ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ। ତେଣୁ ବିଜେଡିକୁ ଆଗାମୀ ନିର୍ବାଚନରେ ଭୋଟର ପ୍ରତ୍ୟାଖ୍ୟାନ କରିବେ। ମୋତେ ଦଳ ଯେଉଁ ଦାୟିତ୍ୱ ଦେବ ତାହାକୁ ମୁଁ ପାଳନ କରିବି। ଦଳ ଯଦି ମୋତେ ପ୍ରାର୍ଥୀ ନ କରେ, ମୁଁ ଶୃଙ୍ଖଳିତ ସଦସ୍ୟ ଭାବେ କାର୍ଯ୍ୟ କରିବି। ମୋ ପାଇଁ ପଦପଦବୀ ନୁହେଁ, ଦଳ ବଡ଼।' ଭାଜପା ନେତା ଯୁଗାଂଶୁ ପଣ୍ଡା କହିଛନ୍ତି ଯେ, ପୂର୍ବାପେକ୍ଷା ଭାଜପାର ସ୍ଥିତି ଦୃଢ଼ ହୋଇଛି। ଯୁବବର୍ଗଙ୍କୁ ପ୍ରାଧାନ୍ୟ ଦିଆଯାଉଛି। ଦଳ ନିଶ୍ଚୟ ମୋତେ ପ୍ରାର୍ଥୀ କରିବ ବୋଲି ଆଶା। ବିଜେଡିର ୫ କର୍ପୋରେଟର ଏବଂ ପଦାଧିକାରୀ ମୋ ସହ ଯୋଗାଯୋଗରେ ଅଛନ୍ତି। ମୋତେ ପ୍ରାର୍ଥୀ କରାଗଲେ ବିଜେଡି ପ୍ରାର୍ଥୀଙ୍କୁ ନିଶ୍ଚୟ ହରାଇବି।

ଅନ୍ୟପକ୍ଷରେ କଂଗ୍ରେସରୁ ପ୍ରାର୍ଥୀ ହେବା ନେଇ ମନୋରଞ୍ଜନ ଦାଶ, କିଶୋର ଜେନା ଏବଂ ଆଶିଷ କୁମାର ମଲିକଙ୍କ ନାଁ ଚର୍ଚ୍ଚାରେ ରହିଛି। ମନୋରଞ୍ଜନ କହିଛନ୍ତି ଯେ, 'ଦଳ ଯାହା ଦାୟିତ୍ୱ ଦେବ ତାହାକୁ ତୁଲାଇବି। ନିର୍ବାଚନରେ ଜିତିବା ହାରିବା ବଡ଼କଥା ନୁହେଁ। ଲଗାତର ଜିତୁଥିବା ଶାସକ ଦଳ ଲୋକଙ୍କୁ ଆବଶ୍ୟକ ସୁବିଧା ଯୋଗାଇ ଦେଇପାରିନାହିଁ। ଗ୍ରାମୀଣ କ୍ଷେତ୍ରରେ ରହୁଥିବା ଲୋକ ପରିଷ୍କାର ପାଣିରେ ଗାଧୋଇବାକୁ ପାଉନାହାନ୍ତି। କଂଗ୍ରେସ ପୂର୍ବାପେକ୍ଷା ନିଶ୍ଚିତ ଭଲ ପ୍ରଦର୍ଶନ କରିବ। କଷ୍ଟକର ହେଲେ ବି ଦଳର ହୃତଗୌରବ ଫେରାଇବା ଅସମ୍ଭବ ନୁହେଁ। କଂଗ୍ରେସ ନେତା ଆଶିଷ କୁମାର ମଲିକ କହିଛନ୍ତି ଯେ, ଦଳ ମୋତେ ପ୍ରାର୍ଥୀ କଲେ ବିଜେଡି-ଭାଜପାକୁ ସଫଳ ମୁକାବିଲା କରିବି। ଯଦି ଦଳ ମୋତେ ପ୍ରାର୍ଥୀ ନ କରେ, ତେବେ ମୁଁ ଶୃଙ୍ଖଳିତ ଦଳୀୟ କର୍ମୀ ଭାବେ କାର୍ଯ୍ୟ କରିବି। କଂଗ୍ରେସ ନେତା କିଶୋର ଜେନା ମଧ୍ୟ ଦଳୀୟ ନିଷ୍ପତ୍ତିକୁ ମାନିନେବେ ବୋଲି କହିଛନ୍ତି।

ଭୋଟର ଗୁରୁଚରଣ ବେହେରାଙ୍କ କହିବାନୁଯାୟୀ, ନିର୍ବାଚନମଣ୍ଡଳୀରେ ଡ୍ରେନେଜ, ରାସ୍ତା, ପାର୍କିଂ ସମସ୍ୟା ରହିଛି। ଦଳ ଅପେକ୍ଷା ବ୍ୟକ୍ତିକୁ ଦେଖି ଭୋଟ ଦେବୁ। ନିର୍ବାଚନ ସମୟରେ ହିଁ କାହାକୁ ଭୋଟ ଦେବୁ ତାହା ସ୍ଥିର କରିବି। ରାଜ୍ୟରେ ନବୀନ ପଟ୍ଟନାୟକ ଏବଂ କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ପ୍ରତି ସମର୍ଥନ ରହିବ।

**୨୦୧୪ ନିର୍ବାଚନ ଫଳାଫଳ**
ପ୍ରିୟଦର୍ଶୀ ମିଶ୍ର-ବିଜେଡି-୭୩,୭୨୮
ଦିଲୀପ ମହାନ୍ତି-ଭାଜପା-୨୪,୯୭୧
ମନୋରଞ୍ଜନ ଦାଶ-କଂଗ୍ରେସ-୮,୨୨୩
ସ୍ୱର୍ଣ୍ଣଲତା ପଟ୍ଟନାୟକ-ଏଏପି-୧୫୧୩
ନୋଟା- ୧୧୫୧

---




# ବିଜୟ ଆଶାରେ ସବୁ ଦଳ

**ଶଶାଙ୍କ ଶେଖର ଝାଙ୍କର**
ଦେବଗଡ଼, ୧।୩ (ସ୍ୱ.ପ୍ର.)

୭୦ ପଞ୍ଚାୟତ, ୩ ବ୍ଲକ ଓ ଗୋଟିଏ ପୌର ସଂସ୍ଥାକୁ ନେଇ ଦେବଗଡ଼ ନିର୍ବାଚନ ମଣ୍ଡଳୀ ଗଠିତ। ଭୋଟର ସଂଖ୍ୟା ପ୍ରାୟ ୨ଲକ୍ଷ ୩୩ ହଜାର। ଦେବଗଡ଼ ଜିଲାର ଏକମାତ୍ର ବିଧାନସଭା ନିର୍ବାଚନମଣ୍ଡଳୀ । ବିଭିନ୍ନ ଦଳର ପ୍ରାର୍ଥୀମାନେ ଏହି ଆସନରୁ ନିର୍ବାଚିତ ହୋଇଛନ୍ତି । ମୁଖ୍ୟତଃ ବିରୋଧୀ ଦଳର କବ୍‌ଜାରେ ଏହି ନିର୍ବାଚନମଣ୍ଡଳୀ ରହିଆସିଛି। ବୋଧହୁଏ ଏଥିପାଇଁ ଦେବଗଡ଼ ନିର୍ବାଚନ ମଣ୍ଡଳୀର ସେଭଳି ବିକାଶ ହୋଇପାରିନାହିଁ ବୋଲି ଭୋଟରମାନେ ଅଭିଯୋଗ କରିଛନ୍ତି ।

୨୦୦୯ ମସିହାରେ ବିଜେଡି ପ୍ରାର୍ଥୀ ସଞ୍ଜୀବ କୁମାର ପ୍ରଧାନ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ନିତେଶ ଗଙ୍ଗଦେବଙ୍କୁ ପରାଜିତ କରି ପ୍ରଥମେ ଏହି ନିର୍ବାଚନ ମଣ୍ଡଳୀକୁ ନିଜ ଅକ୍ତିଆରକୁ ନେଇଥିଲେ। ୨୦୧୪ରେ ଭାଜପା ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ଟିକେଟ କାଟି କଂଗ୍ରେସରୁ ଆସି ଦଳରେ ସାମିଲ ହୋଇଥିବା ନିତେଶ ଗଙ୍ଗଦେବଙ୍କୁ ପ୍ରାର୍ଥୀ କରିଥିଲା। ବିଜେଡିର ତତ୍କାଳୀନ ବିଧାୟକ ସଞ୍ଜୀବ କୁମାର ପ୍ରଧାନଙ୍କୁ ଦଳ ଟିକେଟ ଦେଇ ନ ଥିଲା। ତାଙ୍କ ବିରୋଧରେ ରେଙ୍ଗାଳି ବୁଡ଼ି ଅଞ୍ଚଳ ଲୋକଙ୍କ କ୍ଷତିପୂରଣ ଟଙ୍କା ଆତ୍ମସାତ ଅଭିଯୋଗ ଆସିବା ପରେ ଦଳ ଏପରି ପଦକ୍ଷେପ ଗ୍ରହଣ କରିଥିଲା। ଶେଷରେ ସଞ୍ଜୀବ ପ୍ରଧାନଙ୍କ ସ୍ତ୍ରୀ ଅନୀତା ପାତ୍ରଙ୍କୁ ଦଳ ଟିକେଟ ଦେଇଥିଲା। ଫଳରେ ବିଜେଡି କର୍ମୀ ଓ ଭୋଟରଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଏହି ଅସନ୍ତୋଷରୁ ଭାଜପା ଟିକେଟ୍‌ରେ ନିତେଶ ଗଙ୍ଗଦେବ ବିଜୟୀ ହୋଇଥିଲେ ।

୨୦୧୯ ସାଧାରଣ ନିର୍ବାଚନ ପାଇଁ ଏବେଠାରୁ ଏହି ନିର୍ବାଚନମଣ୍ଡଳୀରେ ରାଜନୈତିକ ବାତାବରଣ ବେଶ୍‌ଉଷ୍ମ ହେବାରେ ଲାଗିଛି । ବିଜେଡି, ଭାଜପା ଓ କଂଗ୍ରେସର ଆଶାୟୀମାନେ ଏଥିପାଇଁ ପୂର୍ବପ୍ରସ୍ତୁତି ଜାରି ରଖିଛନ୍ତି । ଗତ ନିର୍ବାଚନରେ ଭାଜପା ପ୍ରାର୍ଥୀ ନିତେଶ ଗଙ୍ଗଦେବ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ ମଧ୍ୟ ବର୍ତ୍ତମାନ ତାଙ୍କ ବିରୋଧରେ କିଛି ଜନ ଅସନ୍ତୋଷ ରହିଛି । ସେଥିପାଇଁ ଏଥର ତାଙ୍କୁ ଟିକେଟ ମିଳିବ କି ନାହିଁ ତାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି । ଏପରି କି ଚର୍ଚ୍ଚା ହେଉଛି ଦଳ ତାଙ୍କୁ ବିଧାନସଭା ଟିକଟ ନ ଦେଇ ଲୋକ ସଭା ପ୍ରାର୍ଥୀ କରିପାରେ । ଗତଥର ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ଟିକେଟକୁ ଦଳ କାଟିଥିଲା । ଏଥର ସେ ଟିକେଟ ପାଇବେ ବୋଲି ଆଶା ବାନ୍ଧି ବସିଛନ୍ତି। ଅନ୍ୟପକ୍ଷେ ଭାଜପା ଜିଲା ସଭାପତି ଅରୁଣ ସାହୁ ମଧ୍ୟ ଟିକେଟ ଦୌଡ଼ରେ ଅଛନ୍ତି। ନିତେଶ ଗଙ୍ଗଦେବ ଯଦି ଟିକେଟ ନ ପାଆନ୍ତି ତାଙ୍କ ସ୍ତ୍ରୀ ରାଣୀ ଅରୁନ୍ଧତୀ ଦେବୀ ବିଜେଡି ଟିକେଟରେ ନିର୍ବାଚନ ମଇଦାନକୁ ଓହ୍ଲାଇବେ ବୋଲି ଚର୍ଚ୍ଚା ହେଉଛି । ଏ ନେଇ ନିତେଶ ଗଙ୍ଗଦେବ କୁହନ୍ତି, ଦେବଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ଉନ୍ନୟନ କାମ କରିଛି। ଲୋକଙ୍କ ସାଥିରେ ଅଛି । ଜିଲାବାସୀ ଯେ କୌଣସି ସମସ୍ୟା ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି ମୁଁ ସେମାନଙ୍କୁ ସମର୍ଥନ କରିଛି। ଏଥର ସୁଯୋଗ ମିଳିଲେ ସର୍ବପ୍ରଥମେ ବିସ୍ଥାପିତ ରେଙ୍ଗାଳି ପରିବାରକୁ କ୍ଷତି ପୂରଣ ପ୍ରଦାନ ଉପରେ ଗୁରୁତ୍ୱ ଦେବି। ତାଳଚେର-ବିମଳାଗଡ଼ ରେଳଲାଇନ ପାଇଁ ରାଜ୍ୟ ସରକାର କିଛି କରି ନାହାନ୍ତି । ମୁଁ ସେଥିପାଇଁ ଲଢେଇ କରିବି ।

ସୁବାସ ଚନ୍ଦ୍ର ପାଣିଗ୍ରାହୀ କୁହନ୍ତି, ଦଳ ଏଥର ମୋତେ ସୁଯୋଗ ମିଳିଲେ ତାଳଚେର-ବିମଳାଗଡ଼ ରେଳ ଲାଇନ,ଶୀତଳ ଭଣ୍ଡାର,ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ, କୃଷି, ବ୍ରାହ୍ମଣୀ ନଦୀରୁ ସହରରକୁ ଜଳଯୋଗାଣ, ଜିଲାର ପର୍ଯ୍ୟଟନ ସ୍ଥଳୀ ଉନ୍ନତି ସହିତ ପାଇପ ଯୋଗେ ରନ୍ଧନ ଗ୍ୟାସ ଯୋଗାଣ ଉପରେ ଗୁରୁତ୍ୱ ଦେବି ।

ଅନ୍ୟପକ୍ଷେ ଗଡ଼ ଦଖଲ ଆଶାରେ ବିଜେଡି ରହିଛି । ସେଥିପାଇଁ ଦଳରେ ଆଶାୟୀଙ୍କ ସଂଖ୍ୟା କ୍ରମାଗତ ବଢ଼ିବାରେ ଲାଗିଛି । ଏହି ଦୌଡ଼ରେ ବିଜେଡି ସଭାପତି ସୁଧୀର କୁମାର କପରଦାର, ବିଜେଡି ଉପସଭାପତି ତଥା ବାରକୋଟ ବ୍ଲକ୍‌ର ଅଧ୍ୟକ୍ଷ ଦେବେନ୍ଦ୍ର ବେହେରା ଓ ବିଜେଡି ଜିଲା କୃଷକ ସେଲ ସଭାପତି ଇଂ.ଚିତ୍ତରଞ୍ଜନ ପ୍ରଧାନ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ରୋମାଞ୍ଚକ ରଞ୍ଜନ ବିଶ୍ୱାଳ ,ଦେବଗଡ଼ ପୌରପରିଷଦର ପୂର୍ବତନ ଚେୟାରମ୍ୟାନ୍ ପ୍ରଣବ କୁମାର ପ୍ରଧାନ ଅଛନ୍ତି । ସେହିପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ଉପରେ ଗୁରୁତ୍ୱ ଦେଇଥିବାରୁ ଏଥର ନିର୍ବାଚନରେ ତା'ର ପ୍ରଭାବ ପଡ଼ିବ ବୋଲି ଆଶା କରାଯାଉଛି। ଏଥିପାଇଁ ପୂର୍ବତନ ସମାଜ ମଙ୍ଗଳ ବୋର୍ଡ଼ ଅଧ୍ୟକ୍ଷା ନିବେଦିତା ନାୟକ, ଦେବଗଡ଼ ପୌରପରିଷଦର ପୂର୍ବତନ ଅଧ୍ୟକ୍ଷା ଅନୀତା ପାତ୍ର ଏବଂ ଗତଥର ନିର୍ବାଚନ ଲଢ଼ି ପରାସ୍ତ ହୋଇଥିବା ପୂର୍ବତନ ବିଧାୟକ ସଞ୍ଜୀବ ପ୍ରଧାନଙ୍କ ସହଧର୍ମିଣୀ ଅନୀତା ପ୍ରଧାନ ମଧ୍ୟ ଆଶାୟୀ ତାଲିକାରେ ଅଛନ୍ତି ।

ସୁଧୀର କୁମାର କପରଦାର କୁହନ୍ତି, ମୁଁ ପ୍ରଥମରୁ ଜିଲା ବିଜେଡି ସଭାପତି ଭାବେ ଦାୟିତ୍ୱ ବହନ କରି ଆସିଛି। ଦେବଗଡ଼ ଏକ ଶିଳ୍ପବିହୀନ ଜିଲା । ଏହାର ଉନ୍ନତି ପାଇଁ କୃଷି ଓ କୃଷକକୁ ଗୁରୁତ୍ୱ ଦିଆଯିବ । ଦୁର୍ନୀତି, ଭ୍ରଷ୍ଟାଚାର ଯୋଗୁ ଜିଲାର ଉନ୍ନତି ହୋଇପାରୁ ନାହିଁ । ସେ ଦିଗ ପ୍ରତି ଧ୍ୟାନ ଦିଆଯିବ । ତାଳଚେର-ବିମଳାଗଡ଼ ରେଳପଥ କାମ ଶୀଘ୍ର ଶେଷ କରିବା ସହିତ ଶିକ୍ଷା,ସ୍ୱାସ୍ଥ୍ୟ ସମେତ ଜିଲାର ଉନ୍ନତି ଉପରେ ଗୁରୁତ୍ୱାରୋପ କରିବି । ନିବେଦିତା ନାୟକ କୁହନ୍ତି, ଦଳ ପକ୍ଷରୁ ବିଭିନ୍ନ ଜିଲା ପର୍ଯ୍ୟବେକ୍ଷକ ଭାବେ କାର୍ଯ୍ୟ ତୁଲାଇଛି । ଯଦି ମୋତେ ସୁଯୋଗ ମିଳେ ଦେବଗଡ଼କୁ ମଡେଲ ଜିଲାରେ ପରିଣତ କରିବାକୁ କାମ କରିବି ।


ନୀତେଶ ଗଙ୍ଗଦେବ

ଅତୀତରେ କଂଗ୍ରେସ ଏହି ନିର୍ବାଚନ ମଣ୍ଡଳୀକୁ ୩ ଥର ଦଖଲ କରିଥିଲା । ଏବେ ସେହି ସ୍ଥିତିକୁ ଫେରାଇ ଆଣିବାକୁ କଂଗ୍ରେସ ନେତାମାନେ ଅଣ୍ଟା ଭିଡିଛନ୍ତି । ୨୦୦୯ରେ କଂଗ୍ରେସ ପ୍ରାର୍ଥୀ ନିତେଶ ଗଙ୍ଗଦେବ ବିଜେଡି ପ୍ରାର୍ଥୀ ସଞ୍ଜୀବ କୁମାର ପ୍ରଧାନଙ୍କ ପାଖରୁ ୧୦ ହଜାରରୁ ଊର୍ଦ୍ଧ୍ୱ ଭୋଟରେ ପରାଜିତ ହୋଇଥିଲେ । ୨୦୧୪ରେ ନିତେଶ ଗଙ୍ଗଦେବ କଂଗ୍ରେସରୁ ଭାଜପାକୁ ଯିବା ପରେ କଂଗ୍ରେସ ପ୍ରାର୍ଥୀ ସେମ୍ ହେମ୍‌ରାମ ମାତ୍ର ୧୪,୮୦୯ ଖଣ୍ଡ ଭୋଟ ପାଇ ନିଜ ଅମାନତ ହରାଇଥିଲେ । ଏଥର ଅବଶ୍ୟ ପୂର୍ବତନ ଯୁବ କଂଗ୍ରେସ ସଭାପତି ଉମା ଶଙ୍କର ସାହୁଙ୍କୁ କଂଗ୍ରେସ ଜିଲା ସଭାପତି ଦାୟିତ୍ୱ ଦେଇଛି । ପୂର୍ବ ଅପେକ୍ଷା ଏହି ନିର୍ବାଚନମଣ୍ଡଳୀରେ କଂଗ୍ରେସରେ ବି ଆଶାୟୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଜିଲା ସଭାପତି ସାହୁ ବି ଏଥର ନିର୍ବାଚନ ଲଢ଼ିବା ପାଇଁ ଆଶା ବାନ୍ଧିଥିବା ବେଳେ କଂଗ୍ରେସର ରାଜ୍ୟ ସାଧାରଣ ସମ୍ପାଦକ ତଥା ଗତଥରର ପରାଜିତ ପ୍ରାର୍ଥୀ, ଆଦିବାସୀ ନେତା ସେମ୍ ହେମ୍‌ରାମ ମଧ୍ୟ ପୁଣି ଥରେ ଆଶାୟୀ ତାଲିକାରେ ଅଛନ୍ତି । ଏ ନେଇ ଜିଲା କଂଗ୍ରେସ ସଭାପତି ଉମା ଶଙ୍କର ସାହୁ କୁହନ୍ତି, ଛାତ୍ର ଜୀବନରୁ ମୁଁ ଲୋକଙ୍କ ସହିତ ଅଛି । ଜନସାଧାରଣଙ୍କ ସମସ୍ୟା ନେଇ ମୁଁ ଆନ୍ଦୋଳନ କରିଛି । ଆଗାମୀ ଦିନରେ ସୁଯୋଗ ମିଳିଲେ ଜିଲାର ବେକାରି ସମସ୍ୟା, ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ ପାଇଁ କାମ କରିବି । ସେମ୍ ହେମ୍‌ରାମ କୁହନ୍ତି, ଯଦି ସୁଯୋଗ ମିଳେ ଲୋକଙ୍କ ମୌଳିକ ସମସ୍ୟାର ସମାଧାନକୁ ପ୍ରାଥମିକତା ଦେବି ।

**୨୦୧୪ ନିର୍ବାଚନ ଫଳାଫଳ**

| ଦଳ | ପ୍ରାର୍ଥୀଙ୍କ ନାମ | ଭୋଟ |
|---|---|---|
| ଭାଜପା | ନୀତେଶ ଗଙ୍ଗଦେବ | ୮୯୬୩୬ |
| ବିଜେଡି | ଅନୀତା ପ୍ରଧାନ | ୫୦୮୯୭ |
| କଂଗ୍ରେସ | ସେମ୍ ହେମ୍‌ରାମ | ୧୪୮୦୯ |

**ଭୋଟର ସଂଖ୍ୟା**

| ମସିହା | ପୁରୁଷ | ମହିଳା | ଅନ୍ୟାନ୍ୟ | ମୋଟ |
|---|---|---|---|---|
| ୨୦୧୯ | ୧,୧୮,୫୩୦ | ୧.୧୪,୪୬୧ | ୧୧ | ୨,୩୩,୦୦୨ |

---

# ବିଜେଡି: ଏଥର ବି କନ୍ଦଳ

**ହେମନ୍ତ ନାୟକ**
ପୁରୀ ଅଫିସ,୧।୩


ସୁରେନ୍ଦ୍ର ସେଠୀ


ବିଶ୍ୱଭୂଷଣ ଦାସ


ତୁଷାରକାନ୍ତି ବେହେରା

ପୁରୀ ଜିଲା କାକଟପୁର ବିଧାନସଭା ନିର୍ବାଚନମଣ୍ଡଳୀ ଜଗତ୍‌ସିଂହପୁର ଲୋକ ସଭା ଆସନ ଅଧୀନରେ ରହିଛି। ୨୦୦୯ରେ ଏହି ବିଧାନସଭା ଆସନକୁ ସଂରକ୍ଷିତ କରାଯାଇଥିଲା। ଏହାଦ୍ୱାରା ୨୦୦୦ ଏବଂ ୨୦୦୪ରେ ଲଗାତର ବିଜେଡିରୁ ଜିତିଥିବା ସୁରେନ୍ଦ୍ର ନାଥ ନାୟକଙ୍କ ଲମ୍ବା ରାଜନୈତିକ କ୍ୟାରିୟର ଉପରେ ଏକପ୍ରକାର ଛକି ଟାଣି ହୋଇଗଲା। ୨୦୦୯ ଏବଂ ୨୦୧୪ରେ ବିଜେଡି ପ୍ରାର୍ଥୀ ହିଁ ଏଠାରୁ ବିଜୟୀ ହୋଇଆସୁଛନ୍ତି। କହିବାକୁ ଗଲେ ବିଜେଡି ଗଠନ ହେବା ପରଠାରୁ ଏହି ନିର୍ବାଚନମଣ୍ଡଳୀକୁ ନିଜ ଅକ୍ତିଆରରେ ରଖିଆସିଛି। ହେଲେ ଏଥର ଫଳାଫଳକୁ ନେଇ ଉଙ୍କିମାରିଲାଣି ଅନେକ ପ୍ରଶ୍ନ? ଗୋଷ୍ଠୀ କନ୍ଦଳରୁ ମୁକୁଳି ବିଜେଡି ଲଗାତର ପଞ୍ଚମ ଥର ପାଇଁ ବାଜି ମାରିନେବ ନା ପରିବର୍ତ୍ତନ ହାୱାରେ ଏଠାରେ ଗେରୁଆ ପତାକା ଉଡ଼ିବ କିମ୍ବା ୧୯୯୫ ପରଠାରୁ କ୍ଷମତାକୁ ଫେରି ନ ଥିବା କଂଗ୍ରେସ କିଛି ଚମତ୍କାରିତା ଦେଖାଇବ ଏସବୁକୁ ନେଇ ଆଶା ଅଶଙ୍କା ରହିଛି।

୨୦୦୯ରେ ରବି ମଲ୍ଲିକ ବିଜେଡି ପ୍ରାର୍ଥୀ ହୋଇ ଜିତିଥିଲେ। ଏହା ପରେ ସୁରେନ୍ଦ୍ରଙ୍କ ସହ ରବିଙ୍କର ବିବାଦ ଆରମ୍ଭ ହୋଇଥିଲା। ୨୦୧୪ରେ ଦଳ ରବିଙ୍କୁ ଆଉ ଟିକେଟ ଦେଇ ନ ଥିଲା। ବରଂ ନୂଆମୁହଁ ଭାବେ ସୁରେନ୍ଦ୍ର ସେଠୀଙ୍କୁ ପ୍ରାର୍ଥୀ କରି ଦଳ ସଫଳତା ପାଇଥିଲା। ଏବେ ପୁଣି ଗୋଷ୍ଠୀ କନ୍ଦଳ। ଦୁଇ ସୁର(ସୁରେନ୍ଦ୍ର ନାଥ ନାୟକ ଓ ସୁରେନ୍ଦ୍ର ସେଠୀ)ଙ୍କ ମଧ୍ୟରେ ବିବାଦ ଦାଣ୍ଡରେ ପଡି ହାଟରେ ଗଡିଲାଣି। ଏହି ଦୁଇଜଣଙ୍କ ମଧ୍ୟରେ ଉପୁଜିଥିବା ବିବାଦର ପ୍ରଭାବ ନିର୍ବାଚନମଣ୍ଡଳୀର ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି କରୁଥିବା ମଧ ଚର୍ଚ୍ଚା ହେଉଛି। ବରିଷ୍ଠ ବିଜେଡି ନେତା ସୁର ନାୟକ ଦ୍ୱିତୀୟଥର ଲାଗି ସୁରେନ୍ଦ୍ର ସେଠୀ ପ୍ରାର୍ଥୀ ହୁଅନ୍ତୁ ଚାହୁଁ ନ ଥିବା ଶୁଣିବାକୁ ମିଳୁଛି। ଏମିତି କି କାକଟପୁର ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ବିଦେଶୀ ସୁର ସେଠୀ ହଟାଅ, କାକଟପୁର ନିର୍ବାଚନମଣ୍ଡଳୀ ବଞ୍ଚାଅ, ଆଉ ଟିକେଟ ନାହିଁ ଲେଖାଥିବା ପୋଷ୍ଟର ଲଗାଯାଇଛି। ବିଜେଡିର ଏହି ଗୋଷ୍ଠୀ କନ୍ଦଳକୁ ନେଇ କର୍ମୀଙ୍କ ମଧ୍ୟରେ ନାନା ଆଲୋଚନା ହେଉଛି।

ଅନ୍ୟପକ୍ଷରେ ୨୦ବର୍ଷ ହେବ ବିଜେଡି ଏଠାରେ କ୍ଷମତା ହାତଉଥିଲେ ମଧ୍ୟ ଆଖିଦୃଶିଆ କାମ ହୋଇପାରି ନାହିଁ ବୋଲି ବିରୋଧୀ କହୁଛନ୍ତି। ନିର୍ବାଚନମଣ୍ଡଳୀର ସାମ୍ପ୍ରତିକ ରାଜନୈତିକ ଦୃଶ୍ୟପଟକୁ ଦେଖିଲେ ଏଥର ବିଧାୟକ ସୁରେନ୍ଦ୍ର ସେଠୀଙ୍କୁ ବିଜେଡି ଟିକେଟ ଦେବ କି ନାହିଁ ସେନେଇ ଆଶଙ୍କା ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ ପୁଣି ବିଜେଡି ଟିକେଟ ପାଇବେ ବୋଲି ବିଧାୟକ ସୁରେନ୍ଦ୍ର ସେଠୀ ଦୃଢ଼ନିଶ୍ଚିତ ଥିବାବେଳେ ପୂର୍ବତନ ବିଧାୟକ ରବି ମଲ୍ଲିକ, ଅଭୟ ସେଠୀ, ପ୍ରସନ୍ନ ବେହେରା, ଚୈତନ୍ୟ ସେଠୀ ଓ ସୂର୍ଯ୍ୟକାନ୍ତ ଦାସ ମଧ୍ୟ ଟିକେଟ୍ ପାଇବାକୁ ଆଶାୟୀ ଅଛନ୍ତି। ବିଧାୟକ ସେଠୀ କହିଛନ୍ତି, ଟିକେଟ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଯାହା ନିଷ୍ପତ୍ତି ନେବେ ତାକୁ ମାନିନେବି। କାକଟପୁର ବିଜେଡିରେ କୌଣସି ଗୋଷ୍ଠୀ କନ୍ଦଳ ନାହିଁ। କାହାର ବ୍ୟକ୍ତିଗତ ସ୍ୱାର୍ଥ ପ୍ରତି ଯଦି କିଛି ଆଞ୍ଚ ଆସିଥିବ ସେମାନେ କିଛି ଏମିତି କହୁଥିବେ। ବିଭିନ୍ନ ସ୍ଥାନରେ ଯେଉଁ ପୋଷ୍ଟର ଲଗାଯାଇଛି ତାହା ସମ୍ପୂର୍ଣ୍ଣ ପ୍ରାୟୋଜିତ। କାକଟପୁର ନିର୍ବାଚନ ମଣ୍ଡଳୀର ୭୦ ଭାଗ ଭୋଟ ବିଜେଡିର ରହିଛି ବୋଲି ସେ କହିଛନ୍ତି। ପୂର୍ବତନ ବିଧାୟକ ରବି ମଲ୍ଲିକ କହିଛନ୍ତି, ଟିକେଟ ପାଇବି ବୋଲି ଆଶା ତ ରଖିଛି। ମୋ ସମୟରେ ଅସ୍ତରଙ୍ଗ ଉପକୂଳରେ ସୁନାମି ପ୍ରତିରୋଧ ବନ୍ଧ ସାଙ୍ଗକୁ ବିଭିନ୍ନ ଉନ୍ନୟନମୂଳକ କାମ ହୋଇଛି। ଗତ ନିର୍ବାଚନରେ ମୋ ସହିତ ଅନ୍ୟାୟ କରାଯାଇଛି। ଏଥର ଏପରି କିଛି ହେବନି ବାଲି ମୋର ଆଶା। ପ୍ରସନ୍ନ ବେହେରା କହିଛନ୍ତି, ଛାତ୍ର ଜୀବନରୁ ରାଜନୀତିରେ ରହିଛି। ବିଜୁବାବୁଙ୍କ ସହିତ ଥିଲି ଏବେ ନବୀନ ବାବୁଙ୍କ ସହ ଅଛି। ବର୍ତ୍ତମାନ ଓଡ଼ିଶା ମତ୍ସ୍ୟଜୀବୀ ସଂଘ ସଭାପତି ରହିଛି। ନିଶ୍ଚିତ ମୁଖ୍ୟମନ୍ତ୍ରୀ ମୋ କଥା ବିଚାର କରି ଟିକେଟ ଦେବେ ବୋଲି ଆଶା ରଖିଛି। ସେହିଭଳି ସମାନ ଢଙ୍ଗରେ କହିଛନ୍ତି ଅଭୟ ସେଠୀ। ସେ କହିଛନ୍ତି, କଲେଜ କ୍ୟାରିୟରରୁ ରାଜନୀତି ସହ ସମ୍ପୃକ୍ତ ରହିଛି। ଦଳର ଜଣେ ଶୃଙ୍ଖଳିତ କର୍ମୀ ଭାବେ ଦୀର୍ଘବର୍ଷ ହେଲା କାମ କରିଆସୁଛି। ବିଗତ ଦିନରେ ସୁରେନ୍ଦ୍ର ନାଥ ନାୟକଙ୍କ ସହିତ ସବୁ କାର୍ଯ୍ୟକ୍ରମରେ ସାମିଲ ହୋଇ ଦଳ ପାଇଁ କାମ କରିଛି। ତେଣୁ ଶତପ୍ରତିଶତ ଟିକେଟ ପାଇବି ବୋଲି ମୋର ବିଶ୍ୱାସ। ସୂର୍ଯ୍ୟକାନ୍ତ ଦାସ କହିଛନ୍ତି, ଦୀର୍ଘବର୍ଷ ହେଲା ଲୋକମାନଙ୍କ ସହ ରହିଆସିଛି।




**ନିର୍ବାଚନମଣ୍ଡଳୀ ରୂପରେଖ**
କାକଟପୁର ବ୍ଲକର ୧୬ ପଞ୍ଚାୟତ, ଅସ୍ତରଙ୍ଗ ବ୍ଲକର ୧୫, ଗୋପ ବ୍ଲକର ୧୪ ପଞ୍ଚାୟତ ଏବଂ କୋଣାର୍କ ଏନ୍‌ଏସିର ୧୩ଟି ୱାର୍ଡକୁ ନେଇ ଏହି ନିର୍ବାଚନମଣ୍ଡଳୀ ଗଠିତ। ନିର୍ବାଚନମଣ୍ଡଳୀର ଜନସଂଖ୍ୟା ୩,୧୦,୨୫୬। ୨୦୧୯ ଭୋଟର ତାଲିକା ଅନୁଯାୟୀ ମୋଟ ମତଦାତାଙ୍କ ସଂଖ୍ୟା ୨,୩୬,୬୫୫।

ବିଶେଷକରି କାକଟପୁର ନିର୍ବାଚନମଣ୍ଡଳୀବାସୀଙ୍କ ମୁଖ୍ୟ ଆୟ ହେଉଛି ପାନ, ମୀନ ଓ ଧାନ। ଏସବୁର ଅଧିକ ଅମଳ ଏବଂ ସହଜରେ କିପରି ବିକ୍ରି ସୁବିଧା ପାଇବେ ତାହା ଉପରେ ଗୁରୁତ୍ୱ ଦେଇଆସୁଛି। ଦଳର ଜଣେ ସକ୍ରିୟ କର୍ମୀ ଏବଂ କାକଟପୁର ମାଟିର ପୁଅ ଭାବେ ମୁଖ୍ୟମନ୍ତ୍ରୀ ନିଶ୍ଚିତ ମୋ ପ୍ରାର୍ଥିତ୍ୱକୁ ଗୁରୁତ୍ୱ ଦେବେ ବୋଲି ଆଶା ରଖିଛି। ଏମାନଙ୍କ ଛଡା ଚୈତନ୍ୟ ସେଠୀଙ୍କ ନାଁ ବି ଚର୍ଚ୍ଚା ହେଉଛି। ସେ ମଧ୍ୟ ଟିକେଟ ପାଇବାକୁ ଆଶାବାଦୀ ଅଛନ୍ତି।

ସେହିପରି ଭାଜପାରୁ ତୁଷାରକାନ୍ତି ବେହେରା, ସର୍ବେଶ୍ୱର ମଲ୍ଲିକ ଏବଂ ଅଶୋକ ସେଠୀଙ୍କ ନାଁକୁ ନେଇ ଚର୍ଚ୍ଚା ହେଉଛି। ତୁଷାରକାନ୍ତି କହିଛନ୍ତି, ଟିକେଟ ସମ୍ପର୍କରେ କେନ୍ଦ୍ରୀୟ କମିଟି ହିଁ ଯାହା ନିଷ୍ପତ୍ତି ନେବ। ପଞ୍ଚାୟତ ନିର୍ବାଚନରେ ମୋ ନେତୃତ୍ୱରେ ଦଳ କାକଟପୁରରେ ଭଲ ଫଳାଫଳ କରିଥିବାରୁ ଟିକେଟ ପାଇବି ବୋଲି ଆଶା ଅଛି। ସର୍ବେଶ୍ୱର ମଲ୍ଲିକ କହିଛନ୍ତି, ଲୋକଙ୍କ ସାଙ୍ଗରେ ରହିଛି। ମୁଁ ଦଳ ପାଇଁ କାମ କରିଛି, ଦଳ ମୋ ପ୍ରତି ଯାହା ବିଚାର କରିବ। ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ସମ୍ପାଦକ ଥିବା ଅଶୋକ ସେଠୀ କହିଛନ୍ତି, ୨୦୧୪ରେ ଆଶାୟୀ ଥିଲି। ଏଥର ଦଳ ମୋ ଗୁରୁତ୍ୱକୁ ଉପଲବ୍ଧି କରି ଯାଜପୁର ଜିଲା ଭାଜପା ପ୍ରଭାରୀ ଦାୟିତ୍ୱ ଦେଇଛି। ତେଣୁ ଏଥର ପ୍ରାର୍ଥୀ ହେବା ପାଇଁ ଆଶାୟୀ ରହିଛି। କଂଗ୍ରେସରୁ ରବୀନ୍ଦ୍ର ସେଠୀ ଏବଂ ବିଶ୍ୱଭୂଷଣ ଦାସଙ୍କ ନାଁ ଆଲୋଚନା ହେଉଛି। ରବୀନ୍ଦ୍ର କହିଛନ୍ତି, ଦଳର ହାଇକମାଣ୍ଡ ଯାହା ନିଷ୍ପତ୍ତି ନେବେ। ପୂର୍ବରୁ ମନ୍ତ୍ରୀ ଥିବା ସମୟରେ ଏହି ଅଞ୍ଚଳରେ ବହୁ ଉନ୍ନୟନମୂଳକ କାମ କରିଛି। ୨୦୧୪ରେ ମଧ୍ୟ ପ୍ରାର୍ଥୀ ହୋଇ ଦ୍ୱିତୀୟ ସ୍ଥାନରେ ରହିଥିଲି। ଏଣୁ ଚଳିତବର୍ଷ ପ୍ରାର୍ଥୀ ହେବି ବୋଲି ଆଶା ରଖିଛି। ବିଶ୍ୱଭୂଷଣ ମଧ୍ୟ ସମାନ ଢଙ୍ଗରେ ମତ ରଖିଛନ୍ତି। ସେ କହିଛନ୍ତି, ୨୦୦୯ରେ ଲଢି ପରାଜିତ ହୋଇଥିଲି। ୨୦୧୪ରେ ମୋତେ ଟିକେଟ ମିଳି ନ ଥିଲା। ହେଲେ ଏଥର ପିସିସି ସଭାପତି ଚାହୁଁଛନ୍ତି ଯେଉଁମାନେ ଲୋକଙ୍କ ସହିତ ଅଛନ୍ତି ଏବଂ ଦଳର ଗାଇଡ୍ ଲାଇନ ମାନୁଛନ୍ତି ସେମାନଙ୍କୁ ଟିକେଟ କ୍ଷେତ୍ରରେ ପ୍ରାଥମିକତା ଦିଆଯିବ। ତେଣୁ ଟିକେଟ ପାଇଁ ଆଶାବାଦୀ ରହିଛି ବୋଲି ବିଶ୍ୱଭୂଷଣ କହିଛନ୍ତି।

**୨୦୧୪ ନିର୍ବାଚନ ଫଳାଫଳ**

| ପ୍ରାର୍ଥୀ | ଦଳ | ଭୋଟ |
|---|---|---|
| ସୁରେନ୍ଦ୍ର ସେଠୀ | ବିଜେଡି | ୮୯,୯୬୩ |
| ରବୀନ୍ଦ୍ର ସେଠୀ | କଂଗ୍ରେସ | ୪୮,୯୩୩ |
| ତୁଷାରକାନ୍ତି ବେହେରା | ଭାଜପା | ୧୨,୦୯୩ |
| କମଳ ବେହେରା | ସିପିଆଇ | ୩,୬୦୯ |



ଏତେ କମ୍ ସମୟ ମଧ୍ୟରେ ପାକିସ୍ତାନରୁ ଭାରତୀୟ ବାୟୁସେନା ପାଇଲଟ ଅଭିନନ୍ଦନ ବର୍ଥମାନଙ୍କ ଘରବାହୁଡ଼ା ଆମର କୂଟନୈତିକ ବିଜୟ।
-ଅମିତ୍ ଶାହ,
ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ






ବାୟୁସେନା ପାଇଲଟ ଅଭିନନ୍ଦନଙ୍କ ମୁକ୍ତି ନେଇ ନୂଆଦିଲ୍ଲୀରେ ଉତ୍ସବ ମନାଉଛନ୍ତି ଲୋକେ।



ଜମ୍ମୁ-କଶ୍ମୀରର ବଡ଼ଗାମ୍‌ରେ ଦୁର୍ଘଟଣାଗ୍ରସ୍ତ ବାୟୁସେନା ହେଲିକପ୍ଟରର ପାଇଲଟ ଦୀପକ ପାଣ୍ଡେଙ୍କ ପାର୍ଥିବ ଶରୀର ଉତ୍ତରପ୍ରଦେଶର କାନପୁରକୁ ନିଆଯାଇଥିବାବେଳେ ଜନସମୁଦ୍ର।



ପାଇଲଟ ଅଭିନନ୍ଦନ ବର୍ଥମାନ ଅଟ୍ଟାରି-ୱାଘା ସୀମାରେ ପହଞ୍ଚିବା ପରେ ନିକଟସ୍ଥ ଏକ ସେନା ଘାଟିରେ ସଜାଗ ସୁରକ୍ଷା ବଳ।

## ସଂକ୍ଷେପରେ

### ପ୍ରତ୍ୟେକ ଭାରତୀୟ ଗର୍ବିତ



**କନ୍ୟାକୁମାରୀ,୧।୩(ପି.ଟି.):** ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ବର୍ଥମାନଙ୍କୁ ନେଇ ସାରା ଦେଶ ଗର୍ବିତ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ତାମିଲନାଡୁର କନ୍ୟାକୁମାରୀରେ ମୋଦି କହିଛନ୍ତି, ସଶସ୍ତ୍ର ବଳକୁ ସନ୍ଦେହ କରୁଥିବା ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀମାନେ ପାକିସ୍ତାନକୁ ସାହାଯ୍ୟ କରୁଛନ୍ତି। କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ୨୦୦୮ରେ ୨୬/୧୧ ମୁମ୍ବାଇ ଆକ୍ରମଣ ପରେ ସର୍ଜିକାଲ ଷ୍ଟ୍ରାଇକ୍ କରିବାକୁ ପଛଘୁଞ୍ଚା ଦେଉଥିଲା। ଏବର ସରକାର ଶତ୍ରୁପକ୍ଷର କିଛି ବରଦାସ୍ତ କରିବେ ନାହିଁ। ତାମିଲନାଡୁର ନିର୍ମଳା ସୀଥାରାମନ୍ ଦେଶର ପ୍ରଥମ ମହିଳା ପ୍ରତିରକ୍ଷାମନ୍ତ୍ରୀ ହୋଇଥିବାରୁ ମୁଁ ଖୁସି। ଏହି ରାଜ୍ୟର ବାୟୁସେନା ପାଇଲଟ ଅଭିନନ୍ଦନଙ୍କ ପରାକ୍ରମକୁ ନେଇ ପ୍ରତ୍ୟେକ ଭାରତୀୟ ଗର୍ବିତ।

### ଖୁସି କିନ୍ତୁ ଅଧିକ ଲୋଡ଼ା

**ଗାଜିଆବାଦ,୧।୩(ପି.ଟି.):** ୱିଙ୍ଗ କମାଣ୍ଡର ଅଭିନନ୍ଦନ ବର୍ଥମାନଙ୍କୁ ପାକିସ୍ତାନ ମୁକ୍ତ କରିଦେଇଥିବାରୁ ଏଥିରେ କେନ୍ଦ୍ରମନ୍ତ୍ରୀ ତଥା



ପୂର୍ବତନ ସେନାଧ୍ୟକ୍ଷ ଭି.କେ. ସିଂ ଖୁସି ବ୍ୟକ୍ତ କରିଛନ୍ତି। ତେବେ ଦୁଇ ଦେଶ ମଧ୍ୟରେ ଶାନ୍ତି ଫେରାଇଆଣିବା ଲାଗି ପଡୋଶୀ ଦେଶ ଅନେକ କିଛି କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ଉତ୍ତେଜନା ହ୍ରାସ ଲାଗି କେନ୍ଦ୍ର ସରକାର ଉପଯୁକ୍ତ ପଦକ୍ଷେପ ନେଉଛନ୍ତି ବୋଲି ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ସୂଚନା ଦେଇଛନ୍ତି।

### ବାୟୁସେନା, ନୌସେନା ମୁଖ୍ୟଙ୍କୁ ଜେଡ ପ୍ଲସ୍ ସୁରକ୍ଷା

**ନୂଆଦିଲ୍ଲୀ,୧।୩:** ସର୍ଜିକାଲ ଷ୍ଟ୍ରାଇକ୍ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିବାରୁ ବାୟୁସେନା ମୁଖ୍ୟ ଏୟାର ଚିଫ ମାର୍ଶାଲ ବି.ଏସ. ଧନୋଆ ଏବଂ ନୌସେନା ମୁଖ୍ୟ ଆଡମିରାଲ ସୁନିଲ ଲାନ୍‌ବାଙ୍କୁ ଜେଡ-ପ୍ଲସ୍ ସୁରକ୍ଷା ପ୍ରଦାନ କରାଯାଇଛି। ସ୍ଥଳସେନା ମୁଖ୍ୟଙ୍କୁ ପୂର୍ବରୁ ଏହି ସୁରକ୍ଷା ମିଳିଥିଲା। ଏଣିକି ସେମାନଙ୍କୁ ନିଜ ବାହିନୀର କମାଣ୍ଡୋମାନେ ସୁରକ୍ଷା ଯୋଗାଇଦେବେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜଣାଇ ଦିଆଯାଇଛି।

# ଆତଙ୍କବାଦରୁ ଅସ୍ଥିରତା

## ସହାୟତା ଦେଉଥିବା ରାଷ୍ଟ୍ର ନିବୃତ୍ତ ରହନ୍ତୁ

**ଆବୁଧାବୀ,୧।୩(ପି.ଟି.)**



■ଓଆଇସିରେ ଭାରତର ପ୍ରଥମ ଉଦ୍‌ବୋଧନ

■ପାକ୍‌ର ବିରୋଧ ସତ୍ତ୍ୱେ ସୁଷମା ସ୍ୱରାଜ ସମ୍ମାନିତ ଅତିଥି

ଇସ୍‌ଲାମୀୟ ସହଯୋଗ ସଂଗଠନ (ଓଆଇସି) ବୈଦେଶିକ ମନ୍ତ୍ରୀମାନଙ୍କ ସମ୍ମିଳନୀରେ ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆତଙ୍କବାଦ ବିରୋଧରେ ଲଢ଼େଇ ପାଇଁ ଆହ୍ୱାନ ଦେଇଛନ୍ତି। ଆତଙ୍କବାଦ ବହୁ ଜୀବନ ନଷ୍ଟ କରୁଛି। ଏହା ଆଞ୍ଚଳିକ ଅସ୍ଥିରତାର କାରଣ ହୋଇଛି। ଏହା ସାରା ବିଶ୍ୱ ପାଇଁ ବିପଦ ହୋଇ ଛିଡାହୋଇଛି । ତେଣୁ ଯେଉଁ ରାଷ୍ଟ୍ର ଆତଙ୍କବାଦୀ ସଂଗଠନଗୁଡିକୁ ସହାୟତା ଓ ସମର୍ଥନ ଯୋଗାଇ ଦେଉଛନ୍ତି ସେମାନେ ସେଥିରୁ ନିବୃତ୍ତ ରହିବାକୁ ବହିର୍ବ୍ୟାପାର ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ପାକିସ୍ତାନର ନାଁ ନେଇ ନ ଥିଲେ ମଧ୍ୟ ଆତଙ୍କବାଦ ପାଇଁ ସୁଷମା ପରୋକ୍ଷରେ ପଡୋଶୀ ଦେଶକୁ ଦୋଷାରୋପ କରିଛନ୍ତି।

ଆତଙ୍କବାଦ ବିରୋଧରେ ଲଢ଼େଇ କୌଣସି ନିର୍ଦ୍ଦିଷ୍ଟ ଧର୍ମ ବିରୋଧରେ ନୁହେଁ କି ହୋଇପାରିବ ନାହିଁ। ପବିତ୍ର କୋରାନ, ଗୁରୁ ଗ୍ରନ୍ଥସାହିବ ଏବଂ ଋଗ୍‌ବେଦରୁ ପଙ୍‌କ୍ତି ଉଦ୍ଧାର କରି ସୁଷମା କହିଥିଲେ, ଇସ୍‌ଲାମର ଅର୍ଥ ଶାନ୍ତି, ଆଲ୍ଲାଙ୍କର ୯୯ ନାଁ ମଧ୍ୟରୁ କୌଣସିଟିର ଅର୍ଥ ହିଂସା ନୁହେଁ। ବିଶ୍ୱର ସବୁ ଧର୍ମ ଶାନ୍ତି, ସୌହାର୍ଦ୍ଦ୍ୟ ଓ ଭ୍ରାତୃଭାବ ଉପରେ ପର୍ଯ୍ୟବସିତ । ଆତଙ୍କବାଦ ଏବଂ ଉଗ୍ରବାଦ ମଧ୍ୟରେ କିଛି ପାର୍ଥକ୍ୟ ନାହିଁ। କେବଳ ନାମରେ ପରିବର୍ତ୍ତନ ହୋଇଛି। ଏମାନେ ଧର୍ମର ଉଦ୍ଦେଶ୍ୟକୁ ବିକୃତ କରି ଲୋକଙ୍କ ଧର୍ମୀୟ ଭାବନାକୁ ବିପଥଗାମୀ କରୁଛନ୍ତି। ମାନବ ସମାଜର ସୁରକ୍ଷା ଚାହୁଁଥିଲେ ଆତଙ୍କବାଦ ଭିତ୍ତିଭୂମିକୁ ଧ୍ୱଂସ କରିବା ଲାଗି ଏଭଳି ରାଷ୍ଟ୍ରଗୁଡ଼ିକୁ ଓଆଇସି ପରାମର୍ଶ ଦେବାକୁ ସୁଷମା କହିଛନ୍ତି।

ପାକିସ୍ତାନର ତୀବ୍ର ବିରୋଧ ସତ୍ତ୍ୱେ ଭାରତ ଓଆଇସି ବୈଠକରେ ଭାଗ ନେଇଛି। ସୁଷମାଙ୍କୁ ଦିଆଯାଇଥିବା ଆମନ୍ତ୍ରଣ ପ୍ରତ୍ୟାହାର କରାଯିବାକୁ ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ କୁରେଶୀ ଚାପ ପକାଇ ବିଫଳ ହେବା ପରେ ନିଜେ ଉକ୍ତ ବୈଠକକୁ ବର୍ଜନ କରିଛନ୍ତି। ୫୭ ଇସ୍‌ଲାମୀୟ ରାଷ୍ଟ୍ରଙ୍କ ଏହି ସମ୍ମିଳନୀରେ ପ୍ରଥମ ଥର ଲାଗି ଜଣେ ଭାରତୀୟ ମନ୍ତ୍ରୀ ଯୋଗଦେଇ ଉଦ୍‌ବୋଧନ ଦେଇଛନ୍ତି। ଏହା ଭାରତ ପାଇଁ ଏକ ବଡ଼ କୂଟନୈତିକ ସଫଳତା ବୋଲି କୁହାଯାଉଛି। ୧୯୬୯ରେ ଇନ୍ଦିରା ଗାନ୍ଧୀଙ୍କ ମନ୍ତ୍ରିମଣ୍ଡଳରେ ବରିଷ୍ଠ ମନ୍ତ୍ରୀ ଥିବା ଏବଂ ପରେ ରାଷ୍ଟ୍ରପତି ହୋଇଥିବା ଫକ୍‌ରୁଦ୍ଦିନ ଅଲି ଅହମଦଙ୍କୁ ଓଆଇସିର ରାବାତରେ ଅନୁଷ୍ଠିତ ସମ୍ମିଳନୀରେ ଯୋଗଦେବାକୁ ଆମନ୍ତ୍ରଣ କରାଯାଇଥିଲେ ହେଁ ପାକିସ୍ତାନର ଚାପ ଫଳରେ ଏହାକୁ ବାତିଲ କରାଯାଇଥିଲା।

### ବୈଠକକୁ ବର୍ଜନ କଲା ପାକିସ୍ତାନ

**ଇସ୍‌ଲାମାବାଦ,୧।୩(ପି.ଟି.):** ଇସ୍‌ଲାମୀୟ ସହଯୋଗ ସଂଗଠନ (ଓଆଇସି)ର ପ୍ରତିଷ୍ଠାତା ସଦସ୍ୟ ହୋଇ ମଧ୍ୟ ପାକିସ୍ତାନ ଏହାର ବୈଠକକୁ ବର୍ଜନ କରିଛି। ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ଦ୍ୱାରା ଆୟୋଜିତ ଏହି ଦୁଇଦିନିଆ ସମ୍ମିଳନୀରେ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜଙ୍କୁ ସମ୍ମାନିତ ଅତିଥି ଭାବେ ଯୋଗଦେବା ଲାଗି ଆମନ୍ତ୍ରଣ କରାଯାଇଥିବାରୁ ପାକିସ୍ତାନ ଏହାର ବିରୋଧ କରିଥିଲା। ଉକ୍ତ ଆମନ୍ତ୍ରଣକୁ ପ୍ରତ୍ୟାହାର କରିନେବା ଲାଗି ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ କୁରେଶୀ ଅନୁରୋଧ କରିଥିଲେ। ତେବେ ତାଙ୍କର ଅନୁରୋଧକୁ ଆୟୋଜକ ରାଷ୍ଟ୍ର ପ୍ରତ୍ୟାଖ୍ୟାନ କରିଦେବାରୁ ସେ ଉକ୍ତ ସମ୍ମିଳନୀରେ ଯୋଗଦେବେ ନାହିଁ ବୋଲି ପାର୍ଲାମେଣ୍ଟକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଅସୁବିଧାବେଳେ ୟୁଏଇ ସବୁବେଳେ ପାକିସ୍ତାନକୁ ସହାୟତା କରି ଆସିଛି। ତେବେ ଇସ୍‌ଲାମାବାଦର ପ୍ରତିବାଦ ସତ୍ତ୍ୱେ ସୁଷମାଙ୍କୁ ଦିଆଯାଇଥିବା ଆମନ୍ତ୍ରଣ ପ୍ରତ୍ୟାହାର କରା ନ ଯିବାରୁ ସେ ବୈଠକ ବର୍ଜନ କରୁଥିବା କହିଛନ୍ତି।



■ 'ମୃତ' ଆତଙ୍କବାଦୀଙ୍କ ଗୁଳିମାଡ଼

# ୪ ଯବାନ ଶହୀଦ

**ଶ୍ରୀନଗର,୧।୩(ପି.ଟି.)**

ଜମ୍ମୁ-କଶ୍ମୀରର କୁପୱାଡ଼ା ଜିଲାରେ ଶୁକ୍ରବାର ସୁରକ୍ଷା ବଳ ପକ୍ଷରୁ ଏନ୍‌କାଉଣ୍ଟର କରାଯାଇଛି। ଏଥିରେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ଗୁଳି ବିନିମୟ ବେଳେ ୪ ଯବାନ ଶହୀଦ ହୋଇଛନ୍ତି।

କୁପୱାଡ଼ାସ୍ଥିତ ବଡ଼ଗାମ୍ ଅଞ୍ଚଳର କ୍ରାଲଗୁଣ୍ଡ ଆତଙ୍କବାଦୀମାନେ ଲୁଚି ରହିଥିବା ନେଇ ସୁରକ୍ଷା ବଳକୁ ଗୋଇନ୍ଦା ସୂଚନା ମିଳିଥିଲା। ଯବାନମାନେ ସମ୍ପୃକ୍ତ ଅଞ୍ଚଳକୁ ଘେରି ତଲାସି ଅଭିଯାନ ଚଳାଇଥିବାବେଳେ ଆତଙ୍କବାଦୀମାନେ ସେମାନଙ୍କ ଉପରେ ଗୁଳିବର୍ଷା କରିଥିଲେ। ଦିନ ସାରା ଅନେକ ଥର ଗୁଳି ବିନିମୟ ହୋଇଥିଲା। ଆତଙ୍କବାଦୀମାନେ ଏକ ଘରେ ଲୁଚିରହିଥିବା ଜାଣିବା ପରେ ଯବାନମାନେ ସେପଟକୁ ଅଗ୍ରସର ହୋଇଥିଲେ। ସେମାନେ ସେଠାରେ ପଡ଼ିଥିବା ଜଣେ ଆତଙ୍କବାଦୀଙ୍କୁ ମୃତ ବୋଲି ଧରିନେଇଥିଲେ। ହେଲେ ସେ ଜୀବିତ ଥିଲେ। ତାଙ୍କ ଗୁଳିମାଡ଼ରେ ସିଆର୍‌ପିଏଫ୍ ଇନ୍ସପେକ୍ଟର, ଜଣେ ଯବାନ ଓ ୨ ପୋଲିସ ଶହୀଦ ହୋଇଛନ୍ତି। ଯବାନଙ୍କ ଜବାବରେ ୨ ଅତଙ୍କବାଦୀ ନିହତ ହୋଇଛନ୍ତି। ଅନ୍ୟପକ୍ଷରେ ଏହାକୁ ବିରୋଧ କରି ସ୍ଥାନୀୟ ଯୁବକମାନେ ସୁରକ୍ଷା ବଳକୁ ଟେକାମାଡ଼ କରିଛନ୍ତି। ସେମାନଙ୍କୁ ଘଉଡ଼ାଇବାକୁ ଯାଇ ଯବାନ ନେଇଥିବା କାର୍ଯ୍ୟାନୁଷ୍ଠାନରେ ୪ ସ୍ଥାନୀୟ ଲୋକ ଆହତ ହୋଇଛନ୍ତି।

## ସୀମାପାର ଗୁଳିରେ ମହିଳା ନିହତ

**ଜମ୍ମୁ,୧।୩(ପି.ଟି.)**

ଜମ୍ମୁ-କଶ୍ମୀରର ରାଜୌରି ଓ ପୁଞ୍ଚ୍ ଜିଲା ସଂଲଗ୍ନ ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ କ୍ରମାଗତ ୮ ଦିନ ଧରି ଅସ୍ତ୍ରବିରତି ଉଲ୍ଲଂଘନ କରିଛି ପାକିସ୍ତାନ। ପ୍ରତିପକ୍ଷ ସେନାର ଗୁଳିବର୍ଷା ଓ ମୋର୍ଟାର ମାଡ଼ରେ ପୁଞ୍ଚ୍‌ର ନସିମା ଅଖତର ନାମ୍ନୀ ଜଣେ ମହିଳା ନିହତ ହୋଇଥିବାବେଳେ ଅନେକ ଆହତ ହୋଇଛନ୍ତି। ଭାରତୀୟ ସେନା ଏହାର କଡ଼ା ଜବାବ ଦେଉଥିବା ଜଣେ ଅଧିକାରୀ କହିଛନ୍ତି।



ପାକିସ୍ତାନୀ ସେନା ମାଡ଼ କରିଥିବା ଏକ ମୋର୍ଟାରକୁ ପୁଞ୍ଚ୍ ସେକ୍ଟର ମେନ୍ଧାରର ଜଣେ ମହିଳା ଦେଖାଉଛନ୍ତି।

## ୧୫ ବର୍ଷ ପୂର୍ବେ 'ର' ଠାବ କରିଥିଲା ବାଲାକୋଟ ଶିବିର

**ନୂଆଦିଲ୍ଲୀ,୧।୩(ପି.ଟି.)**




ପାକିସ୍ତାନର ବାଲାକୋଟରେ ଥିବା ଜୈଶ୍-ଇ-ମହମ୍ମଦ (ଜେଇଏମ୍)ର ଆତଙ୍କବାଦୀ ଶିବିର ୧୫ ବର୍ଷ ତଳୁ ଭାରତର ବହିର୍ଦେଶୀୟ ଗୋଇନ୍ଦା ସଂସ୍ଥା ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ (ର) ନଜରରେ ରହିଥିଲା। ତେବେ ଭାରତ ତୁରନ୍ତ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଚାହିଁ ନ ଥିଲା। ବାଲାକୋଟ ଆକ୍ରମଣ ଅର୍ଥ ପାକିସ୍ତାନର ବହୁ ଭିତରକୁ ପ୍ରବେଶ କରି ଟାର୍ଗେଟକୁ ମାଡ଼ କରିବାକୁ ହେବ। ଏଥିପାଇଁ ସରକାରଙ୍କଠାରୁ ସବୁଜ ସଙ୍କେତ ମିଳି ନ ଥିଲା ବୋଲି ପୂର୍ବତନ 'ର' ଅଧିକାରୀ ଅମର ଭୂଷଣ ଗଣମାଧ୍ୟମକୁ କହିଛନ୍ତି।

ବାଲାକୋଟ ହେଉଛି ଜେଇଏମ୍‌ର ସର୍ବବୃହତ ଏବଂ ସବୁଠୁ ବିପଜ୍ଜନକ ଆତଙ୍କବାଦୀ ପ୍ରସ୍ତୁତି କାରଖାନା ଯାହାକୁ ବହୁ ଆଗରୁ ଆକ୍ରମଣ କରିବାର ଥିଲା ବୋଲି ଭୂଷଣ କହିଛନ୍ତି। ଏପରିକି ୨୦୧୬ ସର୍ଜିକାଲ ଷ୍ଟ୍ରାଇକ୍ ପୂର୍ବରୁ ବାଲାକୋଟ ସମ୍ପର୍କରେ ସରକାର ନିଷ୍ପତ୍ତି ନେଇପାରନ୍ତି ବୋଲି ଆଶା କରାଯାଉଥିଲେ ହେଁ ତାହା ହୋଇ ନ ଥିଲା। ଗତ ୨୬ ତାରିଖରେ ବାଲାକୋଟ ସର୍ଜିକାଲ ଷ୍ଟ୍ରାଇକରେ କେତେଜଣ ଆତଙ୍କବାଦୀ ନିହତ ହେଲେ ତାହା ବଡ଼ କଥା ନୁହେଁ, ଜେଇଏମ୍‌ର ଏକ ନିୟମିତ ପ୍ରଶିକ୍ଷଣ ଶିବିର ଧ୍ୱଂସ ହେବା ମୁଖ୍ୟ ପ୍ରସଙ୍ଗ। ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେଇ ଭାରତ ଏକ ବଳିଷ୍ଠ ବାର୍ତ୍ତା ଦେଇପାରିଥିବା ଭୂଷଣ କହିଛନ୍ତି। ଏୟାର ଷ୍ଟ୍ରାଇକ୍‌ର ଅନ୍ୟ ଏକ ବାର୍ତ୍ତା ହେଲା ସେମାନେ କେଉଁଠି ରହୁଛନ୍ତି ଏବଂ କି ପ୍ରକାର ସହାୟତା ପାଉଛନ୍ତି ତାହା ଆମେ ଜାଣିଛୁ। ତେବେ ସର୍ଜିକାଲ ଷ୍ଟ୍ରାଇକରେ ମୃତ୍ୟୁସଂଖ୍ୟା ନିଶ୍ଚୟ ଅଧିକ ବୋଲି ପୂର୍ବତନ 'ର' ଅଧିକାରୀ ଦୃଢ଼ତାର ସହ କହିଛନ୍ତି। ଏବେ ଜେଇଏମ୍ ଆତଙ୍କବାଦୀଙ୍କ ନାଁ ପ୍ରକାଶ କରୁନାହିଁ। ମୃତ ଆତଙ୍କବାଦୀଙ୍କ ସଂଖ୍ୟା ଓ ନାମ ଖୁବ୍‌ଶୀଘ୍ର ଆସିଯିବ ବୋଲି ଭୂଷଣ କହିଛନ୍ତି।

## ମାତାପିତାଙ୍କୁ ବିମାନରେ ଭବ୍ୟ ସମ୍ବର୍ଦ୍ଧନା

**ନୂଆଦିଲ୍ଲୀ,୧।୩(ପି.ଟି.)**

ପାକିସ୍ତାନରୁ ଫେରୁଥିବା ବାୟୁସେନା ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ବର୍ଥମାନଙ୍କୁ ସ୍ୱାଗତ ପାଇଁ ତାଙ୍କ ମାତାପିତା ୱାଘା-ଅଟ୍ଟାରି ସୀମାରେ ପହଞ୍ଚିଛନ୍ତି। ତେବେ ୱାଘା ଯିବା ଲାଗି ଗୁରୁବାର ରାତିରେ ଚେନ୍ନାଇ-ଦିଲ୍ଲୀ ବିମାନ ଧରିବାବେଳେ ସେମାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମସ୍ତଙ୍କର ନଜର ରହିଥିଲା ଅଭିନନ୍ଦନଙ୍କ ବାପାମାଆଙ୍କ ଉପରେ। ଅବସରପ୍ରାପ୍ତ ଏୟାର ମାର୍ଶାଲ ଏସ. ବର୍ଥମାନ ଏବଂ ଡ. ଶୋଭା ବର୍ଥମାନଙ୍କୁ ଯାତ୍ରୀମାନେ ଛିଡ଼ାହୋଇ ଅଭିବାଦନ ଜଣାଇବା ସହ ତାଳିମାରି ସ୍ୱାଗତ କରିଥିଲେ। ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଅଭିନନ୍ଦନ ବୁଧବାର ନିଜର ମିଗ୍-୨୧ରେ ପାକିସ୍ତାନର ଯୁଦ୍ଧବିମାନ ଏଫ-୧୬କୁ ପିଛା କରିବା ସହ ଏହାକୁ ଗୁଳି କରି ଖସାଇ ଦେଇଥିଲେ। ଏହା ପରେ ତାଙ୍କ ବିମାନ ଖସିପଡିବାରୁ ସେ ପାକ୍ ଅଧିକୃତ କଶ୍ମୀର ଅଞ୍ଚଳରେ ପଡିଯାଇଥିଲେ ଏବଂ ସେଠାର ସେନାବାହିନୀ ତାଙ୍କୁ କାବୁ କରି ନେଇଥିଲା।

## ଚାଇନାର ସ୍ୱାଗତ

**ବେଜିଂ,୧।୩(ପି.ଟି.)**

ଭାରତୀୟ ବାୟୁସେନା ପାଇଲଟଙ୍କୁ ମୁକ୍ତ କରିଦେବା ଲାଗି ପାକିସ୍ତାନର ନିଷ୍ପତ୍ତିକୁ ଚାଇନା ସ୍ୱାଗତ କରିଛି। ତେବେ ଆଞ୍ଚଳିକ ଶାନ୍ତି ଓ ସ୍ଥିରତା ପାଇଁ ଇସ୍‌ଲାମାବାଦ ଆତଙ୍କବାଦ ନିରୋଧୀ କାର୍ଯ୍ୟରେ ସହଯୋଗ କରିବା ସହ ଦୁଇ ଦେଶ ଆଲୋଚନାରେ ସାମିଲ ହେବା ଆବଶ୍ୟକ ବୋଲି ବେଜିଂ କହିଛି। ସଂଯମ ରକ୍ଷା କରିବା ସହ ଉତ୍ତେଜନା ହ୍ରାସ ଲାଗି ଆରମ୍ଭରୁ ଚାଇନା ଦୁଇ ଦେଶଙ୍କୁ କହିଆସୁଥିଲା ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଲୁ କାଙ୍ଗ କହିଛନ୍ତି।

# ସ୍ୱାଗତ ପାଇଁ ଜନସମୁଦ୍ର

**ଚଣ୍ଡିଗଡ଼/ଅଟ୍ଟାରି(ଅମୃତସର),୧।୩**



ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ବର୍ଥମାନଙ୍କୁ ସ୍ୱାଗତ କରିବା ପାଇଁ ଅଟ୍ଟାରି ଅଞ୍ଚଳରେ ଜଣେ ଯୁବକ ଏକ ବଡ଼ ଫୁଲମାଳ ଧରି ଅପେକ୍ଷା କରିଥିବା ବେଳେ ଆଉ ଜଣେ ବୟସ୍କ ବ୍ୟକ୍ତି ଢୋଲ ବାଡେଇବାର ଦେଖାଯାଇଥିଲା। ଶୁକ୍ରବାର ଏହା ଥିଲା ଅଟ୍ଟାରି ସୀମାନ୍ତର ଚିତ୍ର। ସେଠାରେ ଶହ ଶହ ଲୋକ ଅଭିନନ୍ଦନଙ୍କୁ ସ୍ୱାଗତ କରିବା ପାଇଁ ସମବେତ ହୋଇଥିଲେ। ସୀମାନ୍ତ ବାସିନ୍ଦାଙ୍କ ହୃଦୟ ଦେଶପ୍ରେମରେ ଉଦ୍‌ବୁଦ୍ଧ ହୋଇପଡ଼ିଥିଲା। ସେମାନେ ଗୀତ ଗାଇ ଓ ବାଦ୍ୟ ବଜାଇ ତ୍ରିରଙ୍ଗା ହାତରେ ଧରି ନୃତ୍ୟ କରିଥିଲେ। ଭାରତ-ପାକ୍ ସୀମାନ୍ତଠାରୁ ପାଖାପାଖି ୧ କିଲୋମିଟର ଦୂରରେ ଲୋକମାନେ ଦେଶପ୍ରେମର ସଂଗୀତ ଗାଇ 'ଭାରତ ମାତା କୀ ଜୟ' ସ୍ଲୋଗାନ ଦେଇଥିଲେ।

ୱିଙ୍ଗ୍ କମାଣ୍ଡର ବର୍ଥମାନଙ୍କ ଜେଟ୍ ବିମାନ ବୁଧବାର ଶତ୍ରୁପକ୍ଷର ମିସାଇଲ୍ ମାଡରେ ନଷ୍ଟ ହୋଇଯିବାରୁ ସେ ଆକାଶଛତାରେ ପାକିସ୍ତାନ ମାଟିରେ ଅବତରଣ କରିବା ପରେ ଧରାପଡ଼ିଯାଇଥିଲେ। ଏହା ପୂର୍ବରୁ ସେ ପାକିସ୍ତାନର ଏଫ୍-୧୬ ଲଢୁଆ ବିମାନକୁ ଧରାଶାୟୀ କରିଦେଇଥିଲେ। ଅଭିନନ୍ଦନଙ୍କୁ ଶାନ୍ତି ପାଇଁ ଶୁକ୍ରବାର ମୁକ୍ତ କରିଦିଆଯିବ ବୋଲି ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ସଂସଦରେ ଘୋଷଣା କରିଥିଲେ। ଅପେକ୍ଷା ସ୍ଥଳରେ ପଞ୍ଜାବ ପୋଲିସ ପକ୍ଷରୁ କଡା ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସେଠାରେ ଉପସ୍ଥିତ ଅମୃତସର ସିନିୟର ଡେପୁଟି ମେୟର ରମନ ବକ୍ସି ଦେଶପ୍ରେମ ଗୀତ ଗାଉଥିବା ଦେଖିବାକୁ ମିଳିଥିଲା। ଦଳେ ଯୁବକ ଭାରତ ସପକ୍ଷବାଦୀ ସ୍ଲୋଗାନ ଦେଇ ଦେଶପ୍ରେମର ଗୀତ ଗାଇଥିଲେ। ପାକିସ୍ତାନ ଆତଙ୍କବାଦୀଙ୍କୁ ସହାୟତା ବନ୍ଦ କରୁ ନଚେତ୍ ପରିଣାମ ଭୋଗିବା ପାଇଁ ପ୍ରସ୍ତୁତ ରହୁ ବୋଲି ବହୁ ଯୁବକ କହୁଥିବା ଦେଖାଯାଇଥିଲା।

### ଇତିହାସର ଆଇନାରେ

### ମାର୍ଚ୍ଚ ୨ର ପ୍ରମୁଖ ଘଟଣା

୧୯୯୦ ମାର୍ଚ୍ଚ ୨ରେ ନେଲସନ୍ ମଣ୍ଡେଲାଙ୍କୁ ଆଫ୍ରିକୀୟ ଜାତୀୟ କଂଗ୍ରେସର ଉପସଭାପତି ଭାବେ ନିର୍ବାଚିତ କରାଯାଇଥିଲା। ଆଫ୍ରିକୀୟ ନ୍ୟାଶନାଲ କଂଗ୍ରେସ (ଏଏନ୍‌ସି) ହେଉଛି ଦକ୍ଷିଣ ଆଫ୍ରିକା ସାଧାରଣତନ୍ତ୍ରର ଗଭର୍ନିଂ ପଲିଟିକାଲ୍ ପାର୍ଟି।

୨୦୦୪ ମାର୍ଚ୍ଚ ୨ରେ ଇରାକ୍‌ର ଆଶୌରାଠାରେ ଅଲ-କାଏଦାର ଆକ୍ରମଣ ଫଳରେ ୧୭୦ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୫୦୦ ଲୋକ ଆହତ ହୋଇଥିଲେ। ବିଶେଷକରି ଇରାକ୍‌ର ଶିଆ ମୁସଲମାନ୍ ଅଞ୍ଚଳରେ ଏହି ଆକ୍ରମଣ କରାଯାଇଥିଲା।

## ଧ୍ୱଜାବତରଣ ଉତ୍ସବ ବନ୍ଦ

**ନୂଆଦିଲ୍ଲୀ,୧।୩(ପି.ଟି.):** ଆଇଏଏଫ୍ ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ବର୍ଥମାନଙ୍କ ପ୍ରତ୍ୟାବର୍ତ୍ତନକୁ ଦୃଷ୍ଟିରେ ରଖି ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ପକ୍ଷରୁ ଅଟ୍ଟାରି-ୱାଘା ବର୍ଡରରେ ଶୁକ୍ରବାର ଧ୍ୱଜାବତରଣ ଉତ୍ସବକୁ ବାତିଲ କରି ଦିଆଯାଇଛି। ଅଭିନନ୍ଦନଙ୍କୁ ସ୍ୱାଗତ କରିବା ପାଇଁ ସୀମାରେ ୨୦ ହଜାରରୁ ଊର୍ଦ୍ଧ୍ୱ ଭାରତୀୟ ଉପସ୍ଥିତ ଥିଲେ। ସୁରକ୍ଷା ଦୃଷ୍ଟିରୁ ଧ୍ୱଜାବତରଣ ଉତ୍ସବ ବନ୍ଦ କରିବା ପାଇଁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଥିଲା। ତାକୁ ରକ୍ଷା କରି ଭାରତ-ପାକିସ୍ତାନ ସୀମାରେ ଏହାକୁ ଦିନକ ପାଇଁ ବନ୍ଦ କରାଯାଇଥିବା ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। କିନ୍ତୁ ପାକିସ୍ତାନ ସବୁଦିନ ଭଳି ରିଟ୍ରିଟ୍ ସେରିମନି କରିଥିଲା। ପ୍ରକାଶ ଯେ, ୧୯୫୯ରୁ ଅଟ୍ଟାରି-ୱାଘା ସୀମାରେ ବିଏସ୍‌ଏଫ୍ ଏବଂ ଏହାର ପ୍ରତିପକ୍ଷ ପାକିସ୍ତାନୀ ରେଞ୍ଜର୍ସ ନିଜ ନିଜ ପଟେ ମିଳିତ ଭାବେ ଧ୍ୱଜାବତରଣ କରିଆସୁଛନ୍ତି।



## ବିମାନରେ ଆଣିବାକୁ ଅନୁରୋଧ କରିଥିଲା ଭାରତ

**ନୂଆଦିଲ୍ଲୀ,୧।୩(ପି.ଟି.)**

ଅଟ୍ଟାରି-ୱାଘା ସୀମା ଦେଇ ରାସ୍ତାରେ ନୁହେଁ, ବରଂ ବିମାନ ଯୋଗେ ପାଇଲଟ ଅଭିନନ୍ଦନଙ୍କୁ ଫେରାଇ ଆଣିବା ପାଇଁ ଭାରତ ପକ୍ଷରୁ ଅନୁରୋଧ କରାଯାଇଥିଲା। କିନ୍ତୁ ପାକିସ୍ତାନ ଏହାକୁ ଅଗ୍ରାହ୍ୟ କରିଦେଇଥିଲା। ପାଇଲଟଙ୍କୁ ସ୍ୱଦେଶକୁ ଆଣିବା ପାଇଁ ସ୍ୱତନ୍ତ୍ର ବିମାନ ପଠାଯିବା ପାଇଁ ମଧ୍ୟ ଭାରତ ପ୍ରସ୍ତୁତ ଥିଲା। ହେଲେ ଏହି ଅନୁରୋଧ ଗ୍ରହଣଯୋଗ୍ୟ ନୁହେଁ। ତାଙ୍କୁ ଇସ୍‌ଲାମାବାଦରୁ ଲାହୋର ଦେଇ ରାସ୍ତାରେ ନିଆଯିବ ବୋଲି ପାକିସ୍ତାନ ନୂଆଦିଲ୍ଲୀକୁ ଗୁରୁବାର ରାତିରେ ଜଣାଇଥିଲା।

## ମୁକ୍ତି ଅଟକାଇବା ଲାଗି ଦାଏର ପିଟିଶନ ଖାରଜ

**ଇସ୍‌ଲାମାବାଦ,୧।୩(ଆଇଏଏନ୍‌ଏସ୍):** ଭାରତୀୟ ବାୟୁସେନା ପାଇଲଟ ଅଭିନନ୍ଦନ ବର୍ଥମାନଙ୍କୁ ନ ମୁକୁଳାଇବା ପାଇଁ ଇସ୍‌ଲାମାବାଦ ହାଇକୋର୍ଟରେ ଏକ ପିଟିଶନ ଦାଏର ହୋଇଥିଲା, ଯାହା ଶୁକ୍ରବାର ଖାରଜ ହୋଇଯାଇଛି। ମୁଖ୍ୟ ବିଚାରପତି ଜଷ୍ଟିସ୍ ଅତହର ମିନାଲ୍ଲା ଆବେଦନକାରୀଙ୍କ ପିଟିଶନର ଶୁଣାଣି କରି କହିଥିଲେ, ଶାନ୍ତି ଲାଗି ଅଭିନନ୍ଦନଙ୍କୁ ମୁକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଗୁରୁବାର ପାର୍ଲାମେଣ୍ଟର ମିଳିତ ଅଧିବେଶନରେ ଘୋଷଣା କରିଛନ୍ତି। କୌଣସି ଏମ୍‌ପି ଏହାକୁ ନେଇ ଆପତ୍ତି ଉଠାଇନାହାନ୍ତି। ଏହା ନୀତିଗତ ପ୍ରସଙ୍ଗ ହୋଇଥିବାରୁ ପାର୍ଲାମେଣ୍ଟର ନିଷ୍ପତ୍ତିକୁ ଆମେ ସମ୍ମାନ ଦେବା ଉଚିତ।



# ୩ ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ

କୋରେଇ,୧୩(ସ୍ୱ.ପ୍ର.)

କୋରେଇ ବ୍ଲକର ଧନେଶ୍ୱର, ତୁଳତୀ, ତଣ୍ଡରା ପଞ୍ଚାୟତରେ ଶୁକ୍ରବାର ବିଧାୟକ ଆକାଶ ଦାସନାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରାଯାଇଛି। ଆମ ଗାଁ ଆମ ବିକାଶ ଯୋଜନାରେ ନିର୍ମିତ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି। ଧନେଶ୍ୱର ପଞ୍ଚାୟତର ଧନପୁରଠାରେ ୧ କୋଟି ୪୦ ଲକ୍ଷ ଟଙ୍କା ବ୍ୟୟରେ ଜାତୀୟ ରାଜପଥ ୨୧୫ଠାରୁ ଧନପୁର ଗ୍ରାମ, ଆଲଡା ଜଳସରପୁରଠାରେ ୪୦ ଲକ୍ଷ ଟଙ୍କାର ରାସ୍ତା ଶିଳାନ୍ୟାସ ଓ ଆମ ଗାଁ ଆମ ବିକାଶ ଯୋଜନାରେ ଯୁବ ଗୋଷ୍ଠୀ କେନ୍ଦ୍ର ଆଲଡା, ରାଧାରମଣ ଗୋଷ୍ଠୀ କେନ୍ଦ୍ର ଚିଲିପଦା, କଲ୍ୟାଣ ମଣ୍ଡପ, କୁଆଁସ ମଙ୍ଗଳା ଗୋଷ୍ଠୀ କେନ୍ଦ୍ର ରଣସରପୁର, ଅନନ୍ତେଶ୍ୱର ଗୋଷ୍ଠୀ କେନ୍ଦ୍ର ବେଗନା ଆଦି ଉଦ୍‌ଘାଟିତ ହୋଇଛି। ଅପରାହ୍ନରେ ତୁଳତୀ ପଞ୍ଚାୟତର ସାଇଁଟୋ କଣ୍ଡରା ଗଡିଆଠାରୁ କୋରେଇ ପର୍ଯ୍ୟନ୍ତ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ଏହି ରାସ୍ତା ପାଇଁ ୩ କୋଟି ୪୦ ଲକ୍ଷ ବ୍ୟୟ ଅଟକଳ କରାଯାଇଛି। ସେହିପରି ୫ଟାରେ ତଣ୍ଡରା ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଯଥା ବ୍ରାହ୍ମଣସାହି ମହାଲକ୍ଷ୍ମୀ ଗୋଷ୍ଠୀ କେନ୍ଦ୍ର ତଣ୍ଡରା, ଦଳେଇସାହି ସରସ୍ୱତୀ ଗୋଷ୍ଠୀ କେନ୍ଦ୍ର, ମା' ଛାଟକୁମ କଲ୍ୟାଣ ମଣ୍ଡପ, ଦୁର୍ଗା ଗୋଷ୍ଠୀ କେନ୍ଦ୍ର ଆଦି ଉଦ୍‌ଘାଟନ କରାଯାଇଥିଲା। ଯାଜପୁର ଜିଲା ପରିଷଦ ସଭ୍ୟ ମାତାଜୀ ଆଏଚ, ଧରଣୀଧର ଘଡାଇ, ଜିଲା ବିଜେଡି ସାଧାରଣ ସମ୍ପାଦକ ସୁବାସ ଧଳ, ବ୍ଲକ ବିଜେଡି ସଭାପତି ଭକ୍ତବତ୍ସଳ ସ୍ୱାଇଁ, ଧନେଶ୍ୱର ସରପଞ୍ଚ ନିର୍ମଳା ରାଉତ, କନ୍ତୋର ସରପଞ୍ଚ ରୁନୁ ଭୂୟାଁ, ଅନ୍ଧାରୀ ସମିତି ସଭ୍ୟ କୁଳମଣୀ ଦାସ, ଅଶୋକ ବାରିକ, ସେକ ଜହର ଅଲ୍ଲୀ, ପୂର୍ବତନ ଉପାଧ୍ୟକ୍ଷ ଅଥୟ କୁମାର ମହାନ୍ତି, ତୁଳତୀ ପଞ୍ଚାୟତ ସଭାପତି ବିଜୟ କୁମାର ରାଜ, ଧନେଶ୍ୱର ସଭାପତି ବଳରାମ ରାଉତ, ରାଜେନ୍ଦ୍ର ରାଉତ, ଯୁବସଭାପତି ହରେକୃଷ୍ଣ ପଟ୍ଟନାୟକ, ତଣ୍ଡରା ସଭାପତି ମାନସ ମହାନ୍ତି, ଗୋପାଳ ସେଠୀ, ଉମେଶ ସ୍ୱାଇଁ, ପ୍ରମୋଦ ମହାନ୍ତି, ଅଜୟ ନାୟକ, ଦୁର୍ଯ୍ୟୋଧନ ସେଠୀ, ପ୍ରଶାନ୍ତ ସ୍ୱାଇଁ, ସତ୍ୟଜିତ ପଟ୍ଟନାୟକ ପ୍ରମୁଖଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ବାଜ ବାଣରେ ବିଧାୟକଙ୍କୁ ମହିଳାମାନେ ଶଙ୍ଖ ହୁଳହୁଳି ପକାଇ ପାଛୋଟି ନେଇଥିଲେ।



ଶିଳାନ୍ୟାସ ଉତ୍ସବରେ ଉପସ୍ଥିତ ବିଧାୟକଙ୍କ ସହ ଅନ୍ୟମାନେ।


## OFFICE OF THE COLLECTOR & DISTRICT MAGISTRATE, DHENKANAL
**(SOCIAL SECURITY SECTION)**
**e-mail id: dssodhenkanal@gmail.com, Tel No.: 06762-224481**

**No. 398/ SS** **Dt. 28.02.2019**

Sealed tenders are invited from different bidders having valid PAN, GST certificates for supply of Prosthetic, Orthotic and Mobility Aids under BBSA programme in Dhenkanal District for the year 2018-19. The detailed Tender document for the above purpose containing the terms and conditions, Eligibility Criteria, E.M.D and statutory requirement can be downloaded from the website http://dhenkanal.nic.in. The tender complete in all respect should reach the office of the D.S.S.O, Dhenkanal by 2.00 PM on dt. 13.03.2019 through Regd. Post/Speed Post/Courier only and the tenders will be opened on dt. 13.03.2019 at 4.00 PM in the office Chamber of Collector, Dhenkanal in the presence of the Procurement Committee members and the tenderer or their authorized representatives. The tender received beyond the date and time mentioned above shall not be taken into consideration. The Collector, Dhenkanal reserves the right to reject/cancel/withdraw any or all the tenders without assigning any reason there of and shall bear no liability what so ever consequent upon such decision.

**Sd./- Collector, Dhenkanal**

## କଟକ ମହାନଗର ନିଗମ
**ଚୌଧୁରୀ ବଜାର, କଟକ-୭୫୩୦୦୯**

**ପତ୍ର. ସଂଖ୍ୟା.............** **ତାରିଖ...............**

### ବିଶେଷ ସୂଚନା

କଟକ ମହାନଗର ନିଗମ ଅଞ୍ଚଳରେ ବସବାସ କରୁଥିବା ସମସ୍ତ ଗୃହ ଟିକସ ଦାତାମାନଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ଚଳିତ ବର୍ଷ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ସମସ୍ତ ଗୃହଟିକସ ପରିଶୋଧକରି ମହାନଗର ନିଗମ ପ୍ରଗତିରେ ସହଯୋଗର ହାତ ବଢାନ୍ତୁ।

ବିଶେଷ କରି ସୂଚାଇ ଦିଆଯାଉଛି ଯେ, ଉକ୍ତ ଅବଧି ମଧ୍ୟରେ ଯଦି ଟିକସ ପୈଠ ନହୁଏ, ତେବେ ମହାନଗର ନିୟମାନୁସାରେ ଶତକଡା ୧୦ ପ୍ରତିଶତ ଅଧିକ ଦେୟ (Surcharge) ଦେବାକୁ ପଡିବା ସଙ୍ଗେ ସଙ୍ଗେ ଟିକସ ଆଦାୟ ପାଇଁ ଆଇନ୍ ଅନୁଯାୟୀ ଦଣ୍ଡବିଧାନ କରାଯିବ।

**ସ୍ୱା./- ଆୟୁକ୍ତ, କଟକ ମହାନଗର ନିଗମ**

## OFFICE OF THE MUNICIPAL COUNCIL, BHADRAK
**BHADRAK-756100 (ODISHA)**
**Tel No.06784-251519(O), Fax No.06784-251221**
**E-mail:-eobdkmunicipality@gmail.com**

**No.1557** **Date:28.02.2019**

### TENDER CALL NOTICE

The Executive Officer, Bhadrak Municipality on behalf of Bhadrak Municipality Council, Bhadrak invites sealed tenders from only reputed manufactures Companies / Authorized dealer for supply installation & Commissioning of 30 KVA, 3 phase with manual panel silent DG Set having liquid cool, 1500 rpm engine coupled to 30 KVA Crompton Greaves make 3 phase, 415 v 50 hz alternator along with other accessories i.e Fuse Task manual control panel, Battery with load and acoustic encloser. The tender schedule, terms and conditions specification & other necessary documents can be downloaded from the sight of official website of Bhadrak Municipality **www.bhadrakmunicipality.com** and District Website "http://bhadrak.nic.in" w.e.f. dt.02.03.2019.

The downloading & receipt of the tender schedules shall start from date 02.03.2019. & close on the date-07.03.2019 at 1 PM. The tender shall be receive in the office of the Executive Officer, Bhadrak Municipality through registered post / Speed post only. Addressed to the Executive Officer, Bhadrak Municipality, Bhadrak on or before dt-07.03.2019 at 2 PM. The authority will not be held responsible for the postal delay, if any in delivery of the documents & non receipt of the same in time. The seal tenders will be opened on dt-07.03.2019 at 3 PM. in the office of the Executive Officer, Bhadrak Municipality Bhadrak in presence of the tenderer or their authorised representatives who may be present at the time of opening of the tender. The cost of tender paper Rs.4000/- (Rupees four thousand) in shape of DD in favour of Executive Officer, Bhadrak Municipality. The tenders should be accompanied with Xerox copy of PAN Card, GST certificate, authorized dealer certificate valid registration certificate, failing which the tender should not be taken into the consideration. The tenderer should furnish EMD of Rs-10,000/- (Rupees ten thousand) only in shape of demand Draft / pay order in favour of Executive Officer, Bhadrak Municipality. The authority reserves the right to reject any or all the tender without assigning any reason thereof.

**Sd./- Executive Officer, Bhadrak Municipality**

## Office of the Chief District Medical Officer, Ganjam
**City Hospital Road, Berhampur, Dist- Ganjam**
**Notice for Invitation of Tender for BMW Management in District Head Quarters Hospitals/ Sub Divisional Hospitals/ CHCs/ PHCs/ UPHCs**

**Advt. No: 3893/C.D.M.O, GANJAM 2018-19** **Date: 28.02.19**

Sealed tenders are invited from registered Firms/ Agencies/ Reputed Organisations for outsourcing of Bio Medical Waste Management Service Provider for District & Sub District level Institutions. Interested Firms/ Agencies/ Reputed Organisations should submit their proposals in prescribed format (Technical as well as financial bids) along with Detailed Tender Call Notice with all supportive documents in sealed envelopes separately through Speed Post/ Regd. Post/ Courier to the Chief District Medical Officer, Ganjam, Berhampur on or before 25.03.19 upto 1.00 PM. The eligibility criteria, the terms of reference and the formats for submission of bid are set forth in the RFP document, which can be downloaded from the district website www.ganjam.nic.in.

Incomplete application in any form will be summarily rejected. The sealed quotations shall be opened on 25.03.19 at 4.00 PM in the Office Chamber of C.D.M. & PHO, Ganjam, Berhampur.

The undersigned reserves the right to reject any or all the proposals without assigning any reason thereof. The authority will not be responsible for any postal delay.

**Sd./- CDM & PHO, Ganjam**

## OFFICE OF THE ANGUL MUNICIPALITY, ANGUL
**GOVERNMENT OF ODISHA**
**e-Procurement Notice, Angul Municipality office, Angul**
**e-mail ID-angulmunicipality@gmail.com**
**Bid Identification No.EO/AGLM-13 OF 2018-19**

1. Number of works : 1 (One) number of Road work
2. Approximate estimated cost : Rs.54.406 lakhs
3. Period of completion : 6 (Six) calendar months
4. Date & time of availability of bid documents in the portal : Dt.02.03.2019 at 10.00 AM.
5. Last date / Time for receipt of bid in the portal : Dt.16.03.2019 up to 5.00 PM.
6. Date of opening (Technical Bid) : Dt.19.03.2019 at 11.00 AM.
7. Name and address of the Office inviting Bid : Executive Officer, Angul Municipality, Angul
8. The bidders have to participate in ONLINE bidding only Further details can be seen from the e-procurement portal **https://tendersodisha.gov.in**

**Sd./- S.K. Jena, Executive Officer**
**Angul Municipality**

## idco ODISHA NEW OPPORTUNITIES
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
*(A Government of Odisha Undertaking)*
IDCO Towers, Janpath, Bhubaneswar - 751022

Tender Call Notice No. BBSR / ELECT / E-4028 / 18-19 / 907 Dtd: 26.02.2019

### TENDER CALL NOTICE

| | | |
|---|---|---|
| Name of the Work | : | Construction of new 33KV O.H. line towards shifting of existing 33KV line from IDCO plot no: 97 allotted to M/S Sai Vision at I.E. Khordha. |
| Estimated Cost of the Work | : | Rs. 4,97,588.00 |
| Period of Completion | : | 20 days. |
| EMD Amount | : | Rs. 5,000.00 |
| Cost of Bid Document | : | Rs. 2,000.00 + 360.00 (GST @ 18%) |
| Date of Availability of Tender | : | 02.03.2019 to 08.03.2019 up to11.00 hrs to 16.00 hrs. |
| Last Date of Submission of Tender | : | Upto 15.00 Hrs. of 13.03.2019. |
| Date of Opening of Tender | : | At 16.00 Hrs. on 13.03.2019. |
| Procurement Officer | : | Divisional Head (Electrical), IDCO, Bhubaneswar |

Further details can be seen from the IDCO website **www.idco.in** or, contact Er. S.K. Dash, Manager (Electrical) at Tel. No. (0674) 2541766 during office hours.

**Sd/-**
**D.H. (Electrical),**
**IDCO, Bhubaneswar**

Classified Display on Every Tuesday and Friday

## INVITATION FOR BIDS (IFB)
## PANCHAYAT SAMITI, NAYAGARH
### TENDER CALL NOTICE NO. 03/2018-19

**No. 475** **Date : 01.03.2019**

01. The Block Development Officer, Nayagarh on bahalf of Governor of Odisha invites percentage rates bids for the construction of works as detailed below in the Table from ELIGIBLE contractors registered with the state Govt. and contractors of equivalent grade / Class registered with Central Govt. for execution of civil works on production of definite proof from the appropriate Authority which agreement is to be drawn in P1 form. The bidders may submit bids for the following works.

| Sl. No. | Name of the Work | Value of works in (Rs.) | Bid Security EMD 1% (in Rs.) | Cost of tender paper | Period of completion | Class of contractors |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Boundary wall of "Samarpana" Old Age Home at- Nayagarh | 30,35,715.00 | 30357.00 | 6000.00 | 06 (Six) Calendar Months | 'C' & 'B' Class |

02. Bids document consisting of plans, specification, the schedule of quantities and the set of terms and conditions of contract and other necessary documents can be seen in the office of the undersigned during the office hour every day except Sunday and Public holidays till last date of sale and receipt of the tender papers. Interested bidder may obtain further information at the same address.
03. The Sale and Receipt of the Bid documents shall starts from Dt. 02.03.2019 and close on Dt. 16.03.2019 during the office hours i.e. 10.00 A.M. to 5.00 P.M. (Except Sunday and Holiday) on payment of cost of bids documents either in shape of cash or Demand Draft (non-refundable) issued from any Nationalized Bank drawn in favour of the Block Development Officer, Nayagarh payable at Nayagarh.
04. The sealed bid documents are to be delivered in the tender box having identification No. B.D.O. (Ngr.)- 03 and shall contain signed DTCN, attested copy of Registration Certificate, PAN Card, valid GST clearance certificate, valid Labour License affidavit regarding authentication of documents, no relation certificate, document required as per the relevant clauses of the DTCN and special condition if any required amount of EMD in shape NSC/ KVP/POTD/ Bank depsoit receipt of any Nationalized Bank duly pledged in favour of Block Development Officer Nayagarh without which bid will not be considered. The tenderer can also send their tender papers through registered post / speed post only to Block Development Officer Nayagarh such bids must be received on or before stipulated date & time as mentioned above. The bids received late will not be opened. The authority will not be held responsible for the postal delay if any or non-receipt of tender documents. The bidders are not required to write their name on the outer cover of the bid but they are required to write the name of work with name of office from which bid documents was issued.
05. The engineering contractor desires of having EMD exemption benefit must have to produce an affidavit to the effect that, they have not availed such exemption for more than three times during this financial year. Also the engineering contractor will produce his/her Original license at the time of opening of tender so that the tender opening authority will enter the exemption of EMD in his/ her license failing which tender shall liable for rejection.
06. The bid received will be opened on Dt. 19.03.2019 at 3 P.M. in the office of the Block Development Officer, Nayagarh in the presence of the bidders or their authorized agents wish to attend. If the office happens to be closed on the date or receipt / opening of the bids as specified, the bids will be received / opened on the next working day at the same time & venue.
07. Other detailed can be had in the bidding documents. The bid should duly filled & singed by the tenderer.
08. Special clause : Additional performance security shall be deposited by the bidder when the bid amount is unbalanced i.e. less than 15% of the estimated cost in such an event the bidder shall deposit the additional performance security to extend of the differential cost of quoted bid amount and the estimated cost put to tender in shape of fixed deposit receipt of schedule Bank/ Kissan Vikas Patra/ Post office saving bank account / N.S.C./ Post office time deposit account, duly pledged in favour of Block Development Officer, Nayagarh along with the bid document failing which the bid will be summarily rejected.
09. The authority reserves the right to reject any or all the bids without assigning any reason thereof.
10. The work should be completed within the stipulated period 6 (Six) months of completion and in no case the time extension will be allowed except the reasons not attributable to contactors.
11. In order to ensure that the envelopes are properly sealed, the contractor can seal them with superglue and also add tamperproof tapes as additional precaution. The tender submitted in the wrong box shall not be taken into consideration.
12. The rate is exclusive of GST and the GST will be paid extra as applicable.

**Sd./- Block Development Officer, Nayagarh**

## ODISHA HYDRO POWER CORPORATION LTD.
Regd. Off.: Odisha State Police Housing & Welfare Corporation Building, Vanivihar Chowk, Janpath, Bhoinagar, Bhubaneswar - 22 . Ph. : (0674) 2542983, 2542802, 2545526, 2542826
Fax: (0674) 2542102. Website: **www.ohpcltd.com**
**CIN: U40101OR1995SGC003963**

OHPC — ISO 9001, 14001 & OHSAS 18001 Certified Company — ODISHA NEW OPPORTUNITIES

**ADVERTISEMENT NO.OHPC: HQ: HRD: RECTT: 02/2019 Dated: 02/03/2019**

### CAREER OPPORTUNITIES FOR QUALIFIED CANDIDATES AS TRAINEES (TECHNICAL)

**The Corporation intends to recruit qualified candidates as Electrical Trainee {Operator(El), Electrician & Lineman}, Mechanical Trainee {Operator (Mechanical), Fitter}, Welder Trainee, Crane Operator Trainee, Wireman Trainee & Store Keeper Trainee**

Odisha Hydro Power Corporation Limited (OHPC), an ISO 9001:2008 certified Gold rated state PSU (with installed capacity of 2063.5 MW) is a professionally managed leading profit-making State Power Utility having 6 (six) projects within the state and one inter-State Project. The Corporation offers challenging work environment & invites applications from young and qualified candidates for the following post in Units and Project sites:

| Post | Electrical Trainees (Operator (E), Electrician & Lineman | Mechanical Trainees (Operator (Mechanical) & Fitter) | Welder Trainee | Crane Operator Trainee | Wireman Trainee | Store Keeper Trainee |
|---|---|---|---|---|---|---|
| Vacancies | 66 (W:23) (PWD:3, Ex SM-2, SP-1) | 30 (W:10) (PWD:1, Ex SM-1) | 04 (W:1) | 07 (W:2) | 03 (W:1) | 05 (W:1) |

* W - Women, PWD - Person With Disability, Ex SM - Ex Serviceman, Sp - Sports Person

**Important Dates :-**

The Commencement of Online registration & payment of application fee - **11.03.2019**
Last date for payment of application fee (Online / Offline Challan) - **10.04.2019**
The last date for submission of Online application in complete shape - **16.04.2019**

The detailed advertisement including eligibility conditions, online submission of application and other conditions are available in the company's website **www.ohpcltd.com** from **03.03.2019.**

**Director (HRD)**

## GOVERNMENT OF ODISHA
### OFFICE OF THE PROJECT DIRECTOR-CUM-CHIEF ENGINEER, PROJECT MANAGEMENT UNIT, MEGA LIFT PROJECTS
**PLOT No.-A-8/2, BHOI NAGAR, BHUBANESWAR-751022**
**E-mail id:- cemegalift.eicwr.od@nic.in, Telephone No.-91-0674-2567252, Fax-91-0674-2567258**

**No.1342 /** **Dt: 25.02.2019**

### TENDER CALL NOTICE NO.-6ML/2018-19

No.1336-A:- Sealed tenders are invited for the following works from the short listed bidders qualified for Third party Inspection Agency (TPIA) vide letter No.4954 dt.24.02.2014 of Government of Odisha, Department of Water Resources in response to the Expression of interest Notice No.EOI-1/13-14.

**Particulars of Tender**

| Sl. No. | Name of the work | Class of Contractor | Tender Fee | EMD | Availability of bid |
|---|---|---|---|---|---|
| 1 | Appointment of Third party inspection Agency (TPIA) for implementation of Mega Lift projects in Cluster No.IV | Short listed bidders qualified vide letter No.4954 dt.24.02.2014 of Government of Odisha, Department of Water Resources in response to the Expression of interest Notice No.EOI-1/13-14. | Rs.10,000/- in shape of Demand Draft in favour of the Executive Engineer, Mega Lift Projects, Sonepur, Payable at Sonepur. | Rs.1,69,000/-in shape of Fixed Deposit duly pledged in favour of the Executive Engineer, Mega Lift Projects, Sonepur. | From dt.04.03.2019 to dt.02.04.2019 up to 5.00 PM. |
| 2 | Appointment of Third party inspection Agency (TPIA) for implementation of Mega Lift Projects in Cluster No.V | -do- | Rs.10,000/- in shape of Demand Draft in favour of the Executive Engineer, Mega Lift Projects, Bhubaneswar, Payable at Bhubaneswar. | Rs.2,04,000/-in shape of Fixed Deposit duly pledged in favour of the Executive Engineer, Mega Lift Projects, Bhubaneswar. | From dt.04.03.2019 to dt.02.04.2019 up to 5.00 PM. |
| 3 | Appointment of Third party inspection Agency (TPIA) for implementation of Mega Lift Projects in Cluster - Malkangiri | -do- | Rs.10,000/- in shape of Demand Draft in favour of the Executive Engineer, Mega Lift Projects, Jeypore, Payable at Jeypore. | Rs.1,75,000/-in shape of Fixed Deposit duly pledged in favour of the Executive Engineer, Mega Lift Projects, Jeypore. | From dt.04.03.2019 to dt.02.04.2019 up to 5.00 PM. |
| 4 | Appointment of Third party inspection Agency (TPIA) for implementation of Mega Lift Projects in Cluster - DMF | -do- | Rs.10,000/- in shape of Demand Draft in favour of the Executive Engineer, Mega Lift Projects, Bhubaneswar, Payable at Bhubaneswar. | Rs.1,96,000/-in shape of Fixed Deposit duly pledged in favour of the Executive Engineer, Mega Lift Projects, Bhubaneswar. | From dt.04.03.2019 to dt.02.04.2019 up to 5.00 PM. |

For further details please visit the website **http://www.odisha.gov.in & http://www.dowrorissa.gov.in**

32264/11/0007/1819 **Sd./- Project Director-cum-Chief Engineer, PMU, Mega Lift Project**

## ଡାକ ବିଭାଗ (ସିଭିଲ୍ ୱିଙ୍ଗ୍)
### ଇ-ଟେଣ୍ଡର ଆମନ୍ତ୍ରଣ ସୂଚନା

ଭାରତର ରାଷ୍ଟ୍ରପତିଙ୍କ ତରଫରୁ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ(ନିର୍ମାଣ), ପୋଷ୍ଟାଲ ସିଭିଲ୍ ଡ଼ିଭିଜନ, ତୃତୀୟ ମହଲା ପୋଷ୍ଟାଲ ଷ୍ଟୋର ଡିପୋ ବିଲ୍ଡିଙ୍ଗ୍, ସତ୍ୟନଗର, ଭୁବନେଶ୍ୱର-୭୫୧୦୦୭ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ନିମନ୍ତେ ଦୁଇ ଗୋଟି ଲଫାଫା ପ୍ରଣାଳୀରେ ଜଉମୁଦା ପର୍ସେଣ୍ଟେଜ୍ ରେଟ୍ ଟେଣ୍ଡରଗୁଡ଼ିକ ଆମନ୍ତ୍ରଣ କରାଯାଉଛି :

1. NIT No. **104/PCD/2018-19.** କାର୍ଯ୍ୟର ନାମ : ରାୟଗଡ଼ା ଏଚ୍.ଓ., ପଟ୍ଟାଙ୍ଗୀ ଏସ୍.ଓ., ନବରଙ୍ଗପୁର ଏମ୍.ଡି.ଜି. ଠାରେ ମହିଳା ଏବଂ ଭିନ୍ନକ୍ଷମ ମାନଙ୍କ ପାଇଁ ଶୌଚାଳୟ ନିର୍ମାଣ । ଆନୁମାନିକ ମୂଲ୍ୟ : **ଟ.୭,୧୧,୯୩୫/-**, ଅମାନତ ଜମା ରାଶି : **ଟ.୧୪,୨୩୯/-** ଇ-ପୈଠ ଗେଟ୍‌ୱେ ମାଧ୍ୟମରେ, ଟେଣ୍ଡର ଶୁଳ୍କ (ଫେରସ୍ତଯୋଗ୍ୟ ନୁହେଁ) : କିଛିନାହିଁ, ଇ-ଟେଣ୍ଡର ପ୍ରୋସେସିଙ୍ଗ୍ ଶୁଳ୍କ : **ଟ.୮୮୫/-** (ପ୍ରଯୁଜ୍ୟ କର ସହିତ) ବିଡ଼ର ଦ୍ୱାରା ବହନ କରାଯିବ, ଯାହାକି ଇ-ପୈଠ ଗେଟ୍‌ୱେ ମାଧ୍ୟମରେ ଆଇଟିଆଇ ଲିମିଟେଡ୍, ନୂଆ ଦିଲ୍ଲୀ ଠାରେ ପୈଠ ଯୋଗ୍ୟ ହେବା ଆବଶ୍ୟକ । ଶେଷ ହେବା ଅବଧି : **୬୦** (ଷାଠିଏ) ଦିନ, ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : **ତା.୦୭.୦୩.୨୦୧୯**ରିଖ ଅପରାହ୍ଣ **୧୨.୩୦**ଘଟିକା ପର୍ଯ୍ୟନ୍ତ ।
2. NIT No. **105/PCD/2018-19.** କାର୍ଯ୍ୟର ନାମ : ବ୍ରହ୍ମପୁର ଏଚ୍.ଓ., ଛତ୍ରପୁର ଏଚ୍.ଓ., ପୁରୁଷୋତ୍ତମପୁର ଏସ୍.ଓ., ଗୋଳନ୍ଥରା ଏସ୍.ଓ., ଗୋପାଳପୁର ଏସ୍.ଓ. ଠାରେ ମହିଳା ଏବଂ ଭିନ୍ନକ୍ଷମ ମାନଙ୍କ ପାଇଁ ଶୌଚାଳୟ ନିର୍ମାଣ । ଆନୁମାନିକ ମୂଲ୍ୟ : **ଟ.୧୧,୫୩,୪୦୩/-**, ଅମାନତ ଜମା ରାଶି : **ଟ.୨୩,୦୬୮/-** ଇ-ପୈଠ ଗେଟ୍‌ୱେ ମାଧ୍ୟମରେ, ଟେଣ୍ଡର ଶୁଳ୍କ (ଫେରସ୍ତଯୋଗ୍ୟ ନୁହେଁ) : କିଛିନାହିଁ, ଇ-ଟେଣ୍ଡର ପ୍ରୋସେସିଙ୍ଗ୍ ଶୁଳ୍କ : **ଟ.୧,୩୬୧/-** (ପ୍ରଯୁଜ୍ୟ କର ସହିତ) ବିଡ଼ର ଦ୍ୱାରା ବହନ କରାଯିବ, ଯାହାକି ଇ-ପୈଠ ଗେଟ୍‌ୱେ ମାଧ୍ୟମରେ ଆଇଟିଆଇ ଲିମିଟେଡ୍, ନୂଆ ଦିଲ୍ଲୀ ଠାରେ ପୈଠ ଯୋଗ୍ୟ ହେବା ଆବଶ୍ୟକ । ଶେଷ ହେବା ଅବଧି : **୬୦** (ଷାଠିଏ) ଦିନ, ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : **ତା.୦୭.୦୩.୨୦୧୯**ରିଖ ଅପରାହ୍ଣ **୧୨.୩୦**ଘଟିକା ପର୍ଯ୍ୟନ୍ତ ।
3. NIT No. **106/PCD/2018-19.** କାର୍ଯ୍ୟର ନାମ : ଏନ୍. ତାଳଓ୍ୱାତ ଏମ୍.ଡି.ଜି., ବୌଦ୍ଧରାଜ ଏମ୍.ଡି.ଜି., ଜୁନାଗଡ଼ ଏସ୍.ଓ., କେସିଙ୍ଗା ଏସ୍.ଓ., ଏମ୍.ରାମପୁର ଏସ୍.ଓ. ଠାରେ ମହିଳା ଏବଂ ଭିନ୍ନକ୍ଷମ ମାନଙ୍କ ପାଇଁ ଶୌଚାଳୟ ନିର୍ମାଣ । ଆନୁମାନିକ ମୂଲ୍ୟ : **ଟ.୧୪,୧୮,୯୭୨/-**, ଅମାନତ ଜମା ରାଶି : **ଟ.୨୮,୩୭୯/-** ଇ-ପୈଠ ଗେଟ୍‌ୱେ ମାଧ୍ୟମରେ, ଟେଣ୍ଡର ଶୁଳ୍କ (ଫେରସ୍ତଯୋଗ୍ୟ ନୁହେଁ) : କିଛିନାହିଁ, ଇ-ଟେଣ୍ଡର ପ୍ରୋସେସିଙ୍ଗ୍ ଶୁଳ୍କ : **ଟ.୧,୬୭୪/-** (ପ୍ରଯୁଜ୍ୟ କର ସହିତ) ବିଡ଼ର ଦ୍ୱାରା ବହନ କରାଯିବ, ଯାହାକି ଇ-ପୈଠ ଗେଟ୍‌ୱେ ମାଧ୍ୟମରେ ଆଇଟିଆଇ ଲିମିଟେଡ୍, ନୂଆ ଦିଲ୍ଲୀ ଠାରେ ପୈଠ ଯୋଗ୍ୟ ହେବା ଆବଶ୍ୟକ । ଶେଷ ହେବା ଅବଧି : **୬୦** (ଷାଠିଏ) ଦିନ, ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : **ତା.୦୭.୦୩.୨୦୧୯**ରିଖ ଅପରାହ୍ଣ **୧୨.୩୦**ଘଟିକା ପର୍ଯ୍ୟନ୍ତ ।
4. NIT No. **107/PCD/2018-19.** କାର୍ଯ୍ୟର ନାମ : ସୁରଡା ଏସ୍.ଓ., ହିଞ୍ଜିଳିକାଟୁ ଏସ୍.ଓ., ଆର୍. ଉଦୟଗିରି ଏସ୍.ଓ., ବାଲିଗୁଡ଼ା ଏସ୍.ଓ., ଜି. ଉଦୟଗିରି ଏସ୍.ଓ. ଠାରେ ମହିଳା ଏବଂ ଭିନ୍ନକ୍ଷମ ମାନଙ୍କ ପାଇଁ ଶୌଚାଳୟ ନିର୍ମାଣ । ଆନୁମାନିକ ମୂଲ୍ୟ : **ଟ.୧୪,୨୪,୨୬୨/-**, ଅମାନତ ଜମା ରାଶି : **ଟ.୨୮,୪୮୫/-** ଇ-ପୈଠ ଗେଟ୍‌ୱେ ମାଧ୍ୟମରେ, ଟେଣ୍ଡର ଶୁଳ୍କ (ଫେରସ୍ତଯୋଗ୍ୟ ନୁହେଁ) : କିଛିନାହିଁ, ଇ-ଟେଣ୍ଡର ପ୍ରୋସେସିଙ୍ଗ୍ ଶୁଳ୍କ : **ଟ.୧,୬୮୧/-** (ପ୍ରଯୁଜ୍ୟ କର ସହିତ) ବିଡ଼ର ଦ୍ୱାରା ବହନ କରାଯିବ, ଯାହାକି ଇ-ପୈଠ ଗେଟ୍‌ୱେ ମାଧ୍ୟମରେ ଆଇଟିଆଇ ଲିମିଟେଡ୍, ନୂଆ ଦିଲ୍ଲୀ ଠାରେ ପୈଠ ଯୋଗ୍ୟ ହେବା ଆବଶ୍ୟକ । ଶେଷ ହେବା ଅବଧି : **୬୦** (ଷାଠିଏ) ଦିନ, ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : **ତା.୦୭.୦୩.୨୦୧୯**ରିଖ ଅପରାହ୍ଣ **୧୨.୩୦**ଘଟିକା ପର୍ଯ୍ୟନ୍ତ ।
5. NIT No. **108/PCD/2018-19.** କାର୍ଯ୍ୟର ନାମ : ଦଶପଲ୍ଲା ଏସ୍.ଓ. ର ମରାମତି ଓ ରକ୍ଷଣାବେକ୍ଷଣ । ଆନୁମାନିକ ମୂଲ୍ୟ : **ଟ.୧୧,୨୮,୯୪୨/-**, ଅମାନତ ଜମା ରାଶି : **ଟ.୨୨,୫୭୯/-** ଇ-ପୈଠ ଗେଟ୍‌ୱେ ମାଧ୍ୟମରେ, ଟେଣ୍ଡର ଶୁଳ୍କ (ଫେରସ୍ତଯୋଗ୍ୟ ନୁହେଁ) : କିଛିନାହିଁ, ଇ-ଟେଣ୍ଡର ପ୍ରୋସେସିଙ୍ଗ୍ ଶୁଳ୍କ : **ଟ.୧,୩୩୨/-** (ପ୍ରଯୁଜ୍ୟ କର ସହିତ) ବିଡ଼ର ଦ୍ୱାରା ବହନ କରାଯିବ, ଯାହାକି ଇ-ପୈଠ ଗେଟ୍‌ୱେ ମାଧ୍ୟମରେ ଆଇଟିଆଇ ଲିମିଟେଡ୍, ନୂଆ ଦିଲ୍ଲୀ ଠାରେ ପୈଠ ଯୋଗ୍ୟ ହେବା ଆବଶ୍ୟକ । ଶେଷ ହେବା ଅବଧି : **୪୫** (ପଇଁତାଳିଶି) ଦିନ, ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : **ତା.୦୭.୦୩.୨୦୧୯**ରିଖ ଅପରାହ୍ଣ **୧୨.୩୦**ଘଟିକା ପର୍ଯ୍ୟନ୍ତ ।

ବିଡ୍ ଫର୍ମ ଏବଂ ଅନ୍ୟ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ **https://dopcivil.euniwizard.com** ରୁ ପ୍ରାପ୍ତ କରାଯାଇ ପାରିବ ।

ସ୍ୱା/- କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ନିର୍ମାଣ),
ପୋଷ୍ଟାଲ ସିଭିଲ୍ ଡିଭିଜନ, ଭୁବନେଶ୍ୱର

# ମଣ୍ଡିରେ ପଡି ରହିଛି ୫ ଲକ୍ଷରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ଧାନ

- ଧାନ ସଂଗ୍ରହରେ ଅବହେଳା
- ଅଭାବୀ ବିକ୍ରିକୁ ପ୍ରୋତ୍ସାହନ ଅଭିଯୋଗ
- ନେଉନାହାନ୍ତି ଜିଲା ମିଲର, ବାହାର ମିଲରଙ୍କୁ ଅପେକ୍ଷା

କେନ୍ଦ୍ରାପଡା ଅଫିସ, ୧।୩


ମାର୍ଶାଘାଇରେ ଥିବା ମଣ୍ଡିରେ ଧାନ ପଡିରହିଛି।

କେନ୍ଦ୍ରାପଡା ଜିଲା ଚାଷୀଙ୍କ ପାଇଁ ବଳକା ଧାନର ବିକ୍ରି ଏବେ ସମସ୍ୟା ହୋଇଛି । ଜିଲାର ବହୁ ଧାନ ମଣ୍ଡିରେ ବର୍ତ୍ତମାନ ୫ ଲକ୍ଷ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ପଡିରହିଛି। ମଣ୍ଡିରେ ଧାନ କିଣା ନାମକୁ ମାତ୍ର ଚାଲିଛି । ତେବେ ଜିଲା ମିଲର ଏହି ଧାନ କ୍ରୟ ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି । ଏଥିପାଇଁ ବାହାର ଜିଲାର ମିଲରଙ୍କୁ ଅପେକ୍ଷା କରାଯାଇଛି । ଅପରପକ୍ଷେ ଅଭାବୀ ବିକ୍ରି ପାଇଁ ଜିଲା ପ୍ରଶାସନ ପ୍ରୋତ୍ସାହିତ କରୁଥିବା ସରକାରୀ ଧାନ ମଣ୍ଡିରେ ବିକ୍ରୟ ସୁଯୋଗ ପାଇ ନ ଥିବା ଚାଷୀ ଅଭିଯୋଗ ଆଣିଛନ୍ତି । ଗତ ୨୦୧୮ ନଭେମ୍ବର ୧୫ରୁ ସରକାରୀ ଭାବେ ଧାନ ମଣ୍ଡି ଖୋଲାଯାଇଛି । କେନ୍ଦ୍ରାପଡା ଜିଲାରେ ଏହି ସମୟରେ ନାମକୁ ମାତ୍ର ସରକାରୀ ମଣ୍ଡି ଖୋଲା ଯାଇଥିବା ବେଳେ ବାସ୍ତବରେ ଗତ ଜାନୁୟାରୀ ମାସରୁ ମିଲରମାନେ ଧାନ ନେଇଛନ୍ତି । ଜିଲାରେ ୧୧୫ଟି ମଣ୍ଡିରେ ଚାଷୀଙ୍କ ଠାରୁ ବଳକା ଧାନ ସଂଗ୍ରହ ହେଉଛି । ଏଥିରେ ଜିଲାର ୨୧ଟି ମିଲର ସାମିଲ ହୋଇଛନ୍ତି । ଜିଲା ଯୋଗାଣ ବିଭାଗ ତଥ୍ୟ ଅନୁଯାୟୀ, ଆଳି ବ୍ଲକ ଅଞ୍ଚଳରୁ ୩୭୫୮୪.୨୩ କୁଇଣ୍ଟାଲ ଧାନ କ୍ରୟ ହୋଇଛି । ସେହିପରି ଡେରାବିଶ ବ୍ଲକ ଅଞ୍ଚଳରୁ ୯୦୬୦୯.୮୩ କୁଇଣ୍ଟାଲ, ଗରଦପୁରରୁ ୨୫୭୧୫.୫୦ କୁଇଣ୍ଟାଲ, କେନ୍ଦ୍ରାପଡାରୁ ୧୨୫୧୭୨.୨୯ କୁଇଣ୍ଟାଲ, ମହାକାଳପଡାରୁ ୬୮୩୦୧.୨୫ କୁଇଣ୍ଟାଲ, ମାର୍ଶାଘାଇରୁ ୫୨୪୫୩.୫୦ କୁଇଣ୍ଟାଲ, ପଟ୍ଟାମୁଣ୍ଡାଇରୁ ୭୧୬୪୩.୩୮ କୁଇଣ୍ଟାଲ, ରାଜକନିକାରୁ ୧୨୩୬୩.୯୫ କୁଇଣ୍ଟାଲ ଓ ରାଜନଗର ବ୍ଲକ ଅଞ୍ଚଳରୁ ୧୨୩୧୩୯.୪୦ କୁଇଣ୍ଟାଲ ଧାନ କ୍ରୟ ହୋଇଛି । ଏ ସମ୍ପର୍କରେ ଡେରାବିଶ ବ୍ଲକ ଛୋଟି ଗ୍ରାମର ଭରତ ଭୂଷଣ ସାହୁ କୁହନ୍ତି ଯେ, ଗତ ଫେବୃୟାରୀ ଆରମ୍ଭରୁ ଧାନ ଅମଳ ଆରମ୍ଭ ହୋଇଛି । ଅମଳ ପରେ ଧାନ ମଣ୍ଡିକୁ ନେଇଥିବା ବେଳେ ମିଲର ଆସୁ ନ ଥିବାରୁ ଧାନ ବିକ୍ରି କରି ପାରୁନାହିଁ। ଗତ ୧୦ ଦିନ ଧରି ମଣ୍ଡିରେ ଧାନ ରଖିଛି। ଅଭାବୀ ସଂସାରକୁ ଚଳାଇବା ପାଇଁ ନିଜ ଜମି ସହିତ ଭାଗ ଚାଷ କରିଥିଲି । ତେବେ ମିଲର ନେଉ ନଥିବାରୁ ମଣ୍ଡିରେ ଧାନ ପଡିରହିଛି । ଏନେଇ ଆଣିଥିବା କୃଷି ଋଣ ଶୁଝିବି କିପରି ବୋଲି ସେ କ୍ଷୋଭର ସହ ପ୍ରକାଶ କରିଛନ୍ତି । ସେହିପରି କଂସାର ଗ୍ରାମର ନିରଞ୍ଜନ ପରିଡା କୁହନ୍ତି ଯେ, ଧାନର ଅଭାବୀ ବିକ୍ରି ପାଇଁ ଏବେ ବାଧ୍ୟ ହେଉଛୁ । ଜିଲାର ପ୍ରତ୍ୟେକ ମଣ୍ଡିରେ ଧାନ ବିକ୍ରି ପାଇଁ ଚାଷୀ ବସି ରହିଥିବା ବେଳେ ଜିଲା ପ୍ରଶସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ । ଏନେଇ ଚାଷୀ ନେତା ମିଳନ କୁମାର ଧଳ କୁହନ୍ତି ଯେ, କେନ୍ଦ୍ରାପଡା ଜିଲାର ଅର୍ଥନୀତି କୃଷିଭିତ୍ତିକ । ଏଠାରେ ଧାନ ଫସଲ ମୁଖ୍ୟ ଆୟ । ମଣ୍ଡି ରେ ଧାନ କ୍ରୟ ହେଉ ନ ଥିବା ଯୋଗୁ ଚାଷୀ ଏବେ ଋଣ ସୁଝିବା ଚିନ୍ତାରେ ଅଛନ୍ତି । ୨୦୧୫–୧୬ ମସିହାରେ ମାର୍କଫେଡ୍ ପକ୍ଷରୁ ଧାନ କ୍ରୟ ସମୟରେ ଦୁର୍ନୀତି ହୋଇଥିବା ଭଳି ଚଳିତବର୍ଷ ଏପରି ସୁଯୋଗ ସୃଷ୍ଟି ପାଇଁ ପ୍ରଶାସନିକ ଅଧିକାରୀ ଓ ରାଜନେତା ଚକ୍ରାନ୍ତ କରୁଛନ୍ତି । ତୁରନ୍ତ ଏଥିପ୍ରତି ଦୃଷ୍ଟି ଦିଆ ନ ଗଲେ ବଡଧରଣର ଆନ୍ଦୋଳନ ହେବ । ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ରଜନୀକାନ୍ତ ଦାସ କୁହନ୍ତି ଯେ, ଜିଲାରେ ଧାନ କ୍ରୟ ଆରମ୍ଭରୁ ମିଲରଙ୍କୁ ଆହ୍ୱାନ କରାଯାଇଥିଲା । ତେବେ ଏଥିରେ ମାତ୍ର ୨୧ଟି ମିଲର ସାମିଲ ହୋଇ ୬୩୯୯୪୩.୪୭ କୁଇଣ୍ଟାଲ ଧାନ କ୍ରୟ ପାଇଁ ସିକୁରିଟି ମନି ଦାଖଲ କରିଥିଲେ। ଇତିମଧ୍ୟରେ ଜିଲାରୁ ମୋଟ ୬୧୩୯୮୩.୩୩ କୁଇଣ୍ଟାଲ ଧାନ ଉଠାଇ ଏବାବଦ ମୋଟ ୧୪୦୦୮୫.୧୩ କୁଇଣ୍ଟାଲ ଚାଉଳ ପ୍ରଦାନ କରିଛନ୍ତି । ମିଲରଙ୍କ ଆଗ୍ରହ ନ ଥିବା ଯୋଗୁ ବାହାର ଜିଲା ମିଲରଙ୍କୁ ଏହି ଜିଲାରୁ ଧାନ କ୍ରୟ ପାଇଁ ଗତ ୧୫ ଦିନ ପୂର୍ବରୁ ଆହ୍ୱାନ କରାଯାଇଛି। ତେବେ ଗୋଟିଏ ମଧ୍ୟ ବାହାର ଜିଲା ମିଲର ଅଦ୍ୟାବଧି ଆସିନାହାନ୍ତି । ଏନେଇ ଜିଲାପାଳଙ୍କ ସହ ଆଲୋଚନା କରାଯିବ ବୋଲି ସେ ପ୍ରକାଶ କରିଛନ୍ତି ।

## ସଂକ୍ଷେପରେ

### ରୋଗୀ କଲ୍ୟାଣ ସମିତି ବୈଠକ



ପଟ୍ଟାମୁଣ୍ଡାଇ,୧।୩(ସ୍ୱ.ପ୍ର) ପଟ୍ଟାମୁଣ୍ଡାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତିର ଦ୍ୱିତୀୟ ବୈଠକ ନିକଟରେ ସ୍ୱାସ୍ଥ୍ୟକେନ୍ଦ୍ରର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷା ଜ୍ୟୋତିର୍ମୟୀ ବେହେରା ସଭାପତିତ୍ୱ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ନିରାକାର ପରିଡା ବୈଠକରେ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ବାର୍ଷିକ ବ୍ୟୟ ଅଟକଳ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପଟ୍ଟାମୁଣ୍ଡାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ ଘୋଷଣା କରାଯାଇଥିଲେ ମଧ ସ୍ୱାସ୍ଥ୍ୟସେବା ପାଇଁ ଡାକ୍ତର, ଚିକିତ୍ସା ଉପକରଣ ଏବଂ ସହକାରୀ ସ୍ୱାସ୍ଥ୍ୟକର୍ମୀ ଅଭାବ ନେଇ ବୈଠକରେ ରାଜନଗର ବିଧାୟକଙ୍କ ପ୍ରତିନିଧି ଆଲୋକ ରଞ୍ଜନ ଧଳ ଉଦ୍‌ବେଗ ପ୍ରକାଶ କରିଥିଲେ। ଚଳିତବର୍ଷ ପାଇଁ ୧୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ଧାର୍ଯ୍ୟ କରାଯାଇଥିବା ବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପରିସର ସଫାସୁତୁରା ରଖିବା, ରୋଗୀମାନଙ୍କୁ ମଶାରୀ ପ୍ରଦାନ, ପରିସରରେ ମିନି ପାର୍କ, ବାଇକ ଷ୍ଟାଣ୍ଡ, ସିସି ଟିଭି ଲଗାଇବା, ଅବାଧ ଅନୁପ୍ରବେଶକୁ ରୋକିବା ପାଇଁ ନୂତନ ଗେଟ୍ ସ୍ଥାପନ କରିବା ନେଇ ଆଲୋଚନା ହୋଇଥିଲା। ଅନ୍ୟପକ୍ଷରେ ବାଳିକା ହାଇସ୍କୁଲ ସମ୍ମୁଖସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଫାଟକ ସମ୍ମୁଖରୁ ଉଠାଦୋକାନୀଙ୍କ ସହ ଅସ୍ଥାୟୀ ଅଟୋ ଷ୍ଟାଣ୍ଡ ହଟାଇବାକୁ ପୌରନିର୍ବାହୀ ଅଧିକାରୀଙ୍କୁ ବାରମ୍ବାର ଚିଠି ପ୍ରଦାନ କରାଯାଇଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ନେଇ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ଏହି ବୈଠକରେ ବିଭିନ୍ନ ଲାଇନ୍ ବିଭାଗର ଅଧିକାରୀମାନେ ଯୋଗ ଦେଇ ନ ଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ସମିତି ବୈଠକରେ ଡେପୁଟେସନ୍‌ରେ ଆସିଥିବା ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଶେଷଜ୍ଞ ଡା. ପ୍ରମୋଦ ପ୍ରହରାଜ, ସିଡ଼ିପିଓ ମୁସ୍ତରୀ ବେଗମ୍, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଅଶୋକ କୁମାର ଜେନାଙ୍କ ସମେତ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ସ୍ୱାସ୍ଥ୍ୟକର୍ମୀ ଓ ସହଯୋଗୀମାନେ ଉପସ୍ଥିତ ଥିଲେ।

### ନାବାଳିକାଙ୍କୁ ବଳାତ୍କାର

କେନ୍ଦ୍ରାପଡା ପୋଲିସ, ୧।୩: ଟାଉନ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ନିଜର ରକ୍ତ ସମ୍ପର୍କୀୟ ବାରମ୍ବାର ବଳାତ୍କାର କରିଛନ୍ତି । ଏ ସମ୍ପର୍କରେ ନାବାଳିକାଙ୍କ ମାମୁଁ ଥାନାରେ ଶୁକ୍ରବାର ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଅଭିଯୁକ୍ତଙ୍କୁ ଥାନାକୁ ଆଣି ପଚରାଉଚୁରା ଚଳାଇଥିବା ଥାନା ଅଧିକାରୀ ଦେବାଶିଷ ମିଶ୍ର ସୂଚନା ଦେଇଛନ୍ତି ।

## କେନ୍ଦ୍ରାପଡା ପଞ୍ଚାୟତ ସମିତି ବୈଠକ ପାନୀୟ ଜଳ ଓ ଖାଦ୍ୟ ସୁରକ୍ଷାକୁ ଗୁରୁତ୍ୱ

କେନ୍ଦ୍ରାପଡା ପୋଲିସ, ୧।୩

କେନ୍ଦ୍ରାପଡା ପଞ୍ଚାୟତ ସମିତି ସଭା ଗୃହରେ ସମିତିର ପଞ୍ଚମ ସାଧାରଣ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପାନୀୟ ଜଳ ଓ ଖାଦ୍ୟ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଥିଲା । ବୈଠକରେ ନୂତନ ବିଡିଓଙ୍କ ସ୍ୱାଗତ ସହ ଉନ୍ନୟନ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା । ଆସନ୍ତା ଗ୍ରୀଷ୍ମଋତୁକୁ ଦୃଷ୍ଟିରେ ରଖି ସମସ୍ତ ଗ୍ରାମାଞ୍ଚଳରେ ପାନୀୟ ଜଳ ବ୍ୟବସ୍ଥା କାର୍ଯ୍ୟକାରୀ ପାଇଁ ନିଷ୍ପତ୍ତି ହୋଇଥିଲା । ସେହିପରି ଖାଦ୍ୟ ସୁରକ୍ଷା ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ପ୍ରସ୍ତାବ ଆଗତ କରାଯାଇଥିଲା । ବୈଠକରେ ବ୍ଲକ ଉପାଧ୍ୟକ୍ଷା ସ୍ନେହଲତା ପ୍ରଧାନ, ବିଡିଓ ସୁଧୀର କୁମାର ସିଂ, ସହକାରୀ ଯନ୍ତ୍ରୀ ପରମାନନ୍ଦ ନାୟକ, ଜିପିଓ ଅନିରୁଦ୍ଧ ବେହେରାଙ୍କ ସମେତ ବ୍ଲକର ସମସ୍ତ ଲୋକପ୍ରତିନିଧି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ରେଡକ୍ରସ ପାଣ୍ଠିକୁ ମିଳୁନାହିଁ ଆବଶ୍ୟକ ପରିମାଣ ଅର୍ଥ


ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ।

କେନ୍ଦ୍ରାପଡା ଅଫିସ, ୧।୩– ଜିଲାବାସୀଙ୍କ ଆପଦକାଳୀନ ସମସ୍ୟାର ସମାଧାନ ପାଇଁ ଜିଲା ରେଡକ୍ରସ ପାଣ୍ଠି ଗଠନ ହୋଇଛି । ତେବେ ଏହି ପାଣ୍ଠି ପାଇଁ ଆବଶ୍ୟକ ପରିମାଣର ଅର୍ଥ ସଂଗ୍ରହ ହୋଇପାରୁନାହିଁ । ଚଳିତ ଆର୍ଥିକ ବର୍ଷରେ ୪୩ ଲକ୍ଷ ୩୦ ହଜାର ଟଙ୍କାର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ଗତ ଫେବୃୟାରୀ ଶେଷ ସୁଦ୍ଧା ୧୮,୨୪,୬୪୩ ଟଙ୍କା ସଂଗ୍ରହ ହୋଇପାରିଛି । ମାତ୍ର ଏକ ମାସ ମଧ୍ୟରେ ଅଧାରୁ ଅଧିକ ଟଙ୍କା ସଂଗ୍ରହ କଷ୍ଟକର ହେବ ବୋଲି ସମୀକ୍ଷା ବୈଠକ ଆଲୋଚନାରୁ ସୂଚନା ମିଳିଛି । ଜିଲାପାଳ କାର୍ଯ୍ୟାଳୟ ସଭାଗୃହରେ ଏ ସମ୍ପର୍କରେ ଏକ ସମୀକ୍ଷା ବୈଠକ ଗୁରୁବାର ଅନୁଷ୍ଠିତ ହୋଇଥିଲା । ଜିଲାପାଳ ଦାଶରଥୀ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରେଡକ୍ରସ ପାଣ୍ଠି ଆଦାୟକୁ ଗୁରୁତ୍ୱ ଦିଆଯାଇଥିଲା । ଯୋଗଣ ବିଭାଗ ପକ୍ଷରୁ ମିଲର, କିରୋସିନ ହୋଲସେଲର, ତେଲ ଟାଙ୍କି ଆଦିରୁ ପାଣ୍ଠି ସଂଗ୍ରହ ପାଇଁ ରେଡକ୍ରସ ରସିଦ କାଟିବାକୁ ଜିଲାପାଳ ଶତପଥୀ ନିର୍ଦ୍ଦେଶ ଦେଇଥିଲେ । ସେହିପରି କେନ୍ଦ୍ରାପଡା ନିୟନ୍ତ୍ରିତ ବଜାର କମିଟି, ଜିଲା ଶିଳ୍ପକେନ୍ଦ୍ର, ପୌରସଂସ୍ଥା, ଅବକାରୀ, ପରିବହନ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଆଦାୟ ହେଉଥିବା ପାଣ୍ଠି ନୈରାଶ୍ୟଜନକ ଥିବାରୁ ତାଗିଦ କରିଥିଲେ । ଏହି ବୈଠକରେ ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର, ଜିଲା କୃଷି ଅଧିକାରୀ ମିତ୍ରୋଦ୍ରୟ ଦାସ, ପୌର ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଚିନ୍ମୟୀ ରଥ ପ୍ରମୁଖ ଯୋଗ ଦେଇଥିଲେ । ଏଥିସହ ଜିଲାର ତହସିଲଦାର, ବିଡିଓ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।

## ପ୍ରଭାତ ସ୍ମାରକୀ କ୍ରିକେଟ: ରାଜନଗର ଚାମ୍ପିୟନ

ରାଜନଗର,୧।୩(ଡି.ଏନ୍.ଏ)

ରାଜନଗର ବ୍ଲକ ଫିରିକିଦାଣ୍ଡି ମିନିଷ୍ଟାଡିୟମଠାରେ ଅନୁଷ୍ଠିତ ଜିଲାସ୍ତରୀୟ ପ୍ରଭାତ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟରେ ରାଜନଗର ଦଳ ଚାମ୍ପିୟନ ହୋଇଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ରାଜନଗର ଇଶାଣୀପଲ୍ଲୀ ଦଳକୁ ପରାସ୍ତ କରି ଟାଇଟଲ ହାସଲ କରିଛି। ରାଜନଗର ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୪୦ ରନ କରିଥିଲେ। ଦଳପକ୍ଷରୁ ଚିତ୍ତରଞ୍ଜନ ୫୦ ରନ କରିଥିଲେ। ଜବାବରେ ଇଶାଣୀପଲ୍ଲୀ ୧୮ ଓଭରରେ ସମସ୍ତ ଉଇକେଟ ହରାଇ ୮୮ ରନ କରି ପରାଜିତ ହୋଇଥିଲା। ରାଜନଗରର ଶୁଭମ ୪ ଓଭରରେ ୧୨ ରନ ଦେଇ ୪ ଉଇକେଟ ନେଇଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ସୁଭମ, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ଚିତ୍ତରଞ୍ଜନ ଏବଂ ମ୍ୟାନ୍ ଅଫ୍ ଦି ସିରିଜ ପାର୍ଥଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ସୁଧୀର କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଟକ ସେବା ସମବାୟ ସମିତିର ନିର୍ଦ୍ଦେଶକ ଅରୁଣ କୁମାର ପାତ୍ର ମୁଖ୍ୟଅତିଥି, ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ ମୁଖ୍ୟବକ୍ତା, ସରପଞ୍ଚ କିରଣ କୁମାର ନାୟକ, ସଚ୍ଚିଦାନନ୍ଦ ପାତ୍ର, ସୁବ୍ରତ କୁମାର ପ୍ରଧାନ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଂଜେଶ ବେହେରା, ଅଞ୍ଜନ ନାୟକ, ଅରୂପାନନ୍ଦ ବେହେରା, ଜଗନ୍ନାଥ ପାତ୍ର, ପ୍ରଦ୍ୟୁମ୍ନ ନାୟକ, ମଳୟ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

## ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀଙ୍କ ପାଇଁ ଋଣ କର୍ମଶାଳା ଓ ସଚେତନତା ଶିବିର

ଡେରାବିଶ,୧।୩ (ସ୍ୱ.ପ୍ର.)


ସରକାରୀ ପଲିଟେକନିକ କଲେଜ ସଭାଗୃହରେ ଅନୁଷ୍ଠିତ ଶିବିର।

ଡେରାବିଶ ବ୍ଲକ ଅନ୍ତର୍ଗତ ଚାଟରାଚକଡା ପଞ୍ଚାୟତର ଛତାସ୍ଥିତ କେନ୍ଦ୍ରାପଡା ସରକାରୀ ପଲିଟେକନିକ କଲେଜ ସଭାଗୃହରେ ଓଡିଶା ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡ ପକ୍ଷରୁ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀମାନଙ୍କ ପାଇଁ ମିଶନ ଶକ୍ତି ଋଣ କର୍ମଶାଳା ଓ ସଚେତନତା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଖଦୀବୋର୍ଡ ଓ ମିଶନ ଶକ୍ତିର ମିଳିତ ଆନୁକୂଲ୍ୟରେ ହୋଇଥିବା ଏହି ଶିବିରକୁ ଖଦୀ ବୋର୍ଡର ଅଧକ୍ଷ ତେଜେଶ୍ୱର ପରିଡା ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଦିନିକିଆ ଏହି ଶିବିରରେ ଡେରାବିଶ ବ୍ଲକ ଅଞ୍ଚଳର ଶତାଧିକ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କ ସମେତ ବହୁ ଯୁବ ଓ ମହିଳା ଉଦ୍ୟୋଗୀ ଯୋଗ ଦେଇଥିଲେ। ଶିବିରରେ ଜିଲା ସମାଜ କଲ୍ୟାଣ ଅଧିକାରିଣୀ ଚିନ୍ମୟୀ ରଥ, ଡେରାବିଶ ବ୍ଲକ ସମନ୍ୱିତ ମହିଳା ଓ ଶିଶୁ ବିକାଶ ଅଧିକାରିଣୀ ସରସ୍ୱତୀ ସେଠୀ, ଜିଲା ମିଶନ ଶକ୍ତି ସଂଯୋଜିକା ଗାୟତ୍ରୀ ସ୍ୱାଇଁ, ଛତାସ୍ଥିତ ଷ୍ଟେଟ ବ୍ୟାଙ୍କ ଆତ୍ମ ନିଯୁକ୍ତି ପ୍ରଶିକ୍ଷଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ଲକ୍ଷ୍ମୀଧର ମଲ୍ଲିକ, ଓଡିଶା ଗ୍ରାମ୍ୟ ବ୍ୟାଙ୍କ, ପଞ୍ଚୁପାଣ୍ଡବ ଶାଖା ପ୍ରବନ୍ଧକ ସୁନିଲ ପ୍ରଧାନ, ମିଶନ ଶକ୍ତିର ଡିପିସି କୈଳାସ ସେନାପତି ଓ ମମତା ଯୋଜନାର ଡିପିସି ମନୋରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ବିଭିନ୍ନ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କରିବାକୁ ଚାହୁଁଥିବା ମହିଳାମାନେ କିପରି ସରକାରୀ ସହାୟତା ପାଇ ପାରିବେ ସେ ସଂପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଖଦୀ ବୋର୍ଡ ଅଧକ୍ଷ ତାଙ୍କ ବିଭାଗ ତରଫରୁ ଦିଆଯାଉଥିବା ବିଭିନ୍ନ ଋଣ ଓ ମହିଳାମାନଙ୍କ ପାଇଁ ଏଥିରେ ରହିଥିବା ରିହାତି ବାବଦରେ କହିବା ସହିତ ଉପସ୍ଥିତ ଥିବା ବ୍ୟାଙ୍କ ଅଧିକାରୀମାନଙ୍କୁ ଏଥିପାଇଁ ସହାୟତା କରିବା ପାଇଁ ଆହ୍ୱାନ କରିଥିଲେ। ରାଜ୍ୟ ସରକାର ବିଭାଗ ମାଧମରେ ମହିଳାମାନଙ୍କୁ ଆତ୍ମ ନିର୍ଭରଶୀଳ ଓ ସ୍ୱାବଲମ୍ବୀ ହେବା ଲାଗି ସର୍ବୋଚ୍ଚ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦେବା ସହିତ ଏଥିରେ ଶତକଡା ୩୫ଭାଗ ଋଣ ଛାଡର ବ୍ୟବସ୍ଥା କରିଥିବାରୁ ଏହାର ଲାଭ ଉଠାଇବାକୁ ପରାମର୍ଶ ଦେଇଥିଲେ। ସେହିପରି ମିଶନ ଶକ୍ତି ମାଧମରେ ପ୍ରତ୍ୟେକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦେବାର ବ୍ୟବସ୍ଥା କରାଯାଇଥିବା ବିଭାଗୀୟ ଅଧିକାରୀମାନେ ସୂଚନା ଦେଇଥିଲେ। ତେବେ ଏହି ଶିବିରରେ ବହୁ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଋଣ ଦେବାରେ ବ୍ୟାଙ୍କଗୁଡିକ ଅସହଯୋଗ କରୁଥିବାର ଅଭିଯୋଗ କରିବାରୁ ଏ ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଏହାର ସମାଧାନ ବାହାର କରିବା ପାଇଁ ପଦକ୍ଷେପ ନେବେ ବୋଲି ଖଦୀ ବୋର୍ଡ ଅଧକ୍ଷ ପରିଡା ଉପସ୍ଥିତ ମହିଳାମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଖଦୀ ବୋର୍ଡର ଉନ୍ନୟନ ଅଧିକାରୀ ପ୍ରଦୀପ୍ତ କୁମାର ପତିଙ୍କ ତତ୍ତ୍ୱାବଧାନରେ ଶିବିର ହୋଇଥିଲା । ଶିବିର ପରିଚାଳନାରେ ମିଶନଶକ୍ତିର ବ୍ଲକ ସଂଯୋଜକ କୈଳାଶ ଚନ୍ଦ୍ର ବାରିକଙ୍କ ସମେତ ରଶ୍ମୀରଞ୍ଜନ ପ୍ରଧାନ, ସୁମନ୍ତ ସେଠୀ, ସାହାଜାହାନ ଖାନ, କରୁଣାକର ସେଠୀ, ସୋଲେମାନ ଖାନ ଓ ବିଶ୍ୱମୋହନ ଦାସ ପ୍ରମୁଖ ସହଯୋଗ କରିଥିଲେ। ପ୍ରାରମ୍ଭରେ ଖଦୀବୋର୍ଡ ଅଧକ୍ଷ ପଲିଟେକନିକ କଲେଜ ପରିଦର୍ଶନ କରିବା ସହିତ କଲେଜର ସମସ୍ୟା ଓ ଛାତ୍ରୀଛାତ୍ରଙ୍କ ଅଭାବ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ।

- ପାଇଲଟ ଅଭିନନ୍ଦନଙ୍କ ଦେଶ ବାହୁଡା

## ପଟ୍ଟାମୁଣ୍ଡାଇ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଅଭିନନ୍ଦନ

ପଟ୍ଟାମୁଣ୍ଡାଇ, ୧।୩(ସ୍ୱ.ପ୍ର)


ଅଭିନନ୍ଦନଙ୍କୁ ସ୍ୱାଗତ ଜଣାଇ ଶୋଭାଯାତ୍ରା

ପାକିସ୍ତାନ କବ୍‌ଜାରେ ଥିବା ଭାରତୀୟ ବାୟୁସେନା ପାଇଲଟ୍ ଅଭିନନ୍ଦନ ବର୍ଥମାନଙ୍କ ଦେଶ ବାହୁଡା ନେଇ ସମଗ୍ର ଭାରତବର୍ଷରେ ଆନନ୍ଦ ଉଲ୍ଲାସର ମାହୋଲ ସୃଷ୍ଟି ହୋଇଛି । ସାରା ଦେଶବାସୀ ବାୟୁସେନା ୱିଙ୍ଗ କମାଣ୍ଡର ଅଭିନନ୍ଦନଙ୍କୁ ଆନନ୍ଦ ଉଲ୍ଲାସର ସହିତ ସ୍ୱାଗତ କରିଛନ୍ତି । ତେବେ ପାକିସ୍ତାନ ସେନା ଅଭିନନ୍ଦନଙ୍କୁ ସମ୍ମାନର ସହିତ ଭାରତୀୟ ସେନାଙ୍କୁ ହସ୍ତାନ୍ତର କରିବା ପରେ ଦେଶବାସୀ ଉତ୍‌ଫୁଲ୍ଲିତ ହୋଇ ଉଠିଛନ୍ତି । ପଟ୍ଟାମୁଣ୍ଡାଇ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ବାୟୁସେନା ୱିଙ୍ଗ କମାଣ୍ଡର ଅଭିନନ୍ଦନଙ୍କୁ ଶୁକ୍ରବାର ସନ୍ଧ୍ୟାରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ବିଶ୍ୱ ହିନ୍ଦୁ ପରିଷଦ ପଟ୍ଟାମୁଣ୍ଡାଇ ଶାଖା ସଭାପତି ଦେବାଶିଷ ପଣ୍ଡା, ସାଧାରଣ ସମ୍ପାଦକ ପ୍ରତାପ ପାଢୀ, କାର୍ଯ୍ୟକାରୀ ସଭାପତି ଅମ୍ବୁଜ ଭୂଷଣ ନାୟକ, ସଂଯୋଜକ ରବୀନ୍ଦ୍ର ମଲିକ, ଏଭିଭିପି ର ରତି ରଞ୍ଜନ ପଟ୍ଟନାୟକ, ସୀମାଞ୍ଚଳ ପଣ୍ଡା, ମିଳନ ଧଳ, ପ୍ରଶାନ୍ତ ସାହୁ, ଅଜୟ ସ୍ୱାଇଁ, ଉପେନ୍ଦ୍ର ମଲିକଙ୍କ ସମେତ ଶତାଧିକ କର୍ମୀ ଓ ସମର୍ଥକ ପଟ୍ଟାମୁଣ୍ଡାଇ ବସଷ୍ଟାଣ୍ଡ ଠାରୁ ଏକ ଶୋଭାଯାତ୍ରାରେ ବାଜା ବଜାଇ ବାଣ ଫୁଟାଇ ବନ୍ଦେ ମାତରମ, ବାୟୁସେନା ଜିନ୍ଦାବାଦ ଧ୍ୱନୀ ଦେଇ ଅଭିନନ୍ଦନଙ୍କୁ ଅଭନନ୍ଦନ ଜଣାଇଥିଲେ । ଏଥି ସହିତ ଆତଙ୍କବାଦୀଙ୍କୁ ସମୂଳେ ବିନାଶ କରିବା ସହିତ ଇମ୍ରାନ ଖାଁ ମୁର୍ଦ୍ଦାବାଦ, ପାକିସ୍ତାନ ମୁର୍ଦ୍ଦାବାଦ ସ୍ଲୋଗାନ ଦେଇ ବାଇପାସ ଛକ ନିକଟରେ ଉତ୍ସବ ମନାଇଥିଲେ । ଏହି ଶୋଭାଯାତ୍ରାରେ ମନୋଜ ମଲିକ, ସୁଶାନ୍ତ ବଳ, ସଞ୍ଜୟ ମଲିକ, ମାନସ ମଲିକ, ରାଜେନ୍ଦ୍ର ଷଡଙ୍ଗୀ, ପ୍ରଦୀପ ମଲିକ ପ୍ରମୁଖ ସାମିଲ ହୋଇଥିଲେ ।

## ବାରଣ୍ଡାରେ ଲୁଗା ଘେରାଇ ଚାଲିଛି ଅଙ୍ଗନୱାଡି କେନ୍ଦ୍ର

- ରୋଷେଇ ଧୂଆଁରେ ପେଷି ହେଉଛନ୍ତି କୁନି କୁନି ପିଲା

ମହାକାଳପଡା, ୧।୩ (ଡି.ଏନ.ଏ.)


ବାରଣ୍ଡାରେ ପାଠପଢା ଚାଲିଛି।

ଆମ ରାଜ୍ୟରେ କେଉଁଠି ଅଙ୍ଗନୱାଡି କେନ୍ଦ୍ର ଗୃହ ଅଭାବ ଯୋଗୁ ଗଛମୂଳେ ପାଠ ପଢା ଯାଉଛି ତ କେଉଁଠି ଅସୁରକ୍ଷିତ ଗୃହ କିମ୍ବା ବାରଣ୍ଡାରେ ଚାଲିଛି। ଫଳରେ ଏଠାରେ ପାଠ ପଢୁଥିବା ଶିଶୁମାନଙ୍କ ଜୀବନ ପ୍ରତି ବିପଦ ରହିଥିବା ବେଳେ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକ ରାମନଗର ପଞ୍ଚାୟତର ୧ ନଂ ଅଙ୍ଗନୱାଡି କେନ୍ଦ୍ର ଏହାର ଏକ ଉଦାହରଣ । ୨୦୦୨ ମସିହାରୁ ଏହି କେନ୍ଦ୍ର ଖୋଲାଯାଇଥିଲେ ମଧ ଅଦ୍ୟାବଧି ନିଜସ୍ୱ ଗୃହ ନିର୍ମାଣ ହୋଇ ପାରିନାହିଁ । ଫଳରେ ପଞ୍ଚାୟତର ଜଣେ ବ୍ୟକ୍ତିଙ୍କ ଘର ବାରଣ୍ଡାରେ ଏହି କେନ୍ଦ୍ର ଚାଲିଛି । ବାରଣ୍ଡାରେ ପୁରୁଣା ଲୁଗା ଟାଙ୍ଗି ଅଙ୍ଗନୱାଡି ଶିଶୁମାନଙ୍କୁ ଶିକ୍ଷା ଦିଆଯାଉଥିବା ଦେଖିବାକୁ ମିଳୁଛି। ଫଳରେ ବର୍ଷାଦିନେ ବର୍ଷା ପାଣି ଛିଟା ମାରିବା ଯୋଗୁ ପାଠପଢାରେ ସମସ୍ୟା ହୋଇଥାଏ। ଖାଲି ସେତିକି ନୁହେ ଖାଲୁଆ ସ୍ଥାନ ଯୋଗୁ ବର୍ଷା ଦିନେ ସେଠାରେ ୨ ଫୁଟ ଉଚ୍ଚର ବର୍ଷା ଜଳ ଜମିରହେ । ତେଣୁ ଶିଶୁମାନେ କେନ୍ଦ୍ରକୁ ଯିବା ପାଇଁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଶୀତ ଓ ଖରାଦିନେ ମଧ କୋମଳମତି ଶିଶୁମାନେ ଦୁର୍ଦ୍ଦଶା ମଧ୍ୟରେ ପାଠ ପଢିଥାନ୍ତି । ଏହି କେନ୍ଦ୍ରରେ ୨୦ରୁ ଊର୍ଦ୍ଧ୍ୱ ଶିଶୁଙ୍କୁ ଶିକ୍ଷାଦାନ କରାଯାଉଥିବା ବେଳେ ସେମାନଙ୍କୁ ସେଠାରେ ଖାଦ୍ୟ ପରିବେଷଣ କରାଯାଇଥାଏ । ଏଥିପାଇଁ ବାରଣ୍ଡାରେ ରୋଷେଇ ହେବାରୁ ଧୂଆଁରେ ଶିଶୁମାନେ ଅତିଷ୍ଠ ହୋଇ ପଢୁଥିବା ଦେଖିବାକୁ ମିଳିଥାଏ । ଏହି ଅଙ୍ଗନୱାଡି କେନ୍ଦ୍ରର ନୂତନ ଗୃହ ନିର୍ମାଣ ପାଇଁ ବହୁବାର ଦାବି ହୋଇ ଆସୁଥିଲେ ମଧ କୌଣସି ସୁଫଳ ମିଳିନାହିଁ । ଏ ସମ୍ପର୍କରେ ମହାକାଳପଡା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ମନୋରମା ସ୍ୱାଇଁଙ୍କୁ ପଚାରିବାରେ କହିଥିଲେ ଯେ, ୧ ନଂ ଅଙ୍ଗନୱାଡି କେନ୍ଦ୍ରର ଗୃହ ଅଭାବ ଯୋଗୁ ଶିକ୍ଷାଦାନରେ ସମସ୍ୟା ରହିଛି। ଖୁବଶୀଘ୍ର ନୂତନ ଗୃହ ନିର୍ମାଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଥିବା ଅଧିକାରିଣୀ ସ୍ୱାଇଁ କହିଥିଲେ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କୋମଳମତି ଶିଶୁମାନଙ୍କ ବିକାଶ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ବିଶେଷ କରି ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ପୋଷାକ ଓ ପୁସ୍ତକ ଯୋଗାଣ କ୍ଷେତ୍ରରେ ବ୍ୟାପକ ଅର୍ଥ ବିନିଯୋଗ ହେଉଛି। ତେବେ ଭିତ୍ତିଭୂମିର ଅଭାବ ଯୋଗୁ ସରକାରୀ ଯୋଜନାର ସୁଫଳ ପାଇବାରୁ ଛାତ୍ରୀଛାତ୍ର ବଞ୍ଚିତ ହେଉଛନ୍ତି ।

## ସଂକ୍ଷେପରେ

### କୁଆପଥର ମାଡ଼ରେ ଛପର ଭାଙ୍ଗିଲା

**ତିର୍ତ୍ତୋଲ,୧।୩(ଡି.ଏନ.ଏ.):** କାଳବୈଶାଖୀ ଓ କୁଆପଥର ମାଡ଼ରେ ତିର୍ତ୍ତୋଲ ବ୍ଲକ ଗୋପାଳପୁର(ଶ) ପଞ୍ଚାୟତ ଅଧୀନ ବେହେଡ଼େପୁର ଗ୍ରାମର ଗୌତମ ଦାସଙ୍କ ଗୁହାଳ ଆଜବେଷ୍ଟସ ଭାଙ୍ଗିଯାଇଛି। ଏଥିସହ ଗୁହାଳେ ଥିବା ୫ରୁ ଅଧିକ ଗାଈ ଆହତ ହୋଇଛନ୍ତି। ଏସମ୍ପର୍କରେ ସେ ଶୁକ୍ରବାର ତହସିଲଦାର ସୁଜାତା ପାତ୍ରଙ୍କୁ ଅଭିଯୋଗ କରିଛନ୍ତି। ଗୁହାଳେ ୧୦ରୁ ଅଧିକ ଗୋରୁ ବନ୍ଧା ହୋଇଥିଲେ। କାଳବୈଶାଖୀ ଓ କୁଆପଥର ମାଡରେ ଗୁହାଳର ଆଜବେଷ୍ଟସ ସବୁ ଭାଙ୍ଗି ଗୋରୁଙ୍କ ଉପରେ ପଡିଥିଲା। ଏଥିରେ ଗୁହାଳ ଘରେ ଥିବା କେତେକ ଗାଈଙ୍କ ଦେହରେ କ୍ଷତ ସୃଷ୍ଟି ହୋଇଛି। ସରକାରୀ ସହାୟତା ଯୋଗାଇଦେବାକୁ ସେ ଦାବି କରିଛନ୍ତି।

### ଜନ୍ମମାଟିରେ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

**କୁଜଙ୍ଗ,୧।୩(ସ୍ୱ.ପ୍ର.):** ସିଆର୍‌ପିଏଫ୍‌ରେ କାର୍ଯ୍ୟରତ କୁଜଙ୍ଗ ବ୍ଲକ୍ ସାହାରାଡିଆ ଗ୍ରାମର ଯବାନ ପ୍ରବୀର ସେଠୀଙ୍କ ଦୁଇଦିନ ତଳେ ହୃଦଘାତରେ କାର୍ଯ୍ୟକ୍ଷେତ୍ରରେ ମୃତ୍ୟୁ ଘଟିଥିଲା। ତାଙ୍କ ମରଶରୀର ଶୁକ୍ରବାର ଗ୍ରାମରେ ପହଞ୍ଚିବା ପରେ ହଜାର ହଜାର ଜନସାଧାରଣ ଶେଷ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ଏକ ସ୍ୱତନ୍ତ୍ର ଗାଡିରେ ତାଙ୍କ ମୃତଦେହ ଗ୍ରାମକୁ ନିଆଯାଇଥିଲା। ସାଥିରେ ସିଆର୍‌ପିଏଫ୍‌ର ଅଧିକାରୀ ଦେବେରାଜ ଜେନାଙ୍କ ସହ ବହୁ ଅଧିକାରୀ, କୁଜଙ୍ଗ ଥାନା ଅଧିକାରୀ ଦିଲୀପ୍ ସାହୁ ଓ ବହୁ ଜନପ୍ରତିନିଧି ଉପସ୍ଥିତ ଥିଲେ। ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀଛାତ୍ର, ସାମାଜିକ ଅନୁଷ୍ଠାନର ସଦସ୍ୟମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଗ୍ରାମର ଫଗୁ ସେଠୀଙ୍କ ପୁଅ ପ୍ରବୀର ଗ୍ରାମର ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟରେ ସାମିଲ ହେଉଥିଲେ। ତାଙ୍କ ବିୟୋଗରେ ସରପଞ୍ଚ ପ୍ରମୋଦ ସ୍ୱାଇଁ, ଭାଜପା ଜିଲା ଯୁବମୋର୍ଚ୍ଚା ସଭାପତି ସମ୍ପଦ ସ୍ୱାଇଁ, ପୂର୍ବତନ ସମିତିସଭ୍ୟ ଜିନ୍ମୟୀ ସାହାଣୀ, ସୁବାସ ମହାପାତ୍ର, ଚିନ୍ମୟ ସ୍ୱାଇଁ, ପ୍ରଭାତ ମହାପାତ୍ର, ବିଜ୍ଞାନ ଦାସ, ରମେଶ ରାଉତ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଉପସ୍ଥିତ ସିଆର୍‌ପିଏଫ୍ ଅଧିକାରୀଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ସ୍ତ୍ରୀ ପ୍ରତିମା, ଦୁଇ ପୁଅ ପପୁ ଓ ତପୁଙ୍କୁ ସମବେଦନା ଜଣାଇଥିଲେ।

### ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ



**ରଘୁନାଥପୁର,୧।୩(ଡି.ଏନ.ଏ.):** ରଘୁନାଥପୁର ବ୍ଲକ ଅଧୀନ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟ କର୍ମଚାରୀଙ୍କ ଅବସର ସମ୍ବର୍ଦ୍ଧନା ଉତ୍ସବ ଅଧକ୍ଷ ସରୋଜ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ମହିଳା ସହାୟିକାଭାବେ କାର୍ଯ୍ୟକରୀ ନିରୂପମା ଦେଈ ଫେବୃୟାରୀ ୨୮ରେ ଅବସର ନେଇଥିବାରୁ ସମସ୍ତ କର୍ମଚାରୀ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ପ୍ରାଧାପକ ହିତେଶ ମହାନ୍ତି, ପ୍ରସନ୍ନ ତ୍ରିପାଠୀ, ବିରସ କୁମାରୀ ନାୟକ, ଅଧାପକ ରଞ୍ଜନ ମହାନ୍ତି, ବାଦଲ ପ୍ରସାଦ ସିଂ, କେଦାର ମୁଦୁଲି, ସରୋଜକାନ୍ତ ମିଶ୍ର, ଗଦାଧର ପାଣି, ବିରକିଶୋର ପରିଡ଼ା ପ୍ରମୁଖ ଉତ୍ସବରେ ଯୋଗ ଦେଇଥିଲେ। ଉକ୍ତ କଲେଜରୁ ସ୍ଥାନାନ୍ତର ହୋଇ ସ୍ୱାମୀ ବିବେକାନନ୍ଦ ମହାବିଦ୍ୟାଳୟରେ ଯୋଗଦାନ କରିଥିବା ପ୍ରାଧାପକ ବିଜୟ କୁମାର ବିଶ୍ୱାଳ ଉତ୍ସବରେ ଉପସ୍ଥିତ ଥିଲେ। ପ୍ରତାପ ଲେଙ୍କା ଧନ୍ୟବାଦ ଦେଇଥିଲେ।

### ଆମ ଗାଁ, ଆମ ବିକାଶ କାର୍ଯ୍ୟକ୍ରମ

**ଏରସମା,୧।୩(ସ୍ୱ.ପ୍ର.):** ଏରସମା ବ୍ଲକ ଜପା ପଞ୍ଚାୟତରେ ବିଜେଡି ପକ୍ଷରୁ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବାଲିକୁଦା-ଏରସମା ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ବ୍ଲକ ଅଧକ୍ଷ ପ୍ରଣବ ସ୍ୱାଇଁ, ଜିଲା ପରିଷଦ ସଭ୍ୟା ଗୀତାରାଣୀ ପାଲ, ବିଜେଡି ବ୍ଲକ ଉପସଭାପତି ବିଜୟ ପାଲ, ନଗେନ୍ଦ୍ର ତରାଇ ପ୍ରମୁଖ ଯୋଗଦେଇ ଗ୍ରାମ୍ୟ ବିକାଶ ଦିଗରେ ଓଡିଶା ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଉପରେ ଆଲୋକପାତ କରିଥିଲେ। ଏକ ମଟର ସାଇକେଲ ଶୋଭାଯାତ୍ରା ଜପା ପଞ୍ଚାୟତ କାର୍ଯ୍ୟାଳୟ ନିକଟରୁ ବାହାରି ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା। ବିଧାୟକ ମୁଦୁଲି, ଦହିବରଠାରେ ନିର୍ମାଣ କରାଯାଇଥିବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଉଦ୍‌ଘାଟନ କରିଥିଲେ। ଏଥିସହ ବିଭିନ୍ନ ଗ୍ରାମର ୧୨ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

■ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ଡାକ୍ତରର ଅଭାବରୁ ରୋଗୀ ହନ୍ତସନ୍ତ

**ନାଉଗାଁ,୧।୩(ସ୍ୱ.ପ୍ର)**




■ଇଞ୍ଜେକ୍ସନ ଦେବାକୁ କେହି ନାହିଁ
■ସ୍ଥାୟୀ ଡାକ୍ତର ନିଯୁକ୍ତି ଦାବି

ଜନସାଧାରଣଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସରକାର ସବୁ ପ୍ରକାର ବ୍ୟବସ୍ଥା କରୁଥିବା କହୁଥିବାବେଳେ ବାସ୍ତବ ଚିତ୍ର ଓଲଟା ଦେଖିବାକୁ ମିଳୁଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଡାକ୍ତର ନ ଥିବାରୁ ଗ୍ରାମାଞ୍ଚଳର ଲୋକେ ବହୁ କଷ୍ଟ ଭୋଗୁଛନ୍ତି। ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଭଳି ସମସ୍ୟା ଦେଖିବାକୁ ମିଳୁଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବ୍ଲକର ୧ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ନିର୍ଭରଶୀଳ। କିନ୍ତୁ ସେବା ଯୋଗାଇବା ପାଇଁ ଜଣେ ହେଲେ ଅଭିଜ୍ଞ ଡାକ୍ତର ନାହାନ୍ତି। ତେଣୁ ଲୋକେ ଅଧିକ ଖର୍ଚ୍ଚାନ୍ତ ହୋଇ ବାଲିକୁଦା, ଜଗତ୍‌ସିଂହପୁର କିମ୍ବା କୌଣସି ଘରୋଇ ଡାକ୍ତରଖାନାକୁ ଯିବାକୁ ବାଧହେଉଛନ୍ତି। ନିୟମ ଅନୁଯାୟୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୭ ଜଣ ଡାକ୍ତର ନିଯୁକ୍ତି ପାଇବା କଥା। ସେମାନଙ୍କ ମଧ୍ୟରୁ ଜଣେ ସୁପରିଣ୍ଟେଣ୍ଡେଣ୍ଟ, ଜଣେ ବ୍ଲକ ପବ୍ଲିକ ହେଲ୍‌ଥ ଅଫିସର, ଜଣେ ସର୍ଜରୀ ସ୍ପେଶିଆଲିଷ୍ଟ, ଜଣେ ମେଡିସିନ, ଜଣେ ଶିଶୁରୋଗ ବିଶେଷଜ୍ଞ, ଜଣେ ସ୍ତ୍ରୀ ରୋଗ ବିଶେଷଜ୍ଞ ଓ ଜଣେ ଦନ୍ତ ଚିକିତ୍ସକ। କିନ୍ତୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନ ହେବ ଡାକ୍ତର ସମସ୍ୟା ଲାଗିରହିଛି। ବିଭିନ୍ନ ସଙ୍ଗଠନ, ରାଜନେତା ବାରମ୍ବାର ଆନ୍ଦୋଳନ କରିବା ସହିତ ସ୍ଥାୟୀ ଡାକ୍ତର ନିଯୁକ୍ତି ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ୨୦୧୮ ଜୁନ୍‌ରେ ଡାକ୍ତର ସୁନନ୍ଦନ ମହାନ୍ତିଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଭାବେ ନିଯୁକ୍ତ କରାଯାଇଥିବାବେଳେ ଦନ୍ତ ଚିକିତ୍ସକ ଭାବେ ଡାକ୍ତର ଜ୍ୟୋତିରଞ୍ଜନ ମହାନ୍ତି, ଶିଶୁରୋଗ ବିଶେଷଜ୍ଞ ଭାବେ ଡାକ୍ତର ମାନସ ରଞ୍ଜନ ମହାପାତ୍ରଙ୍କୁ ନିଯୁକ୍ତ କରାଯାଇଛି। ତଥାପି ପରିସ୍ଥିତିରେ ସୁଧାର ଆସୁନାହିଁ। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପ୍ରତ୍ୟେହ ଜିଲା ଓ ବିଭିନ୍ନ ବୈଠକରେ ଯୋଗଦେବାକୁ ଯାଉଥିବାରୁ ରୋଗୀ ଦେଖିବାକୁ ସମୟ ପାଉନାହାନ୍ତି। ସେହିପରି ଦନ୍ତ ଚିକିତ୍ସକଙ୍କ ଉପରେ ଲୋକେ ଭରସା କରିପାରୁନାହାନ୍ତି। ଶୁକ୍ରବାର ପୂର୍ବାହ୍ନ ୧୧.୩୦ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ କୌଣସି ଡାକ୍ତରଙ୍କ ଦେଖାମିଳି ନ ଥିଲା। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ମହାନ୍ତିଙ୍କୁ ଯୋଗାଯୋଗ କରିବାରୁ ସେ ଜିଲା ବୈଠକରେ ଥିବା କହିଥିଲେ। ସୂଚନାଯୋଗ୍ୟ, ଅଲଣାହାଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସଂଗ୍ରାମ କେଶରୀ ମହାନ୍ତିଙ୍କୁ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅସ୍ଥାୟୀ ଭାବେ ଅବସ୍ଥାପିତ କରାଯାଇଥିଲା। କିନ୍ତୁ ସେ ଯେଉଁଦିନ ଅଲଣାହାଟ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରୁଛନ୍ତି, ସେଦିନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୌଣସି ଡାକ୍ତର ରହୁ ନ ଥିବାରୁ ରୋଗୀ ହଇରାଣ ହେଉଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଡାକ୍ତର ସଂଗ୍ରାମ କେଶରୀ ମହାନ୍ତିଙ୍କ ପାଖରୁ କେତେଜଣ ରୋଗୀ ପ୍ରେସ୍‌କ୍ରିପ୍‌ଶନ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଷ୍ଟାଫ୍‌ନର୍ସଙ୍କୁ ଇଞ୍ଜେକ୍ସନ ଦେବାକୁ କହିଥିଲେ। କିନ୍ତୁ ଉକ୍ତ ପ୍ରେସକ୍ରିପ୍‌ଶନରେ କୌଣସି ରୋଗୀଙ୍କୁ ଇଞ୍ଜେକ୍ସନ ନ ଦେବାକୁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଷ୍ଟାଫ୍‌ନର୍ସଙ୍କୁ ନିର୍ଦ୍ଦେଶ ଦେଇଥିବାରୁ ସେମାନେ ଇଞ୍ଜେକ୍ସନ ଦେଇ ନ ଥିଲେ। ଫଳରେ ରୋଗୀ ଅନ୍ୟ ଉପାୟ ନ ପାଇ ବାହାରେ ଟଙ୍କା ଦେଇ ଇଞ୍ଜେକ୍ସନ ନେଇଥିଲେ। ନଳାଙ୍ଗ ଗ୍ରାମର ବାବାଜୀ ସ୍ୱାଇଁ, ମୁଗେଇ ଗ୍ରାମର ଅଶୋକ ସାହୁ ପ୍ରମୁଖ ଏଭଳି ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଡା. ସଂଗ୍ରାମ କେଶରୀ ମହାନ୍ତିଙ୍କୁ ଏଠାରେ ସ୍ଥାୟୀ ଭାବେ ନିଯୁକ୍ତ କରିବାକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଜିଲାପାଳଙ୍କ ନିକଟରେ ଲୋକେ ଜନଶୁଣାଣିରେ ଦାବି କରିଛନ୍ତି। ଯଦି ସ୍ଥାୟୀ ଡାକ୍ତର ନିଯୁକ୍ତି କରା ନ ଯାଏ ତେବେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସତ୍ୟ ସୁନ୍ଦର ଦାସ, ଅଜୟ ମହାନ୍ତି, ଦେବଜ୍ୟୋତି ମହାନ୍ତି, ମନୋଜ ନାୟକ, ରବୀନ୍ଦ୍ର ପଟ୍ଟନାୟକ, ଅଂଶୁମାନ ବେହୁରା, ସାଗର ନାୟକ, ସୀମାଚଳ ପରିଜା, ସୁନିଲ ମାଟିଆ, ସୌମ୍ୟସଞ୍ଜୀବ ମହାନ୍ତି, ଅଶୋକ ମହାନ୍ତି ପ୍ରମୁଖ ଚେତାବନୀ ଦେଇଛନ୍ତି।



ନାଟ୍ୟ ସଂସଦ ବାର୍ଷିକ ଉତ୍ସବରେ ପୁରାତନ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ନାଟ୍ୟ ସଂସଦର ବାର୍ଷିକ ଉତ୍ସବ

**ବାଲିଆ,୧।୩**

ବିରିଡ଼ି ବ୍ଲକ ହଳଦିଆପଡ଼ା-ସାହାବାଦ ନାଟ୍ୟ ସଂସଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ସାହାବାଦ ହନୁମାନ ମନ୍ଦିର ପ୍ରାଙ୍ଗଣରେ ନାଟ୍ୟ ସଂସଦ ତରଫରୁ ଗ୍ରାମର ଯୁବ କଳାକାରଙ୍କ ଦ୍ୱାରା ଦିଅଁ ପୂଜିବାକୁ ଦେଉଳ ମନା ଏବଂ ଫିକା ଫଗୁଣ ନାଟକ ପରିବେଷିତ ହୋଇଥିଲା। ନାଟ୍ୟ ସଂସଦ ମୁଖ୍ୟ ଉପଦେଷ୍ଟା ସମୀର କୁମାର ଜେନା, ସମ୍ପାଦକ ସୁକାନ୍ତ କୁମାର ବେହେରା, ଅରୁଣ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ନାଟ୍ୟ ନିର୍ଦ୍ଦେଶକ ବାମଦେବ ସ୍ୱାଇଁ ମୁଖ୍ୟ ଅତିଥି, ବରିଷ୍ଠ କଳାକାର ଦୁଃଖିଶ୍ୟାମ ରାଉତ, ନାଟ୍ୟ ନିର୍ଦ୍ଦେଶକ ସ୍ମୃତିରଞ୍ଜନ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ଏହି ଅବସରରେ ପୁରାତନ କଳାକାରଙ୍କୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଗ୍ରାମର ଆଦର୍ଶ ବିଦ୍ୟାଳୟ କାଳିଆବୁଦା ବିଦ୍ୟାନିକେତନର ୨୦୧୮ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ପ୍ରଭୁଦତ୍ତ ରାଉତ ଓ ଅମିଶା ଜେନାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଦିବଙ୍ଗତ କଳାକାର ଓ ପୁଲୱାମା ଆକ୍ରମଣରେ ଶହୀଦ ହୋଇଥିବା ଯବାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଅଶ୍ୱିନୀ ଜେନା, ଅରୁଣ ନାୟକ, ପବିତ୍ର ଭୋଇ, ଡମ୍ବରୁଧର ଲେଙ୍କା, ରଶ୍ମିରଞ୍ଜନ ବେହେରା, ଦିଲୀପ ଜେନା, ବିଦ୍ୟାଧର ରାଉତ, ପ୍ରଶାନ୍ତ ଜେନା, ନିହାର ରଞ୍ଜନ ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ଭୂମିହୀନ ବସ୍ତି ବାସିନ୍ଦାଙ୍କୁ ପଟ୍ଟା ବଣ୍ଟନ

**ଜଗତ୍‌ସିଂହପୁର ଅଫିସ,୧।୩**

ଶୁକ୍ରବାର ଜଗତ୍‌ସିଂହପୁର ପୌରାଞ୍ଚଳର ଭୂମିହୀନ ବସ୍ତି ବାସିନ୍ଦାଙ୍କୁ ପଟ୍ଟା ବଣ୍ଟନ ଆରମ୍ଭ ହୋଇଛି। ଏହି ଅବସରରେ ପରିଷଦ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ ଯୋଗଦେଇ କହିଥିଲେ, ରାଜ୍ୟ ସରକାର ସହରାଞ୍ଚଳରେ ବସବାସ କରୁଥିବା ଭୂମିହୀନ ବସ୍ତି ବାସିନ୍ଦାଙ୍କୁ ମିଶନ ଜାଗା ଯୋଜନାରେ ଜମି ପଟ୍ଟା ବଣ୍ଟନ କରି ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି। ବହୁ ଦିନ ଧରି ବସ୍ତି ବାସିନ୍ଦାମାନେ ଛୋଟ ଜାଗାରେ ଘର କରି କଷ୍ଟରେ ରହୁଛନ୍ତି। ସେମାନଙ୍କ ସମସ୍ୟାର ସମାଧାନ ପାଇଁ ସରକାର ବାସଗୃହ ପ୍ରମାଣ ପତ୍ର ପ୍ରଦାନ କରୁଛନ୍ତି। ଏହି ପଟ୍ଟା ଦ୍ୱାରା ସେମାନେ ଜାତି ପ୍ରମାଣପତ୍ର, ବ୍ୟାଙ୍କ ଋଣ ଓ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଖାଦ୍ୟ ଶସ୍ୟ ପାଇପାରିବେ। ସେମାନଙ୍କ ପିଲାମାନଙ୍କ ପଢା ପାଇଁ ବିଦ୍ୟାଳୟରେ ସୁବିଧା ମିଳିପାରିବ। ଏଥିସହ ବାସହରାଙ୍କ ପାଇଁ ରାସ୍ତା, ପାନୀୟ ଜଳ, ବିଦ୍ୟୁତକରଣ ଆଦି ସୁବିଧା ଯୋଗାଇ ହେବ। କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ତହସିଲଦାର ମାନସ ରଞ୍ଜନ ଭୋଇ କହିଲେ ଯେ ଏହି ପଟ୍ଟା ଭୂମିହୀନ ବସ୍ତି ବାସିନ୍ଦାଙ୍କ ମୁହଁରେ ହସ ଫୁଟାଇବ। ଇତିମଧ୍ୟରେ ଚିହ୍ନଟ ହୋଇଥିବା ୧୧୧ ଜଣ ଭୂମିହୀନଙ୍କ ମଧ୍ୟରୁ ୯୮ ଜଣଙ୍କୁ ଜମି ପଟ୍ଟା ବଣ୍ଟନ କରାଯାଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ପରିଷଦ କର୍ମଚାରୀ ଉପସ୍ଥିତ ଥିଲେ।

## ୧୬ ଦିନ ହେଲା ନିଖୋଜଙ୍କ ପତ୍ତା ମିଳୁନି

**ତିର୍ତ୍ତୋଲ, ୧।୩ (ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ଗରାମ ପଞ୍ଚାୟତ ଅଲଣା ଗ୍ରାମର ଝାଟୁଚରଣ ବେହେରା(୫୬) ଦୀର୍ଘ ୧୬ ଦିନ ହେଲା କେଉଁଆଡେ ନିଖୋଜ ହୋଇଯାଇଛନ୍ତି। ଗତ ଫେବୃୟାରୀ ୧୨ରେ ସେ ନିଜ ମାମୁ ଘର ମୂଳିସିଂ ଗ୍ରାମକୁ ଯାଇଥିବାବେଳେ ସେଠାରୁ ୧୪ ତାରିଖରେ ଗରୁଡ଼ ବସରେ କଟକ ଅଭିମୁଖେ ଯାଇଥିଲେ। କିନ୍ତୁ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବନ୍ଧୁବାନ୍ଧବ ଘର ଖୋଜାଖୋଜି କରି ନିରାଶ ହେବା ପରେ ତିର୍ତ୍ତୋଲ ଥାନାରେ ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିଛନ୍ତି। ସେ ସାମାନ୍ୟ ମାନସିକ ବିକାର ଗ୍ରସ୍ତ ବୋଲି ପରିବାର ଲୋକ ପ୍ରକାଶ କରିଛନ୍ତି।



ତଅଁରା ପଞ୍ଚାୟତରେ କାଳିଆ ଯୋଜନାରେ ଟଙ୍କା ପାଇଥିବା ଚାଷୀଙ୍କୁ ଅର୍ଥ ସୁବିନିଯୋଗ ସମ୍ପର୍କରେ କୁହାଯାଉଛି।

## ଚାଷୀଙ୍କୁ କାଳିଆ ଅର୍ଥ ସୁବିନିଯୋଗ କରିବାକୁ ଆହ୍ୱାନ

**ରଘୁନାଥପୁର,୧।୩ (ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ତଅଁରା ପଞ୍ଚାୟତର ୩୬ ଜଣ ଭୂମିହୀନ ଚାଷୀଙ୍କୁ କାଳିଆ ଯୋଜନାରେ ପାଇଥିବା ୫ ହଜାର ଟଙ୍କାର ସୁବିନିଯୋଗ ନିମନ୍ତେ ଶୁକ୍ରବାର ପ୍ରଶିକ୍ଷଣ ଦିଆଯାଇଛି। ସରପଞ୍ଚ କବିତା ନାୟକଙ୍କ ପରିଚାଳନାରେ ଭିଏଲଡବ୍ଲ୍ୟୁ ସଞ୍ଜୟ ନାୟକ ଚାଷୀଙ୍କ ସମ୍ପର୍କରେ ତଥ୍ୟ ରଖିଥିଲେ। ଚାଷୀମାନେ ଛେଳି, କୁକୁଡା, ଅଣ୍ଡାଦିଆ କୁକୁଡା, ବତକ ପାଳନ, ମହୁ, ଛତୁ ଓ ମାଛଧରା ସରଞ୍ଜାମ ମଧ୍ୟରୁ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ଫର୍ମରେ ଯେ କୌଣସି ୨ଟି ଚାଷ ପାଇଁ ଠିକ୍ ଚିହ୍ନ ମାରି ଆବେଦନ କରିବେ। ଏହା ପରେ ସରକାରଙ୍କ ପକ୍ଷରୁ ପୁନଶ୍ଚ ୩ ହଜାର ଟଙ୍କା ଚାଷୀଙ୍କ ଆକାଉଣ୍ଟକୁ ପଠାଯିବ। ପରବର୍ତ୍ତୀ ସମୟରେ ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ବ୍ଲକରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ପରେ ଭୂମିହୀନ ଚାଷୀମାନେ ନିଜର ଜୀବିକା ପାଇଁ ଆପଣେଇଥିବା ଯେକୌଣସି ଚାଷରେ ବିନିଯୋଗ କରି ଅର୍ଥର ଭାଉଚର ପ୍ରଦାନ କରିବା ପରେ ଅବଶିଷ୍ଟ ୪ ହଜାର ୫ ଶହ ଟଙ୍କା ସେମାନଙ୍କ ଆକାଉଣ୍ଟକୁ ପଠାଯିବ ବୋଲି ଭିଏଲଡବ୍ଲ୍ୟୁ ନାୟକ କହିଥିଲେ। ଉପସ୍ଥିତ ଚାଷୀମାନେ ଫର୍ମ ନେଇ ଏହାକୁ ପୂରଣ କରି ଦେବା ପାଇଁ କୃଷକ ସାଥୀ ସଚିତ୍ର କୁମାର ସ୍ୱାଇଁ କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଯେଉଁ ଚାଷୀମାନେ ଦିଆଯାଇଥିବା ଅର୍ଥକୁ ଠିକ୍ ବିନିଯୋଗ କରିବାରେ ଅବହେଳା କରିବେ କିମ୍ବା ସେ ସମ୍ପର୍କରେ କୌଣସି ଭାଉଚର ପ୍ରଦାନ କରିବେନି ସେମାନେ ଅବଶିଷ୍ଟ ଟଙ୍କା ପାଇବାରୁ ବଞ୍ଚିତ ହେବେ ବୋଲି କୁହାଯାଇଥିଲା।

## ଆଦିକବି ସାରଳା ଦାସ କଲେଜରେ ଲିଙ୍ଗଗତ ସଚେତନତା

**ତିର୍ତ୍ତୋଲ,୧।୩(ଡିଏନ୍‌ଏ)**

ତିର୍ତ୍ତୋଲସ୍ଥିତ ଆଦିକବି ସାରଳା ଦାସ ମହାବିଦ୍ୟାଳୟରେ ଲିଙ୍ଗଗତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ ସ୍କୁଲ ଅଫ୍ ଓମେନ୍ ଷ୍ଟଡିଜ ଏବଂ ରାଜ୍ୟ ସରକାରଙ୍କ ମହିଳା ଏବଂ ଶିଶୁ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ପ୍ରଫେସର ଡ.ମଦନ ମୋହନ ମହାନ୍ତି ସଭାପତିତ୍ୱ କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓମେନ୍ ଷ୍ଟଡିଜ ବିଭାଗର ନିର୍ଦ୍ଦେଶିକା ପ୍ରଫେସର ଉର୍ମିମାଳା ଦାସ, ଦୂରଦର୍ଶନ କେନ୍ଦ୍ରର ଅବସରପ୍ରାପ୍ତ ନିର୍ଦ୍ଦେଶିକା ଜୟନ୍ତୀ ରଥ ଯୋଗ ଦେଇଥିଲେ। ଲିଙ୍ଗଗତ ବିଭେଦତା ଏବଂ ଏହାର ସାମାଜିକ ତଥା ଆଇନଗତ ଦିଗ ଉପରେ ଏଥିରେ ଆଲୋଚନା ହୋଇଥିଲା। ଛାତ୍ରୀଛାତ୍ରଙ୍କୁ ଅଡ଼ିଓ ଭିଜୁଆଲ ଫର୍ମରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ମହିଳାଙ୍କ ଆତ୍ମ ସୁରକ୍ଷା, ସାମାଜିକ ସମ୍ମାନ, ଅଧିକାର ଉପରେ ଅତିଥି ମାନେ ଏଠାରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ପ୍ରଫେସର ବିରଞ୍ଚି ନାରାୟଣ ମହାପାତ୍ର, କାର୍ଯ୍ୟକ୍ରମ ସଂଯୋଜକ ଅଧାପକ ମୋଜାକିର ହୁସେନ,କ୍ୟାପଟେନ ଜ୍ଞାନଜ ସାମନ୍ତରାଏ, ଅଶୋକ କୁମାର ରାଉତ, ସନାତନ ଲେଙ୍କା, ପ୍ରାଧାପିକ ଜୟନ୍ତୀ ମେକାପ୍, ରତ୍ନାବତୀ ମିଶ୍ର,ସାଗରିକା ପ୍ରଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।




ଆଦିକବି ସାରଳା ଦାସ କଲେଜରେ ଲିଙ୍ଗଗତ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅତିଥି।

### ନୂଆ ଆଇଆଇସିଙ୍କ ଯୋଗଦାନ

**ବିରିଡ଼ି,୧।୩ (ଡି.ଏନ.ଏ)**

ଜଗତ୍‌ସିଂହପୁର ଜିଲା ବିରିଡ଼ି ଥାନାର ନୂତନ ଆଇଆଇସି ଭାବେ ପାର ଟୁଡୁ ବୁଧବାର ଯୋଗଦାନ କରିଛନ୍ତି। ସେ ପୂର୍ବରୁ ଯାଜପୁର ଜିଲା ଟମକା ଥାନାରେ ୭ ମାସ ସୂଚାରୁ ରୂପେ କାର୍ଯ୍ୟ କରିଥିଲେ। ଏହି ଅବସରରେ ସେ ଅସାମାମାଜିକ କାର୍ଯ୍ୟକଳାପକୁ ଦୃଢ ହସ୍ତରେ ଦମନ କରିବା ସହ ପୁରୁଣା ଦାଗିଙ୍କ ଉପରେ କଡା ନଜର ରଖିବେ ବୋଲି କହିଛନ୍ତି। ପୂର୍ବରୁ ଏଠାରେ ଆଇଆଇସି ଥିବା ରଞ୍ଜିତ ମହାନ୍ତି ଯାଜପୁର ଜିଲା କୋରେଇ ଥାନାକୁ ବଦଳି ହୋଇଛନ୍ତି।

## ସୌଭାଗ୍ୟ ଯୋଜନାରେ ମିଳୁନି ବିଦ୍ୟୁତ୍ ସେବା

**ତିର୍ତ୍ତୋଲ,୧।୩(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ବାରବାଟିଆ ଗ୍ରାମରେ ଉପଭୋକ୍ତାମାନଙ୍କୁ ସୌଭାଗ୍ୟ ଯୋଜନାରେ ବିଦ୍ୟୁତ ସେବା ମିଳୁ ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ କେତେଜଣ ଉପଭୋକ୍ତା ଓ ସାମାଜିକ କର୍ମୀ ମହମ୍ମଦ ମୋଜାମିଲ ଖାନ ରାହାମା ସେସୁ କାର୍ଯ୍ୟାଳୟ ଓ ପାରାଦୀପସ୍ଥିତ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଥିଲେ। ତଥାପି ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ସେମାନେ କହିଛନ୍ତି। ଆଗାମୀ ୭ଦିନ ମଧ୍ୟରେ ଉପଭୋକ୍ତାମାନଙ୍କୁ ବିଦ୍ୟୁତ୍ ସଂଯୋଗ ଦିଆ ନ ଗଲେ ରାହାମାସ୍ଥିତ ସେସୁ କାର୍ଯ୍ୟାଳୟରେ ଧାରଣା ଦେବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## ଓଡ଼ିଶୀ ସଂକୀର୍ତ୍ତନ ମହୋତ୍ସବ

**ବିରିଡ଼ି/ବାଲିଆ,୧।୩(ଡି.ଏନ.ଏ)**

ନିଖିଳ ଉତ୍କଳ ସଂକୀର୍ତ୍ତନ ମହାସଂଘ ଭୁବନେଶ୍ୱର ଆନୁକୂଲ୍ୟରେ ବିରିଡ଼ି ବ୍ଲକ ୨୨ ମୌଜା ଶଙ୍ଖାରୀସାହି ମଦନମୋହନ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ସଂକୀର୍ତ୍ତନ ମହୋତ୍ସବ ଅନୁଷ୍ଠିତ ହୋଇଛି। ଏଭଳି ପ୍ରୟାସ ପ୍ରଶଂସନୀୟ ବୋଲି ଏଥିରେ ନିଖିଳ ଉତ୍କଳ ସଂକୀର୍ତ୍ତନ ମହାସଂଘ ସମ୍ପାଦକ ମଦନମୋହନ ଦାସ କହିଛନ୍ତି। ମହୋତ୍ସବରେ ସୁରେନ୍ଦ୍ରନାଥ ଦାସ, ପୂର୍ଣ୍ଣାନନ୍ଦ ଓଝା, ଦୁଃଖୀଶ୍ୟାମ ପାଇକରାୟ, କେଦାରନାଥ ସାହୁ, ଆକୁଳି ଭୂୟାଁ, ଇନ୍ଦ୍ରମଣୀ ବେହେରା, ସୁଦର୍ଶନ ପାଇକରାୟ ପ୍ରମୁଖ ସହଯୋଗ କରିଥିଲେ। ଗୋପୀନାଥଜୀଉ ସଂକୀର୍ତ୍ତନ ମଣ୍ଡଳୀ ପାର୍ବତୀପୁରର ଗାୟକ ଭଞ୍ଜ କିଶୋର ପାଢୀ, ଲକ୍ଷ୍ମୀନୃସିଂହ ସଂକୀର୍ତ୍ତନ ମଣ୍ଡଳୀ ଗୋବିନ୍ଦପୁରର ସଞ୍ଜୟ ଦାସ, ଭଗବତ ବାସୁଦେବ ସଂକୀର୍ତ୍ତନ ମଣ୍ଡଳୀ ମଙ୍ଗୁଳିର ଗାୟକ କାଳନ୍ଦୀ ରାଉତ, ଗୋପୀନାଥଜୀଉ ସଂକୀର୍ତ୍ତନ ମଣ୍ଡଳୀ ବମ୍ଭିଲୋର ଗାୟକ ସନାତନ ବେହେରା, ଗୋପୀନାଥଜୀଉ ସଂକୀର୍ତ୍ତନ ମଣ୍ଡଳୀ ବଗି କୁଳର ଦୁର୍ଗାଚରଣ ଜେନା, ଦୁଦୁରାମ ପାଟଣା ସଂକୀର୍ତ୍ତନ ମଣ୍ଡଳୀର ଗାୟକ ଧରଣୀଧର ବେହେରା, ମଦନମୋହନ ସଂକୀର୍ତ୍ତନ ମଣ୍ଡଳୀ ଶଙ୍ଖାରୀ ସାହିର କୈଳାସ ଚନ୍ଦ୍ର ବେହେରା ସଂକୀର୍ତ୍ତନ ପରିବେଷଣ କରିଥିଲେ।

## ଉଦ୍‌ଘାଟିତ ହେଲା ଚାଇଲ୍‌ଡ ଲାଇନ୍ ସେବା ୧୦୯୮

**ଜଗତ୍‌ସିଂହପୁର ଅଫିସ,୧।୩**

ଶୁକ୍ରବାର ଜଗତ୍‌ସିଂହପୁରରେ ଜିଲାସ୍ତରୀୟ ଚାଇଲ୍‌ଡ ଲାଇନ ସେବା ୧୦୯୮ ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ସ୍ଥାନୀୟ ଟାଉନ ହଲ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ୧୦୯୮ ସେବାର ଆବଶ୍ୟକତା ଓ ଏହାର କିପରି ସୁଦୁପଯୋଗ ହେବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ ଅତିଥି ଭାବେ ଯୋଗଦେଇ ସମାଜର ସମସ୍ତ ପିଲାଙ୍କୁ ସମାନ ଅଧିକାର ଯୋଗାଇଦେବାକୁ ଭାରତ ସରକାର ବ୍ୟବସ୍ଥା କରିଥିବା କହିବା ସହ ମା'ମାନଙ୍କ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଶ୍ୱନାଥ ମିଶ୍ର ପିଲାମାନଙ୍କ ଯତ୍ନ ଓ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ଜିଲାର ଯେଉଁ ପିଲାମାନେ ଉପଯୁକ୍ତ ଯତ୍ନ ଓ ସୁରକ୍ଷାରୁ ବଞ୍ଚିତ ସେମାନଙ୍କୁ ତ୍ୱରିତ ସେବା ଯୋଗାଇଦେବା କ୍ଷେତ୍ରରେ ଚାଇଲ୍‌ଡ ଲାଇନ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବ ବୋଲି ସେ କହିଥିଲେ। ଜିଲା ଶିଶୁ ମଙ୍ଗଳ କମିଟି ସଭ୍ୟା ଜ୍ୟୋତିର୍ମୟୀ ମହାନ୍ତି, ଉତ୍କଳ ମହାନ୍ତି, ସୁକାନ୍ତ ପ୍ରଧାନ ପ୍ରମୁଖ ଜିଲା ଶିଶୁ ମଙ୍ଗଳ କମିଟି କାର୍ଯ୍ୟ, ନାରୀ ଶିକ୍ଷା, ପରିବାର ଓ ସମାଜର କର୍ତ୍ତବ୍ୟ, ସ୍ୱାସ୍ଥ୍ୟ ରକ୍ଷା ଆଦି ବିଷୟରେ ଗୁରୁତ୍ୱାରୋପ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ କାହ୍ନୁ ଚରଣ ରାଉତ ଶିଶୁ ଅଧିକାର ଓ ସୁରକ୍ଷା ଆଇନ ଅନୁଯାୟୀ ଜିଲାରେ କାର୍ଯ୍ୟ କରୁଥିବା ବିଭିନ୍ନ ଅନୁଷ୍ଠାନ ସମ୍ପର୍କରେ କହିଥିଲେ। ବରିଷ୍ଠ ଆଇନଜୀବୀ ସାରଦା ପ୍ରସାଦ ଦାସ ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଶିଶୁ ସୁରକ୍ଷା ଆଇନ ବିଷୟରେ କହିଥିଲେ। ରାଧାକୃଷ୍ଣ କ୍ଲବ ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ମଲ୍ଲ ଅତିଥି ପରିଚୟ ପ୍ରଦାନ ଓ ନରେଶ କୁମାର ଗୋଛାୟତ ଧନ୍ୟବାଦ ଦେଇଥିଲେ। ସୂଚନାଯୋଗ୍ୟ ଯେ, ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ, ଚାଇଲ୍‌ଡ ଲାଇନ୍ ଇଣ୍ଡିଆ ଫାଉଣ୍ଡେସନ୍ ମିଳିତ ପ୍ରଯୋଜନାରେ ସାରା ଦେଶରେ ଚାଇଲ୍‌ଡ ଲାଇନ ସେବା ଚାଲିଛି। ଜଗତ୍‌ସିଂହପୁରରେ ଜିଲା ପ୍ରଶାସନ ସହଯୋଗରେ ରାଧାକୃଷ୍ଣ କ୍ଲବ ଜିଲାସ୍ତରୀୟ ଚାଇଲ୍‌ଡ ଲାଇନ୍ ୧୦୯୮ ସେବା ଯୋଗାଇ ଦେବାକୁ ଭାରତ ସରକାର ସ୍ୱୀକୃତି ପ୍ରଦାନ କରିଛନ୍ତି।



ମହୁମାଛି ଅନେକ ପରିଶ୍ରମ କରି ମହୁ ସଂଗ୍ରହ କରେ। କିନ୍ତୁ ଲୋକେ ଆସି ଫେଣାଭାଙ୍ଗି ମହୁ ନେଇଯାଆନ୍ତି। ଭୋଗ ନ କରି ବା ଦାନ ନ ଦେଇ ବହୁ କଷ୍ଟରେ ଧନ ସଞ୍ଚୟ କଲେ ଠିକ୍ ଏହିପରି ଅବସ୍ଥା ଘଟେ। - **ରାମକୃଷ୍ଣ ପରମହଂସ**



## ସଂକ୍ଷେପରେ

### ଜାତୀୟ ବିଜ୍ଞାନ ଦିବସ

କାଳିଆପାଣି, ୧।୩(ଡି.ଏନ୍.ଏ.)- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କଲରଙ୍ଗୀ ପକ୍ଷରୁ ଗୁରୁବାର ଟାଟାକମ୍ପାନୀ କଲୋନୀ ପରିସରରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଅଭିରାମ ସେଠୀଙ୍କ ସଭାପତିତ୍ୱରେ ଶିକ୍ଷକ ଗୌରାଙ୍ଗ ଚରଣ ସାମଲ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠିତ ପ୍ରତିଯୋଗିତାରେ ପ୍ରଶ୍ନ ମଞ୍ଚରେ ୫୧ ଜଣ, ଫଟୋଚିତ୍ରରେ ୨୫ ଜଣ, ପ୍ରକଳ୍ପ ପ୍ରଦର୍ଶନରେ ୧୫ ଜଣ, ରଚନାରେ ୧୫ ଜଣଙ୍କୁ ପୁରସ୍କୃତ କରାଯାଇଛି। ସୁବାସ ଚନ୍ଦ୍ର ପ୍ରଧାନ, ଜ୍ୟୋତିର୍ମୟୀ ପଣ୍ଡା, ପ୍ରସନ୍ନ ଆରୁକ, ଶ୍ରୀକାନ୍ତ କୁମାର ସାହୁ, ପ୍ରଭାଷ ବେଜ, ଦୁର୍ଗାଚରଣ ରାଉତ ସହ ସମସ୍ତ ଗୁରୁମା ଗୁରୁଜୀ ପରିଚାଳନାରେ ସହଯୋଗ କରିଥିଲେ। ଯତୀନ୍ଦ୍ର ମୋହନ ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଗୁଣନିଧି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା

ଯାଜପୁରରୋଡ,୧।୩(ନି.ପ୍ର.)- ସ୍ଥାନୀୟ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଗୁରୁବାର ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଇତିହାସ ବିଭାଗର ମୁଖ୍ୟ ହରିହର ଦାସ, ବାଣିଜ୍ୟ ବିଭାଗ ପ୍ରଧାପକ ମନୋରଞ୍ଜନ ନାୟକ, ମୁଖ୍ୟ କିରାଣି କେଶବ ଚନ୍ଦ୍ର ଖୁଣ୍ଟିଆ, ବିଜ୍ଞାନଗାର ସହାୟକ ବିନୋଦ ବିହାରୀ ନାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ ଦିଆଯାଇଛି। ଏଥିରେ ମହାବିଦ୍ୟାଳୟ ଅଧକ୍ଷ ହେମନ୍ତ କୁମାର ରାଉତ ସଭାପତିତ୍ୱ କରିଥିଲେ। ଅବସର ନେଇଥିବା ୪ କର୍ମଚାରୀଙ୍କ କାର୍ଯ୍ୟାବଳୀ ସମ୍ପର୍କରେ ପ୍ରଶଂସା କରାଯିବା ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉପାଧକ୍ଷ ସଚିଦାନନ୍ଦ ତ୍ରିପାଠୀ, ମୁକ୍ତିକାନ୍ତ ମହାନ୍ତି, କାମଦେବ ଦାସ, ସୁଧାଂଶୁ ଶେଖର ମିଶ୍ର, ଶେଖ ଆବୁ ତାହିର, ଅମୂଲ୍ୟକୃଷ୍ଣ ପାଢୀ, କୃଷଚନ୍ଦ୍ର ପ୍ରଧାନ, ଗୌରାଙ୍ଗ ଚଣଣ ମଲ୍ଲିକ, ଦୀପ୍ତିମୟୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ମମତା ସାମଲ ଧନ୍ୟବାଦ ଦେଇଥିଲେ।

### ବାଳିକା ଆତ୍ମସୁରକ୍ଷା ଶିବିର ଉଦ୍‌ଯାପିତ

ସିଂହପୁର,୧।୩(ଡି.ଏନ୍.ଏ.)- ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁରସ୍ଥିତ ଖରସ୍ରୋତା ମହାବିଦ୍ୟାଳୟରେ ଶୁକ୍ରବାର ବାଳିକା ଆତ୍ମସୁରକ୍ଷା ଶିବିର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧକ୍ଷ କ୍ଷୀରୋଦ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ସଂସ୍କୃତ ବିଭାଗର ମୁଖ୍ୟ ପ୍ରଧାପକ ହରିଶ୍ଚନ୍ଦ୍ର ପଣ୍ଡା, ସଂଯୋଜକ ଗାୟତ୍ରୀ ଧଳ, ପ୍ରଶିକ୍ଷିକା ସରସ୍ୱତୀ ପତି, ଯମୁନା ସାହୁ, ଯୋଗ ଦେଇଥିଲେ। ୧୨ ଦିନ ଧରି ଚାଲିଥିବା ଶିବିରରେ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀ ପ୍ରଶିକ୍ଷଣ ନେଇଥିଲେ। ଅସାମାଜିକ ବ୍ୟକ୍ତିଙ୍କଠାରୁ ନିଜକୁ ସୁରକ୍ଷା ଦେବାପାଇଁ ଆତ୍ମସୁରକ୍ଷା ପ୍ରଶିକ୍ଷଣ ନେବା ନିତାନ୍ତ ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅଧାପକ ସୁବୋଧ ନାୟକ, ଘନଶ୍ୟାମ ଜେନା, ପୂର୍ଣ୍ଣଚନ୍ଦ୍ର ସାମଲ, ଗଗନ ବିହାରୀ ବେହେରା, ମିହିର ରାଉତ, ଅଧାପିକା ଲିଳାବତୀ ପଣ୍ଡା, ଅର୍ପିତା ସ୍ୱାଇଁ, ରୋଜାଲିନ କୁଅଁର ପ୍ରମୁଖ ଯୋଗଦେଇ ଆତ୍ମସୁରକ୍ଷା ସମ୍ପର୍କରେ ଛାତ୍ରୀଙ୍କୁ ଉପାଦେୟ କଥା କହିଥିଲେ।

■ବେଧଡ଼କ ଚାଲିଛି ରାତିଅଧିଆ ମୋରମ ଚାଲାଣ

# ଧ୍ୱଂସାଭିମୁଖୀ ଅସିହା ପର୍ବତମାଳା

ଚଣ୍ଡିଖୋଲ,୧।୩(ଡି.ଏନ୍.ଏ.)

ଦର୍ପଣ ତହସିଲ ଅନ୍ତର୍ଗତ ଅସିହା ପର୍ବତମାଳା ଏବେ ଧ୍ୱଂସ ମୁଖରେ। ଏହି ପର୍ବତମାଳା ଅଧୀନରେ ମାଣ୍ଡୁକା, ଚାରିନଙ୍ଗଳ, ଧାଉଡ଼ିଆପଦା, ଅଚ୍ୟୁତବସନ୍ତ, ମଖିପଡ଼ା ଓ ଉଦୟଗିରି ଆଦି ପ୍ରମୁଖ ପାହାଡ଼ ରହିଛି। ବର୍ତ୍ତମାନ ଏହି ପାହାଡ଼ କୌଣସି ସ୍ଥାନରେ ଲିଜ୍ ନ ଥିଲାବେଳେ ଦୈନିକ ଶହ ଶହ ଟ୍ରକ୍ ମୋରମ ଓ ବୋଲ୍ଡର ବାହାରକୁ ଚାଲାଣ ହେଉଛି। ଗ୍ୟାଙ୍ଗଷ୍ଟର ଟିଟୋ ଧରାପଡ଼ିବା ପରେ ପାହାଡ଼ ଖନନ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ହେଲେ ଏବେ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ କୋହଳ ଯୋଗୁ କେତେଜଣ ମାଫିଆ ପୁନର୍ବାର ପାହାଡ଼ଗୁଡ଼ିକର ବିଭିନ୍ନ ସ୍ଥାନରୁ ରାତିଅଧିଆ ଖନନ କରି ବାହାରକୁ ଚାଲାଣ କରୁଛନ୍ତି। ମାଣ୍ଡୁକା ପାହାଡ଼ ଶୀର୍ଷରେ ଥିବା ହିନ୍ଦୁ ଓ ମୁସଲମାନଙ୍କ ପବିତ୍ର ଧର୍ମପୀଠ ସତ୍ୟପୀରଙ୍କ ରାସ୍ତାକଡ଼ରୁ ଏଭଳି ବେଆଇନ ଖନନ ହେଉଛି। ସେହିପରି ଅଚ୍ୟୁତବସନ୍ତ ପାହାଡ଼ରେ ପୂର୍ବରୁ ଟିଟିଆଇପିଏଲ ଓ ଏଆରଏସଏସ୍ କମ୍ପାନୀ ଲିଜ୍ ନେଇ ଖନନ କରିଥିବା ସ୍ଥାନଗୁଡ଼ିକରୁ ଏବେ ପୁନର୍ବାର ବେଆଇନ ଚୋରାଚାଲାଣ କରାଯାଉଛି। ସେହିପଭଳି ଧାଉଡ଼ିଆପଦା ଏବଂ ମଖିପଡ଼ା ପାହାଡ଼ରୁ ବେଆଇନ ଖନନ ହେଉଛି। ଗତ କିଛି ମାସ ତଳେ ବାଲିଚନ୍ଦ୍ରପୁର ପୋଲିସ ଚଢ଼ାଉ କରି ୭ ଟ୍ରକ୍ ମୋରମ ଜବତ କରିଥିଲା। ସେହିଭଳି ଚଣ୍ଡିଖୋଲ ଫରେଷ୍ଟର ଏଆରଏସଏସ କମ୍ପାନୀର ଏକ ହିଟାଚି ମେଶିନକୁ ଜବତ କରିଥିଲା। କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର ଓ କଟକ ଜିଲାକୁ ବ୍ୟାପକ ଭାବେ ଏହି ଚୋରା କାରବାର କରାଯାଉଛି। ଏହି ପର୍ବତମାଳାରେ ୨୬ ଶହ ଏକର ଜଙ୍ଗଲ ଜମି ଥିବାବେଳେ ଅନ୍ୟସବୁ ରାଜସ୍ୱ ବିଭାଗ ଅଧୀନରେ ରହିଛି। ଏଠାରେ ବିଶ୍ୱପ୍ରସିଦ୍ଧ ବୌଦ୍ଧ କୀର୍ତ୍ତିରାଜିପୂର୍ଣ୍ଣ ଉଦୟଗିରି ରହିଥିଲାବେଳେ ପାହାଡ଼ର ଶୀର୍ଷଭାଗରେ ଷୋହଳପୁଅ ମା’ ଠାକୁରାଣୀ, ଐତିହ୍ୟ ସମ୍ପନ୍ନ ସିଦ୍ଧଗୁମ୍ଫା ଓ ନାହାକାଣୀ ପୀଠ ରହିଛି। ଏହି ଖନନରେ କେତେକ ରାଜନୈତିକ ଦଳର ବ୍ୟକ୍ତିବିଶେଷଙ୍କ ହାତ ରହୁଥିବାରୁ ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇପାରୁ ନ ଥିବା ଦାଧାରଣରେ ଅଭିଯୋଗ ହୋଇଛି। ତୁରନ୍ତ ବେଆଇନ ଖନନ ବନ୍ଦ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଦର୍ପଣ ତହସିଲଦାର ଅଶୋକ କୁମାର ଦାସଙ୍କୁ ପଚାରିବାରେ, କାହାକୁ ଲିଜ୍ ଦିଆଯାଇନାହିଁ। ବେଆଇନ ଭାବେ ଖନନ ଯୋଗୁ ରାଜସ୍ୱ ବିଭାଗ ଓ ପୋଲିସ ମିଳିତ ଭାବେ ଚଢ଼ାଉ ଜାରି ରଖିଛି। ଆଗକୁ ଚଢ଼ାଉ ଜାରି ରହିବ ବୋଲି ସେ କହିଛନ୍ତି।



■ପର୍ବତମାଳାରେ ରହିଛି ୨୬ ଶହ ଏକର ଜଙ୍ଗଲ ଜମି

■ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ କୋହଳ ଯୋଗୁ ମାଫିଆ ସକ୍ରିୟ

■ଅଭିଯୋଗ ଶୁଣାଣି ଶିବିର

# ଜିଲାପାଳ, ଏସ୍‌ପିଙ୍କ ଅନୁପସ୍ଥିତି ନେଇ ଅସନ୍ତୋଷ

ଯାଜପୁରରୋଡ,୧।୩(ନି.ପ୍ର.)

ଯାଜପୁରରୋଡସ୍ଥିତ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ଜିଲାପାଳ, ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ, ଅତିରିକ୍ତ ଜିଲାପାଳ ଓ ଏସ୍‌ପି ଏହି ଶିବିରରେ ଯୋଗ ଦେଇ ନ ଥିବାରୁ ବ୍ୟାସନଗର ତହସିଲଦାର ନିରଞ୍ଜନ ବେହେରା ୭ ଅଭିଯୋଗ ପତ୍ର ଗ୍ରହଣ କରିଛନ୍ତି। ଏ ନେଇ ଶିବିରରେ ଅସନ୍ତୋଷ ଦେଖାଦେଇଥିଲା। ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ଅଭିଯୋଗ ପତ୍ରଗୁଡିକ ବିଭିନ୍ନ ବିଭାଗକୁ ସମାଧାନ ପାଇଁ ପଠାଇବାକୁ ସୁପାରିଶ କରାଯାଇଥିଲା। ଏହି ଶିବିରରେ ଅଧିକାଂଶ ସମୟରେ ଜିଲାପାଳ ଓ ଏସ୍‌ପି ଅନୁପସ୍ଥିତ ରହୁଛନ୍ତି ଏବଂ ପୂର୍ତ୍ତ ବିଭାଗ, ଶ୍ରମ ବିଭାଗ, ଶିକ୍ଷା ବିଭାଗ ଓ କଳିଙ୍ଗନଗର ଶିଳ୍ପାଞ୍ଚଳର କର୍ତ୍ତୃପକ୍ଷ ମଧ୍ୟ ଯୋଗ ଦେଉନାହାନ୍ତି। ଅପରପକ୍ଷରେ ସାମୂହିକ ଭାବେ ହୋଇଥିବା ଅଭିଯୋଗଗୁଡିକ ସମାଧାନ ହୋଇପାରୁନାହିଁ ବୋଲି ନିଖିଳ ଉତ୍କଳ ନିର୍ମାଣ ଶ୍ରମିକ ସଂଘ ଅଭିଯୋଗ କରିଛନ୍ତି। ଏହି ସମସ୍ୟାକୁ ଆଧାର କରି ଆସନ୍ତା ମାସରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଅନଶନ କରାଯିବ ବୋଲି ସଂଘ ସଭାପତି ବିଦ୍ୟାଧର ମହାନ୍ତି ଶୁକ୍ରବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିରରେ ବିଭାଗୀୟ କର୍ତ୍ତୃପକ୍ଷ, କାରଖାନା କର୍ତ୍ତୃପକ୍ଷ ଉପସ୍ଥିତ ରହି ଅଭିଯୋଗର ସମାଧାନ କରିବାକୁ ଦାବି କରାଯାଇଛି। ଅନୁପସ୍ଥିତି ସମ୍ପର୍କରେ ଏଡିଏମ୍ ମିଶ୍ରଙ୍କୁ ପଚାରିବାରେ, ଜିଲାପାଳ, ଏସ୍‌ପି ଓ ଅତିରିକ୍ତ ଜିଲାପାଳ ନିଜେ ନିର୍ବାଚନୀ ସଭାରେ ବ୍ୟସ୍ତ ଥିବାରୁ ଶିବିରରେ ଯୋଗ ଦେଇପାରି ନ ଥିବା କହିଥିଲେ।

## ଚିନ୍ମୟ ଚେତନା ସ୍ମରଣିକା ଉନ୍ମୋଚିତ



ସ୍ମରଣିକା ଉନ୍ମୋଚନ ଉତ୍ସବରେ ଉପସ୍ଥିତ ଅତିଥି।

ଧର୍ମଶାଳା,୧।୩(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ନୀଳକଣ୍ଠପୁରସ୍ଥିତ ଚିନ୍ମୟ ଚେତନା ଅନୁଷ୍ଠାନ ପକ୍ଷରୁ ଚିନ୍ମୟ ଚେତନା ପୁସ୍ତକ ଉନ୍ମୋଚନ, ସମ୍ବର୍ଦ୍ଧନା ପର୍ବ, ଚିନ୍ମୟଙ୍କ ଜୟନ୍ତୀ ଉତ୍ସବ, ସାହିତ୍ୟ ଓ ଉଚ୍ଚତର ଜୀବନବୋଧ ଆଲୋଚନାଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ନବନିର୍ମାଣ କୃଷକ ସଂଗଠନର କେନ୍ଦ୍ରୀୟ ସଂଯୋଜକ ଅକ୍ଷୟ କୁମାର ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବ ଉଦ୍‌ଘାଟନ କରିଥିଲେ। ପଣ୍ଡିତ କାମଦେବ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିଥିଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ରମାକାନ୍ତ ଜେନା, ପଣ୍ଡିତ ଯୋଗେନ୍ଦ୍ର ପଣ୍ଡା, ରାଜକିଶୋର ପାଢୀ ଯୋଗଦେଇଥିଲେ। ଏହି ଅବସରରେ ବିଶିଷ୍ଟ କବି ପ୍ରଭାକର ଶତପଥୀ, ବେଣୁଧର ପତି, ନିମାଇଁ ଚରଣ ରାୟ, ଚକ୍ଷୁ ବିଭାଗ ଡ. ସୁମିତ୍ରା ମହାପାତ୍ର ଓ କାମଦେବ ଶତପଥୀଙ୍କୁ ମାନପତ୍ର ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ଏଥିସହ ‘ଚିନ୍ମୟ ଚେତନା’ ସ୍ମରଣିକା ଉନ୍ମୋଚିତ ହୋଇଯାଇଛି। ବ୍ରହ୍ମବରଦା ମହାବିଦ୍ୟାଳୟ ଅଧକ୍ଷ ମହେଶ୍ୱର ପାଢୀ ସଭା ସଞ୍ଚାଳନ କରିଥିବାବେଳେ ସମ୍ପାଦିକା ପଦ୍ମଜା ଶରଣ ବିବରଣୀ ପାଠ କରିଥିଲେ। କୌସ୍ତୁଭ ତ୍ରିପାଠୀ ସ୍ତୁତି ସଙ୍ଗୀତ ଗାନ, କାହ୍ନୁ ଚରଣ ଦାଶ, ପ୍ରଶାନ୍ତ କୁମାର ସାହୁ ସ୍ତୁତି ଚାରଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ‘ସାହିତ୍ୟ ଓ ଉଚ୍ଚତର ଜୀବନ ବୋଧ’ ଆଲୋଚନା ସଭାରେ କାମଦେବ ଶତପଥୀ ଅଧକ୍ଷତା କରିଥିଲେ। ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ବିଶ୍ୱାଳ ଓ କବି ମହେଶ୍ୱର ପାଢୀ ସଭାସଞ୍ଚାଳନ କରିଥିଲେ। ଆଲୋଚକଭାବେ ବରିଷ୍ଠ କବି ପ୍ରଭାକର ଶତପଥୀ ଡ. ଭାଗ୍ୟଧର ସାହୁ, ଯତିନ୍ଦ୍ର ରାଉତ, ଗାଳ୍ପିକ ବିଷ୍ଣୁ ସାହୁ, ଅଧାପକ ତୁହିନାଂଶୁ ରଥ, ଅକ୍ଷୟ କୁମାର, ଯୋଗେନ୍ଦ୍ର ପଣ୍ଡା, ବାମଦେବ ପାଢୀ, କବି ପିନାକୀ ସିଂ ଯୋଗଦେଇ ଥିଲେ। ଶେଷରେ କୃଷ୍ଣଚନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ପାଇଁ ଦାବିପତ୍ର

ଚଣ୍ଡିଖୋଲ/ଛତିଆ,୧।୩(ଡି.ଏନ.ଏ.)

ବଡ଼ଚଣା ବ୍ଲକ ଅନ୍ତର୍ଗତ ଦେହୁରୀଗଡ଼ା କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ କାର୍ଯ୍ୟରେ ଅସନ୍ତୋଷ ପ୍ରକାଶ କରି ବିଦ୍ୟାଳୟ ପରିଚାଳନା କମିଟି, ଅଭିଭାବକ ଓ ଛାତ୍ରୀଛାତ୍ର ଜିଲା ଶିକ୍ଷାଧିକାରୀଙ୍କ ନିକଟରେ ଶୁକ୍ରବାର ତୁରନ୍ତ ବଦଳି କରିବା ପାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ ସେମାନେ ଏକ ପତ୍ର ଲେଖି ଜିଲା ଶିକ୍ଷାଧିକାରୀଙ୍କୁ ଅନୁରୋଧ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଦେହୁରୀଗଡ଼ା କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଗୀତାଞ୍ଜଳୀ ସାମଲ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଅଧିକାଂଶ ସମୟ ବିଦ୍ୟାଳୟକୁ ଆସୁ ନ ଥିଲାବେଳେ ବିନା ଛୁଟି ଦରଖାସ୍ତରେ ବିଦ୍ୟାଳୟରେ ଅନୁପସ୍ଥିତ ରହୁଥିବା ଜଣାପଡ଼ିଛି। ଅଧିକାଂଶ ସମୟରେ ପିଲାଙ୍କୁ ନିମ୍ନମାନର ମଧାହ୍ନଭୋଜନ ଦେଉଥିବା ନେଇ ବିଦ୍ୟାଳୟ ପରିଚାଳନା କମିଟି ଅଭିଯୋଗ କରିଛି। ସେହିଭଳି ବିଦ୍ୟାଳୟକୁ ଆସୁଥିବା ସରକାରୀ ଅନୁଦାନ ଖର୍ଚ୍ଚ ହେଉ ନ ଥିବାବେଳେ ମିଥ୍ୟା ବିଲ୍ ଜରିଆରେ ପ୍ରଧାନ ଶିକ୍ଷୟିତ୍ରୀ ଅନୁଦାନ ଅର୍ଥକୁ ହଡ଼ପ କରୁଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବଡ଼ଚଣା ମଣ୍ଡଳ ଶିକ୍ଷାଧିକାରିଣୀ, ସିଆରସିସି ଓ ଅତିରିକ୍ତ ଶିକ୍ଷାଧିକାରୀଙ୍କୁ ଗତ ଡିସେମ୍ବରରୁ ଫେବୃୟାରୀ ପର୍ଯ୍ୟନ୍ତ ତିନି ଥର ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ତେଣୁ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରଜତ କୁମାର ମହାନ୍ତି ଓ ଅନ୍ୟମାନେ ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀଙ୍କୁ ଏକ ପତ୍ର ଲେଖି ଜଣାଇଛନ୍ତି। ଶୁକ୍ରବାର ଅଭିଭାବକମାନେ ବିଦ୍ୟାଳୟ ଫାଟକ ସମ୍ମୁଖରେ ଏକତ୍ରିତ ହୋଇ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ନେଇ ନାରାବାଜି କରିଥିଲେ। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରିଣୀ ସସ୍ମିତା ସାହୁଙ୍କୁ ପଚାରିବାରେ, ଗ୍ରାମବାସୀ ଦେଇଥିବା ଅଭିଯୋଗ ପତ୍ର ପାଇଛନ୍ତି। ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ସାମଲଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରି ନ ଥିଲା।

## ପରିବାର ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଯାଜପୁରରୋଡ,୧।୩(ନି.ପ୍ର.)

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ମଧୁସୂଦନ ନଗରଠାରେ ଗୁରୁବାର ଅଭିଭାବକଙ୍କୁ ନେଇ ଏକ ପରିବାର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତି ସଭ୍ୟା ତଥା ଶିଶୁବାଟିକା ପ୍ରଭାରୀ ପ୍ରଣତୀ ସାହୁ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ତଥା ମଧୁସୂଦନ ନଗର ସଙ୍କୁଳ ସଂଯୋଜକ ନରେନ୍ଦ୍ର କୁମାର ଶତପଥୀ ମୁଖ୍ୟ ବକ୍ତାଭାବେ ଯୋଗଦେଇ ଶିଶୁଙ୍କ ବିକାଶରେ ଅଭିଭାବକଙ୍କ ଭୂମିକା କିପରି ହେବା ଉଚିତ, ସେ ନେଇ ଶିକ୍ଷା ଦେଇଥିଲେ। କାଞ୍ଚନବାଳା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷାର ମୂଲ୍ୟବୋଧ ଶୀର୍ଷକ ଆଲୋଚନାଚକ୍ର

ଧର୍ମଶାଳା,୧।୩(ଡି.ଏନ୍.ଏ.)

ଧର୍ମଶାଳା ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଗୁରୁବାର ଶିକ୍ଷାର ମୂଲ୍ୟବୋଧ ଓ ସ୍ୱାମୀ ବିବେକାନନ୍ଦଙ୍କ ଦୃଷ୍ଟି କୋଣରେ ଶିକ୍ଷାର ଲକ୍ଷ୍ୟ’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ଇନ୍ଦୁପ୍ରଭା ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଧର୍ମଶାଳା ମହାବିଦ୍ୟାଳୟ ଇଂଲିଶ ବିଭାଗ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି, ଅତିଥିଭାବେ ଅବସରପ୍ରାପ୍ତ ରାଜନୀତି ବିଜ୍ଞାନ ପ୍ରାଧ୍ୟାପକ ଜଳଧର ସାହୁ, ଶିକ୍ଷାବିତ୍ ମଦନ ମୋହନ ରାଉତ ଯୋଗଦେଇଥିଲେ। ଶିକ୍ଷା ବିଭାଗ ଅଧାପକ ରାଜକିଶୋର ଜେନା ଶିକ୍ଷାର ମୂଲ୍ୟବୋଧ ଓ ରାଜନୀତି ବିଜ୍ଞାନ ବିଭାଗ ଅଧାପକ ସଚ୍ଚିଦାନନ୍ଦ ପ୍ରଧାନ ବିବେକାନନ୍ଦଙ୍କ ଦୃଷ୍ଟି କୋଣରେ ଶିକ୍ଷାର ଲକ୍ଷ୍ୟ ଶୀର୍ଷକ ବିଷୟରେ ଭିତ୍ତି ପ୍ରବନ୍ଧ ପାଠ କରିଥିଲେ।

■ବ୍ୟାଙ୍କ ପରିଚାଳକ ଜମାକାରୀଙ୍କ ଅର୍ଥ ହଡ଼ପ କରିଥିବା ଅଭିଯୋଗ

# ବ୍ୟାଙ୍କ ଲୋକପାଳଙ୍କୁ ତଦନ୍ତ ଦାବି

ଦଶରଥପୁର,୧।୩(ଡିଏନ୍ଏ)

ଜଣେ ଜମାକାରୀଙ୍କ ମୃତ୍ୟୁ ହେବାର ଦୀର୍ଘଦିନ ପରେ ବ୍ୟାଙ୍କ ଆକାଉଣ୍ଟରେ ନୋମିନି ନ ଥିବାରୁ ବ୍ୟାଙ୍କ ମ୍ୟାନେଜର ଚଞ୍ଚକତା କରି ଜମାକାରୀଙ୍କ ଅର୍ଥ ହଡ଼ପ କରିନେଇଥିବା ଅଭିଯୋଗ ହୋଇଛି। ଏ ନେଇ ଉକ୍ତ ବ୍ୟାଙ୍କର କେତେଜଣ ଜମାକାରୀଙ୍କ ସହ ସ୍ଥାନୀୟ ଅଞ୍ଚଳର ୨ ଜଣ ସାମାଜିକ କର୍ମୀ ଶୁକ୍ରବାର ବ୍ୟାଙ୍କ ଲୋକପାଳ (ଭୁବନେଶ୍ୱର)ଙ୍କୁ ଘଟଣାର ତଦନ୍ତ ପାଇଁ ଡାକଯୋଗେ ଦାବିପତ୍ର ପଠାଇଛନ୍ତି।

ମଙ୍ଗଳପୁର ବଜାରରେ ୩୫ ବର୍ଷରୁ ଉର୍ଦ୍ଧ୍ୱ ହେବ ସେବା ଦେଇଆସୁଥିବା ଏକ ଜାତୀୟକରଣ ବ୍ୟାଙ୍କରେ ଦୀର୍ଘବର୍ଷ ତଳେ ଜଣେ ଜମାକାରୀ ପ୍ରାୟ ୧୪ ଲକ୍ଷ ଟଙ୍କା ଜମା ରଖିଥିଲେ। କିଛି ବର୍ଷ ତଳେ ତାଙ୍କର ମୃତ୍ୟୁ ହୋଇଯାଇଛି। କିନ୍ତୁ ଜମାକାରୀଙ୍କ ଖାତାରେ କେହି ନୋମିନି ନ ଥିବାର ସୁଯୋଗ ନେଇ ମ୍ୟାନେଜର ଚଞ୍ଚକତା କରି ଟଙ୍କା ହଡ଼ପ କରିନେଇଥିବା ଉକ୍ତ ବ୍ୟାଙ୍କର ଜଣେ କର୍ମଚାରୀ ନାମଗୋପନ ରଖି ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ମୃତ ଜମାକାରୀଙ୍କ ସାଙ୍ଗିଆ ସହ ଉକ୍ତ ବ୍ୟାଙ୍କରେ ଠିକାରେ କାର୍ଯ୍ୟ କରୁଥିବା ଜଣେ ଯୁବକଙ୍କ ସାଙ୍ଗିଆ ସମାନ ରହିଛି। ଏଥିସହ ଯୁବକଙ୍କର ଉକ୍ତ ବ୍ୟାଙ୍କରେ ଜମାଖାତା ଥିବାର ସୁଯୋଗ ନେଇ ମ୍ୟାନେଜର ତାଙ୍କ ଖାତାକୁ ପର୍ଯ୍ୟାୟକ୍ରମେ ୧୪ଲକ୍ଷ ଟଙ୍କା ଟ୍ରାନ୍ସଫର କରିଥିଲେ। ପରେ ଯୁବକଙ୍କ ଆକାଉଣ୍ଟକୁ ବ୍ୟବହାର କରି ବିଭିନ୍ନ ଆକାଉଣ୍ଟକୁ ଟଙ୍କା ପଠାଇ ସେମାନଙ୍କଠାରୁ ଆଦାୟ କରିନେଇଥିବା ଜଣାଯାଇଛି। ମ୍ୟାନେଜର ଚତୁରତାର ସହ ସମସ୍ତ ତଥ୍ୟ ନଷ୍ଟ କରିବା ଆଳରେ ଯୁବକଙ୍କୁ କିଛି ଟଙ୍କା ଦେଇଥିଲେ ଏବଂ ଦରଖାସ୍ତ ଦେଇ ଉକ୍ତ ଆକାଉଣ୍ଟ ବନ୍ଦ କରିବାକୁ ପରାମର୍ଶ ଦେଇଥିଲେ। ସେହି ଅନୁଯାୟୀ ଯୁବକ ଜଣକ ଆକାଉଣ୍ଟ ବନ୍ଦ କରିଦେଇଛନ୍ତି। ତେବେ ଉକ୍ତ ଯୁବକଙ୍କ ଆକାଉଣ୍ଟରୁ ଯେଉଁ ୫/୬ ଜଣ ଏବଂ କାର୍ ଫାଇନାନ୍ସ ଥିବା ଲୋନ୍ ଆକାଉଣ୍ଟକୁ ଟଙ୍କା ପଠାଯାଇଛି, ସେମାନେ ମ୍ୟାନେଜରଙ୍କ ଆତ୍ମୀୟ ବୋଲି ଜଣାପଡ଼ିଛି। ଏହାର ତଦନ୍ତ କରାଗଲେ ଘଟଣାର ପର୍ଦ୍ଦାଫାସ୍ ହୋଇପାରିବ ବୋଲି ଦାବି ହୋଇଛି।

## ମୋ ବୁଥ୍ ସବୁଠୁ ମଜଭୁତ କାର୍ଯ୍ୟକ୍ରମ

କୋରେଇ,୧।୩(ସ୍ୱ.ପ୍ର.)

କୋରେଇ ଭାଜପା ତରଫରୁ ଜହ୍ନାସ୍ଥିତ ଭାଜପା କାର୍ଯ୍ୟାଳୟରେ ଗୁରୁବାର ମୋ ବୁଥ ସବୁଠୁ ମଜଭୁତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାରା ଦେଶରେ ୧୫ ହଜାରରୁ ଉର୍ଦ୍ଧ୍ୱ ବୁଥ ସ୍ତରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ଭାଜପା ନେତା ପ୍ରକାଶ ଧଳ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍ଫରେନ୍ସ ମାଧ୍ୟମରେ କର୍ମୀଙ୍କ ସହ କଥା ହୋଇଥିଲେ। ସୁଚିନ୍ତିତ ମତାମତ ଓ ମୂଲ୍ୟବାନ ବିଚାର ନୂତନ ଭାରତ ଗଠନ ଏବଂ ସରକାରଙ୍କ ଯୋଜନାଗୁଡିକୁ ବିସ୍ତାର କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ବକ୍ତବ୍ରରେ କହିଥିଲେ। ମଣ୍ଡଳ ସଭାପତି ରବୀନ୍ଦ୍ର ବେହେରା, ପ୍ରମୋଦ ସାହୁ, ନିଳମାଧବ ଚକ୍ର, ନିତ୍ୟାନନ୍ଦ ମହାଳିକ, ଆଯୋଧ୍ୟା ଯେନା, ଇତିଶ୍ରୀ ନାୟକ, ଲଳାଟେନ୍ଦୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ମାର୍କେଟ କମ୍ପ୍ଲେକ୍ସ, କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୧।୩(ଡି.ଏନ.ଏ./ସ୍ୱ.ପ୍ର.)

ଜଳସମ୍ପଦ ବିଭାଗ କେନାଲ ବନ୍ଧ ଉପରେ ଅସ୍ଥାୟୀ ଗୃହ ନିର୍ମାଣ କରି ବ୍ୟବସାୟ କରୁଥିବାରୁ ଜଳ ସମ୍ପଦ ବିଭାଗ ସେମାନଙ୍କୁ ଉଚ୍ଛେଦ କରିଥିଲା। ବଡ଼ଚଣା ବିଧାୟକ ତଥା ସରକାରୀ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀଙ୍କ ଉଦ୍ୟମକ୍ରମେ ଏହି ଜଳ ସମ୍ପଦ ବିଭାଗ ଅଧୀନରେ ଥିବା ୧ ଏକର ୭୮ ଡିସିମିଲି ଜମିକୁ ପଞ୍ଚାୟତିରାଜ ବିଭାଗକୁ ହସ୍ତାନ୍ତର କରାଯିବା ପରେ ନୂତନ ଭାବେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇ ସେମାନଙ୍କୁ ଥଇଥାନ କରାଯିବ ବୋଲି ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରି ସେ କହିଛନ୍ତି। ଏହି ଅବସରରେ ମଙ୍ଗଳବାର ବାଲିଚନ୍ଦ୍ରପୁରଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସରପଞ୍ଚ ଫଣୀନ୍ଦ୍ରନାଥ ପଣ୍ଡା ଅଧକ୍ଷତା କରିଥିଲେ। ମାର୍କେଟ କମ୍ପ୍ଲେକ୍ସ ସହ ଏକ କଲ୍ୟାଣ ମଣ୍ଡପ ଓ ଗ୍ରାମାଞ୍ଚଳ ପାଠାଗାର ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ବଡ଼ଚଣା ବ୍ଲକ ଏବିଡିଓ ଶାଶ୍ୱତ ଜେନା ଯୋଗଦେଇ ୩୫ ଲକ୍ଷ ଟଙ୍କା ବ୍ୟୟରେ କଲ୍ୟାଣ ମଣ୍ଡପ ଓ ୧୦ ଲକ୍ଷ ଟଙ୍କା ବ୍ୟୟରେ ଏକ ପାଠାଗାର ନିର୍ମାଣ କରାଯିବ ବୋଲି କହିବା ସହ ମାର୍କେଟ କମ୍ପ୍ଲେକ୍ସ ଆରମ୍ଭ ପାଇଁ ୪ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିବା ପ୍ରକାଶ କରିଥିଲେ। ଶାରଦା ମହାନ୍ତିଙ୍କ ସଞ୍ଚାଳନରେ ଅନୁଷ୍ଠିତ ସଭାରେ ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା, ଅରବିନ୍ଦ ସାମଲ, ପଞ୍ଚାୟତ ସମିତି ଅଧକ୍ଷ ଭାଗ୍ୟଧର ମଳିକ, ପଞ୍ଚାନନ ଧଳ, ସମିତି ସଭ୍ୟ ଅମିୟ ବିଶ୍ୱାଳ, ସରପଞ୍ଚ ସରସ୍ୱତୀ ବେହେରା, ସ୍ଥାନୀୟ ଅଞ୍ଚଳର ମୁରବି ଦିବାକର ବିଶ୍ୱାଳ, କାର୍ତ୍ତିକ ଚନ୍ଦ୍ର ରାଉତ ପ୍ରମୁଖ ଯୋଗ ଦେଇଥିଲେ।

# ଅବହେଳିତ ହୋଇରହିଛି ବୌଦ୍ଧପୀଠ

ରତ୍ନଗିରି,୧।୩(ଡି.ଏନ୍.ଏ.)



■ଓଡ଼ିଶାର ୩୨୪ରୁ ଉର୍ଦ୍ଧ୍ୱ ସ୍ଥାନରେ ରହିଛି ବୌଦ୍ଧ କୀର୍ତ୍ତିରାଜି

■୧୯ ସ୍ଥାନରୁ ବୁଦ୍ଧଙ୍କ ଦେହାବଶେଷ ଓ ବହୁମୂଲ୍ୟ ବସ୍ତୁ ଆବିଷ୍କୃତ

ଓଡ଼ିଶାର ବୌଦ୍ଧ କୀର୍ତ୍ତିରାଜି ବିଶ୍ୱପ୍ରସିଦ୍ଧ। ଏହି ବୌଦ୍ଧ ସମ୍ପତ୍ତି ବିରଳ ହୋଇଥିଲେ ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ ବିଶେଷ ଆକର୍ଷିତ ହୋଇପାରିନାହିଁ। ଓଡ଼ିଶାର ୩୨୪ରୁ ଅଧିକ ସ୍ଥାନରେ ବୌଦ୍ଧ କୀର୍ତ୍ତିରାଜି ରହିଛି। ତନ୍ମଧ୍ୟରୁ ୧୦୮ ସ୍ଥାନରେ ବୌଦ୍ଧ ବିହାର ସ୍ତୁପ ଓ ଚୈତ୍ୟ ରହିଥିବାବେଳେ ୫୩ ସ୍ଥାନରେ ଭୋଟିବ ସ୍ତୁପ ରହିଛି। ସେହିପରି ପ୍ରତ୍ନତାତ୍ତ୍ୱିକ ଖନନ ଜରିଆରେ ଓଡ଼ିଶାର ୧୯ ସ୍ଥାନରୁ ଗୌତମ ବୁଦ୍ଧଙ୍କ ଦେହାବଶେଷ ଓ ବହୁମୂଲ୍ୟ ବସ୍ତୁ ଆବିଷ୍କୃତ ହୋଇଛି। ଉଦୟଗିରି ଓ ରତ୍ନଗିରି ବିଶ୍ୱପ୍ରସିଦ୍ଧ ବୌଦ୍ଧପୀଠର ମାନ୍ୟତା ପାଇଥିଲେ ମଧ୍ୟ ଏଠାକୁ ଆଶାତୀତ ଭାବେ କମ୍ ପର୍ଯ୍ୟଟକ ଆସିବା ଚିନ୍ତା ଓ ପରିତାପର ବିଷୟ। ଆବଶ୍ୟକ ଅନୁଯାୟୀ ବୌଦ୍ଧ କୀର୍ତ୍ତିରାଜିର ପ୍ରଚାର ପ୍ରସାର କରାଯାଉନାହିଁ। ସେଥିପାଇଁ ପ୍ରଚେଷ୍ଟା ଆବଶ୍ୟକ ବୋଲି ୨୦୧୩-୧୪ରେ ଉଦୟଗିରିଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ସମ୍ମିଳନୀରେ ଆମେରିକାର ପ୍ରଫେସର ଟି.ଇ ଡୋନାଲ୍ଡ ସନ୍ ଯୋଗଦେଇ ମତ ରଖିଥିଲେ। ଉକ୍ତ ସମ୍ମିଳନୀରେ ତତ୍କାଳୀନ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ମହେଶ୍ୱର ମହାନ୍ତି ଯୋଗଦେଇ ଉଦୟଗିରିର ବିଦ୍ୟୁତ୍ ବ୍ୟବସ୍ଥା ସହ ପାନୀୟଜଳର ସ୍ଥାୟୀ ସମାଧାନ ହେବ ବୋଲି ସୂଚନା ଦେଇଥିଲେ। ଏହି ବୌଦ୍ଧପୀଠର ଅଧିକ ପ୍ରଚାର ପ୍ରସାର ପାଇଁ ଓଡ଼ିଶା ଟୁରିଜିମ୍ ପକ୍ଷରୁ ବୌଦ୍ଧପୀଠ ଉଦୟଗିରିଠାରେ ଦୁଇଥର ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ ଆୟୋଜନ କରାଯାଇଥିଲେ ମଧ୍ୟ ଏଯାବତ୍ ତାହାର ସୁଫଳ ଦେଖିବାକୁ ମିଳିନାହିଁ। ଓଟିଡିସି ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ୮୫ ଲକ୍ଷ ୪୩ ହଜାର ୨୧୭ ଟଙ୍କା ମଞ୍ଜୁର କରାଯାଇଥିଲେ ମଧ୍ୟ ବୌଦ୍ଧପୀଠର କୌଣସି ଉନ୍ନତି ହୋଇ ନ ଥିବା ସାଧାରଣରେ ଆଲୋଚନା ହେଉଛି। ରତ୍ନଗିରି ଓ ଉଦୟଗିରିକୁ ୨୦୧୨ରେ ୩୫ ହଜାର ୭୫୪ ଘରୋଇ ଓ ୪୯୮ ବିଦେଶୀ ପର୍ଯ୍ୟଟକ, ୨୦୧୩ରେ ୩୫ ହଜାର ୨୦୯ ଘରୋଇ ଓ ୪୨୬ ବିଦେଶୀ ପର୍ଯ୍ୟଟକ ଏବଂ ୨୦୧୪ରେ ୩୯ ହଜାର ୨୪୭ ଘରୋଇ ଓ ୪୧୦ ବିଦେଶୀ ପର୍ଯ୍ୟଟକ ଆସିଥିଲେ। ସେହିପରି ୨୦୧୮ରେ ୪୩ ହଜାର ୬୧୩ ଘରୋଇ ଓ ୫୩୪ ବିଦେଶୀ ପର୍ଯ୍ୟଟକ ଆସିଥିବା ପର୍ଯ୍ୟଟନ ବିଭାଗ ସୂତ୍ରରୁ ସୂଚନା ମିଳିଛି। ଦୈତାରୀ-ପାରାଦୀପ ଜାତୀୟ ରାଜପଥର କୃଷ୍ଣଦାସପୁର ଛକରୁ ବାମପଟକୁ ୧୭ କି.ମି. ଆସିଲେ ରତ୍ନଗିରି ପଡ଼େ। ରତ୍ନଗିରି ବଜାର ଦେଇ ଷ୍ଟେଟ୍ ବ୍ୟାଙ୍କ ପର୍ଯ୍ୟନ୍ତ ବସ୍ ଆସିପାରିବ। ସେଠାରୁ ରତ୍ନଗିରି ପୀଠକୁ ଆସିବା ପାଇଁ ପ୍ରାୟ ୫୦୦ ମିଟର ଚାଲିବାକୁ ପଡ଼େ। ବର୍ଷକୁ ପାଖାପାଖି ୨୦ରୁ ୫୦ ହଜାର ଘରୋଇ ପର୍ଯ୍ୟଟକ ଆସୁଥିବା ଏହି ପର୍ଯ୍ୟଟନ ସ୍ଥଳୀରେ ବସ୍ ଷ୍ଟାଣ୍ଡଟିଏ ନାହିଁ। ବସ୍‌ଷ୍ଟାଣ୍ଡ ବ୍ୟତୀତ ସୁଲଭ ଶୌଚାଳୟ, ରତ୍ନଗିରି ପାହାଡ଼ର ଆଲୋକୀକରଣ, ପାନୀୟଜଳ ଆଦି ଯୋଗାଇଦେବାକୁ ଜନସାଧାରଣ ବହୁବାର ଦାବି କରିଆସୁଥିଲେ ମଧ୍ୟ ପ୍ରଶାସନିକ ଅବହେଳା ଯୋଗୁ ଅଦ୍ୟାବଧି ତାହା ସମ୍ଭବ ହୋଇପାରିନାହିଁ। ଏ ସମ୍ପର୍କରେ ରତ୍ନଗିରି ସଂରକ୍ଷଣ ସହାୟକ ମାନସ ରଞ୍ଜନ ସାହୁଙ୍କୁ ପଚାରିବାରେ, ଖୁବ୍‌ଶୀଘ୍ର ସମସ୍ତ ସମସ୍ୟାର ସମାଧାନ କରିବେ ବୋଲି କହିଛନ୍ତି।

## ରାଉରକେଲାରେ କାଳିଆ ଚାଷୀ ସମାବେଶ

# କାଳିଆ ଯୋଜନା ଓଡ଼ିଶାକୁ ନୂଆ ପରିଚୟ ଦେଇଛି: ମୁଖ୍ୟମନ୍ତ୍ରୀ

ରାଉରକେଲା ଅଫିସ,୧।୩



ରାଉରକେଲାରେ ଅନୁଷ୍ଠିତ କାଳିଆ ଚାଷୀ ସମାବେଶରେ ଯୋଗଦେଇଥିବା ଚାଷୀମାନେ।

ମୋ ସରକାର ଗରିବ, ଚାଷୀ ମୂଲିଆଙ୍କ ସରକାର। କୃଷକଙ୍କ ଉନ୍ନତି ମୋ ସରକାରର ମୂଳ ଲକ୍ଷ୍ୟ। ସେଥିପାଇଁ କୃଷକଙ୍କ ସମୃଦ୍ଧି ପାଇଁ କାଳିଆ ଯୋଜନା କରାଯାଇଛି। ବାସ୍ତବରେ ଏହି ଯୋଜନା ଓଡ଼ିଶାକୁ ନୂଆ ପରିଚୟ ଦେଇଛି। ଏହା ଦ୍ୱାରା ନାମମାତ୍ର କ୍ଷୁଦ୍ରଚାଷୀ, ଭାଗଚାଷୀ ଓ ଜମି ନ ଥିବା ଚାଷୀ ଉପକୃତ ହୋଇପାରିବେ ବୋଲି ଶୁକ୍ରବାର ରାଉରକେଲା ଏୟାରଷ୍ଟ୍ରିପ ପଡ଼ିଆରେ ଆୟୋଜିତ କାଳିଆ ଚାଷୀ ସମାବେଶରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। ସେ ପୁଣି କହିଲେ, ରାଜ୍ୟର ୧୦ ଲକ୍ଷ ଚାଷୀ ଏହି ଯୋଜନାରେ ସାମିଲ ହୋଇ ସାରିଛନ୍ତି। ଆହୁରି ଅଧିକ ୧୦ଲକ୍ଷ ଚାଷୀଙ୍କୁ ଏଥିରେ ସାମିଲ କରାଯିବ। ସେମାନଙ୍କୁ ପ୍ରଥମ କିସ୍ତି ଟଙ୍କା ମିଳି ସାରିଥିବା ବେଳେ ଏପ୍ରିଲରେ ଦ୍ୱିତୀୟ କିସ୍ତି ଟଙ୍କା ପ୍ରଦାନ କରାଯିବ।

କୁନା ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ ଏହି ସମାବେଶରେ ମୁଖ୍ୟମନ୍ତ୍ରୀ କହିଲେ, କେବଳ କୃଷକ ନୁହନ୍ତି ସେମାନଙ୍କ ପରିବାର କିପରି ସମୃଦ୍ଧ ହେବ ସେ ନେଇ ରାଜ୍ୟ ସରକାର ଚିନ୍ତା କରିଛନ୍ତି। ଚାଷୀ ତା'ର ହକ୍ ପାଉ, କୃଷକଙ୍କ ଭବିଷ୍ୟତ ସୁରକ୍ଷିତ ରହୁ। କୃଷକଙ୍କ ପିଲା ଛାତ୍ରବୃତ୍ତି ପାଇ କିପରି ଉଚ୍ଚଶିକ୍ଷିତ ହେବ ସେନେଇ କାଳିଆ ଯୋଜନାରେ ବ୍ୟବସ୍ଥା ରହିଛି। ରାଜ୍ୟ ସରକାର ବିନା ସୁଧରେ କୃଷକ ଓ ମିଶନ ଶକ୍ତି ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଋଣ ଯୋଗାଇ ଦେଉଛନ୍ତି। କାଳିଆ ଯୋଜନାକୁ ଅନ୍ୟମାନେ ଅନୁକରଣ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଅପରାହ୍ନ ପ୍ରାୟ ୪ଟା ୧୫ରେ ମୁଖ୍ୟମନ୍ତ୍ରୀ ସଭାମଞ୍ଚ ନିକଟରେ ପହଞ୍ଚିଥିଲେ। ସେଠାରେ ୭୩୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ୨୩ ପ୍ରକଳ୍ପ ଉଦ୍‌ଘାଟନ କରିବା ସହ ୧୯ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହି ଅବସରରେ ତାଙ୍କୁ ସୁନ୍ଦରଗଡ଼ ଜିଲାପାଳ ରଶ୍ମିତା ପଣ୍ଡା, ଏଡିଏମ୍ ଯେଦୁଲା ବିଜୟ, ଏସ୍‌ପି ସାର୍ଥକ ଷଡଙ୍ଗୀଙ୍କ ସମେତ ବହୁ ଅଧିକାରୀ ସ୍ୱାଗତ କରିଥିଲେ। ଏହି ସମାବେଶରେ ପୂର୍ବତନ ମନ୍ତ୍ରୀ ସାରଦା ନାୟକ, ରାଜ୍ୟ ସଭା ସଦସ୍ୟ ପ୍ରଶାନ୍ତ ନନ୍ଦ, ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ଜିଲା ବିଜେଡି ସମ୍ପାଦକ ଆନନ୍ଦ ମହାନ୍ତି, ଆଇନଜୀବୀ ସୁଦାମ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହା ପୂର୍ବରୁ କାଳିଆ ଯୋଜନା ସମ୍ପର୍କରେ ମଞ୍ଚ ସଂଯୋଜକ କୁନା ତ୍ରିପାଠୀ ଅଡିଓ ଭିଡିଓ ପ୍ରଦର୍ଶନ ମାଧ୍ୟମରେ ଉପସ୍ଥିତ ଜନତାଙ୍କୁ ଅବଗତ କରାଇଥିଲେ।

## ଅର୍ଥ ଥାଇ ଆରଆଇ ସର୍କଲ ନୋହିଲା

ଭୁବନେଶ୍ୱର,୧।୩(ବ୍ୟୁରୋ)

ରାଜସ୍ୱ ବିଭାଗ ସୁବିଧା ପାଇଁ ଅଧିକ ଆରଆଇ ସର୍କଲ ପ୍ରତିଷ୍ଠା କରାଯିବାର ଆବଶ୍ୟକତା ରହିଛି। ଏଥିପାଇଁ ୯୨୯.୯୨ କୋଟି ଟଙ୍କାର ପ୍ରସ୍ତାବ ରହିଛି। ହେଲେ ଆଶ୍ଚର୍ଯ୍ୟର କଥା ରାଜସ୍ୱ ସଂସ୍କାର ପ୍ରକ୍ରିୟାରେ ପୁନର୍ଗଠନ କରାଯାଇ ନୂତନ ସର୍କଲ ନେଇ ସରକାର କୌଣସି ନିର୍ଦ୍ଦିଷ୍ଟ ସମୟସୀମା ନିର୍ଦ୍ଧାରଣ କରିନାହାନ୍ତି। ସୂଚନା ଅଧିକାର ଦ୍ୱାରା ମିଳିଥିବା ତଥ୍ୟରୁ ଏହା ସ୍ପଷ୍ଟ ହୋଇଛି। ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଆଇନଜୀବୀ ବି.ଶଙ୍କର ପାତ୍ରଙ୍କ ଦ୍ୱାରା ଏନେଇ ସୂଚନା ଅଧିକାର ଆବେଦନ କରାଯାଇଥିଲା। ସେହିପରି ରାଜ୍ୟରେ ବର୍ତ୍ତମାନ ୨୨୭୨ ରାଜସ୍ୱ ସର୍କଲ ରହିଛି। ପୁନର୍ଗଠନ କରାଯାଇ ନୂତନ ସର୍କଲ କରାଯିବାର କୌଣସି ପ୍ରସ୍ତାବ ନ ଥିବା ମଧ୍ୟ ଉତ୍ତରରେ ଉଲ୍ଲେଖ କରାଯାଇଛି। କିଛିମାସ ତଳେ ଏନେଇ ଅର୍ଥ ବିଭାଗକୁ ଦିଆଯାଇଥିବା ପ୍ରସ୍ତାବ ନାମଞ୍ଜୁର ମଧ୍ୟ ହୋଇଛି। ନୂଆ ରାଜସ୍ୱ ସବ୍‌ଡିଭିଜନ୍ ନେଇ ମଧ୍ୟ କୌଣସି ପ୍ରସ୍ତାବ ନାହିଁ। ବର୍ତ୍ତମାନ ଥିବା ରାଜସ୍ୱ ସର୍କଲକୁ ଛାଡ଼ି ଆଉ ୪୧୩୩ ସର୍କଲ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ରାଜସ୍ୱ ବିଭାଗ ପାଖରେ ରହିଛି। ତନ୍ମଧ୍ୟରୁ ଗଞ୍ଜାମ ଜିଲାରା ସର୍ବାଧିକ ୨୩ ତହସିଲରେ ୩୦୪ ଆରଆଇ ସର୍କଲ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ରହିଥିବା ଜଣାପଡିଛି।

## ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବାକୁ ପରିଣୀତିଙ୍କ ନିବେଦନ



ନୂଆଦିଲ୍ଲୀ: ଦୈନନ୍ଦିନ ବ୍ୟବହାର କରାଯାଉଥିବା ପ୍ଲାଷ୍ଟିକ୍ ବନ୍ଦ କରିବାକୁ ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରା ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଗୁରୁବାର 'ବେହତର ଇଣ୍ଡିଆ କ୍ୟାମ୍ପେନ୍'ର ଚୂଡ଼ାନ୍ତ ସଂସ୍କରଣରେ ପ୍ଲାଷ୍ଟିକ୍‌ର ଗୁରୁତର ପ୍ରଭାବ ବିଷୟରେ ସେ ମନ୍ତବ୍ୟ ଦେଇଥିଲେ। ପରିଣୀତି ଏହି କାର୍ଯ୍ୟକ୍ରମର ବ୍ରାଣ୍ଡ ଆମ୍ବାସାଡର ଅଛନ୍ତି। ତାଙ୍କ କହିବାନୁଯାୟୀ, ସେ ହେଉଛନ୍ତି ସାଗରପ୍ରେମୀ ଏବଂ ସ୍କୁବା ଡାଇଭର। ତେଣୁ ପ୍ଲାଷ୍ଟିକ ଦ୍ୱାରା ସମୁଦ୍ରରେ କି ପ୍ରକାର ପରିବର୍ତ୍ତନ ଘଟୁଛି ତାହା ସେ ଦେଖୁଥିବା ପ୍ରକାଶ କରିଥିଲେ। ଆମେ ଏକ ପ୍ଲାଷ୍ଟିକ୍ ବଟଲକୁ ବ୍ୟବହାର କରିସାରିବା ପରେ ଫିଙ୍ଗିଦେଉ। କିନ୍ତୁ ଏହା ଅଳିଆ ରୂପରେ ପରିବେଶର କି ପ୍ରକାର କ୍ଷତି ଘଟାଏ ତାହା ଚିନ୍ତା କରୁନା। ଶୋଚନାର ବିଷୟ ହେଉଛି ସମୁଦ୍ରରେ ପ୍ଲାଷ୍ଟିକ୍ ଆବର୍ଜନା ଭର୍ତ୍ତି ହେଉଛି। ପ୍ଲାଷ୍ଟିକ୍ ଦ୍ରବ୍ୟ ଅବରୋଧ ଯୋଗୁ ଜଳ ନିଷ୍କାସନ ବାଧାପ୍ରାପ୍ତ ହେଉଥିବାରୁ ପ୍ରତିବର୍ଷ ବନ୍ୟା ଆସୁଛି। ସହଜରେ ନଷ୍ଟ ହୋଇପାରୁଥିବା ପ୍ଲାଷ୍ଟିକ୍‌ର ଏକ ବିକଳ୍ପ ବାହାର କରିବାକୁ 'ନମସ୍ତେ ଇଂଲଣ୍ଡ'ର ଅଭିନେତ୍ରୀ ପରିଣୀତି ପ୍ରସ୍ତାବ ଦେଇଥିଲେ। ପୃଥିବୀକୁ ସୁନ୍ଦର କରିବା ପାଇଁ ପ୍ରତ୍ୟେକ ବ୍ୟକ୍ତି କିଛି ଉଦ୍ୟମ କରିବା ଆବଶ୍ୟକ ବୋଲି ସେ କହିଥିଲେ।

ପରିବେଶ ପାଇଁ କ୍ଷତିକାରକ ହେଉଥିବା କୌଣସି ସାମଗ୍ରୀକୁ ପରିଣୀତି ବ୍ୟବହାର କରନ୍ତି ନାହିଁ। କୌଣସି ବ୍ୟକ୍ତି ସାଧାରଣସ୍ଥଳରେ ଅଳିଆ ଆବର୍ଜନା ପକାଇଲେ ସେ ଗାଳି ଦେଇଥାଆନ୍ତି। ଉନ୍ନତ ମାନର ପରିବେଶ ଏବଂ ସ୍ୱାସ୍ଥ୍ୟରକ୍ଷା ପାଇଁ ବେହତର ଇଣ୍ଡିଆନ୍ କ୍ୟାମ୍ପେନ୍‌ର ଉଦ୍ୟମ ବଳିଷ୍ଠ ବୋଲି ସେ ପ୍ରକାଶ କରିଛନ୍ତି।

## ମୁକ୍ତିଲାଭ କରିବ 'ଶଳାବୁଢ଼ାର ବଦଳା'

**ସୋନପୁର,୧।୩(ନି.ପ୍ର.):** ଆନ୍ତର୍ଜାତୀୟ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର ଶଳାବୁଢ଼ା ଓ ଆଦିମ ବିଚାର ପରେ ସମ୍ପୂର୍ଣ୍ଣ ହୋଇଛି ପ୍ରଖ୍ୟାତ ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚ ମହାପାତ୍ରଙ୍କ ସଦ୍ୟତମ ଚଳଚ୍ଚିତ୍ର 'ଶଳାବୁଢାର ବଦଳା'। ଶଳାବୁଢା ଓ ଆଦିମ ବିଚାର ପରେ ଏ ହେଉଛି ଶଳାବୁଢା ସିରିଜ୍‌ର ତୃତୀୟ ଭାଗ। ପୂର୍ବ ସିନେମାଦ୍ୱୟ ପରି ଏ ସିନେମାର କାହାଣୀ,ସଙ୍ଗୀତ ମଧ୍ୟ ସୁବର୍ଣ୍ଣଶ୍ରୀ କପିଳେଶ୍ୱର ମହାପାତ୍ର ରଚନା କରିଛନ୍ତି। ଏହି ସିରିଜ୍‌ର ସଙ୍ଗୀତ ନିର୍ଦ୍ଦେଶକ ଦାୟିତ୍ୱ ବହନ କରିଛନ୍ତି ପଙ୍କଜ ଜାଲ।

ଏଥର ବଦଳା ନେବାକୁ ଆସୁଛନ୍ତି ଶଳାବୁଢା। ଜଣେ ବୃଦ୍ଧ, ସରଳ ହୃଦୟଧାରୀ ଯେତେବେଳେ ପରିସ୍ଥିତିର ଚାପରେ ପଡି ବଦଳା ନିଅନ୍ତି ସେଇଟା ଯେ କେତେ ଭୟଙ୍କର ଓ ହୃଦୟଫଟା ହୋଇପାରେ ତାହା ହିଁ ଏ କାହାଣୀର ବିଷୟବସ୍ତୁ। ଏହାର ପ୍ରଯୋଜନା, ଫଟୋଗ୍ରାଫି, ସମ୍ପାଦନା ତଥା ସହନିର୍ଦ୍ଦେଶନା ଦାୟିତ୍ୱରେ କୁମାର ଶ୍ରୀଦେବ ମହାପାତ୍ର ଥିବା ବେଳେ ସହପ୍ରଯୋଜକ ଭାବେ ମଧୁବାଳା ମହାପାତ୍ର, ରାଜଶ୍ରୀ ମହାପାତ୍ର ଓ ସୁଶାନ୍ତ ମହାପାତ୍ର ଅଛନ୍ତି। କଳା ନିର୍ଦ୍ଦେଶକଭାବେ ଦାୟିତ୍ୱ ତୁଲାଉଛନ୍ତି ମଣ୍ଟୁ ମହାପାତ୍ର। ଚଳଚ୍ଚିତ୍ରରେ ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି ଅଟଳ ପଣ୍ଡା, ଜଗଦାନନ୍ଦ ଛୁରିଆ, ପ୍ରଦ୍ୟୁମ୍ନ ସାହୁ, ପୁରୁଷୋତ୍ତମ ମିଶ୍ର, ଗଦାଧର ବାରିକ, ମଣ୍ଟୁ ମହାପାତ୍ର, ବିଜୟ ତ୍ରିପାଠୀ, ତପସ୍ୱିନୀ ଗୁରୁ, ଲୋଚନୀ ବାଗ, ମୁନିଆ ପାଣିଗ୍ରାହୀ ଓ ନବାଗତ ଜିତ୍ ଓ ଚନ୍ଦନା। ଅନ୍ୟାନ୍ୟ ଭୂମିକାରେ ସତ୍ୟ ଦାସ, ମନ ମିଶ୍ର, ସଚିନ, କିରଟି ମିଶ୍ର, ଅବିନାଶ ହୋତା, ବେନିମାଧବ ମିଶ୍ର, ସୁନୀଲ ମେହେର, ରବୀନ୍ଦ୍ର ସାହୁ, ଗୋରେଖନାଥ ସାହୁ, ମୀନା ମହାରଣା, ପ୍ରଦୀପ ଏବଂ ବହୁ ନୂତନ କଳାକାର ଅଭିନୟ କରିଛନ୍ତି।


**NOTICE INVITING E-TENDERS**
**CENTRE FOR MODERNIZING GOVERNMENT INITIATIVE (CMGI)**

**Tender Ref. No. : CMGI/PCU/CM-AWD-Film/DOC/2018/576/245, Dt. 27.02.2019**

No. CAD-1521: e-Tenders are invited from eligible agencies for documentation of Chief Minister's Award Winning Initiatives through documentary films (in Odia with subtitles in English) and e-Book form (in English).
Tender documents can be downloaded from CMGI website (www.cmgi.org.in) and Odisha e-Tender Portal (https://tendersodisha.gov.in).
The authority reserves the right to cancel the tender without assigning any reason thereof at any stage.
The last date of submission of the e-Tenders in Odisha e-Tender Portal (https://tendersodisha.gov.in) is 26.03.2019.

Executive Director, CENTRE FOR MODERNIZING GOVERNMENT INITIATIVE (CMGI) A-2, 1st floor, Toshali Bhawan, Satya Nagar, Bhubaneswar-51009, Bhubaneswar.

09008/11/0013/1819 **Sd./- Executive Director, CMGI**

**GOVT. OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS CIRCLE, BARIPADA**
Tel No: 06792-261343(O)/261344 (Fax)/ E-Mail: serwcbaripada@nic.in
No.1864-O:- "e" Procurement Notice for Road Work
**Identification No.- Online Tender-Road N.C.B. No. 156 for 2018-19**
Letter No. 616 Dated 27.02.2019

1. Name of the work : Construction of OMBADC Road works in the District of Mayurbhanj during 2018-19.
2. Total No. of work : 01 No. (One)
3. Estimated Cost : Rs. 44.97 Lakhs (approximately).
4. Eligible Class of contractor : As per Annexure in DTCN.
5. Period of Completion : As per Annexure in DTCN.
6. Other details :

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender in O/o S.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works, Circle, Baripada | Road On-line N.C.B. No. 156 | Dt. 03.03.2019 at 11.00 AM | Dt. 20.03.2019 up to 3.00 PM | Dt. 19.03.2019 upto 1.00 PM | Dt. 23.03.2019 at 11.00 AM | Will be intimated Separately |

- Further details can be seen from the website **www.tendersodisha.gov.in.**
- Any Corrigendum/Addendum will be displayed in the above e-tender website only.

25130/11/0039/1819 **Superintending Engineer, R.W. Circle, Baripada**

**GOVT. OF ODISHA**
**OFFICE OF THE SUPERINTENDING ENGINEER**
**NORTH EASTERN RURAL WORKS CIRCLE, KEONJHAR**
**Tel. 06766-258301(O), E-Mail: se_nerwkjr@rediffmail.com**
**"E" PROCUREMENT NOTICE FOR PMGSY-II BATCH-I**
**IDENTIFICATION NO. PMGSY ONLINE NCB NO. 262, NO. 893 // DATE: 26-02-2019**
No.1859-O

| | | | |
|---|---|---|---|
| 1. | Name of the Work | | Road Works under PMGSY-II Batch-I 2018-19 as per Annexure. |
| 2. | Total No. of Works | | 06 (Six) Nos. |
| 3. | Estimated Cost | | As per annexure in NIT. |
| 4. | Class of Contractor | | As per annexure in NIT. |
| 5. | Period of Completion | | As per annexure in NIT. |
| 6. | Other details | | |

| Procurement Officer | Bid-Identification No. | Availability of tender on-line for bidding | | Last Date & Time of seeking Tender Clarification | Date & Time of Opening of tender in O/O S.E., N.E.R.W. Circle, Keonjhar. | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, North Eastern Rural Works Circle, Keonjhar. | PMGSY Online NCB No. 262 | Dt.02.03.19 at 11.00 A.M. | Dt.16.03.19 up to 5.00 P.M. | Dt.15.03.19 up to 5.00 P.M. | Dt.18.03.19 at 11.00 A.M. | Dt.20.03.19 at 11.00 A.M. |

Further details can be seen from the website: www.pmgsytenders.gov.in
25048/11/0061/1819 **Sd./- Superintending Engineer, N.E.R.W. Circle, Keonjhar.**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS CIRCLE, KENDRAPARA- JAJPUR**
**Email : serw_kpd@yahoo.com**
**Tender online RCK-09/19** **Letter No. 652, Date : 25.02.2019**
**"e" PROCUREMENT NOTICE**
No.1872-O

| | | | |
|---|---|---|---|
| 1. | Name of the Work | : | Construction of Road works Construction and Maintnenance of Roads and CD works under MMSY in the district of Kendrapara and Jajpur |
| 2. | Class of Contractor | : | As Specified in Column-6 of Annexure. |
| 3. | Time for Completion | : | As Specified in Column-7 of Annexure. |
| 4. | Detail Projects | : | As per annexure attached |
| 5. | Other Details | | As per annexure in NIT. |

| Procurement Officer | Bid-Identification No. | Availability of tender on-line for bidding | | Last Date & Time of seeking Tender Clarification | Date & Time of Opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Kendrapara, Jajpur | Tender Online RCK-09/19 | 01.03.2019 at 11.00 AM | 23.03.2019 upto 5.00 PM | 19.03.2019 upto 2.00 P.M. | 25.03.2019 at 11.00 AM | 03.04.2019 at 11.00 AM |

Further details can be seen from the website: www.tendersorissa.gov.in
25129/11/0031/1819 **Sd./- Superintending Engineer, Rural Works Circle, Kendrapara-Jajpur**

**INVITATION FOR BIDS (IFB)**
**NATIONAL COMPETITIVE BIDDING THROUGH E-PROCUREMENT**
**IDENTIFICATION NO: RWS&S DIVN., PURI-121 OF 2018-19**
**Ph: (06752) 251276, Fax: (06752) 251276,**
**E-mail: eerwss_puri@nic.in**

**No.1868-O:-** The Executive Engineer, RWS&S Division, Puri on behalf of Governor of Odisha invites percentage rate price bids through e-procurement in double cover system according to the norms of e-procurement system, in on-line mode from eligible contractors.

| Sl. No. | Nature of work: | Piped Water Supply Scheme |
|---|---|---|
| 1. | No. of works: | 08(Eight) |
| 2. | Estimated Cost: | Rs 91.60lakhs to 154.73Lakhs (app.) |
| 3. | Time for completion: | 6 (Six) Months & 08 (Eight) Months |
| 4. | Cost of bidding document: | Rs.10000/- |
| 5. | Class of Contractors eligible: | B &A |
| 6. | Availability of bids on-line: | From 17 hour of 01.03.2019 to 17.00 hours of 11.03.2019 |
| 7. | Last date and time for seeking clarification: | 17.00 hours of 07.03.2019 |
| 8. | Date & time of opening of technical bids: | On dt 12.03.2019 at 11.00 Hours in the office of the Executive Engineer, RWS&S Division, Puri |
| 9. | Date and time of opening financial bids: | To be decided. |

Further details can be seen from the website https://www.tendersorissa.gov.in.

**Sd./- Executive Engineer, RWS&S Division, Puri**
25065/11/0028/1819

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS CIRCLE, KENDRAPARA- JAJPUR**
**email : serw_kpd@yahoo.com**
**No. Tender online RCK-08/19** **Letter No. 643, Date : 25.02.2019**
**"e" PROCUREMENT NOTICE**
No.1871-O

| | | | |
|---|---|---|---|
| 1. | Name of the Work | : | Periodical maintenance of 5 year completed PMGSY Roads in the district of Kendrapara and Jajpur. |
| 2. | Class of Contractor | : | As Specified in Column-6 of Annexure. |
| 3. | Time for Completion | : | As Specified in Column-7 of Annexure. |
| 4. | Detail Projects | : | As per annexure attached |
| 5. | Other Details | | As per annexure in NIT. |

| Procurement Officer | Bid-Identification No. | Availability of tender on-line for bidding | | Last Date & Time of seeking Tender Clarification | Date & Time of Opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Kendrapra, Jajpur | Tender Online RCK-08/19 | 01.03.2019 at 11.00 AM | 15.03.2019 upto 5.00 PM | 14.03.2019 upto 2.00 P.M. | 16.03.2019 at 11.00 AM | 23.03.2019 at 11.00 AM |

Further details can be seen from the website: www.tendersorissa.gov.in
25129/11/0030/1819 **Sd./- Superintending Engineer, Rural Works Circle, Kendrapra-Jajpur**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS CIRCLE, KENDRAPARA- JAJPUR**
**Email : ssrw_kpd@yahoo.com**
**No. Tender online RCK-10/19** **Letter No. 663, Date : 25.02.2019**
**"E" PROCUREMENT NOTICE**
No.1873-O

| | | | |
|---|---|---|---|
| 1. | Name of the Work | : | Construction & Maintenance of Bridge works under Biju Setu Yojana in the District of Kendrapara and Jajpur |
| 2. | Class of Contractor | : | As Specified in Column-6 of Annexure. |
| 3. | Time for Completion | : | As Specified in Column-7 of Annexure. |
| 4. | Detail Projects | : | As per annexure attached |
| 5. | Other Details | : | |

| Procurement Officer | Bid-Identification No. | Availability of tender on-line for bidding | | Last Date & Time of seeking Tender Clarification | Date & Time of Opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Kendrapara, Jajpur | Tender Online RCK-10/19 | 01.03.2019 at 11.00 AM | 23.03.2019 upto 5.00 PM | 19.03.2019 upto 2.00 P.M. | 25.03.2019 at 11.00 AM | Will be intimate separately |

Further details can be seen from the website: www.tendersorissa.gov.in
25129/11/0032/1819 **Sd/- Superintending Engineer, Rural Works Circle, Kendrapara-Jajpur**

**GOVERNMENT OF ODISHA**
**"e" PROCUREMENT NOTICE**
**Bid Identification No 32 of 2018 – 19**

No. 1861-O: The Executive Engineer, RWS&S Division, Balangir on behalf of Governor of Odisha invites Percentage bid through e – Procurement in double cover system according to norm of e – Procurement system in online mode for the different work in different blocks under Balangir District.

| | | | |
|---|---|---|---|
| 1. | Nature of Work | | Construction of Pump House , ESR, OGR, Laying of rising main, distribution system, single mouth stand post, SV/AV/NRV chamber, including supplying of necessary materials in different villages of Balangir District. |
| 2. | Total No of work | | 20 Nos |
| 3. | Estimated Cost | | Rs. 70.22 Lakh to 100.93 Lakh |
| 4. | Eligible Class of Contractor: | | "B & A " Contractor. |
| 5. | Period of Completion | | Six Months . |
| 6. | Other Details | | |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Executive Engineer, RWSS Division, Balangir | 32 of 2018 -19 | Dt. 13.03.2019 At. 11.00 Hrs | Dt.03.04.2019 upto. 17.00 Hrs |

**Further details can be had in the DTCN available in the website www.tendersorissa.gov.in**
**Sd./- Executive Engineer, RWS&S Division, Balangir**
**25033/11/0027/1819**

**GOVERNMENT OF ODISHA**
**"e" PROCUREMENT NOTICE**
**Bid Identification No 33 of 2018 – 19**

No. 1862-O: The Executive Engineer, RWS&S Division, Balangir on behalf of Governor of Odisha invites Percentage bid through e – Procurement in double cover system according to norm of e – Procurement system in online mode for the different work in different blocks under Balangir District.

| | | | |
|---|---|---|---|
| 1. | Nature of Work | | Construction of Pump House , ESR, OGR, Laying of rising main, distribution system, single mouth stand post, SV/AV/NRV chamber, including supplying of necessary materials in different villages of Balangir District. |
| 2. | Total No of work | | 24 Nos |
| 3. | Estimated Cost | | Rs. 46.82 Lakh to 100.46 Lakh |
| 4. | Eligible Class of Contractor: | | "B & A " Contractor. |
| 5. | Period of Completion | | Six Months . |
| 6. | Other Details | | |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Executive Engineer, RWSS Division, Balangir | 33 of 2018 -19 | Dt. 20.03.2019 At. 11.00 Hrs | Dt. 10.04.2019 upto. 17.00 Hrs |

**Further details can be had in the DTCN available in the website www.tendersorissa.gov.in**
**Sd./- Executive Engineer, RWS&S Division, Balangir**
**25033/11/0029/1819**

**OFFICE OF THE**
**SUPERINTENDING ENGINEER**
**ELECTRICAL CIRCLE (R&B)**
**NIRMAN SOUDHA, BHUBANESWAR**
**E-mail seec.bbsr2010 @ gmail.com**
**Government of Odisha "e" Procurement Notice**
**Bid Identification No.:- S.E.E.C (R&B) 07/2018-19**
**No.____489______/Date___27.02.2019______/**
**No.1347-B:-**

| | | | |
|---|---|---|---|
| 1. | The Superintending Engineer, Electrical Circle (R&B), Odisha Bhubaneswar on behalf of Governor of Odisha inviting percentage rate bid in double cover system in ONLINE MODE from eligible bidders for the works as mentioned below : | | |
| 2. | Nature of work | : | Fire fighting works. |
| 3. | No. of work | : | 1 No. |
| 4. | Estimated cost | : | As per DTCN. |
| 5. | Period of completion | : | 4(four) calendar months. |
| 6. | Date and Time of availability of bid document in the portal. | : | From 08.03.2019 to 23.03.2019. |
| 7. | Last date/Time of receipt of bids in the portal | : | 5.00PM of 23.03.2019. |
| 8. | Date and time of opening of bids | : | 11.30 A.M of 25.03.2019. |
| 9. | Name and address of the officer Inviting Bid | : | Superintending Engineer, Electrical Circle (R&B) Odisha, Bhubaneswar. |
| 10. | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in . Any addendum / corrigendum / cancellation of tender can also be seen in the said website. | | |

**Sd./- Superintending Engineer**
**34107/11/0007/1819** **Electrical Circle (R&B), Odisha, BBSR**

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER**
**BURLA IRRIGATION DIVISION, BURLA**
**No.1354-A:** **Phone No: 0663-2430445**
**E-mail id: sambalpurirrigation@rediffmail.com**
**'e' Tender Call Notice No.**
**BID-03/2018-19 (Online)**

| | | | |
|---|---|---|---|
| 1. | Nature of Works | : | Improvement of Canal Structure Construction of VRB & Guard Walls |
| 2. | No. of works | : | 20 (Twenty) Nos. |
| 3. | Estimated Cost | : | Rs. 6.00 Lakhs to 34.00 Lakhs Approximately. |
| 4. | Period of Completion | : | As per D.T.C.N. |
| 5. | Date and Time of availability of Bid Document in the Portal | : | Dt. 11.03.2019 at 11.00 AM to Dt. 23.03.2019 up to 5.00 PM. |
| 6. | Last Date/ Time for receipt of Bids in the Portal | : | Dt. 23.03.2019 up to 5.00 PM. |
| 7. | Date of opening of Bid | : | Dt. 26.03.2019 at 11.00 AM |
| 8. | Name and Address of the Officer Inviting Bid | : | Executive Engineer, Burla Irrigation Division, Burla, At/Po: Burla-768017, Dist: Sambalpur, Email Id: sambalpurirrigation@rediffmail.com |

Further detail can be seen from the e-procurement portal www.tendersodisha.gov.in.

**Executive Engineer,**
**32129/11/0013/1819** **Burla Irrigation Division, Burla**

ଉଦ୍ଭାବନକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିଦ୍ୱନ୍ଦ୍ୱିତା ପ୍ରସଙ୍ଗକୁ ବିଚାର କରିବାକୁ ହେବା
—କେ.ଭି. ସୁବ୍ରମଣ୍ୟନ, ସିଇଏ



ବିମାନ କମ୍ପାନୀର ଉନ୍ନତି ଲାଗି ଯେକୌଣସି ତ୍ୟାଗ କରିବାକୁ ପ୍ରସ୍ତୁତ ଅଛି।
—ନରେଶ ଗୋୟଲ, ଜେଟ୍ ଏୟାରୱେଜ ଅଧ୍ୟକ୍ଷ



## ସଂକ୍ଷେପରେ

### ଅର୍ଥ ଆୟୋଗ ସଦସ୍ୟ ହେଲେ ଏ.ଏନ୍.ଝା



ନୂଆଦିଲ୍ଲୀ,୧-୩
ପୂର୍ବତନ ଅର୍ଥ ସଚିବ ଅଜୟ ନାରାୟଣ ଝା ଶୁକ୍ରବାର ପଞ୍ଚଦଶ ଅର୍ଥ ଆୟୋଗର ସଦସ୍ୟ ଭାବେ ଯୋଗଦେଇଛନ୍ତି। ଶକ୍ତିକାନ୍ତ ଦାସ ରିଜର୍ଭ ବ୍ୟାଙ୍କ ଗଭର୍ନର ଭାବେ ଯୋଗ ଦେବା ପରେ ଏହି ପଦବୀରୁ ଇସ୍ତଫା ଦେଇଥିଲେ। ଏହା ପରେ ଏହି ସ୍ଥାନଟି ଖାଲି ରହିଥିଲା। ଝା ଏବେ ଉକ୍ତ ପଦବୀରେ ଯୋଗଦେଇଛନ୍ତି। ଝା ୧୯୮୨ ମସିହା ବ୍ୟାଚ୍ ମଣିପୁର କ୍ୟାଡରର ଭାରତୀୟ ପ୍ରଶାସନିକ ଅଧିକାରୀ। ପୂର୍ବତନ ଆର୍‌ବିଆଇ ଗଭର୍ନର ୱାଇ.ଭି.ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଗଠିତ ଚତୁର୍ଦ୍ଦଶ ଅର୍ଥ ଆୟୋଗରେ ସେ ପୂର୍ବରୁ ସଚିବ ଭାବେ କାର୍ଯ୍ୟ କରିଛନ୍ତି। ପଞ୍ଚଦଶ ଅର୍ଥ ଆୟୋଗ ୨୦୧୭ ନଭେମ୍ବରରେ ସ୍ଥାପନା ହୋଇଥିବା ବେଳେ ଯୋଜନା କମିଶନର ପୂର୍ବତନ ସଦସ୍ୟ ଏନ୍.କେ.ସିଂ ଏହାର ମୁଖ୍ୟ ଭାବେ ଏବେ କାର୍ଯ୍ୟ କରୁଛନ୍ତି।

### ଫେବୃୟାରୀରେ ମାନୁଫାକ୍ଚରିଂ କ୍ଷେତ୍ରରେ ଉନ୍ନତି

ନୂଆଦିଲ୍ଲୀ,୧-୩
ଦେଶର ମାନୁଫାକଚରିଂ ଶିଳ୍ପର ପରମ୍ପରମାନ୍ସ ଫେବୃୟାରୀ ମାସରେ ଉନ୍ନତ ରହିଛି। ଏହା ୧୪ ମାସର ସର୍ବୋଚ୍ଚ ସ୍ତରରେ ରହିଥିବା ଜଣାପଡ଼ିଛି। ବିକ୍ରି, ଉତ୍ପାଦନ ଏବଂ ନିଯୁକ୍ତି କ୍ଷେତ୍ରରେ ଉନ୍ନତି ଆସିଥିବା ଶୁକ୍ରବାର ପ୍ରକାଶିତ ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବାଣିଜ୍ୟ ସ୍ଥିତିରେ ଉନ୍ନତି ଯୋଗୁ ନିକେଇ ଇଣ୍ଡିଆ ମାନୁଫାକ୍ଚରିଂ ପରଚେଜିଂ ମ୍ୟାନେଜର୍ସ ଇଣ୍ଡେକ୍ସ ୫୪.୩% ବୃଦ୍ଧି ଘଟିଛି। ଏହା ଜାନୁୟାରୀରେ ୫୩.୯% ରହିଥିଲା। ଗତ ୧୯ ମାସଧରି ମାନୁଫାକ୍ଚରିଂ ପିଏମ୍ଆଇ ୫୦%ରୁ ସର୍ବୋଚ୍ଚ ସ୍ତରରେ ରହିଛି।

### ବିମାନ ଇନ୍ଧନ ମୂଲ୍ୟ ୮.୧% ବୃଦ୍ଧି



ନୂଆଦିଲ୍ଲୀ,୧-୩
ଇଟିଏଫ୍ (ବିମାନ ଇନ୍ଧନ) ମୂଲ୍ୟରେ ଶୁକ୍ରବାର ୮.୧% ବୃଦ୍ଧି ଘଟିଛି। ଅନ୍ତର୍ଜାତୀୟ ବଜାରରେ ଦର ବୃଦ୍ଧି ଯୋଗୁ ଏଭଳି ସ୍ଥିତି ଉପୁଜିଥିବା ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀଗୁଡ଼ିକ ପକ୍ଷରୁ ସୂଚନା ଦିଆଯାଇଛି। ଏହା ସତ୍ତ୍ୱେ ବିମାନ ଇନ୍ଧନ ଦର ପେଟ୍ରୋଲ ଡିଜେଲଠାରୁ ଶସ୍ତା ରହିଛି। ଏଥିରେ ୪,୭୩୪.୧୫ ଟଙ୍କା ବୃଦ୍ଧି ଘଟି କିଲୋ ଲିଟର ପିଛା ଦର ୬୨,୭୯୫.୧୨ ଟଙ୍କା ରହିଛି। ଗତ ୪ ମାସରେ ପ୍ରଥମଥର ଲାଗି ଏଥିରେ ବୃଦ୍ଧି ଘଟିଥିବା ଜଣାପଡ଼ିଛି। ଅନ୍ତର୍ଜାତୀୟ ବଜାରକୁ ନଜରରେ ରଖି ପ୍ରତିମାସ ପହିଲାରେ ଦର ହ୍ରାସ ବୃଦ୍ଧି ସମ୍ପର୍କରେ ନିଷ୍ପତ୍ତି ହୋଇଥାଏ। ଫେବୃୟାରୀ ପହିଲାରେ ଏହା ଅପରିବର୍ତ୍ତିତ ରହିଥିଲା। ଏହା ପୂର୍ବରୁ ଜାନୁୟାରୀରେ ମୂଲ୍ୟ ୧୪.୭% ଏବଂ ଡିସେମ୍ବର ପହିଲାରେ ୧୦.୯% ହ୍ରାସ ଘଟିଥିଲା।

### ଅଭିବୃଦ୍ଧି ୭.୩% ଛୁଇଁବ:ମୁଡିସ୍

ନୂଆଦିଲ୍ଲୀ,୧-୩
ଦେଶର ଅର୍ଥନୈତିକ ଅଭିବୃଦ୍ଧି ଆଗାମୀ ବର୍ଷଗୁଡ଼ିକରେ ଭଲ ରହିବ। ୨୦୧୯ ଏବଂ ୨୦୨୦ରେ ଦେଶର ଅଭିବୃଦ୍ଧି ୭.୩% ଛୁଇଁବ ବୋଲି କ୍ରେଡିଟ ରେଟିଂ ଏଜେନ୍ସି ମୁଡିସ ଶୁକ୍ରବାର ସୂଚନା ଦେଇଛି। ଏହି ସମୟରେ ଅର୍ଥନୀତିରେ ସ୍ଥିତାବସ୍ଥା ଜାରି ରହିବ ବୋଲି ଏଜେନ୍ସି ପକ୍ଷରୁ ଆକଳନ କରାଯାଇଛି। ମୁଡିସ ପକ୍ଷରୁ ପ୍ରକାଶିତ ତ୍ରୈମାସିକ ଗ୍ଲୋବାଲ ମାକ୍ରୋ ଆଉଟଲୁକ ୨୦୧୯-୨୦୨୦ରେ ଏହା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏସିଆର ଅନ୍ୟାନ୍ୟ ଅର୍ଥନୀତି ତଥା ପ୍ରମୁଖ ଅଭିବୃଦ୍ଧିଶୀଳ ବଜାରଗୁଡ଼ିକର ମାନୁଫାକ୍ଚରିଂ ତଥା ଟ୍ରେଡକୁ ବିଶ୍ୱ ମାନ୍ଦାବସ୍ଥା ପ୍ରଭାବିତ କରିଥିବା ବେଳେ ଏହା ଭାରତ ଉପରେ ସେତେଟା ପ୍ରଭାବ ପକାଇବାକୁ ସକ୍ଷମ ହୋଇ ନାହିଁ ବୋଲି ମୁଡିସ୍ କହିଛି। ସେହିଭଳି ଆଗକୁ ନିର୍ବାଚନ ଥିବା ସରକାର ବିଭିନ୍ନ ଯୋଜନା ବାବଦକୁ କରୁଥିବା ଖର୍ଚ୍ଚ ଦେଶର ଅଭିବୃଦ୍ଧି ଧାରାକୁ ପ୍ରୋତ୍ସାହିତ କରୁଥିବା ଏଜେନ୍ସି ଏହାର ରିପୋର୍ଟରେ ଉଲ୍ଲେଖ କରିଛି।

■ଆଇବିସିକୁ ସଫଳତା

# ଫେରିଲା ୨ ଲକ୍ଷ କୋଟିର ଏନ୍‌ପିଏ




■ କମ୍ପିଛି ରିଜଲ୍ୟୁଶନ ସମୟ, ଇନ୍‌ସଲ୍‌ଭେନ୍ସି ଖର୍ଚ୍ଚ
■ ଆଇନ ଦୃଢ଼ୀକରଣ ନେଇ ପଦକ୍ଷେପ
■ ଏନ୍‌ପିଏ ହ୍ରାସ ଦିଗରେ ସହାୟକ

ହାଇଦ୍ରାବାଦ,୧-୩

୨୦୧୬ ପରଠାରୁ କାର୍ଯ୍ୟକାରୀ ହୋଇଥିବା ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋର୍ଡ(ଆଇବିସି)କୁ ବଡ ଧରଣର ସଫଳତା ମିଳିଛି। ଏହି ଆଇନ ଆସିବା ଦ୍ୱାରା ବର୍ତ୍ତମାନ ସୁଦ୍ଧା ୨ ଲକ୍ଷ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ଏନ୍‌ପିଏ ମାମଲା ସମାଧାନ କରାଯାଇଛି। ଅପରପକ୍ଷରେ ଦେଶର ବିତ୍ତ ପ୍ରତିଷ୍ଠାନଗୁଡ଼ିକରେ ନୂଆ ଏନ୍‌ପିଏ ମାମଲା ହ୍ରାସ ଘଟିଥିବା କର୍ପୋରେଟ ବ୍ୟାପାର ସଚିବ ଇଞ୍ଜେଟି ଶ୍ରୀନିଭାସ ଶୁକ୍ରବାର ସୂଚନା ଦେଇଛନ୍ତି। ଆନ୍ଧ୍ରପ୍ରଦେଶର ଇକ୍‌ଫାଇ ଲ ସ୍କୁଲଠାରେ ଆଇବିସି ସମ୍ପର୍କିତ ଏକ କର୍ମଶାଳାରେ ଯୋଗଦେଇ ଶ୍ରୀନିଭାସ କହିଛନ୍ତି, ନିକଟରେ ପ୍ରକାଶ ପାଇଥିବା ରିଜର୍ଭ ବ୍ୟାଙ୍କ ରିପୋର୍ଟରେ ଏନ୍‌ପିଏ ହ୍ରାସ ଘଟିଥିବା ଜଣାପଡିଛି। ପୂର୍ବରୁ କିଛି ବ୍ୟବସାୟୀ ଖରାପ ସ୍ୱାର୍ଥ ରଖି ବାଣିଜ୍ୟରେ ବିଫଳ ହୋଇଥିବା ବେଳେ ଏହା ଉଦ୍ୟୋଗୀଙ୍କ ମଧ୍ୟରେ ଥିବା ପ୍ରତିଦ୍ୱନ୍ଦ୍ୱିତାକୁ ପ୍ରଭାବିତ କରୁଥିବା ସେ ମତ ରଖିଛନ୍ତି। ଏପରିସ୍ଥିତିରେ ଆଇବିସି ଉଦ୍ୟୋଗ ବିକାଶ ଏବଂ ପୁଞ୍ଜି କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା ଆଣିବା ଦିଗରେ କାର୍ଯ୍ୟ କରୁଛି। ପୂର୍ବ ତୁଳନାରେ ଆଇବିସିକୁ ଆହୁରି ଦୃଢ କରିବା ଦିଗରେ ବିଭିନ୍ନ ପଦକ୍ଷେପ ନିଆଯାଉଥିବା ସେ ପ୍ରକାଶ କରିଛନ୍ତି। ଆଇବିସି ଆସିବା ପୂର୍ବରୁ ଏକ ଦେବାଳିଆ କମ୍ପାନୀର ରିଜଲ୍ୟୁଶନ ଲାଗି ୪ ବର୍ଷ ସମୟ ଲାଗୁ ଥିଲା। କମ୍ପାନୀର ସମ୍ପତ୍ତିକୁ ପରିଚାଳନା ଲାଗି ମୋଟ ଇନ୍‌ସଲଭେନ୍ସି ଖର୍ଚ୍ଚର ୯ରୁ ୧୦% ଖର୍ଚ୍ଚ କରିବାକୁ ପଡୁଥିଲା। ସେହି ସମୟରେ ଅସୁଲ ଧାରା ୨୫ରୁ ୨୬% ରହିଥିଲା। ଗତ ଦୁଇ ବର୍ଷରେ ଏଥିରେ ପରିବର୍ତ୍ତନ ଆସିଛି। ସମାଧାନ ହୋଇଥିବା ୮୦ ଅତି ସମ୍ବେଦନଶୀଳ ମାମଲାର ଅସୁଲ ହାର ୪୮% ରହିଥିବା ବେଳେ ଇନସଲଭେନ୍ସି ଖର୍ଚ୍ଚ ୧%ରୁ କମ୍ ରହିଥିବା ସେ ସ୍ପଷ୍ଟ କରିଛନ୍ତି।

## ଏନ୍‌ସିଡି ଜାରି କଲା ଏଲ୍ ଆଣ୍ଡ ଟି ଫାଇନାନ୍ସ




ମୁମ୍ବାଇ,୧-୩

ପ୍ରମୁଖ ଅଣବ୍ୟାଙ୍କିଙ୍ଗ୍ ବିତ୍ତ ପ୍ରତିଷ୍ଠାନ ଏଲ୍ ଆଣ୍ଡ ଟି ଫାଇନାନ୍ସ ପକ୍ଷରୁ ସିକ୍ୟୁର୍ଡ ରିଡେମେବଲ ନନ୍ କନଭର୍ଟିବଲ ଡିବେନଚର(ଏନ୍‌ସିଡ଼ି) ଜାରି ସମ୍ପର୍କରେ ଘୋଷଣା କରିଛି। ଏହି ଇସ୍ୟୁ ମାର୍ଚ୍ଚ ୬ରେ ଆରମ୍ଭ ହେବା ସହ ମାର୍ଚ୍ଚ ୨୦ରେ ବନ୍ଦ ହେବ। କମ୍ପାନୀ ୧୦୦୦ ଟଙ୍କାର ଫେସ୍‌ଭାଲ୍ୟୁରେ ଏହି ଡିବେନଚର ଜାରି କରିଛି। ଚଳିତ ଥର ଜାରି ହୋଇଥିବା ଏହି ଡିବେନଚରର ବେସ୍ ସାଇଜ୍ ୫୦୦ କୋଟି ଟଙ୍କା ରହିଛି। ଓଭର ସବସ୍କ୍ରିପଶନକୁ ୧୦୦୦ କୋଟି ଏବଂ ମୋଟ ସଂଗ୍ରହକୁ ୧୫୦୦ କୋଟି ଟଙ୍କା ପର୍ଯ୍ୟନ୍ତ କରିବାକୁ ବିକଳ୍ପ ରଖାଯାଇଛି। ଇକ୍ରା ପକ୍ଷରୁ ଏହି ଇସ୍ୟୁକୁ ଟ୍ରିପଲ ଏ ରେଟିଂ ପ୍ରଦାନ କରାଯାଇଛି, ଯାହା ସ୍ଥିତାବସ୍ଥାକୁ ଦର୍ଶାଉଛି। ସେହିଭଳି କେୟାର ରେଟିଂ ଏବଂ ଇଣ୍ଡିଆ ରେଟିଂ ମଧ୍ୟ ଏହାକୁ ଟ୍ରିପଲ ଏ ରେଟିଂ ଦେଇଛନ୍ତି। ଏହାକୁ ପୂର୍ବରୁ ବନ୍ଦ ଘୋଷଣା କିମ୍ବା ସମ୍ପ୍ରସାରଣ କରାଯାଇପାରେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

## ସ୍ୱଦେଶ ଫେରିବା ନେଇ ମାଲ୍ୟାଙ୍କୁ ହାଇକୋର୍ଟଙ୍କ ପ୍ରଶ୍ନ

ମୁମ୍ବାଇ,୧-୩



ନିମ୍ନ ଅଦାଲତଙ୍କ ଦ୍ୱାରା ପଳାତକ ଘୋଷଣାକୁ ବିରୋଧ କରି ଆଗତ ମାମଲାରେ ବମ୍ବେ ହାଇକୋର୍ଟ ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କୁ ସ୍ୱଦେଶ କେବେ ଫେରିବେ ବୋଲି ପ୍ରଶ୍ନ କରିଛନ୍ତି। ସେ ଭାରତକୁ ଫେରି ମାମଲାର ସମୁଖୀନ କେବେ ହେବେ ବୋଲି ହାଇକୋର୍ଟ ଜାଣିବାକୁ ଚାହିଁଛନ୍ତି।

ଶୁକ୍ରବାର ବମ୍ବେ ହାଇକୋର୍ଟରେ ଜଷ୍ଟିସ ଇନ୍ଦ୍ରଜିତ ମହାନ୍ତି ଏବଂ ସାରଙ୍ଗ କୋଟୱାଲଙ୍କୁ ନେଇ ଗଠିତ ଖଣ୍ଡପୀଠରେ ମାଲ୍ୟାଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି ହୋଇଥିଲା। ତାଙ୍କୁ ପଳାତକ ଘୋଷଣା କରାଯିବା ଦ୍ୱାରା ତାଙ୍କର ସମ୍ପତ୍ତି ଜବତ ହେଲେ ଋଣପ୍ରଦାନକାରୀ ବ୍ୟାଙ୍କଗୁଡ଼ିକ କ୍ଷତିଗ୍ରସ୍ତ ହେବେ ବୋଲି ତାଙ୍କ ଓକିଲ ଯୁକ୍ତି ଦର୍ଶାଇଥିଲେ। ସେ ସ୍ୱଦେଶ ଫେରି ଆସିଲେ ଏହି ରାୟ କାର୍ଯ୍ୟକାରୀ ହେବ ନାହିଁ ବୋଲି ଖଣ୍ଡପୀଠ ପ୍ରତ୍ୟୁତ୍ତରରେ କହିଥିଲେ। ସେ କେବେ ଭାରତ ଫେରୁଛନ୍ତି ବୋଲି ଖଣ୍ଡପୀଠ ଜାଣିବାକୁ ଚାହିଁବାରୁ ୟୁକେ ଅଦାଲତଙ୍କ ନିର୍ଦ୍ଦେଶ ଯୋଗୁ ଏହା ସମ୍ଭବ ହୋଇପାରୁନାହିଁ ବୋଲି ଓକିଲ ଦର୍ଶାଇଥିଲେ। ବ୍ରିଟେନ କୋର୍ଟରେ ମାଲ୍ୟା ସ୍ୱଦେଶ ଫେରିବାକୁ ଚାହୁଁଥିବା ଏବଂ ଭାରତୀୟ ଅଦାଲତରେ ମାମଲାର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ଥିବା କହିଛନ୍ତି କି ବୋଲି ଖଣ୍ଡପୀଠ ପୁନର୍ବାର ପ୍ରଶ୍ନ କରିବାରୁ ତାଙ୍କ ଓକିଲ ନୀରବ ରହିଥିଲେ। ସୂଚନାଥାଉ କି, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ଆବେଦନକୁ ଗ୍ରହଣ କରି ସ୍ଥାନୀୟ ଏଫ୍ଇଓଏ ଅଦାଲତ ମାଲ୍ୟାଙ୍କୁ ପଳାତକ ଘୋଷଣା କରିଥିଲେ। ଏହି କାରଣରୁ ଏବେ ତାଙ୍କର ସମସ୍ତ ସମ୍ପତ୍ତି ବାଜ୍ୟାପ୍ତ କରିବା ସହଜ ହୋଇଯିବ।

## ଆଧିଆ ବିଓବି ଅଧ୍ୟକ୍ଷ

ନୂଆଦିଲ୍ଲୀ,୧-୩

କେନ୍ଦ୍ର ସରକାର ଶୁକ୍ରବାର ପୂର୍ବତନ ଅର୍ଥ ସଚିବ ହସମୁଖ ଆଧିଆଙ୍କୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଅଫ୍ ବରୋଦା(ବିଓବି)ର ଅଧ୍ୟକ୍ଷ ଭାବେ ନିଯୁକ୍ତ କରିଛନ୍ତି। ଅର୍ଥ ମନ୍ତ୍ରଣାଳୟ ଅଧୀନ ଅର୍ଥନୈତିକ ସେବା ସଚିବ ରାଜୀବ କୁମାର ଟୁଇଟ୍ ଜରିଆରେ ଏ ସମ୍ପର୍କରେ ଘୋଷଣା କରିଛନ୍ତି। ବିଜୟା ବ୍ୟାଙ୍କ ଓ ଦେନା ବ୍ୟାଙ୍କର ମିଶ୍ରଣ ପରେ ବିଓବି ଦେଶର ତୃତୀୟ ସର୍ବବୃହତ ବ୍ୟାଙ୍କ ହେବାକୁ ଯାଉଛି। ମାର୍ଚ୍ଚ ୧୧ରେ ବିଜୟା ବ୍ୟାଙ୍କ ଓ ଦେନା ବ୍ୟାଙ୍କର ଶେୟାରଧାରୀଙ୍କୁ ବିଓବି ଶେୟାର ଜାରି କରାଯିବ। ମିଶ୍ରଣ ଯୋଜନାନୁଯାୟୀ,ପ୍ରତି ୧୦୦୦ ବିଜୟା ବ୍ୟାଙ୍କ ଶେୟାର ପାଇଁ ବିଓବିର ୪୦୨ଟି ଶେୟାର ଜାରି କରାଯିବ।

## ଶକ୍ତି ସଚିବ ହେମନ୍ତ ଶର୍ମା ସମ୍ମାନିତ




ଭୁବନେଶ୍ୱର,୧-୩

ରାଜ୍ୟରେ ସୌଭାଗ୍ୟ ଯୋଜନାର ସଫଳ ରୂପାୟନ ଲାଗି ଶକ୍ତି ସଚିବ ହେମନ୍ତ ଶର୍ମାଙ୍କୁ ସମ୍ମାନିତ କରାଯାଇଛି। ନୂଆଦିଲ୍ଲୀଠାରେ ନିକଟରେ ଅନୁଷ୍ଠିତ ଶକ୍ତି ସମ୍ମିଳନୀରେ ଶକ୍ତି ମନ୍ତ୍ରୀ ଆର୍.କେ. ସିଂ ଶର୍ମାଙ୍କୁ ସମ୍ମାନିତ କରିଥିଲେ। ଶର୍ମା ରୁର୍‌କୀ ଇଞ୍ଜିନିୟରିଂ କଲେଜରୁ ଇଲେକ୍‌ଟ୍ରିକାଲ ଇଞ୍ଜିନିୟରିଂରେ ଡିଗ୍ରୀ ପରେ ୧୯୯୫ରେ ଭାରତୀୟ ପ୍ରଶାସନିକ ସେବାରେ ଯୋଗ ଦେଇଥିଲେ। ୨୦୧୩ର ଫାଇଲିନ ସମୟରେ ରାଜ୍ୟର ବିଦ୍ୟୁତ ଭିତ୍ତିଭୂମିକୁ ସଜାଡିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ଦୂରଦର୍ଶୀ ଯୋଜନା ଯୋଗୁ ରାଜ୍ୟ ଶକ୍ତି ଅଭାବୀ ରାଜ୍ୟରୁ ବଳକା ରାଜ୍ୟରେ ରୂପାନ୍ତରିତ ହେବାକୁ ସକ୍ଷମ ହୋଇଛି। ତାଙ୍କ ନେତୃତ୍ୱରେ ଓଡ଼ିଶା ଜନଗଣନା ଅନ୍ତର୍ଭୁକ୍ତ ସମସ୍ତ ୪୭,୬୭୭ ଗ୍ରାମକୁ ବିଦ୍ୟୁତ ସେବା ଉପଲବ୍ଧ କରାଇ ପାରିଛି।

■ଭିଡିଓକନ ଋଣ ମାମଲା

## ଚନ୍ଦା କୋଚ୍ଛର, ଧୂତଙ୍କ ବାସଗୃହ,ଅଫିସ ଉପରେ ଇଡ଼ି ଚଢଉ

ନୂଆଦିଲ୍ଲୀ/ମୁମ୍ବାଇ,୧-୩

ଭିଡିଓକନ୍ ଗ୍ରୁପକୁ ଋଣ ପ୍ରଦାନ ମାମଲାରେ ଛନ୍ଦି ହୋଇ ପଡିଥିବା ଆଇସିଆଇସିଆଇ ବ୍ୟାଙ୍କ ସିଇଓ ଚନ୍ଦା କୋଚ୍ଛର ଏବଂ ଭିଡିଓକନ୍ ପ୍ରମୋଟର ବେଣୁ ଗୋପଳ ଧୂତଙ୍କ ଅଫିସ ଓ ବାସଗୃହ ଉପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର ଯାଞ୍ଚ କରିଛି। ଅନ୍ତତଃ ପକ୍ଷେ ୫ କାର୍ଯ୍ୟାଳୟ, ମୁମ୍ବାଇସ୍ଥିତ ବାସଗୃହ ଏବଂ ଅନ୍ୟ କିଛି ସ୍ଥାନରେ ଏହି ଯାଞ୍ଚ କରାଯାଇଥିବା ଇଡିର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ବେଆଇନ ଅର୍ଥ କାରବାର ନିରୋଧୀ ଆଇନ (ପିଏମ୍ଏଲ୍ଏ) ଅନୁସାରେ ଏହି ଚଢଉ କରାଯାଇଥିବା ଇଡି ପ୍ରକାଶ କରିଛି। ଚନ୍ଦା କୋଚ୍ଛରଙ୍କ ମୁମ୍ବାଇସ୍ଥିତ ବାସଗୃହ ଏବଂ ବେଣୁଗୋପାଳଙ୍କ ଔରଙ୍ଗାବାଦସ୍ଥିତ ବାସଗୃହରେ ଇଡି ଛାନଭିନ କରିଥିବା କହିଛି। ଗତ ମାସରେ ଇଡି ପକ୍ଷରୁ ଚନ୍ଦାଙ୍କ ନାମରେ କଳାଟଙ୍କା କାରବାର ମାମଲା ଦାଏର କରାଯାଇଥିଲା। ଚନ୍ଦାଙ୍କ ସ୍ୱାମୀ ଦୀପକ କୋଚ୍ଛର ଏବଂ ଭିଡିଓକନ ପ୍ରମୋଟର ଧୂତ ବେଆଇନ ଭାବେ ୧୮୭୫ କୋଟି ଟଙ୍କାର କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ଏହି ମାମଲାରେ ପ୍ରମାଣ ସଂଗ୍ରହ ଲାଗି ଇଡିର ଏକ ଟିମ୍ ଶୁକ୍ରବାର ସକାଳେ ଏହି ଯାଞ୍ଚରେ ସାମିଲ ହୋଇଥିଲେ। ସିବିଆଇ ଅଭିଯୋଗ ଆଧାରରେ ଇଡି ପକ୍ଷରୁ ଚନ୍ଦାଙ୍କ ବିରୋଧରେ ପିଏମ୍ଏଲ୍ଏ ମାମଲା ଦାଏର କରାଯାଇଛି।

## ଫେବୃୟାରୀରେ ଜିଏସ୍‌ଟି ଆଦାୟ କମିଲା

ନୂଆଦିଲ୍ଲୀ,୧-୩




**୯୭,୨୪୭ କୋଟି ଟଙ୍କା ଜିଏସ୍‌ଟି ସଂଗ୍ରହ**

ଚଳିତ ଆର୍ଥିକ ବର୍ଷ ଫେବୃୟାରୀ ମାସରେ ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ସଂଗ୍ରହରେ ହ୍ରାସ ଘଟିଛି। ଏହି ସମୟରେ ୯୭,୨୪୭ କୋଟି ଟଙ୍କାର ଜିଏସ୍‌ଟି ଆଦାୟ ହୋଇଛି। ଏହା ଜାନୁୟାରୀ ମାସରେ ୧.୦୨ ଲକ୍ଷ କୋଟି ଟଙ୍କା ରହିଥିଲା ବୋଲି ଅର୍ଥମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ସୂଚନା ରହିଛି। ଏହି ସମୟରେ ସେଲ୍‌ସ ରିଟର୍ନ ଅନୁପାଳନ କ୍ଷେତ୍ରରେ ଉନ୍ନତି ଘଟିଥିବା ଜଣାପଡ଼ିଛି। ଫେବୃୟାରୀ ମାସରେ ୭୩.୪୮ ଲକ୍ଷ ଜିଏସ୍‌ଟିଆର୍-୩ବି ରିଟର୍ନ ଫାଇଲ ହୋଇଛି। ଏହା ଜାନୁୟାରୀ ମାସରେ ୭୩.୩ ଲକ୍ଷ ରିଟର୍ନ ରହିଥିଲା। ସଂଗ୍ରହ ହୋଇଥିବା ଜିଏସ୍‌ଟି ମଧ୍ୟରେ କେନ୍ଦ୍ରୀୟ ଜିଏସ୍‌ଟି (ସିଜିଏସ୍‌ଟି)ର ଅଂଶ ୧୭,୬୨୬ କୋଟି ଟଙ୍କା ରହିଛି। ଏହି ସମୟରେ ୨୪,୧୯୨ କୋଟି ଟଙ୍କାର ରାଜ୍ୟ ଜିଏସ୍‌ଟି(ଏସ୍‌ଜିଏସ୍‌ଟି), ୪୬,୯୫୩ କୋଟି ଟଙ୍କାର ସମନ୍ୱିତ ଜିଏସ୍‌ଟି(ଆଇଜିଏସ୍‌ଟି) ଏବଂ ସେସ୍ ବା ଉପକର ବାବଦକୁ ୮,୪୭୬ କୋଟି ଟଙ୍କା ଆଦାୟ ହୋଇଥିବା ମନ୍ତ୍ରଣାଳୟ ପ୍ରକାଶ କରିଛି। ଗତ ବର୍ଷ ସମାନ ସମୟ ତୁଳନାରେ ଚଳିତ ବର୍ଷ ୧୩.୧୨% ଅଧିକ ଜିଏସ୍‌ଟି ସଂଗ୍ରହ ହୋଇଛି। ଗତ ବର୍ଷ ଏହା ୮୫,୯୬୨ କୋଟି ଟଙ୍କା ରହିଥିଲା। ଏହି ସମୟରେ ଆଇଜିଏସ୍‌ଟିରୁ ସରକାର ସିଜିଏସ୍‌ଟି ବାବଦକୁ ୧୯,୪୭୦ କୋଟି ଏବଂ ଏସ୍‌ଜିଏସ୍‌ଟି ବାବଦକୁ ୧୫,୭୪୭ କୋଟି ଟଙ୍କା ସମାଧାନ କରିଛନ୍ତି। ନିୟମିତ ବଣ୍ଟନ ପରେ କେନ୍ଦ୍ର ଏବଂ ରାଜ୍ୟ ଯଥାକ୍ରମେ ସିଜିଏସ୍‌ଟି ବାବଦକୁ ୩୭,୦୯୫ କୋଟି ଓ ଏସ୍‌ଜିଏସ୍‌ଟି ବାବଦକୁ ୩୯,୯୩୯ କୋଟି ରାଜସ୍ୱ ଲାଭ କରିଛନ୍ତି। ଟିଭି, ସିନେମା ଟିକେଟ, ପାୱାର ବ୍ୟାଙ୍କ, ମନିଟର ସ୍କ୍ରିନ ଭଳି ୨୩ ସାମଗ୍ରୀଗୁଡ଼ିକ ଉପରେ ଟିକସ ହ୍ରାସ ଯୋଗୁ ଜିଏସ୍‌ଟି କମିଥିବା ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ
୬ଷ୍ଠ ରାଜ୍ୟ ଓଡ଼ିଆ ଟେଲି ପୁରସ୍କାର ପ୍ରଦାନ ଉତ୍ସବ
ତା.୦୨।୦୩।୨୦୧୯ରିଖ, ଘ.୬.୩୦ମିନିଟ୍, ସ୍ଥାନ : ଉତ୍କଳ ମଣ୍ଡପ, ଭୁବନେଶ୍ୱର

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ପ୍ରଫୁଲ ସାମଲ, ମାନ୍ୟବର ମନ୍ତ୍ରୀ, ମହିଳା, ଶିଶୁ ବିକାଶ ଓ ମିଶନ୍ ଶକ୍ତି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ଏମ୍ଏସ୍ଏମ୍ଇ ବିଭାଗ, ଓଡ଼ିଶା

ସମ୍ମାନନୀୟ ଅତିଥି
ଡକ୍ଟର ପ୍ରସନ୍ନ କୁମାର ପାଟ୍ଟଶାଣୀ, ମାନ୍ୟବର ସାଂସଦ, ଭୁବନେଶ୍ୱର
ଶ୍ରୀଯୁକ୍ତ ବିଜୟ କୁମାର ମହାନ୍ତି, ମାନ୍ୟବର ବିଧାୟକ, ଭୁବନେଶ୍ୱର (ମଧ୍ୟ), ଓଡ଼ିଶା
ଶ୍ରୀଯୁକ୍ତ ପ୍ରିୟଦର୍ଶୀ ମିଶ୍ର, ମାନ୍ୟବର ବିଧାୟକ, ଭୁବନେଶ୍ୱର (ଉତ୍ତର), ଓଡ଼ିଶା
ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ, ପ୍ରମୁଖ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା
ଶ୍ରୀମତୀ ବନଜା ମହାନ୍ତି, ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତ୍ରୀ
ଶ୍ରୀଯୁକ୍ତ ସତ୍ୟବ୍ରତ ତ୍ରିପାଠୀ, ଅଧ୍ୟକ୍ଷ, ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ, କଟକ
ଶ୍ରୀଯୁକ୍ତ ବିଜୟ କୁମାର ନାୟକ, ନିର୍ଦ୍ଦେଶକ ଓ ଅତିରିକ୍ତ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା
ଡଃ. ରାମକୃଷ୍ଣ ସାହୁ, ସ୍ୱତନ୍ତ୍ର ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା
ସଭାପତି, ଓଡ଼ିଶା ସଂଗୀତ ନାଟକ ଏକାଡେମୀ, ଭୁବନେଶ୍ୱର
(ଏହି ଉତ୍ସବରେ କଳାପ୍ରାଣ ଜନସାଧାରଣ ବହୁ ସଂଖ୍ୟାରେ ଯୋଗଦେବା ନିମନ୍ତେ ସାଦର ନିମନ୍ତ୍ରଣ।)

ବିଜୟ କୁମାର ନାୟକ
ନିର୍ଦ୍ଦେଶକ ଓ ଅତିରିକ୍ତ ଶାସନ ସଚିବ,
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା

THE ODISHA MINING CORPORATION LTD.
OMC House, Bhubaneswar-751001, Odisha
CIN : U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

RFP No. 32/OMC/PROJ/19 GLOBAL TENDER NOTIFICATION Date : 01.03.2019

REQUEST FOR PROPOSAL FOR SELECTION OF MINE DEVELOPER AND OPERATOR (MDO) FOR KURMITAR IRON ORE MINE IN THE SUNDERGARH DISTRICT OF ODISHA

OMC invites proposals from experienced Mine Developer and Operators for development, operation and maintenance of the Kurmitar Iron Ore Mine, located in the Sundergarh district of Odisha.
The e-NIT is freely available on the portal of MSTC Limited (http://www.mstcecommerce.com/eprochome/omc) and website of The Odisha Mining Corporation Limited (http://www.omcltd.in).
The Bid Documents can be downloaded from the portal of MSTC Limited from 02.03.2019 after registration on the portal of MSTC Limited upon payment of the Bid Document Cost of **INR 5,00,000/- (Rupees Five Lakhs only)** plus applicable GST.

**Bid Due Date : 03.05.2019**

Any further communications, amendments, etc. will be uploaded on the above portal of MSTC Limited and the website of OMC. OMC reserves the right to reject any or all Bids without assigning any reasons whatsoever.
**Nodal officer for this Bidding Process :**
L. K. Prusty, General Manager (Project), OMC
Phone No. 0674-2377484 / 0674-2501104
E-mail : lkp.omc@gmail.com
Sd/-
**General Manager (Projects)**



“ ଭାରତ ବିପକ୍ଷ ଟି୨୦ରେ ପ୍ରଭାବୀ ପ୍ରଦର୍ଶନ ଦୃଷ୍ଟିରୁ ଦିନିକିଆ ସିରିଜରେ ଗ୍ଲେନ ମାକ୍ସୱେଲଙ୍କ ବ୍ୟାଟିଂ ଅର୍ଡରରେ ପଦୋନ୍ନତି ହେବ।

**– ଆରୋନ ଫିଞ୍ଚ, ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ**



“ ବିଶ୍ୱକପ୍ ପାଇଁ ଟିମ୍ ସିଲେକ୍ସନ ବେଳେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ପ୍ରଦର୍ଶନର କୌଣସି ପ୍ରଭାବ ରହିବ ନାହିଁ।

**– ବିରାଟ କୋହଲି, ଟିମ୍ ଇଣ୍ଡିଆ ଅଧିନାୟକ**

## ସଂକ୍ଷେପରେ

### ଧୋନୀ ଆହତ

ହାଇଦ୍ରାବାଦ,୧।୩ (ପିଟି)- ଅଷ୍ଟ୍ରେଲିଆ ବିପକ୍ଷ ଟି୨୦ ସିରିଜ୍‌ରେ ପରାସ୍ତ ହୋଇଥିବା ଭାରତୀୟ ଦଳକୁ ଦିନିକିଆ ସିରିଜ୍ ପୂର୍ବରୁ ଶକ୍ତ ଧକ୍କା ଲାଗିଛି। ଦଳର ଅଭିଜ୍ଞ ଖେଳାଳି ମହେନ୍ଦ୍ର ସିଂ ଧୋନୀ ଆହତ ହୋଇଛନ୍ତି। ଶୁକ୍ରବାର ନେଟ୍ସ ସେସନରେ ଅଭ୍ୟାସ କରୁଥିବାବେଳେ ପୂର୍ବତନ ଭାରତୀୟ ଅଧିନାୟକଙ୍କ ଡାହାଣ ହାତର ରିଷ୍ଟରେ ବଲ ବାଜିଛି। ହାତରେ ଯନ୍ତ୍ରଣା ଅନୁଭବ କରିବା ପରେ ସେ ଆଉ ବ୍ୟାଟିଂ କରି ନ ଥିଲେ। ଏଥିଯୋଗୁ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଧୋନୀଙ୍କ ଖେଳିବା ନେଇ ସନ୍ଦେହ ଦେଖାଦେଇଛି। ଏ ସମ୍ପର୍କରେ ଦଳୀୟ ମ୍ୟାନେଜମେଣ୍ଟ ପକ୍ଷରୁ ସୂଚନା ଦିଆଯିବ। ଧୋନୀ ପ୍ରଥମ ମ୍ୟାଚ୍ ଲାଗି ଉପଲବ୍ଧ ନ ହେଲେ ରିଷଭ ପନ୍ତ ଭାରତୀୟ ଦଳ ଉଇକେଟକିପର ଦାୟିତ୍ୱ ସମ୍ଭାଳିବେ। ଧୋନୀ ମ୍ୟାଚ୍ ପୂର୍ବରୁ ଫିଟ୍ ନ ହେଲେ ଏହା ହିଁ ଘଟିବ ବୋଲି ଆଶା କରାଯାଉଛି। ଏଭଳି ସ୍ଥିତିରେ ଲୋକେଶ ରାହୁଲ ଓ ଅମ୍ବାତି ରାୟୁଡୁଙ୍କୁ ଏକାଦଶରେ ସ୍ଥାନ ମିଳିବ।

### ନେଟ୍ସକୁ ଫେରିଲେ ସ୍ମିଥ

ସିଡ୍‌ନୀ,୧।୩ (ଏଏଫ୍‌ପି): ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ଷ୍ଟିଭ ସ୍ମିଥ ଫିଟ୍ ହୋଇ ନେଟ୍ସକୁ ଫେରିଛନ୍ତି। ନିକଟରେ ତାଙ୍କ କହୁଣିରେ ଆଘାତ ଲାଗିଥିଲା। ଏଥିଯୋଗୁ ତାଙ୍କୁ ଅସ୍ତ୍ରୋପଚାରର ସମ୍ମୁଖୀନ ହେବାକୁ ପଡ଼ିଥିଲା। ସ୍ମିଥଙ୍କ ଭଳି ୱାର୍ନର ମଧ କହୁଣି ଜନିତ ସମସ୍ୟା ନେଇ ଅଷ୍ଟ୍ରେଲିଆ ଫେରିଥିଲେ। ଏବେ ଦୁଇ ବ୍ୟାଟ୍ସମ୍ୟାନ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ଖେଳିବା ପାଇଁ ପ୍ରସ୍ତୁତ ହେଉଛନ୍ତି। ଗତ ବାଂଲାଦେଶ ପ୍ରିମିୟର ଲିଗ୍ (ବିପିଏଲ)ରେ ଖେଳୁଥିବାବେଳେ ଦୁଇଙ୍କ କହୁଣିରେ ଆଘାତ ଲାଗିଥିଲା। ସ୍ମିଥ ଓ ଡେଭିଡ୍ ୱାର୍ନର ଚଳିତ ମାସ ୨୯ ତାରିଖରୁ ଅନ୍ତର୍ଜାତୀୟ କ୍ରିକେଟ ଖେଳିବାକୁ ଯୋଗ୍ୟ ହେବେ। ଦକ୍ଷିଣ ଆଫ୍ରିକାରେ ବଲ ଟ୍ୟାମ୍ପରିଂ ଘଟଣା ଯୋଗୁ ଉଭୟଙ୍କୁ ବର୍ଷେ ଲାଗି ବାସନ୍ଦ କରାଯାଇଥିଲା।

### ସୌରଭ ଶ୍ରେଷ୍ଠ ଆଇଏସ୍ଏସ୍ଏଫ୍ ଶୁଟର

ନୂଆଦିଲ୍ଲୀ,୧।୩ (ପିଟି): ନିକଟରେ ଶେଷ ହୋଇଥିବା ଆଇଏସ୍ଏସ୍ଏଫ୍ ଶୁଟିଂ ବିଶ୍ୱକପ୍‌ର ସୌରଭ ଚୌଧାରୀଙ୍କୁ ଶ୍ରେଷ୍ଠ ଶୁଟର ବିବେଚନା କରାଯାଇଛି। ଡ. କାର୍ନି ସିଂ ଶୁଟିଂ ରେଞ୍ଜଠାରେ ଅନୁଷ୍ଠିତ ଇଭେଣ୍ଟରେ ସେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଥିଲେ। ସମାନ ସଂଖ୍ୟକ ପଦକ ଜିତିଥିବା ହଙ୍ଗେରୀର ଭେରୋନିକା ମେଜରଙ୍କୁ ମଧ ଶ୍ରେଷ୍ଠ ଆଇଏସ୍ଏସ୍ଏଫ୍ ଶୁଟର ଭାବେ ଚୟନ କରାଯାଇଛି।

# ବିଶ୍ୱକପ୍ ଦଳ ଚୟନ ଲାଗି ଶେଷ ସୁଯୋଗ

ହାଇଦ୍ରାବାଦ,୧।୩(ପି.ଟି.)

ଇଂଲଣ୍ଡରେ ଆସନ୍ତା ମେ'ରୁ ଆରମ୍ଭ ହେବାକୁ ଥିବା ଦିନିକିଆ ବିଶ୍ୱକପ ପୂର୍ବରୁ ଭାରତ ଓ ଭ୍ରମଣକାରୀ ଅଷ୍ଟ୍ରେଲିଆ ଏକ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜରେ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ସ୍ଥାନୀୟ ରାଜୀବ ଗାନ୍ଧୀ ଆନ୍ତର୍ଜାତିକ ଷ୍ଟାଡିୟମରେ ଶନିବାର ଦୁଇ ଦଳ ପ୍ରଥମ ମ୍ୟାଚ୍‌ରେ ମୁହାଁମୁହିଁ ହେବ। ବିଶ୍ୱକପ୍ ପୂର୍ବରୁ ଭାରତ ପାଇଁ ଏହି ଦିନିକିଆ ସିରିଜ ଶେଷ ରିହର୍ସାଲ ସଦୃଶ ହୋଇଛି। ବିଶ୍ୱକପ୍ ପାଇଁ ଦଳ ଚୟନ ସଂକ୍ରାନ୍ତରେ ଭାରତ ତା'ର ପରୀକ୍ଷା ନିରୀକ୍ଷା ଜାରି ରଖିବ। ଫଳରେ ଭାରତ ପାଇଁ ଏହି ସିରିଜ ବିଶ୍ୱକପ୍ ପ୍ରସ୍ତୁତି ପାଇଁ ଶେଷ ସୁଯୋଗ ଦୃଷ୍ଟି କରିଛି। ଗତ ଟି୨୦ ସିରିଜରେ ୦–୨ରେ ପରାସ୍ତ ହୋଇଥିଲେ ମଧ ଭାରତ ତା'ର ଯୋଜନାରେ କୌଣସି ପରିବର୍ତ୍ତନ କରିବ ନାହିଁ ବୋଲି କୋଚ୍ ରବି ଶାସ୍ତ୍ରୀ ଓ ଅଧିନାୟକ ବିରାଟ କୋହଲି କହିଛନ୍ତି। ବିଶ୍ୱକପ୍ ପାଇଁ ଏକ ଶ୍ରେଷ୍ଠ ଦଳ ଚୟନ କରାଯିବ। ତେଣୁ ଏହି ସିରିଜ ବେଶ୍ ଗୁରୁତ୍ୱ ବହନ କରୁଛି। ପରୀକ୍ଷା ନିରୀକ୍ଷା କରାଗଲେ ମଧ ଆମେ ସବୁ ମ୍ୟାଚ୍ ଜିତିବାକୁ ପ୍ରୟାସ ଜାରି ରଖିବୁ ବୋଲି କୋହଲି କହିଛନ୍ତି। ଏହି ସିରିଜରେ ୪ଜଣ ଖେଳାଳିଙ୍କ ଉପରେ ନଜର ରହିବ। ଭଲ ଖେଳିଲେ ଏମାନେ ବିଶ୍ୱକପ୍‌ରେ ସ୍ଥାନ ପାଇବା ସମ୍ଭାବନା ରହିଛି। ଏହି ୪ ଖେଳାଳି ହେଲେ ଲୋକେଶ ରାହୁଲ, ରିଷଭ ପନ୍ତ, ବିଜୟ ଶଙ୍କର ଓ ସିଦ୍ଧାର୍ଥ କାଉଲ। ବିଶ୍ୱକପ୍‌ର ୧୫ ଜଣିଆ ଦଳର ଦୁଇଟି ସ୍ଥାନ ପାଇଁ ଏହି ୪ ଖେଳାଳିମାନେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ ଓ ଏମାନେ ଅଗ୍ନି ପରୀକ୍ଷାର ସମ୍ମୁଖୀନ ହେବ। ତେବେ ଦୀନେଶ କାର୍ତ୍ତିକଙ୍କ ପାଇଁ ଏବେ ମଧ ସୁଯୋଗ ରହିଛି ବୋଲି କେତକେ ବିଚାର କରୁଛନ୍ତି। ଗତ ଦୁଇଟି ଟି୨୦ ମ୍ୟାଚ୍‌ରେ ଅବଶ୍ୟ ରାହୁଲ ଯଥାକ୍ରମେ ୫୦ ଓ ୪୭ ରନ କରି ଉନ୍ନତ ପ୍ରଦର୍ଶନ କରିଛନ୍ତି। ଅଭିଜ୍ଞ ଓପନର ଶିଖର ଧାୱନ ଅସ୍ଥିର ପ୍ରଦର୍ଶନ କରୁଥିବାରୁ ରାହୁଲ ରିଜର୍ଭ ଓପନର ଭାବେ ବିଶ୍ୱକପ୍ ଦଳରେ ସାମିଲ ହେବାର ଯଥେଷ୍ଟ ସମ୍ଭାବନା ରହିଛି।

ପନ୍ତଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ସେ ଗତ କେତୋଟି ମ୍ୟାଚ୍‌ରେ ଅସ୍ଥିର ପ୍ରଦର୍ଶନ କରିଛନ୍ତି। ଅସାଧାରଣ ପ୍ରତିଭା ଯୋଗୁ ସେ ଏକା ମ୍ୟାଚ୍ ଜିତାଇବାକୁ ସକ୍ଷମ ବୋଲି ଚୟନକର୍ତ୍ତା ଭଲଭାବେ ଅବଗତ। ଫଳରେ ତାଙ୍କୁ ଏହି ସିରିଜରେ କେତୋଟି ସୁଯୋଗ ମିଳିବ ବୋଲି ଆଶା କରାଯାଉଛି। ଅଲରାଉଣ୍ଡର ବିଜୟ ଶଙ୍କରଙ୍କ ବୋଲିଂ ସେତେଟା ପ୍ରଭାବୀ ମନେ ହେଉ ନ ଥିଲେ ମଧ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଫିଟ୍‌ନେସ ସମସ୍ୟା ତାଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି। ପାଣ୍ଡ୍ୟା ପ୍ରଥମ ପସନ୍ଦ ହୋଇଥିଲେ ମଧ ଶଙ୍କର ଦ୍ୱିତୀୟ ଅଲରାଉଣ୍ଡର ଭାବେ ଦଳରେ ସ୍ଥାନ ପାଇବାର ଯଥେଷ୍ଟ ସମ୍ଭାବନା ରହିଛି। ଗତ କେତୋଟି ସିରିଜରେ ଖଲିଲ ଅହମ୍ମଦ ଆଶାନୁରୂପ ପ୍ରଦର୍ଶନ କରିପାରିନାହାନ୍ତି। ଫଳରେ କାଉଲଙ୍କ ପାଇଁ ସୁଯୋଗ ସୃଷ୍ଟି ହୋଇଛି। ମହମ୍ମଦ ସାମି ଓ ଯଶପ୍ରୀତ ବୁମ୍‌ରା ଦଳରେ ସ୍ଥାନ ପାଇବା ନିଶ୍ଚିତ। ତେବେ କାଉଲ ଏହି ସିରିଜ୍‌ରେ ଅତିକମ୍‌ରେ ଦୁଇଟି ମ୍ୟାଚ୍ ଖେଳିବାର ସୁଯୋଗ ପାଇବେ। ତେବେ ସିରିଜ ଜିତିବା ପାଇଁ କୋର୍ ଟିମ୍ ବା ମୂଳ ଦଳରେ ଶାସ୍ତ୍ରୀ ଓ କୋହଲି ପରିବର୍ତ୍ତନ କରିବେ ନାହିଁ। ଅଭିଜ୍ଞ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଅମ୍ବାତି ରାୟୁଡୁ, ଅଲରାଉଣ୍ଡର କେଦାର ଯାଦବ ଓ ସାମି ଦଳକୁ ଫେରିଥିବାରୁ ଆରୋନ୍ ଫିଞ୍ଚଙ୍କ ଅଷ୍ଟ୍ରେଲିଆ ଦଳ ପାଇଁ ନୂଆ ଚ୍ୟାଲେଞ୍ଜ୍ ସୃଷ୍ଟି ହେବ। ଦୁଇ ରିଷ୍ଟ ସ୍ପିନର କୁଲଦୀପ ଯାଦବ ଓ ଯୁଜବେନ୍ଦ୍ର ଚହଲ ମିଡଲ ଓଭରରେ ପୁଣି କମାଲ କରିବା ଆଶା କରାଯାଉଛି। କେଦାରଙ୍କ ସାଇଡ ଆର୍ମ ଲୋ ଅଫ୍- ବ୍ରେକ୍ ବୋଲିଂ ଗ୍ଲେନ ମ୍ୟାକ୍ସୱେଲ, ଡାର୍ସି ଶର୍ଟ, ମାର୍କସ ଷ୍ଟୋଇନିସ୍ ଓ ଶନ୍ ମାର୍ଶଙ୍କୁ ସମସ୍ୟାରେ ପକାଇବ। ସିରିଜରେ ଭାରତର ପରିସ୍ଥିତିକୁ ଦେଖି ୧ ନମ୍ବର ଦ୍ରୁତ ବୋଲର ବୁମ୍‌ରାଙ୍କୁ ଗୋଟିଏ କିମ୍ବା ଦୁଇଟି ମ୍ୟାଚ୍‌ରେ ବିଶ୍ରାମ ଦିଆଯିବ ବୋଲି ଆଶା କରାଯାଉଛି।

ଅପରପକ୍ଷରେ ଅଷ୍ଟ୍ରେଲିଆ ଭାରତ ବିପକ୍ଷରେ ପ୍ରଥମ ଟି୨୦ ସିରିଜ ଜିତି ତା'ର ଆତ୍ମବିଶ୍ୱାସକୁ ଆହୁରି ଦୃଢ କରିଛି। ଭ୍ରମଣକାରୀ ଦଳ ଏହି ବିଜୟଧାରାକୁ ବଜାୟ ରଖିବାକୁ ପ୍ରୟାସ କରିବ। ଅଭିଜ୍ଞ ନାଥନ ଲିୟନଙ୍କ ଉପସ୍ଥିତି ସ୍ପିନ୍ ବିଭାଗକୁ ଆହୁରି ଦୃଢ କରିବ। ତାଙ୍କୁ ଆଡାମ ଜାମ୍ପା ସହଯୋଗ କରିବେ। ଶେଷ ମୁହୂର୍ତ୍ତରେ ଆହତ ଦ୍ରୁତ ବୋଲର କେନ୍ ରିଚାର୍ଡଶନଙ୍କ ବଦଳରେ ଆଣ୍ଡ୍ରୟୁ ଟାଏଙ୍କୁ ଦଳରେ ସାମିଲ କରାଯାଇଛି। ସେ ତାଙ୍କ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଅଭିଜ୍ଞତାକୁ ଏହି ସିରିଜ୍‌ରେ କାର୍ଯ୍ୟକାରୀ କରିବେ ବୋଲି ଆଶା କରାଯାଉଛି।



ଶୁକ୍ରବାର ନେଟ୍ସ ସେସନ୍‌ରେ ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ଫିଲ୍ଡିଂ ଅଭ୍ୟାସ।

**ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଦିନିକିଆ ଆଜି**

| ଭାରତୀୟ ଦଳ | ଅଷ୍ଟ୍ରେଲିଆ ଦଳ |
|---|---|
| ବିରାଟ କୋହଲି (ଅଧିନାୟକ), ଶିଖର ଧାୱନ, ରୋହିତ ଶର୍ମା, ଅମ୍ବାତି ରାୟୁଡୁ, ମହେନ୍ଦ୍ର ସିଂ ଧୋନୀ, କେଦାର ଯାଦବ, ବିଜୟ ଶଙ୍କର, ଯଶପ୍ରୀତ ବୁମ୍‌ରା, ମହମ୍ମଦ ସାମି, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ରିଷଭ ପନ୍ତ, ସିଦ୍ଧାର୍ଥ କାଉଲ, ଲୋକେଶ ରାହୁଲ ଓ ରବୀନ୍ଦ୍ର ଜାଡେଜା। | ଆରୋନ ଫିଞ୍ଚ୍ (ଅଧିନାୟକ), ଡାର୍ସି ଶର୍ଟ, ଶନ୍ ମାର୍ଶ, ମାର୍କସ ଷ୍ଟୋଇନିସ୍, ଉସ୍‌ମାନ ଖ୍ୱାଜା, ଆଲେକ୍ସ କେରୀ, ପିଟର ହ୍ୟାଣ୍ଡ୍ସକମ୍ବ, ଆଷ୍ଟନ ଟର୍ନର, ଆଡାମ ଜାମ୍ପା, ଜାସନ ବେହରେନଡୋର୍ଫ, ଝେ ରିଚାର୍ଡଶନ, ପ୍ୟାଟ୍ କୁମିନ୍ସ, ଆଣ୍ଡ୍ରୁ ଟାଏ, ନାଥନ କୁଲ୍ଟର ନିଲ ଓ ନାଥନ ଲିୟନ। |

**ସମୟ: ଅପରାହ୍ନ ୧.୩୦, ସ୍ଥାନ: ହାଇଦ୍ରାବାଦ, ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**

## ସେମିରେ ଫେଡରର

ଦୁବାଇ,୧।୩

କିମ୍ବଦନ୍ତୀ ପୁରୁଷ ଟେନିସ ଖେଳାଳି ରୋଜର ଫେଡରର କ୍ୟାରିୟରର ୧୦୦ତମ ଏଟିପି ଟାଇଟଲ ନିକଟତର ହୋଇଛନ୍ତି। ଏଠାରେ ଚାଲିଥିବା ଦୁବାଇ ଡ୍ୟୁଟି ଫ୍ରି ଟେନିସ ଚାମ୍ପିୟନଶିପ୍ ଟୁର୍ଣ୍ଣାମେଣ୍ଟରେ ସେ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପୂର୍ବତନ ଶୀର୍ଷ ର୍‍ୟାଙ୍କଧାରୀ ଖେଳାଳି ଫେଡରର ୭–୬(୮/୬), ୬–୪ ସେଟ୍‌ରେ ମାର୍ଟନ ଫୁକସୋଭିକ୍ସଙ୍କୁ ହରାଇ ଦେଇଛନ୍ତି। ମ୍ୟାଚ୍‌ର ପ୍ରଥମ ସେଟ୍ ୫–୫ ଭଳି ବରାବର ସ୍ଥିତିରେ ଥିବାବେଳେ ବର୍ଷା ବାଧକ ସାଜିଥିଲା। ସମାନ ସମସ୍ୟା ଦ୍ୱିତୀୟ ସେଟ୍‌ରେ ମଧ ଦେଖାଦେଇଥିଲା। ଏହାସତ୍ତ୍ୱେ ସୁଇଜରଲାଣ୍ଡ କିମ୍ବଦନ୍ତୀ ମ୍ୟାଚ୍‌କୁ ଏକ ଘଣ୍ଟା ୫୬ ମିନିଟ୍‌ରେ ଜିତି ନେଇଥିଲେ। ପୁରୁଷ ସିଙ୍ଗଲ୍ସ ବର୍ଗରେ ସର୍ବାଧିକ ୨୦ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ବିଜେତା ସେମିଫାଇନାଲରେ ବର୍ନା କୋରିକଙ୍କୁ ଭେଟିବେ। ଚିରପ୍ରତିଦ୍ୱନ୍ଦ୍ୱୀ ଖେଳାଳି ରାଫାଲ ନାଡାଲ ଚଳିତ ଟୁର୍ଣ୍ଣାମେଣ୍ଟର ପରାଜୟ ସହ ବିଦାୟ ନେଇଥିବାରୁ ଚଳିତ ଟୁର୍ଣ୍ଣାମେଣ୍ଟରେ ଫେଡରରଙ୍କ ଲକ୍ଷ୍ୟ ପୂରଣ ହେବ ବୋଲି ଆଶା କରାଯାଉଛି।



ଆବୁଧାବିରେ ହେବାକୁ ଯାଉଥିବା ସ୍ପେଶାଲ ଅଲିମ୍ପିକ୍ସ ୱାର୍ଲ୍ଡ ସମର ଗେମ୍ସ ପାଇଁ ଭାରତୀୟ ଦଳରେ ସାମିଲ ହୋଇଥିବା ଓଡ଼ିଶା ପ୍ରତିନିଧି ଦଳ।

## ଫିଫା କାଉନ୍‌ସିଲ ସଦସ୍ୟ ଦୌଡ଼ରେ ଏଆଇଏଫ୍ଏଫ୍ ସଭାପତି

ନୂଆଦିଲ୍ଲୀ,୧।୩ (ପିଟି)

ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍) ସଭାପତି ପ୍ରଫୁଲ ପଟେଲ ଫିଫା କାଉନ୍‌ସିଲ ସଦସ୍ୟତା ପାଇଁ ଦୌଡ଼ରେ ସାମିଲ ହୋଇଛନ୍ତି। ସେ ଏସିଆନ ଫୁଟ୍‌ବଲ କନଫେଡେରେଶନ (ଏଏଫ୍‌ସି) ପକ୍ଷରୁ କାଉନ୍‌ସିଲ ସଦସ୍ୟତା ପାଇଁ ପାଇଁ ଆସନ୍ତା ଅପ୍ରିଲ ୬ ତାରିଖରେ ନିର୍ବାଚନ ସମ୍ମୁଖୀନ ହେବେ। ଏହି ନିର୍ବାଚନରେ ବିଜୟୀ ହେଲେ ସେ ୨୦୧୯ରୁ ୨୩ ପର୍ଯ୍ୟନ୍ତ କାର୍ଯ୍ୟ କରିବେ। ଗତ ଡିସେମ୍ବର ୬ ତାରିଖ ଫିଫା କାଉନ୍‌ସିଲ ପଦବୀ ପାଇଁ ନାମାଙ୍କନ ପତ୍ର ଦାଖଲ କରିବାର ଅନ୍ତିମ ତାରିଖ ଥିଲା। ଏଏଫ୍‌ସି ଇଲେକ୍ଟୋରାଲ କମିଟି ଆଶାୟୀଙ୍କ ନାମାଙ୍କନ ପତ୍ର ଯାଞ୍ଚ କରାଯିବ। ସମ୍ପୂର୍ଣ୍ଣ ନିର୍ବଚନ ପ୍ରକ୍ରିୟାକୁ ଏଏଫ୍‌ସି ପରିଚାଳନା କରିବ। ଫିଫା କାଉନ୍ସିଲ ପଦ ଲାଗି ନାମାଙ୍କନ ଦାଖଲ କରିଥିବା ଆଶାୟୀ ହେଲେ ଅଜିଜ ଏମ୍. ଏ ଅଲମହନାଦି (କାତାର), ଖଲିଦ ଅୱଦ ଏ. ଅଲଥାବିଟି ( ସୌଦି ଆରବ), ଜୁନିୟର ମାରିଆନୋ ଭି. ଆରାନେଟା (ଫିଲିପାଇନ୍ସ), ଚୁଙ୍ଗ ମଙ୍ଗ ଗ୍ୟୁ ( କୋରିଆ ରିପବ୍ଲିକ), ଡୁ ଝାଓକାଇ (ଚାଇନା), ପ୍ରଫୁଲ ପଟେଲ (ଭାରତ), ମେହଦି ତାଜ (ଇରାନ) ଓ କୋହଜ ତାଶିମା (ଜାପାନ)।

■ ଏଆଇଟିଏ-ଓଟିଏ ଚାମ୍ପିୟନଶିପ୍ ସିରିଜ ଟେନିସ ଉଦ୍‌ଯାପିତ

## ସିମରିନଙ୍କୁ ଡବଲ ଟାଇଟଲ





କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ।

ଭୁବନେଶ୍ୱର, ୧।୩(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏଆଇଟିଏ–ଓଟିଏ ଚାମ୍ପିୟନଶିପ୍ ସିରିଜ (ସିଏସ୭) ଟେନିସ (୧୪ ଓ ୧୮ ବର୍ଷରୁ କମ୍ ବାଳିକା ବାଳକ) ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ପ୍ରତିଯୋଗିତାର ଉଭୟ ୧୪ ଓ ୧୮ ବର୍ଷରୁ କମ୍ ବାଳିକା ବିଭାଗରେ ଚାମ୍ପିୟନ ହୋଇ ପଶ୍ଚିମବଙ୍ଗର ସିମରିନ ଅହମ୍ମଦ ଦ୍ୱିମୁକୁଟ ହାସଲ କରିଛନ୍ତି। ଅନ୍ତିମ ଦିବସରେ ଅନୁଷ୍ଠିତ ୧୪ ବର୍ଷରୁ କମ୍ ଫାଇନାଲରେ ସିମରିନ ଓଡ଼ିଶାର ସୋହିନି ମହାନ୍ତିଙ୍କୁ ୭–୬(୩), ୬–୨ ସେଟ୍‌ରେ ହରାଇ ଚାମ୍ପିୟନ ହୋଇଛନ୍ତି। ସେହିପରି ୧୮ ବର୍ଷରୁ କମ୍ ସିଙ୍ଗଲ୍ସ ଫାଇନାଲରେ ସେ ଅନ୍ୟତମ ଓଡ଼ିଆ ଖେଳାଳି ମୈତ୍ରୀ ଡି.ରାଉତ୍‌ଙ୍କୁ ୬–୪, ୪–୬, ୭–୫ ସେଟ୍‌ରେ ପରାସ୍ତ କରି ଡବଲ ଟାଇଟଲ ହାସଲ କରିଛନ୍ତି। ୧୮ ବର୍ଷରୁ କମ୍ ବାଳକ ଫାଇନାଲରେ ଓଡ଼ିଶାର ପ୍ରତ୍ୟୁଷ ମହାନ୍ତି ଉତ୍ତରାଖଣ୍ଡର ଟୋରୁସ ରାୱତଙ୍କୁ ୬–୨, ୭–୫ ସେଟ୍‌ରେ ହରାଇ ଚାମ୍ପିୟନ ହୋଇଛନ୍ତି।

ପୂର୍ବରୁ ଅନୁଷ୍ଠିତ ୧୪ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ଓଡ଼ିଶାର ଷ୍ଟିଭେନ ଅଙ୍କିତ୍ ଏକ୍କା, ଡବଲ୍ସରେ ଷ୍ଟିଭେନ ଓ ଦେବବ୍ରତ ପ୍ରଧାନ ଯୋଡ଼ି ଚାମ୍ପିୟନ ହୋଇଥିଲେ। ୧୮ ବର୍ଷରୁ କମ୍ ବାଳକ ଡବଲ୍ସରେ ଓଡ଼ିଶାର ରାହୁଲ ବେହେରା–ତେଲେଙ୍ଗାନାର ସିଦ୍ଧାର୍ଥ ରେଡ୍ଡୀ ଭାଦା ଏବଂ ବାଳିକା ଡବଲ୍ସରେ ଓଡ଼ିଶାର ମୈତ୍ରୀ ରାଉତ–ସଞ୍ଜୟ ଯାଦବ ଯୋଡ଼ି ଚାମ୍ପିୟନ ହୋଇଥିଲେ।

ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ବି.କେ. ଦାସ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ରେଫରି ଯତୀନ ବୈଶ୍ୟ ଓ ଓଟିଏ ମ୍ୟାନେଜର ପ୍ରକାଶ ପଟ୍ଟନାୟକ ଉପସ୍ଥିତ ଥିଲେ। ପ୍ରତିଯୋଗିତାର ଚାମ୍ପିୟନ ଓ ରନର୍ସଅପ୍ ପ୍ରତିଯୋଗୀ ଯଥାକ୍ରମେ ୨୫ ଓ ୨୦ ରେଟିଂ ପଏଣ୍ଟ ହାସଲ କରିଛନ୍ତି।

## ଓଡ଼ିଶାର ପାର୍ବତୀ, ଅମିୟ, ଚିନ୍ମୟ ଭାଗନେବେ

ଭୁବନେଶ୍ୱର, ୧।୩(କ୍ରୀଡ଼ା ପ୍ରତିନିଧି)

**ଇଣ୍ଡିଆନ ଗ୍ରାଁ ପ୍ରି-୩**

ଇଣ୍ଡିଆନ ଗ୍ରାଁ ପ୍ରି-୩ ଟ୍ରାକ୍ ଆଣ୍ଡ ଫିଲ୍ଡ ପ୍ରତିଯୋଗିତା ଶନିବାର ପଞ୍ଜାବର ସଙ୍ଗ୍ରୁରସ୍ଥିତ ୱାର ହିରୋଜ୍ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ୩ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ମହିଳା ଡିସ୍‌କସ୍ ଥ୍ରୋରେ ପାର୍ବତୀ ସେଠୀ ଭାଗ ନେବେ। ପୁରୁଷ ୧୦୦ ମିଟର ରେସ୍‌ରେ ଅମିୟ କୁମାର ମଲିକ ପୁଣି ଭାଗ୍ୟ ପରୀକ୍ଷା କରିବେ। ପଟିଆଲାରେ ଫେବୃୟାରୀ ୨୩ରେ ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରି–୧ରେ ଅମିୟ ୧୧.୦୯ ସେକେଣ୍ଡ ସମୟ ସହ ବ୍ରୋଞ୍ଜ ପଦକ ପାଇଥିଲେ। ଏଠାରେ ପ୍ରଦର୍ଶନରେ ଉନ୍ନତି ଆଣି ଏସିଆନ୍ ଆଥଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିବା ଅମିୟଙ୍କର ମୁଖ୍ୟ ଲକ୍ଷ୍ୟ ହେବ। କାତାର ଦୋହାଠାରେ ଏପ୍ରିଲ ୨୧ରୁ ୨୪ ପର୍ଯ୍ୟନ୍ତ ହେବାକୁଥିବା ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ପୁରୁଷ ୧୦୦ ମିଟରରେ ଯୋଗ୍ୟତା ଟାଇମିଂ ହେଉଛି ୧୦.୨୫ ସେକେଣ୍ଡ। ଏହା ହାସଲ କରିବାକୁ ହେଲ ଅମିୟଙ୍କୁ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପଡ଼ିବ। ଅମିୟଙ୍କ ଇଭେଣ୍ଟରେ ଏଥର ୧୪ ପ୍ରତିଯୋଗୀ ରେସ୍ କରିବା କାର୍ଯ୍ୟକ୍ରମ ରହିଛି। ଇଣ୍ଡିଆନ ଗ୍ରାଁ ପ୍ରି–୩ରେ ଓଡ଼ିଶାର ତୃତୀୟ ପ୍ରତିଯୋଗୀଭାବେ ଚିନ୍ମୟ ରଞ୍ଜନ ଜେନା ପୁରୁଷ ଜାଭେଲିନ ଥ୍ରୋରେ ଭାଗ୍ୟ ପରୀକ୍ଷା କରିବେ। ଗ୍ରାଁ ପ୍ରି–୩ରେ ମୋଟ ୨୦ଟି ଇଭେଣ୍ଟରେ ପ୍ରତିଦ୍ୱନ୍ଦ୍ୱିତା ହେବ।

# ବାରବାଟୀରେ ଜାତୀୟ ସିନିୟର ତୀରନ୍ଦାଜୀ ୧୦ରୁ

କଟକ ଅଫିସ,୧।୩

■ ଯୋଗଦେବେ ଅନେକ ଅନ୍ତର୍ଜାତୀୟ ଖେଳାଳି
■ ରିକର୍ଭ, କମ୍ପାଉଣ୍ଡ ଓ ଇଣ୍ଡିଆନ ରାଉଣ୍ଡରେ ପ୍ରତିଯୋଗିତା ହେବ
■ ଓଡ଼ିଶା ଦଳ ଘୋଷିତ

ମାର୍ଚ୍ଚ ୧୦ ରୁ ୧୮ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ବାରବାଟୀ ଷ୍ଟାଡିୟମରେ ୩୯ତମ ସିନିୟର ଜାତୀୟ ତୀରନ୍ଦାଜୀ ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଉଭୟ ପୁରୁଷ ଓ ମହିଳା ବର୍ଗରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ସମସ୍ତ ରାଜ୍ୟ ଓ ଅନୁବନ୍ଧିତ ୟୁନିଟରୁ ପ୍ରାୟ ୧୧୦୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏ ନେଇ ଓଡ଼ିଶା ତୀରନ୍ଦାଜୀ ଆସୋସିଏଶନ ପକ୍ଷରୁ ଶୁକ୍ରବାର ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀ ଡକାଯିବା ସହ ପ୍ରତିଯୋଗିତା ଆୟୋଜନ ନେଇ ସୂଚନା ଦିଆଯାଇଛି। ୧୯୯୩ରେ ଓଡ଼ିଶାରେ ଶେଷଥର ଜାତୀୟ ସିନିୟର ତୀରନ୍ଦାଜୀ ଚାମ୍ପିୟନଶିପ ହୋଇଥିଲା। ୨୦୧୭ରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ସବଜୁନିୟର ତୀରନ୍ଦାଜୀ ଚାମ୍ପିୟନଶିପ କରାଯାଇଥିଲା। ଆଗାମୀ ସିନିୟର ତୀରନ୍ଦାଜୀ ଚାମ୍ପିୟନଶିପ ନିମନ୍ତେ ସମସ୍ତ ପ୍ରସ୍ତୁତି ଆରମ୍ଭ ହୋଇସାରିଛି ବୋଲି ରାଜ୍ୟ ଆସୋସିଏଶନ ସମ୍ପାଦକ ଶ୍ରଦ୍ଧାନନ୍ଦ ଦାସ ସୂଚନା ଦେଇଛନ୍ତି।

ରିକର୍ଭ, କମ୍ପାଉଣ୍ଡ ଓ ଇଣ୍ଡିଆନ ରାଉଣ୍ଡରେ ପ୍ରତିଯୋଗିତା ହେବ। ରିକର୍ଭ ରାଉଣ୍ଡରେ ଅଂଶଗ୍ରହଣ କରିବାକୁ ଥିବା ପ୍ରତିଯୋଗୀ ୯ ତାରିଖରେ ପ୍ରତିଯୋଗିତା ସ୍ଥଳରେ ପହଞ୍ଚିବା ପରେ ୧୦ ଓ ୧୧ ତାରିଖରେ ମୁକାବିଲା ହେବ। ସେହିପରି କମ୍ପାଉଣ୍ଡ ରାଉଣ୍ଡ ୧୩ ଓ ୧୪ ତାରିଖରେ, ଇଣ୍ଡିଆନ ରାଉଣ୍ଡ ପ୍ରତିଯୋଗିତା ୧୬ ଓ ୧୭ ତାରିଖରେ କରାଯିବ। ପ୍ରତିଯୋଗିତା ନିମନ୍ତେ ମୋଟ ୩୦ଲକ୍ଷ ୫୬ହଜାର ୫୦୦ଟଙ୍କାର ବଜେଟ ରହିଛି। ପ୍ରତିଯୋଗୀ, ଅଫିସିଆଲମାନଙ୍କ ନିମନ୍ତେ ବାରବାଟୀ ଷ୍ଟାଡିୟମ ପରିସରରେ ଥିବା କର୍ପୋରେଟ ବକ୍ସ, ସଚିନ ତେନ୍ଦୁଲକର ଇନଡୋର ହଲ, ବାରବାଟୀ କ୍ଲବ ସମେତ ବିଭିନ୍ନ ସ୍ଥାନରେ ରହଣି ବ୍ୟବସ୍ଥା କରାଯିବ। ବିଭିନ୍ନ ରାଜ୍ୟ ଦଳ କଟକ ରେଳ ଷ୍ଟେଶନ କିମ୍ବା ଭୁବନେଶ୍ୱର ଏୟାରପୋର୍ଟରେ ପହଞ୍ଚିବା ପରେ ସେଠାରେ ସ୍ୱାଗତ ନିମନ୍ତେ ଏକ କାଉଣ୍ଟର ଖୋଲାଯିବ। ସେଠାରୁ ସ୍ୱତନ୍ତ୍ର ବସଯୋଗେ ପ୍ରତିଯୋଗିତା ସ୍ଥଳକୁ ଖେଳାଳିମାନଙ୍କୁ ଅଣାଯିବ। ତୀରନ୍ଦାଜୀ କ୍ରୀଡ଼ା କ୍ଷେତ୍ରରେ ଭାରତର ଖ୍ୟାତନାମା ଖେଳାଳି ଦୀପିକା କୁମାରୀ, ପୋମ୍ବଲ୍ୟ ଦେବୀ, ଅମନ ସଇନି, ମୁସ୍କାନ କିରର, ମଧୁମିତା କୁମାରୀ, ଜୟନ୍ତ ତଲୁକଦାର, ରଜତ ଚୌହ୍ୱାନ, ଅଭିଷେକ ବର୍ମା, ତରୁଣଦୀପ ରାୟ, ରାହୁଲ ବାନାର୍ଜୀ, ଅତନୁ ଦାସ ପ୍ରମୁଖ ଏହି ଟୁର୍ଣ୍ଣାମେଣ୍ଟର ଯୋଗ ଦେବା ସହ ପ୍ରମୁଖ ଆକର୍ଷଣ ରହିବେ। ଏହାଛଡ଼ା ୨୦୧୯ ବିଶ୍ୱ ତୀରନ୍ଦାଜୀ ଚାମ୍ପିୟନଶିପ ପାଇଁ ଜାତୀୟ ଦଳ ଗଠନ ନିମନ୍ତେ ଏହି ପ୍ରତିଯୋଗିତା ଗୁରୁତ୍ୱପୂର୍ଣ୍ଣ ମଧ ରହିଛି। ଅନ୍ୟପକ୍ଷରେ ଏହି ସମ୍ମିଳନୀରେ ପ୍ରତିଯୋଗିତା ନିମନ୍ତେ ଓଡ଼ିଶା ଦଳ ଘୋଷଣା କରାଯାଇଥିଲା। ରାଜେଶ ହାଁସଦା, ଅଶୋକ ଘୋଷ ଓ ରୂପେଶ ସିଂ କୋଚ୍ ଭାବେ ରହିଥିବା ବେଳେ ମ୍ୟାନେଜର ଦାୟିତ୍ୱରେ ଅଛନ୍ତି ଗଣେଶ୍ୱର ସେଠୀ। ସମ୍ମିଳନୀରେ ରାଜ୍ୟ ସଂଘ ସଭାପତି ଡ. ଅଜିତ କୁମାର ତ୍ରିପାଠୀ, ଉପସଭାପତି ସରୋଜ କୁମାର ସିଂ, ସିଇଓ ଡ. ନିର୍ମଳକାନ୍ତି ସେନ, କୋଷାଧ୍ୟକ୍ଷ ସୁଘୋଷ ଦାସ, ଫାଇନାନ୍ସ କମିଟି ଚେୟାରମ୍ୟାନ ସମୀର କୁମାର ପରିଜା, ଉପସଭାପତି ଶ୍ରୀଧର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

**ଓଡ଼ିଶା ଦଳ**

ଇଣ୍ଡିଆନ ରାଉଣ୍ଡ(ପୁରୁଷ)–ରାଜେଶ ଦୂରୁଆ, ସୂର୍ଯ୍ୟକାନ୍ତ କରଜି, ମାଝୀ, ଅଭିରାମ ପଲେୟା। ମହିଳା– ମାଧବୀ ମାଝୀ, ଆଶାଲତା ସୋରେନ, ସକୁନ୍ତଳା ସବର।
ରିକର୍ଭ ରାଉଣ୍ଡ(ପୁରୁଷ)– ସୂର୍ଯ୍ୟମଣି ମାଝୀ, ରଞ୍ଜିତ ନାୟକ, ପ୍ରଭାତ କୁମାର ମିଞ୍ଜ, ସୀମାଞ୍ଚଳ କନ୍ଦ୍ରକ। ମହିଳା– ଆଶାଲତା ଦାସ, ସୁମୀ ମୁଣ୍ଡା, ଚନ୍ଦ୍ରମଣି ମୁଣ୍ଡା, ବାଲି ବନସିଂହ।
କମ୍ପାଉଣ୍ଡ ରାଉଣ୍ଡ(ପୁରୁଷ)– ଇରମା ପଦିଆମି, ବିକ୍ରମ ସିଂ ଠାକୁର, ପୂର୍ଣ୍ଣଚନ୍ଦ୍ର ମାଝୀ।

“ଟେଷ୍ଟ କ୍ରିକେଟ ଚମକ ହରାଇଥିବା ମୋର ବିଶ୍ୱାସ ହେଉନି, କିନ୍ତୁ ଦର୍ଶକମାନଙ୍କୁ ଆକୃଷ୍ଟ କରିବା ଲାଗି କିଛି କରାଯିବା ଦରକାର।
– ଡେଭ୍ ରିଚାର୍ଡସନ, ଆଇସିସି ସିଇଓ



“ମୋ ମତରେ ଆରୋନ୍ ଫିଞ୍ଚ୍ ବିଶ୍ୱର ଅନ୍ୟତମ ବିଧ୍ୱଂସକାରୀ ବ୍ୟାଟ୍ସମ୍ୟାନ, ହେଲେ ତାଙ୍କ ନିକଟରେ ଧୈର୍ଯ୍ୟର ଅଭାବ ରହିଛି।
– ଜଷ୍ଟିନ ଲାଙ୍ଗର, ଅଷ୍ଟ୍ରେଲିଆ କ୍ରିକେଟ କୋଚ୍



## ସଂକ୍ଷେପରେ

### ଆଇଓଏକୁ ଅନୁମତି ଦେଲା ବିଶ୍ୱ ଆର୍ଚେରି

ନୂଆଦିଲ୍ଲୀ,୧।୩ (ପିଟି): ଭାରତୀୟ ତୀରନ୍ଦାଜଙ୍କୁ ଶୁକ୍ରବାର ବଡ଼ ଆଶ୍ୱସ୍ତି ମିଳିଛି। ଏହି କ୍ରୀଡ଼ାର ପରିଚାଳକ ସଂସ୍ଥା ବିଶ୍ୱ ଆର୍ଚେରି (ଡବ୍ଲ୍ୟୁଏ) ନବ ନିଯୁକ୍ତ ବିଭିପି ରାଓଙ୍କ ନେତୃତ୍ୱାଧୀନ ଆର୍ଚେରି ଆସୋସିଏଶନ ଅଫ୍ ଇଣ୍ଡିଆ (ଏଏଆଇ)କୁ ଅନ୍ତର୍ଜାତୀୟ ଇଭେଣ୍ଟ ଲାଗି ଦଳ ଚୟନ କରିବାକୁ ଅନୁମତି ଦେଇଛି। ଡବ୍ଲ୍ୟୁଏ ସାଧାରଣ ସମ୍ପାଦକ ଟମ ଡାନିଏଲ ଏଏଆଇ ନିକଟକୁ ୪ ଫର୍ଦ୍ଦ ବିଶିଷ୍ଟ ଏକ ପତ୍ର ଲେଖିଛନ୍ତି। ଏହି ପତ୍ରକୁ କ୍ରୀଡ଼ା ମନ୍ତ୍ରଣାଳୟ ଓ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ)କୁ ମଧ ପଠାଯାଇଛି। ଗତ ଡିସେମ୍ବର ୨୨ ତାରିଖରେ ଅନୁଷ୍ଠିତ ବିବାଦୀୟ ନିର୍ବାଚନ ପରେ ଏଏଆଇଠାରୁ ଡବ୍ଲ୍ୟୁଏ ସୀକୃତି ପ୍ରତ୍ୟାହାର କରି ନେଇଥିଲା। ଏହି ସମସ୍ୟାର ତୁରନ୍ତ ସମାଧାନ ଆଶା କରାଯାଉଥିବା ଉକ୍ତ ପତ୍ରରେ ଲିଖିତ ରହିଛି। ଏହି ସମସ୍ୟା ଏବେ ସୁପ୍ରିମକୋର୍ଟରେ ବିଚାରାଧୀନ ରହିଛି। ଏଏଆଇ ନବ ନିର୍ବାଚନକୁ ଏପର୍ଯ୍ୟନ୍ତ ମଞ୍ଜୁରୀ ମିଳିନାହିଁ। ଭାରତୀୟ ଆଥ୍‌ଲେଟ୍‌ଙ୍କ ହିତରେ ସୁପ୍ରିମକୋର୍ଟ ନିଷ୍ପତ୍ତି ନେବେ ବୋଲି ଆଶା କରୁଛୁ। ଏହି ପ୍ରକ୍ରିୟାକୁ କେତେ ଦିନ ଲାଗିବ ତାହାର କୌଣସି ସ୍ପଷ୍ଟ ସୂଚନା ନାହିଁ କିନ୍ତୁ ଆଗାମୀ ୬ ମାସ ମଧ୍ୟରେ ଏହାର ସମାଧାନ ହେବା ଦରକାର। ନିଷ୍ପତ୍ତିକୁ ଡବ୍ଲ୍ୟୁଏ ଅପେକ୍ଷା କରିଛି ବୋଲି ଡାନିଏଲ ଲେଖିଛନ୍ତି। ଅନ୍ୟପକ୍ଷରେ ଆରମ୍ଭରୁ ନିର୍ବାଚନ ବିପକ୍ଷରେ ଥିବା ଆଇଓଏ ଏକ ଆଡ୍-ହକ୍ କମିଟି ଗଠନ କରିବାକୁ ଦାବି କରିଥିଲା।

# ତୁର୍କମେନିସ୍ତାନକୁ ୧୦-୦ରେ ହରାଇଲା ଭାରତ

**ତୁର୍କୀଶ କପ୍ ମହିଳା ଫୁଟବଲ**

ନୂଆଦିଲ୍ଲୀ, ୧।୩(ପି.ଟି.)

ସଞ୍ଜୁଙ୍କ ହ୍ୟାଟ୍ରିକ ବଳରେ ଭାରତ ଆଲାନ୍ୟାଠାରେ ଚାଲିଥିବା ତୁର୍କୀଶ କପ୍ ମହିଳା ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ତୁର୍କମେନିସ୍ତାନକୁ ୧୦-୦ ଗୋଲରେ ପରାସ୍ତ କରିଛି। ଗତ ବୁଧବାର ଉଜବେକିସ୍ତାନଠାରୁ ୦-୧ ଗୋଲରେ ହାରିଥିବା ଭାରତ ଏହି ବିଜୟ ଫଳରେ ଟୁର୍ନାମେଣ୍ଟକୁ ସଫଳ ପ୍ରତ୍ୟାବର୍ତ୍ତନ କରିଛି।

ତୁର୍କମେନିସ୍ତାନ ବିପକ୍ଷ ମ୍ୟାଚର ୧୭, ୩୭ ଓ ୭୧ତମ ମିନିଟରେ ୩ଟି ଗୋଲ ଦେଇ ସଞ୍ଜୁ ଚଳିତ ଟୁର୍ନାମେଣ୍ଟର ଟପ୍ ସ୍କୋରର ହୋଇ ଯାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଞ୍ଜୁ ତମାଙ୍ଗ ୫୧ ଓ ୮୩ ଏବଂ ରଞ୍ଜନା ୬୦ ଓ ୬୨ ମିନିଟରେ ୨ଟି ଲେଖାଏ ଏବଂ ଡାଙ୍ଗମେଇ ଗ୍ରେସ ୭ମ, ସୁମିତ୍ରା ୭୭ ଓ ଇନ୍ଦୁମତୀ କାଥିରେସାନ ୮୭ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମ୍ୟାଚରେ ଭାରତ ଚମତ୍କାର ଆରମ୍ଭ କରିଥିଲା। ଡାଙ୍ଗମେଇ ୭ମ ମିନିଟରେ ଭାରତକୁ ଅଗ୍ରଣୀ କରାଇଥିବାବେଳେ ଏହାର ୧୦ ମିନିଟପରେ ସଞ୍ଜୁ ବ୍ୟକ୍ତିଗତଭାବେ ପ୍ରଥମ ଗୋଲ ସ୍କୋର କରିଥିଲେ। ୩୭ତମ ମିନିଟରେ ସେ ଦ୍ୱିତୀୟ ଗୋଲ ଦେବାରୁ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଭାରତ ୩-୦ ଗୋଲରେ ଅଗ୍ରଣୀ ହୋଇଥିଲା। ଇନ୍ଦୁମତୀଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଦ୍ୱିତୀୟାର୍ଦ୍ଧରେ ଅଧିକ ଆକ୍ରମଣାତ୍ମକ ଖେଳି ୭ଟି ଗୋଲ ସ୍କୋର କରିଥିଲା। ତୁର୍କମେନିସ୍ତାନର ଦୁର୍ବଳ ରକ୍ଷଣଭାଗର ସୁଯୋଗ ନେଇ ଅଞ୍ଜୁ ଓ ରଞ୍ଜନା ୨ଟି ଲେଖାଏ ଗୋଲ ଦେବାରେ ସକ୍ଷମ ହୋଇଥିଲେ। ଭାରତୀୟ ଦଳରେ ସାମିଲଥିବା ଓଡ଼ିଶାର ଜବାମଣି ଟୁଡୁ ଷ୍ଟାର୍ଟିଂ ଇଲେଭେନରେ ସ୍ଥାନ ପାଇଥିଲେ ଏବଂ ଶେଷ ପର୍ଯ୍ୟନ୍ତ ଖେଳି ଭାରତର ବୃହତ୍ ବିଜୟର ଅନ୍ୟତମ ଅଂଶୀଦାର ବନିଥିଲେ। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ରବିବାର ରୋମାନିଆ ବିପକ୍ଷରେ ଖେଳିବ।



ଭାରତୀୟ ମହିଳା ଫୁଟ୍‌ବଲ ଦଳ।

# ୯ଜଣ ଶୂନରେ ଆଉଟ, ସୁପରଲିଗରେ ଓଡ଼ିଶା

କଟକ ଅଫିସ,୧।୩

ପୁଡୁଚେରୀଠାରେ ଶୁକ୍ରବାର ଖେଳାଯାଇଥିବା ସିନିୟର ମହିଳା ଟି୨୦ ଲିଗ୍‌ରେ ଓଡ଼ିଶା ୧୦ଉଇକେଟରେ ମିଜୋରାମକୁ ପରାସ୍ତ କରିଛି। ଏଥିରେ ଏକ ବିରଳ ରେକର୍ଡ ଦେଖିବାକୁ ମିଳିଛି। ପ୍ରଥମେ ବ୍ୟାଟିଂ କରିଥିବା ମିଜୋରାମ ସମସ୍ତ ଉଇକେଟ ହରାଇ ୧୧ରନ କରିଥିବା ବେଳେ ଦଳର ୯ଜଣ ଖେଳାଳି ଖାତା ଖୋଲି ନ ପାରି ପ୍ୟାଭିଲିୟନ ଫେରିଥିଲେ। ଓପନର ଅପୂର୍ବା ଭରଦ୍ୱାଜ (୮ରନ) ଓ ଅଧିନାୟିକା ସନ୍ଧ୍ୟା କୁମାରୀ(୧ରନ)ଙ୍କୁ ବାଦ ଦେଇ ଅନ୍ୟ କେହି ବ୍ୟାଟ୍ସଓମ୍ୟାନ ରନ ସଂଗ୍ରହ କରି ପାରି ନ ଥିଲେ। ଓଡ଼ିଶା ପକ୍ଷରୁ ସୁଜାତା ମଲ୍ଲିକ ଓ ପ୍ରିୟଙ୍କା ପ୍ରିୟଦର୍ଶିନୀ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିବା ବେଳେ ଅଧିନାୟିକା ମଧୁସ୍ମିତା ବେହେରା ୨ଟି ଓ ରୋଶନାରା ପରୱିନଙ୍କୁ ଗୋଟିଏ ଉଇକେଟ ମିଳିଥିଲା। ଦ୍ୱିତୀୟ ଓଭରରେ ଉଇକେଟ ନ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା ଓଡ଼ିଶା। ଅଞ୍ଜଳି ସିଂ ୭ ରନ କରିଥିଲେ। ଅନ୍ୟପକ୍ଷରେ ଗ୍ରୁପ-ଇ’ରେ ସ୍ଥାନ ପାଇଥିବା ଓଡ଼ିଶା ଏହି ବିଜୟ ଦ୍ୱାରା ସୁପରଲିଗ୍‌ରେ ପ୍ରବେଶ କରିଛି। ୭ଟି ମ୍ୟାଚ୍‌ରୁ ୫ଟି ବିଜୟ ସହ ୨୦ ପଏଣ୍ଟ ପାଇ ଓଡ଼ିଶା ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ଆସନ୍ତା ୫ ତାରିଖରୁ ବମ୍ବେଠାରେ ସୁପର ଲିଗ୍ ମ୍ୟାଚ୍ ଖେଳାଯିବ। ଓଡ଼ିଶା ୬ ତାରିଖରେ ପ୍ରଥମ ମ୍ୟାଚ୍ କର୍ଣ୍ଣାଟକ ବିପକ୍ଷରେ ଖେଳିବାକୁଥିବା ବେଳେ ୮ରେ ଆସାମ, ୯ରେ ହିମାଚଳପ୍ରଦେଶ, ୧୧ ତାରିଖରେ ଝାଡ଼ଖଣ୍ଡ ବିପକ୍ଷରେ ଖେଳିବ ।

# ଘୋଷାଲଙ୍କ ଅଭିଯାନ ଶେଷ

**ବିଶ୍ୱ ସ୍କ୍ୱାଶ ଚାମ୍ପିୟନଶିପ୍**

ଚିକାଗୋ, ୧।୩ (ପି.ଟି.)

ଏଠାରେ ଚାଲିଥିବା ପିଏସଏ ୱାର୍ଲ୍ଡ ସ୍କ୍ୱାଶ ଚାମ୍ପିୟନଶିପ୍‌ରେ ଭାରତର ସୌରଭ ଘୋଷାଲଙ୍କ ଅଭିଯାନ ଶେଷ ହୋଇଛି। ଗୁରୁବାର ଅନୁଷ୍ଠିତ କ୍ୱାର୍ଟରଫାଇନାଲରେ ତୃତୀୟ ସିଡ୍ ତଥା ଜର୍ମାନୀର ସିମନ ରୋଜନର ତାଙ୍କୁ ୧୧-୮, ୧୧-୬, ୧୧-୭ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ ଦୀର୍ଘ ୫୦ ମିନିଟ୍ ଧରି ଚାଲିଥିଲା।

# ମୋହାଲି, ଦିଲ୍ଲୀରୁ ମ୍ୟାଚ ସ୍ଥାନାନ୍ତର ହେବ ନାହିଁ: ବିସିସିଆଇ

ହାଇଦ୍ରାବାଦ, ୧।୩ (ପି.ଟି.)

ମୋହାଲି ଓ ଦିଲ୍ଲୀରେ ଖେଳାଯିବାକୁଥିବା ଅଷ୍ଟ୍ରେଲିଆ ବିପକ୍ଷ ଭାରତର ଶେଷ ଦୁଇଟି ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ଅନ୍ୟତ୍ର ସ୍ଥାନାନ୍ତର ହେବାର ଯୋଜନା ନାହିଁ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର କାର୍ଯ୍ୟକାରୀ ସଭାପତି ସି.କେ. ଖାନ୍ନା ଶୁକ୍ରବାର ସୂଚନାଦେଇଛନ୍ତି। ପାକିସ୍ତାନ ଯୁଦ୍ଧ ବିମାନର ଭାରତୀୟ ସୀମା ଉଲ୍ଲଂଘନ କରିବା ନେଇ ଦୁଇ ପଡ଼ୋଶୀ ରାଷ୍ଟ୍ର ମଧ୍ୟରେ ଦେଖା ଦେଇଥିବା ଉତ୍ତେଜନାକୁ ନେଇ ଶେଷ ଦୁଇ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ଅନ୍ୟତ୍ର ସ୍ଥାନାନ୍ତର ହେବା ନେଇ କଳ୍ପନା ଜଳ୍ପନା ପ୍ରକାଶ ପାଇଥିଲା। ଚତୁର୍ଥ ଅନ୍ତର୍ଜାତୀୟ ଦିନିକିଆ ମାର୍ଚ୍ଚ ୧୦ରେ ମୋହାଲିରେ ଏବଂ ୫ମ ମ୍ୟାଚ ଦିଲ୍ଲୀରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ହେଲେ ବର୍ତ୍ତମାନ ଦୁଇ ପଡୋଶୀ ଦେଶ ମଧ୍ୟରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିକୁ ନେଇ ଗୋଟିଏ ମ୍ୟାଚ ସୌରାଷ୍ଟ୍ରକୁ ସ୍ଥାନାନ୍ତର କରିବା ଲାଗି ବିଚାର ଚାଲିଥିବା ଏକ ରିପୋର୍ଟରେ ପ୍ରକାଶ ପାଇଥିଲା। ଖାନ୍ନା କହିଛନ୍ତି ଏହି ଦୁଇଟି ମ୍ୟାଚ ସ୍ଥାନାନ୍ତର ହେବାର କୌଣସି ଯୋଜନା ନାହିଁ। ଏ ସଂକ୍ରାନ୍ତରେ କୌଣସି ଆଲୋଚନା ମଧ ହୋଇ ନାହିଁ। ପୂର୍ବ କାର୍ଯ୍ୟସୂଚୀ ଅନୁସାରେ ମୋହାଲି ଓ ଦିଲ୍ଲୀରେ ଉଭୟ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ହେବ। କାଳେ ଶେଷ ମୁହୂର୍ତ୍ତରେ କୌଣସି ଭେନ୍ୟୁ ମ୍ୟାଚ୍ ଆୟୋଜନ ନେଇ ଅକ୍ଷମତା ପ୍ରକାଶ କରିବ ସେଥିପାଇଁ ସବୁ ବେଳେ ବିକଳ୍ପ ଭେନ୍ୟୁ ପ୍ରସ୍ତୁତ ରଖାଯାଇଥାଏ ବୋଲି ବିସିସିଆଇ କାର୍ଯ୍ୟକାରୀ ସଭାପତି ପ୍ରକାଶ କରିଛନ୍ତି।

# ଲଥାମ, ରାଭାଲଙ୍କ ଶତକ

ହାମିଲଟନ, ୧।୩ (ଏଏଫ୍‌ପି)

ଟମ୍ ଲଥାମ ଓ ଜିତ୍ ରାଭାଲଙ୍କ ଆକର୍ଷଣୀୟ ଶତକ ଯୋଗୁ ଏଠାରେ ଚାଲିଥିବା ବାଂଲାଦେଶ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ନ୍ୟୁଜିଲାଣ୍ଡ ନିଜ ସ୍ଥିତିକୁ ସୁଦୃଢ଼ କରିନେଇଛି। ପ୍ରଥମ ଉଇକେଟରେ ଦଳର ଏହା ହେଉଛି ଅନ୍ୟତମ ଶ୍ରେଷ୍ଠ ପାର୍ଟନରଶିପ୍। ଲଥାମ ୧୬୧ ରନ କରିଥିବା ବେଳେ କ୍ୟାରିୟର ପ୍ରଥମ ଟେଷ୍ଟ ଶତକ ହାସଲ କରିଥିବା ରାଭାଲ ୧୩୨ ରନ କରିଥିଲେ। ଏକ ଫ୍ଲାଟ୍ ଟ୍ରାକ୍‌ରୁ ଫାଇଦା ଉଠାଇ ଲଥାମ ଓ ରାଭାଲ ପ୍ରଥମ ଉଇକେଟରେ ୨୫୪ ରନ ଯୋଗ କରିଥିଲେ। ଓପନିଂରେ ନ୍ୟୁଜିଲାଣ୍ଡର ଏହା ହେଉଛି ତୃତୀୟ ବୃହତ୍ତମ ପାର୍ଟନରଶିପ୍। ଏହା ପୂର୍ବରୁ ୪୭ବର୍ଷ ପୂର୍ବେ ପ୍ରଥମ ଉଇକେଟରେ ଘରୋଇ ଦଳର ଶ୍ରେଷ୍ଠ ପାର୍ଟନରଶିପ୍ ୱେଷ୍ଟଇଣ୍ଡିଜ ବିପକ୍ଷରେ ହୋଇଥିଲା। ଗ୍ଲେନ ଟର୍ନର ଓ ଟେରୀ ଜାର୍ଭିସ ଭାଗୀଦାରିରେ ୩୮୭ ରନ ଯୋଗ କରିଥିଲେ। ନ୍ୟୁଜିଲାଣ୍ଡର ଅନ୍ୟତମ ସଫଳ ବ୍ୟାଟ୍ସମ୍ୟାନ କେନ୍ ୱିଲିୟମସନ ୯୩ ରନ କରି ଅପରାଜିତ ରହିଛନ୍ତି। ହେନ୍‌ରୀ ନିକୋଲ୍‌ସ (୫୩ରନ)ଙ୍କ ସହିତ ଚତୁର୍ଥ ଉଇକେଟରେ ସେ ଏକ ଶତକୀୟ ଭାଗୀଦାରି କରିଛନ୍ତି। ସ୍ଥାନୀୟ ସେଡନ ପାର୍କଠାରେ ଚାଲିଥିବା ଏହି ମ୍ୟାଚର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୪ ଉଇକେଟ ବିନିମୟରେ ଦଳ ୪୫୧ ରନ କରିଛି। ହାତରେ ଆହୁରି ୬ଟି ଉଇକେଟ ରହିଥିବାବେଳେ ୨୧୭ରନ ଅଗ୍ରଣୀ ଲାଭ କରିଛି।

**ସଂକ୍ଷିପ୍ତ ସ୍କୋର**

**ବାଂଲାଦେଶ ପ୍ରଥମ ଇନିଂସ:** ୨୩୪ (ତାମିମ୍ ଇକ୍‌ବାଲ-୧୨୬ ; ନିଲ୍ ୱାଗନର-୫/୪୭, ଟିମ୍ ସୌଦି-୩/୭୬)।

**ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ:** ୪୫୧/୪ (ଟମ୍ ଲଥାମ-୧୬୧, ଜିତ୍ ରାଭାଲ-୧୩୨, କେନ୍ ୱିଲିୟମସନ-୯୩*, ହେନ୍‌ରୀ ନିକୋଲ୍‌ସ-୫୩; ସୌମ୍ୟ ସରକାର-୨/୫୭)।

**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH**
**DEPARTMENT OF EMPOWERMENT OF PERSONS WITH DISABILITIES (DIVYANGJAN)**
**(MINISTRY OF SOCIAL JUSTICE & EMPOWERMENT, GOVERNMENT OF INDIA)**
**OLATPUR, PO: BAIROI, DIST-CUTTACK, ODISHA**
**RECRUITMENT NOTICE BY CONTRACT**

| Advt. No.AD6B19/03/2019 Date:28.02.2019 | |
|---|---|
| 01. | Senior Resident (Contractual) - 01 |
| 02. | Physical Medicine & Rehabilitation (Consultant) - 01 |
| 03. | Junior Resident (Contractual) - 02 |
| 04. | Research Officer (Consultant) - 01 |
| 05. | Nurse (Consultant) - 03 |
| 06. | Prosthetist and Orthotist (Consultant) - 09 |

For all other details, terms and conditions please log on to website **www. svnirtar.nic.in.**
Sd./- DIRECTOR

ପତ୍ର ସଂଖ୍ୟା-୬୯୪ **ତହସିଲ କାର୍ଯ୍ୟାଳୟ, ଜୟପୁର** ତା.୨୮।୦୨।୨୦୧୯
**ଲଘୁ ଖଣିଜ ଉତ୍ସର ପାଞ୍ଚ ବର୍ଷିଆ ଲିଜ୍ ନିମନ୍ତେ ବିଜ୍ଞାପନ**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ତହସିଲ ଅନ୍ତର୍ଗତ ବିଭିନ୍ନ ମୌଜାସ୍ଥିତ ସୈରାତଉସ (ପଥର ଖାଦାନ) ଗୁଡିକର ଟେଣ୍ଡର ମାଧ୍ୟମରେ ଦୀର୍ଘ ମିଆଦୀ ସୂତ୍ରରେ ଆଗାମୀ ପାଞ୍ଚ ବର୍ଷ ପାଇଁ (2019-20 ଠାରୁ 2023-24) ଲିଜ୍ ଦେବା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି। ଦରଖାସ୍ତ ଗ୍ରହଣର ଶେଷ ତାରିଖ ୧୫।୦୩।୨୦୧୯ ସମୟ ଅପରାହ୍ନ ୫.୦୦ଘଣ୍ଟା ଅଟେ। ଲିଜ୍ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ କୋରାପୁଟ ଜିଲ୍ଲା ୱେବସାଇଟ୍ **www.koraput.nic.in** ଅଧୀନରେ ଉପଲବ୍ଧ ଅଟେ। ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ଜୟପୁର ତହସିଲଦାରଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରିପାରିବେ। **ସ୍ୱା./- ତହସିଲଦାର, ଜୟପୁର**

**Advertisement for seeking claim of compensation by the patients implanted with ASR Hip Implant manufactured by M/s. DePuy International Ltd. (Now Johnson and Johnson)**

**No.951-E:-** The Government of India has constituted a Central Expert Committee and State Level Committees to address the claim for compensation who has been implanted with ASR Hip Implants of DePuy International Ltd (Now Johnson and Johnson) before August, 2010.

Therefore, the concerned patients are advised to approach the State Level Committee with detailed application form (check list available on www.cdsco.gov.in) to support their claim.

The contact details of the State Level Committee is as under:

**Address:** Drugs Controller, Odisha,
O/o. Directorate of Drugs Control, Odisha,
New Nandankanan Road,
Po- Mancheswar Rly. Colony, Press Chhak,
Bhubaneswar-751017, Dist. Khurda

**Mail Id:** drugscontrolorissa@gmail.com
**Phone No.:** 0674-2300494
**Mob. No.:** 9437013646

**Issued in Public Interest by State Government of Odisha, Health & Family Welfare Department**
10004/11/0003/1819

NATION TAX MARKET GST
Ph: 0674-258 9935, 258 8672.
Fax: 0674-258 9938,
E-mail. ccbbsr@rediffmail.com/ ccu-exbbr@nic.in

मुख्य आयुक्त का कार्यालय, जीएसटी एवं सीमा शुल्क, भुवनेश्वर जोन
OFFICE OF THE CHIEF COMMISSIONER, GST, CX & CUSTOMS, BHUBANESWAR ZONE
केंद्रीय राजस्व भवन, राजस्व विहार, भुवनेश्वर – 751007, ओडिशा
C.R. BUILDING, RAJASWA VIHAR, BHUBANESWAR-751007, ODISHA

**NOTICE**

Applications are invited for drawal of a panel for engagement of (05 Senior Standing Counsels and 03 Junior Standing Counsels) for handling litigation relating to indirect taxation before the Hon'ble High Court of Odisha and other fora. The details of eligible and other terms and conditions governing the appointment of Standing Counsels are available with the link www. cbec.gov.in / standing counsels-guidelines.pdf.

The eligible counsels enrolled / registered as an advocate with Orissa High Court and having requisite experience in handling preferably GST, Customs, Central Excise & Service Tax matters and emerging areas in Anti-Profiteering, NCLT, NCLAT etc may apply in the prescribed proforma A or A- 1 in a sealed cover addressed to Shri Sourabh Chakravorty, Assistant Commissioner, Office of the chief Commissioner, CGST, Central Excise, Customs & Service Tax, C.R. Building, Rajaswa Vihar, Bhubaneswar, Odisha -751007, so as to reach on or before 11.03.2019. The applicants can collect acknowledgement at the time of submission of the application forms along with the accompanying documents.

Application received after 11.03.2019 shall not be entertained. The short listed candidates / Advocates will be called for an interview, on a specified date / time which will be intimated in due course.

*Sd./- (Sourabh Chakravorty), Assistant Commissioner (CCO), CGST, C.Ex & Customs, Bhubaneswar Zone*

**ଉଦ୍ୟାନ ଉପନିର୍ଦ୍ଦେଶକ, ଢେଙ୍କାନାଳଙ୍କ ଅଧୀନସ୍ଥ ସପ୍ତଶଯ୍ୟା ଫାର୍ମର ବିଭିନ୍ନ ଫଳ ନିଲାମ ପାଇଁ ଟେଣ୍ଡର ଆହ୍ୱାନ**

No.169-L: ଚଳିତ ବର୍ଷ ୨୦୧୮-୨୦୧୯ ପାଇଁ ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ ସପ୍ତଶଯ୍ୟା ଫାର୍ମର ଉତ୍ପାଦିତ ଆମ୍ବ, ବେଲ ଏବଂ ନଡିଆ ନିଲାମ ପାଇଁ ଆଗ୍ରହୀ ବ୍ୟକ୍ତି ବିଶେଷଙ୍କ ଠାରୁ ଜଉମୁଦା ଟେଣ୍ଡର ଆହ୍ୱାନ କରାଯାଉଛି। ଆବେଦନ ଫର୍ମ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଓ ସର୍ତ୍ତାବଳୀ ଉଦ୍ୟାନ ଉପନିର୍ଦ୍ଦେଶକ, ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ ଟ ୫୦/- ଙ୍କା ବିନିମୟରେ ସରକାରୀ କାର୍ଯ୍ୟ ଦିବସରେ ମିଳିପାରିବ।

| କ୍ର. ନଂ | ଫାର୍ମର ନାମ ଓ ଠିକଣା | ଫଳର ନାମ | ଅମାନତ ଜମା ଟଙ୍କା | ଟେଣ୍ଡର ଖୋଲିବା ତାରିଖ ଏବଂ ସ୍ଥାନ |
|---|---|---|---|---|
| ୧. | ସପ୍ତଶଯ୍ୟା ଫାର୍ମ ସପ୍ତଶଯ୍ୟା | ଆମ୍ବ, ନଡିଆ, ବେଲ | ୩୦,୦୦୦.୦୦ | ୧୨.୦୩.୨୦୧୯ ପୂର୍ବାହ୍ନ ୧୧.୩୦ ଘଟିକା ଉଦ୍ୟାନ ଉପନିର୍ଦ୍ଦେଶକ, ଢେଙ୍କାନାଳଙ୍କ କାର୍ଯ୍ୟାଳୟ |

ଆଗ୍ରହୀ ପ୍ରାର୍ଥୀ ଆବେଦନ ଫର୍ମରେ ଟେଣ୍ଡର ମୂଲ୍ୟ, ନିଜର ସମ୍ପୂର୍ଣ୍ଣ ଠିକଣା ଦେଇ ଅମାନତ ଜମା ସହ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ରେଜିଷ୍ଟ୍ରିପୋଷ୍ଟ ଦ୍ୱାରା ତା ୧୧.୦୩.୨୦୧୯ ରିଖ ଅପରାହ୍ନ ୫ ଘଟିକା ସୁଦ୍ଧା ଦାଖଲ କରିପାରିବେ। ଅମାନତ ଜମା ବାବଦକୁ ଟଙ୍କା ବ୍ୟାଙ୍କ ଡ୍ରାଫଟ୍ (ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ, ଢେଙ୍କାନାଳ) ଉଦ୍ୟାନ ଉପନିର୍ଦ୍ଦେଶକ, ଢେଙ୍କାନାଳଙ୍କ ସପକ୍ଷରେ ଦାଖଲ କରିବେ।
ସୂଚନାଯୋଗ୍ୟ ଯେ, କୌଣସି କାରଣ ନ ଦର୍ଶାଇ, ଗୋଟିଏ କିମ୍ବା ସମସ୍ତ ଟେଣ୍ଡର ଆବେଦନ କର୍ତ୍ତୃପକ୍ଷ ନାକଚ କରିପାରିବେ।
01067/11/0004/1819 ସ୍ୱା./- ଉଦ୍ୟାନ ଉପନିର୍ଦ୍ଦେଶକ, ଢେଙ୍କାନାଳ

**GOVERNMENT OF ODISHA**
**e- Procurement Notice**
**INVITATION FOR BIDS (IFB)**
**Bid Identification No. S.E.Dkl.(R&B) 19/2018-19**
**Email Id-sedklpwd@gmail.com**
No.1352-B

**Letter No / Dt.**
The Superintending Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Road work as detailed in the table below:

| | | |
|---|---|---|
| 1. | Name of the work | Road work |
| 2. | No. of works | 1 (One) No |
| 3. | Estimated Cost | Rs.2,19,56,303/- |
| 4. | Cost of tender paper | Rs 10,000.00 |
| 5. | Class of contractor | “B, & “A” Class |
| 6. | Period of Completion of work | 5(Five) Calendar months |
| 7. | Date and time of availability of bid Document in the website | From Dt.07.03.2019 to 16.00 hours of Dt.21.03.2019 |
| 8. | Date of opening of bid | Dt.23.03.2019 at 11.30 hours |

The bidders have to participate in ONLINE biding only further details can be seen from the e- Procurement Portal: www.tendersodisha. gov.in. Any addendum / corrigendum / cancellation of tender can also be seen in the said website.

**Superintending Engineer**
**Dhenkanal(R&B) Circle,Dhenkanal**
34132/11/0028/1819

**REQUEST FOR PROPOSAL for Selection of 'Project Management Unit (PMU) for Reforming Odisha's Horticulture'**
**RFP No.-1, Dt.28.02.2019**
170-L

Directorate of Horticulture, Govt. of Odisha, invites sealed proposals from eligible bidders to set up "Project Management Unit (PMU) for Reforming Odisha's Horticulture."

The detailed RFP document containing the background information, eligibility criteria and complete procedure for submission of the proposal can be downloaded from the website **https://tendersodisha.gov.in** / **www.odihort.nic.in**. The proposal complete in all respect must reach the undersigned by Speed Post/ Registered Post / Courier only latest by 10.04.2019 up to 5:00 PM. The last Date for Submission of Proposal is 10.04.2019 up to 5.00 P.M. The last date of submission of pre proposal query is 12:00 PM, 19.03.2019 on the email **supportdho.od@nic.in**.

**Directorate of Horticulture, Govt. of Odisha reserves the right to accept or reject any application and to annul the process at any time, without any liability and assigning any reason thereof.**

**Sd/- Director of Horticulture**
**Directorate of Horticulture**
**Krishi Bhawan,**
**Bhubaneswar, Odisha,**
**Pin No: 751015**
**E-mail: Supportdho.od@nic.in**
01038/11/0010/1819

**ଭୁବନେଶ୍ୱର ମହାନଗର ନିଗମ**
ସଂଖ୍ୟା . ୭୬୩୯ ତା.୦୧.୦୩.୨୦୧୯
**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଭୁବନେଶ୍ୱର ମହାନଗର ନିଗମ ତରଫରୁ ୧ନଂ ହାଟ ମଧ୍ୟରେ ଥିବା ଦୋକାନ ଗୃହ ଏବଂ ଅନ୍ୟାନ୍ୟ ଜାଗା ଗୁଡିକରେ ବ୍ୟବସାୟ କରୁଥିବା ବ୍ୟବସାୟୀ ମାନଙ୍କର ନିୟମିତକରଣ କରିବା ନିମନ୍ତେ ଏକ ସର୍ଭେ (physical verification) କରାଯାଇଥିଲା । ଉକ୍ତ ସର୍ଭେ ମୁତାବକ ମହାନଗର ନିଗମ ତରଫରୁ ଏକ ତାଲିକା (list) ପ୍ରସ୍ତୁତ କରାଯାଇଅଛି, ଯେଉଁଥିରେକି, ପୂର୍ବରୁ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କ ନାମ ଏବଂ ବର୍ତ୍ତମାନ ଉକ୍ତ ଦୋକାନ ଗୃହ ଗୁଡିକରେ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କ ନାମ ଏଲ୍ଲେଖ କରାଯାଇଅଛି । ଉକ୍ତ ତାଲିକା (list)ର ନକଲ ୧ନଂ ହାଟ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ ଏବଂ ମହାନଗର ନିଗମ କାର୍ଯ୍ୟାଳୟ ନୋଟିସ୍ ବୋର୍ଡରେ ଉପଲବ୍ଧ ଅଛି । ତତ୍‌ସହିତ ଉକ୍ତ ତାଲିକା (list)ସର୍ବସାଧାରଣଙ୍କ ଅବଗତି ନିମନ୍ତେ ମହାନଗର ନିଗମ website www.bmc.gov.in ରେ ଉପଲବ୍ଧ ଅଛି ।

ଉକ୍ତ ତାଲିକାରେ (list) ପ୍ରକାଶିତ ହୋଇଥିବା ତଥ୍ୟ ଉପରେ କାହାର କୌଣସି ଆପତ୍ତି/ଅଭିଯୋଗ/ଦାବୀ ରହୁଥାଏ ତେବେ ସେମାନେ ଏହି ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବରେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ/ଦାବୀ ଗ୍ରହଣ କରାଯିବ ନାହିଁ ।

ସ୍ୱା/
ଉପ ଆୟୁକ୍ତ
ଭୁବନେଶ୍ୱର ମହାନଗର ନିଗମ

ଭାଗିଦାରୀ ମାଧ୍ୟମରେ ପ୍ରଗତି- ଏକ ସୁନ୍ଦର ଭୁବନେଶ୍ୱର ପାଇଁ

**ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ**
(ଡିମ୍‌ଡ ବିଶ୍ୱବିଦ୍ୟାଳୟ)
(ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ତତ୍ତ୍ୱାବଧାନ ଅଧୀନରେ ପ୍ରତିଷ୍ଠିତ)
୫୬-୫୭, ଇନ୍‌ଷ୍ଟିଚ୍ୟୁଶନାଲ ଏରିଆ, ଜନକପୁରୀ, ନୂଆଦିଲ୍ଲୀ – ୧୧୦୦୫୮
ଫୋନ୍ ନଂ. ୦୧୧-୨୮୫୨୪୯୯୩, ୨୮୫୨୪୯୯୫, ୨୮୫୨୦୯୭୯, ୨୮୫୨୦୯୬୬

**ସଂସ୍କୃତ ଶିକ୍ଷାର ବିକାଶ ଯୋଜନା ଅଧୀନରେ ବର୍ଷ ୨୦୧୯-୨୦ ନିମନ୍ତେ ଆର୍ଥିକ ସହାୟତା ନିମନ୍ତେ ଅଧିସୂଚନା**

ସଂସ୍କୃତ ଭାଷାର ପ୍ରଚାରପ୍ରସାର ପାଇଁ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା ସ୍ଥାପିତ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ (ଡିମ୍‌ଡ ବିଶ୍ୱବିଦ୍ୟାଳୟ) ସଂସ୍କୃତ ଶିକ୍ଷା ବିକାଶ ଯୋଜନା – ୨୦୦୭ ଅଧୀନରେ ବର୍ଷ ୨୦୧୯-୨୦ ପାଇଁ ଆର୍ଥିକ ସହାୟତା ଲାଗି ନିର୍ଦ୍ଧାରିତ ପ୍ରୋଫର୍ମାରେ ଦରଖାସ୍ତ ଆହ୍ୱାନ କରୁଛି:-

I. ସଂସ୍କୃତ ଶିକ୍ଷା ନିମନ୍ତେ ଆର୍ଥିକ ସହାୟତା:-
 କ) ପାରମ୍ପରିକ ସଂସ୍କୃତ ପାଠଶାଳା/ବିଦ୍ୟାଳୟ/ମହାବିଦ୍ୟାଳୟଗୁଡ଼ିକୁ ସଂସ୍କୃତ ଶିକ୍ଷକମାନଙ୍କ ପାଇଁ ଆର୍ଥିକ ସହାୟତା।
 ଖ) ପାରମ୍ପରିକ ସଂସ୍କୃତ ପାଠଶାଳା/ବିଦ୍ୟାଳୟ/ମହାବିଦ୍ୟାଳୟଗୁଡ଼ିକରେ ଆଧୁନିକ ବିଷୟଗୁଡ଼ିକର ଶିକ୍ଷକମାନଙ୍କ ପାଇଁ ଆର୍ଥିକ ସହାୟତା।
 ଗ) ରାଜ୍ୟ ସରକାରଙ୍କ ମାଧ୍ୟମିକ/ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସଂସ୍କୃତ ଶିକ୍ଷକଙ୍କ ପାଇଁ ଆର୍ଥିକ ସହାୟତା।
II. ଅଭାବଗ୍ରସ୍ତ ପରିସ୍ଥିତିରେ ଥିବା ଉତ୍କୃଷ୍ଟ ସଂସ୍କୃତ ପଣ୍ଡିତମାନଙ୍କୁ ସମ୍ମାନ ରାଶି।
III. ସଂସ୍କୃତ ପ୍ରଚାର ପାଇଁ ଏନ୍‌ଜିଓ/ଡିମ୍‌ଡ ସଂସ୍କୃତ ବିଶ୍ୱବିଦ୍ୟାଳୟ/ବିଶ୍ୱବିଦ୍ୟାଳୟଗୁଡ଼ିକୁ ବିଭିନ୍ନ ଗବେଷଣା ପ୍ରକଳ୍ପ ଏବଂ କାର୍ଯ୍ୟକ୍ରମ/ଗତିବିଧି ଲାଗି ଆର୍ଥିକ ସହାୟତା।
IV. ସଂସ୍କୃତ ପୁସ୍ତକ ପ୍ରକାଶନ, ବିରଳ ସଂସ୍କୃତ ପୁସ୍ତକଗୁଡ଼ିକର ପୁନଃ ମୁଦ୍ରଣ ଏବଂ ବହୁ ପରିମାଣରେ କ୍ରୟ ପାଇଁ ଆର୍ଥିକ ସହାୟତା।
V. ଅବସରପ୍ରାପ୍ତ/ଖ୍ୟାତନାମା ସାହିତ୍ୟିକ ସଂସ୍କୃତ ବିଦ୍ୱାନ୍ (ଶାସ୍ତ୍ର ଚୂଡ଼ାମଣି)ଙ୍କ ସେବାର ଉପଯୋଗ ପାଇଁ ଆର୍ଥିକ ସହାୟତା।
VI. ପାରମ୍ପରିକ ସଂସ୍କୃତ ପାଠଶାଳା/ଅନୁଷ୍ଠାନର ବିଦ୍ୟାର୍ଥୀମାନଙ୍କ ଲାଗି “ଧନ୍ଦାମୂଳକ ତାଲିମ ପାଠ୍ୟକ୍ରମ” ସଞ୍ଚାଳନ ନିମନ୍ତେ ପଞ୍ଜୀକୃତ ଶିକ୍ଷା ସଂଗଠନଗୁଡ଼ିକୁ ଆର୍ଥିକ ସହାୟତା।
VII. ସଂସ୍କୃତ ଶିକ୍ଷଣର ମାନ ଉନ୍ନତ କରିବା ପାଇଁ ବିଶ୍ୱବିଦ୍ୟାଳୟ/ଡିମ୍‌ଡ ବିଶ୍ୱବିଦ୍ୟାଳୟ/ସିବିଏସ୍‌ଇ/ଏନ୍‌ସିଇଆରଟି/ଏସ୍‌ସିଇଆରଟି ଇତ୍ୟାଦିକୁ ଆର୍ଥିକ ସହୟତା।
VIII. “ଅଷ୍ଟାଦଶୀ” ଯୋଜନା ଅଧୀନରେ ଆର୍ଥିକ ସହାୟତା – ସଂସ୍କୃତର ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଅଠରଗୋଟି ପ୍ରକଳ୍ପ (ସଂସ୍କୃତର ବିକାଶ ପାଇଁ ଦୃଷ୍ଟି ଏବଂ ପଥ ମାନଚିତ୍ରର ପ୍ରସ୍ତାବ ଲାଗି ଗଠିତ କମିଟି ଦ୍ୱାରା ସୁପାରିସକୃତ – ୧୦ ବର୍ଷୀୟ ସମ୍ଭାବ୍ୟ ଯୋଜନା)।

- *ଉପରୋକ୍ତ ସମସ୍ତ ଯୋଜନା ପାଇଁ ଦରଖାସ୍ତର ଶେଷ ତାରିଖ: ୩୦।୦୬।୨୦୧୯*
- *ଧାର୍ଯ୍ୟ ତାରିଖ ପରେ ଦାଖଲ ହୋଇଥିବା କିମ୍ବା ପ୍ରତ୍ୟେକ ଯୋଜନା ପାଇଁ ନିର୍ଦ୍ଧାରିତ ସର୍ତ୍ତାବଳୀକୁ ପୂରଣ କରୁ ନ ଥିବା ଦରଖାସ୍ତ(ଗୁଡ଼ିକୁ) ଗ୍ରହଣ କରାଯିବ ନାହିଁ । ଦରଖାସ୍ତ ଫର୍ମ ଏବଂ ଉପରୋକ୍ତ ସମସ୍ତ ଯୋଜନା ସଂକ୍ରାନ୍ତୀୟ ନିୟମ ଓ ସର୍ତ୍ତାବଳୀ ଡାଉନ୍‌ଲୋଡିଂ ପାଇଁ, ସଂସ୍ଥାନର ୱେବ୍‌ସାଇଟ୍ - www.sanskrit.nic.in ପରିଦର୍ଶନ କରନ୍ତୁ ।*

davp 21212/11/0014/1819 ରେଜିଷ୍ଟ୍ରାର

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨/୨୦୧୯ Bhubaneswar, Saturday, March 2/ 2019

# ଗୋରେଖନାଥଙ୍କ ଭୋଗ, ଦୀପ ଦୋକାନ ନିଲାମ

ରଘୁନାଥପୁର,୧।୩ (ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ କେରେକେରାସ୍ଥିତ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥଙ୍କ ବେଢା ଭିତରେ ଥିବା ଭୋଗ ଓ ଦୀପ ଦୋକାନ ନିଲାମ ହୋଇଛି। ଫୁଲ ଓ ଝାଁବାଳ ପାଇଁ ଜଣେ ହେଲେ ବି ଆବେଦନକାରୀ ଅଂଶଗ୍ରହଣ କରି ନ ଥିଲେ। ଭୋଗ ଦୋକାନ ପାଇଁ ଦୁଇଟି ଫର୍ମ ପଡିଥିବାବେଳେ ସର୍ବୋଚ୍ଚ ମୂଲ୍ୟ ପକାଇଥିବା ଜଗଦୀଶ ପ୍ରଧାନ ୫୫ ଲକ୍ଷ ୬ ହଜାର ଟଙ୍କାରେ ଏହାକୁ ନିଲାମ ଧରିଥିଲେ। ସେହିପରି ଦୀପ ପାଇଁ ପଡିଥିବା ଦୁଇଟି ଫର୍ମ ମଧ୍ୟରୁ ସର୍ବୋଚ୍ଚ ମୂଲ୍ୟ ପକାଇଥିବା ବିକାଶ କୁମାର ଦଳାଇ ଏହାକୁ ୩୩ ଲକ୍ଷ ୧୧ ହଜାର ଟଙ୍କାରେ ନିଲାମ ଧରିଥିଲେ। ତୃତୀୟ ପର୍ଯ୍ୟାୟ ନିଲାମ ପ୍ରକ୍ରିୟାରେ ଫୁଲ ଓ ଝାଁବାଳ ଦୋକାନ ଟେଣ୍ଡର ହୋଇ ନ ପାରିବା ସଂକ୍ରାନ୍ତରେ ଦେବୋତ୍ତର କମିଶନରଙ୍କୁ ଲିଖିତ ଭାବେ ଅବଗତ କରାଯିବା ସମ୍ପର୍କରେ ସହକାରୀ ଜିଲାପାଳ ପ୍ରମୋଦ କୁମାର ମହାପାତ୍ର କହିଥିଲେ। ଆସନ୍ତା ଏପ୍ରିଲ ୧ ରୁ ପୂର୍ବ ବର୍ଷର ନିଲାମଧାରୀ ଫୁଲ ଓ ଝାଁବାଳ ଦୋକାନ ବନ୍ଦ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଚଳିତ ୨୦୧୯-୨୦ ବର୍ଷ ପାଇଁ ଭୋଗ ଓ ଦୀପ ଦୋକାନ ଟେଣ୍ଡର ଧରିଥିବା ବ୍ୟକ୍ତି ଆସନ୍ତା ୭ ଦିନ ଭିତରେ ଅର୍ଥାତ ମାର୍ଚ୍ଚ ୮ ତାରିଖ ଅପରାହ୍ନ ୨ ଟା ସୁଦ୍ଧା ଧରିଥିବା ନିଲାମ ମୂଲ୍ୟର ୬୦ ପ୍ରତିଶତ ଟ୍ରଷ୍ଟବୋର୍ଡ କାର୍ଯ୍ୟାଳୟରେ ଡିପୋଜିଟ କରିବେ କିମ୍ବା ଟ୍ରଷ୍ଟବୋର୍ଡ ଆକାଉଣ୍ଟରେ ଡିପୋଜିଟ କରି ରସିଦ ପ୍ରଦାନ କରିବେ। ଅବଶିଷ୍ଟ ଟଙ୍କାର ୨୦ ପ୍ରତିଶତ ଚଳିତବର୍ଷ ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ଏବଂ ବାକି ୨୦ ପ୍ରତିଶତ ୨୦୨୦ ମାର୍ଚ୍ଚ ୩୧ ସୁଦ୍ଧା ଡିପୋଜିଟ୍ କରିବେ ବୋଲି ସହକାରୀ ଜିଲାପାଳ ମହାପାତ୍ର ନିଲାମଧାରୀଙ୍କୁ ସୂଚାଇ ଦେଇଥିଲେ। ନିଲାମ କାର୍ଯ୍ୟକ୍ରମରେ ଟ୍ରଷ୍ଟବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ସଂଗ୍ରାମ କେଶରୀ ଭଳ, ସଭ୍ୟ ପ୍ରମୋଦ ମହାନ୍ତି, ଆଇନଜୀବୀ ଜୀବନ ବଲ୍ଲଭ ମହାନ୍ତି, ସୁରେନ୍ଦ୍ରନାଥ ସ୍ୱାଇଁ, ପ୍ରଦୀପ୍ତ ମହାନ୍ତି, ସୁଶାନ୍ତ ଦାଶ ଓ କିରାଣି ସରୋଜ କୁମାର ସାହାଣୀ ଉପସ୍ଥିତ ଥିଲେ।



ଟେଣ୍ଡର ବାକ୍ସ ଖୋଲାଯାଉଛି।

## ଫୁଲ, ଝାଁବାଳ ପାଇଁ ପଡିଲାନି ଫର୍ମ

# ଦେହରେ ନିଆଁ ଲଗାଇ ମହିଳାଙ୍କ ଆତ୍ମହତ୍ୟା

ବାଲିକୁଦା,୧।୩(ସ୍ୱ.ପ୍ର.)

ବାଲିକୁଦା ଥାନା କଣିଆ ଗ୍ରାମର ଜଣେ ମହିଳା ଦେହରେ କିରୋସିନ ଢାଳି ନିଆଁ ଲଗାଇ ଶୁକ୍ରବାର ସକାଳେ ଆତ୍ମହତ୍ୟା କରିଛନ୍ତି। ସୂଚନା ଅନୁଯାୟୀ, କଣିଆ ଗ୍ରାମର ସୁଶାନ୍ତ ମହାନ୍ତିଙ୍କ ସ୍ତ୍ରୀ ମମତା(୪୫) କିଛିଦିନ ହେଲା ମାନସିକ ରୋଗର ଶିକାର ହୋଇଥିଲେ। ସେଥିପାଇଁ ସ୍ୱାମୀ ତାଙ୍କୁ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା କରାଉଥିଲେ। ପୂର୍ବରୁ ସେ କେତେଥର ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଶୁକ୍ରବାର ଭୋରରେ ସୁଶାନ୍ତ ବଜାରକୁ ଯିବା ପରେ ମମତା ନିଜ ଦେହରେ କିରୋସିନ ଢାଳି ଗାଧୁଆ ଘରେ ପଶି ଭିତର ପଟୁ କବାଟ ବନ୍ଦ କରି ନିଆଁ ଲଗାଇ ଦେଇଥିଲେ। ସେତେବେଳେ ତାଙ୍କ ଝିଅପୁଅ ଶୋଇଥିଲେ। ନିଆଁ ଗାଧୁଆ ଘର ଫାଇବର କବାଟରେ ଲାଗି ବାହାରକୁ ଧୂଆଁ ଆସିଥିଲା। ପିଲାମାନେ ଧୂଆଁ ଦେଖି ଚିତ୍କାର କରିଥିଲେ। କବାଟ ଭାଙ୍ଗି ଦେଖିଲାବେଳକୁ ମମତାଙ୍କ ମୃତ୍ୟୁ ହୋଇସାରିଥିଲା। ମମତାଙ୍କ ଭାଇ ପ୍ରଶାନ୍ତ ମହାନ୍ତି ବାଲିକୁଦା ଥାନାରେ ଏ ସମ୍ପର୍କରେ ଜଣାଇବା ପରେ ଏକ ଅପମୃତ୍ୟୁ ମାମଲା ନଂ. ୩/୧୯ ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏଏସଆଇ ଚିରଞ୍ଜୀବ ବେହେରା ଘଟଣାର ତଦନ୍ତ କରୁଛନ୍ତି। ମମତାଙ୍କର ଏକ ୨୫ ବର୍ଷର ଝିଅ ଓ ୨ ପୁଅ ଅଛନ୍ତି।




# ବେଆଇନ ମଦ କାରବାର ରୋକିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୧।୩(ବ୍ୟୁରୋ)

ଆଗକୁ ସାଧାରଣ ନିର୍ବାଚନ। ରାଜ୍ୟରେ ବେଆଇନ ମଦ କାରବାର ବୃଦ୍ଧି ପାଇବା ନେଇ ଆଶଙ୍କା ପ୍ରକାଶ ପାଇଛି। ଏ ନେଇ ରାଜ୍ୟ ଗୋଇନ୍ଦା ସଂସ୍ଥା ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେଇଛି। ହଠାତ ଚାହିଦା ବୃଦ୍ଧି ଘଟିବା ସମ୍ଭାବନା ଥିବାରୁ ବେଆଇନ ମଦ ବ୍ୟବସାୟୀ ଏହାର ଫାଇଦା ଉଠାଇବେ। ଆବଶ୍ୟକତାକୁ ମେଣ୍ଟାଇବାକୁ ବେଆଇନ ବିଷାକ୍ତ ମଦ ଓ ଔଷଧ ପାଇଁ ଉଦ୍ଦିଷ୍ଟ ବିଷାକ୍ତ ସାମଗ୍ରୀ ବିକ୍ରି ପରିମାଣ ବୃଦ୍ଧି ପାଇବ। ଏହାକୁ କଡାକଡି ଭାବେ ଯାଞ୍ଚ କରିବା ସହ ବେଆଇନ ମଦ ବ୍ୟବସାୟୀଙ୍କ ବିରୋଧରେ ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ଅବକାରୀ ବିଭାଗ ସଚିବ ନିକୁଞ୍ଜ କିଶୋର ଧଳ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ଓଡିଶା ଗସ୍ତରେ ଆସିଥିବା ଭାରତର ନିର୍ବାଚନ କମିଶନଙ୍କ ଏକ ଟିମ୍‌ ନିର୍ବାଚନ ପ୍ରସ୍ତୁତି ନେଇ ବିଭିନ୍ନ ରାଜନୈତିକ ଦଳ ଓ ସରକାରୀ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବେଆଇନ ମଦ କାରବାର ରୋକିବା ନେଇ ସରକାର ନେଇଥିବା ପଦକ୍ଷେପକୁ ଟିମ୍ ଉଦବେଗ ପ୍ରକାଶ କରିଥିଲେ।

# କେ.ଜି. ପଟେଲ ହେଲେ ଇଫ୍‌କୋ ୟୁନିଟ୍ ମୁଖ୍ୟ

ପାରାଦୀପ,୧।୩(ସ୍ୱ.ପ୍ର.)



ପାରାଦୀପରେ ଥିବା ଅନ୍ୟତମ ବୃହତ ସାର କାରଖାନା ଇଫ୍‌କୋର ୟୁନିଟ୍ ମୁଖ୍ୟ ଭାବେ କେ.ଜି.ପଟେଲ ଶୁକ୍ରବାର ଦାୟିତ୍ୱ ନେଇଛନ୍ତି। ପୂର୍ବରୁ ୟୁନିଟ୍ ମୁଖ୍ୟ ଥିବା ଏ.କେ. ପଣ୍ଡା ଗୁରୁବାର ଅବସର ନେଇଥିଲେ। ତାଙ୍କ ସ୍ଥାନରେ ପଟେଲ ପଦୋନ୍ନତି ପାଇ ଅବସ୍ଥାପିତ ହୋଇଛନ୍ତି। ସେ ଦାୟିତ୍ୱ ନେବା ପରେ ଇଫ୍‌କୋ ସହ ସଂଯୁକ୍ତ ଟ୍ରେଡ୍ ୟୁନିୟନ ମୁଖ୍ୟ, କର୍ମଚାରୀ ଓ ଅଫିସର୍ସ ସଂଘ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଛି। ଇଫ୍‌କୋ ସାରର ମାନ ଓ ଗୁଣବତ୍ତା ବଜାୟ ରଖିବା ସହ କାରଖାନା କର୍ମଚାରୀ, ଶ୍ରମିକ, ଜିଲା ପ୍ରଶାସନ ସହ ଆବଶ୍ୟକ ସମନ୍ୱୟ ରଖିବାକୁ ସେ ଗୁରୁତ୍ୱ ଦେବେ ବୋଲି ପଟେଲ କହିଛନ୍ତି।

# ଯୋଜନା ବୋର୍ଡ ଉପାଧ୍ୟକ୍ଷଙ୍କ ଶିଳ୍ପ ସମୀକ୍ଷା

ପାରାଦୀପ,୧।୩(ସ୍ୱ.ପ୍ର.)

ଯୋଜନା ବୋର୍ଡ ଉପାଧ୍ୟକ୍ଷ ବିଷ୍ଣୁ ଚରଣ ଦାସ ଶୁକ୍ରବାର ପାରାଦୀପ ଗସ୍ତରେ ଆସି ଶିଳ୍ପସଂସ୍ଥା ସମ୍ପର୍କରେ ସମୀକ୍ଷା ବୈଠକ କରିଛନ୍ତି। ତେବେ ଉକ୍ତ ବୈଠକରେ ଜିଲା ପ୍ରଶାସନ ଓ ଅଧିକାଂଶ ଶିଳ୍ପ ସଂସ୍ଥାର ପ୍ରତିନିଧି ଅନୁପସ୍ଥିତ ଥିବାରୁ ଆଲୋଚନା ନୈରାଶ୍ୟଜନକ ଭାବେ ଶେଷ ହୋଇଛି। ନେହେରୁ ବଙ୍ଗଳା ଜବାହାର ଅତିଥି ଭବନଠାରେ ଅନୁଷ୍ଠିତ ଉକ୍ତ ବୈଠକ ମାତ୍ର ୧୦ ମିନିଟ୍‌ରେ ସରିଥିଲା। କେତେକ ଶିଳ୍ପ ପ୍ରତିନିଧି ପରେ ଯାଇ ବ୍ୟକ୍ତିଗତ ଭାବେ ଦାସଙ୍କୁ ଦେଖା କରି ବିଭିନ୍ନ କାଗଜପତ୍ର ଦେଇଥିଲେ। ସନ୍ଧ୍ୟାରେ ଇଫ୍‌କୋ ଅତିଥି ଭବନରେ ସଂକ୍ଷିପ୍ତ ବୈଠକ ସେହି କାରଖାନାକୁ ନେଇ ହୋଇଥିଲା। ଶିଳ୍ପ ସଂସ୍ଥାରେ ନିଯୁକ୍ତି, ପ୍ରଦୂଷଣ, ସିଏସ୍‌ଆର ଅର୍ଥ ଖର୍ଚ୍ଚର ବିବରଣୀ ସମ୍ପର୍କରେ ଏଥିରେ ସମୀକ୍ଷା ହେବାର ଥିଲା। ତେବେ ପ୍ରଶାସନିକ ଅଧିକାରୀମାନେ ଅନୁପସ୍ଥିତ ରହିବାକୁ ନେଇ ଦାସ କ୍ଷୋଭ ପ୍ରକାଶ କରିଛନ୍ତି।

## ଜୀବନ ବିନ୍ଦୁରେ ଦମ୍ ଦେଖାଇଲେ ସନ୍ତୋଷ

# ପ୍ରଥମ ଦିନରେ ୨୨୭୭ ୟୁନିଟ ରକ୍ତ ସଂଗ୍ରହ

ପାରାଦୀପ,୧।୩(ସ୍ୱ.ପ୍ର.)

ପାରାଦୀପ ଉପକଣ୍ଠ ଜିରୋ ପଏଣ୍ଟଠାରେ ଶୁକ୍ରବାର ୨ଦିନିଆ ଜୀବନବିନ୍ଦୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପୂର୍ବଭାରତ ତୈଳ ବିଶୋଧନାଗାର ଶ୍ରମିକ ସଂଘ ପକ୍ଷରୁ ଆୟୋଜିତ ଏହି ଶିବିରରେ ପ୍ରଥମ ଦିନ ସନ୍ଧ୍ୟା ସୁଦ୍ଧା ୨୨୭୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ପୂର୍ବାହ୍ନରେ ସଂଘ ସଭାପତି ସନ୍ତୋଷ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ତଥା ଜିଲା ବିଜେଡି ସଭାପତି ବିଷ୍ଣୁ ଚରଣ ଦାସ ଉଦ୍‌ଘାଟନ କରିଥିଲେ। ଜୀବନବିନ୍ଦୁ ରାଜ୍ୟ ସଂଯୋଜକ ବିଜୟ କୁମାର ନାୟକ, ପୂର୍ବତନ ଟ୍ରଷ୍ଟି ତଥା ପରିଦାର ସମ୍ପାଦକ ସରୋଜ କୁମାର ପଟ୍ଟନାୟକ, ବିଜେଡିର ରାଜ୍ୟ ମହିଳା ସମ୍ପାଦିକା ମିନତୀ ଦାସ, ଅମରେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏମ୍‌ପି କୁଳମଣି ସାମଲ ଆସି ରକ୍ତଦାତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସୂଚନାଯୋଗ୍ୟ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୩ତମ ଜୟନ୍ତୀ ଉପଲକ୍ଷେ ଏହି କାର୍ଯ୍ୟକ୍ରମ କରାଯାଉଛି। ପୂର୍ବରୁ ଏହି ସଂଘ ବିଜୁଙ୍କ ଜନ୍ମ ଶତବାର୍ଷିକରେ ଜୀବନବିନ୍ଦୁ କାର୍ଯ୍ୟକ୍ରମ କରି ୪୦୦୬ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲା। ଏଥିପାଇଁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ। ସାଧାରଣ ନିର୍ବାଚନ ପୂର୍ବରୁ ସନ୍ତୋଷ ଏଭଳି ବଡ଼ ଧରଣର କାର୍ଯ୍ୟକ୍ରମ କରିବା ଚର୍ଚ୍ଚାର ବିଷୟ ହୋଇଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ରୋଗୀ କଲ୍ୟାଣ ସମିତି ବୈଠକ



**ଖଣ୍ଡପଡ଼ା,୧।୩(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅଧୀନ ନୂଆଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମିଳନୀ କକ୍ଷରେ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବୁଧବାର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡ.ବିଭୂତି ଭୂଷଣ ନାୟକ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ନେଇ ବୈଠକରେ ଦାବି ଉପସ୍ଥାପନ ପୂର୍ବକ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପାନୀୟ ଜଳ, ଆଲୋକୀକରଣ ଓ ପ୍ରାଚୀର ନିର୍ମାଣ ନିମନ୍ତେ ଏଠାରେ ଆଲୋଚନା କରାଯାଇଥିଲା। ଜିଲା ପରିଷଦ ଅଧ୍ୟକ୍ଷା ବୈଜୟନ୍ତୀମାଳା ମହାନ୍ତି ଅତିଥି ରୂପେ ବୈଠକରେ ଉପସ୍ଥିତ ଥିଲେ। କୁମ୍ଭାରପଡ଼ା ଓ ରୟତଡୋଲମରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ରୋଗୀମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ବିଧାୟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ।

### ଦଳବେହେରାଙ୍କ ସ୍ମୃତିଚାରଣ ସଭା

**ବୋଲଗଡ଼,୧।୩(ଡି.ଏନ.ଏ.):** ବୋଲଗଡ଼ ଗଡର ଦଳବେହେରା ତଥା ଶିକ୍ଷାବିତ୍ ଓ କବି ସ୍ୱର୍ଗତ ରାମଚନ୍ଦ୍ର ପଶ୍ଚିମକବାଟ ଦଳବେହେରାଙ୍କ ସ୍ମୃତିଚାରଣ ସଭା ଶୁକ୍ରବାର ସନ୍ଧ୍ୟାରେ ତାଙ୍କ ବାସଭବନଠାରେ ଅନୁଷ୍ଠିତ ହୋଇଛି। ସ୍ୱର୍ଗତ ଦଳବେହେରାଙ୍କ ଏକାଦଶାହ ତିଥି ଅବସରରେ ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ସଭା ଆୟୋଜିତ ହୋଇଥିଲା। ତାଙ୍କ ଫଟୋଚିତ୍ରରେ ଅତିଥିମାନେ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ଏଠାରେ ଶ୍ରୀମଦ୍ ଭଗବଦ୍ ଗୀତା, କବିତାପାଠ ଆଦି ଆୟୋଜିତ ହୋଇଥିଲା। ଶିକ୍ଷାବିତ୍ ସୁମନ୍ତ ଛୋଟରାୟଙ୍କ ପୌରୋହିତ୍ୟରେ ଅୟୋଜିତ ସଭାରେ ଅତିଥି ଭାବେ କାଳିଚରଣ ଜୟସିଂହ, ଯୋଗୀନାଥ ବଳିୟାରସିଂହ, କୃଷ୍ଣମୋହନ ପାଲଟାସିଂହ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଘୁନାଥ ଷଡଙ୍ଗୀ, ରିଷଭ ନନ୍ଦ, ଇଂ.ଅକ୍ଷୟ କୁମାର ପଟ୍ଟନାୟକ, ହରିବନ୍ଧୁ ସାହୁ, ବାଲ୍ମୀକ ବଳିୟାରସିଂହ ଓ ଗୋପୀନାଥ ଖାଡ଼େଙ୍ଗା ପ୍ରମୁଖ ଯୋଗଦେଇଥିଲେ।

### ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ



**ରଣପୁର,୧।୩(ସ୍ୱ.ପ୍ର.):** ରଣପୁର ମା' ମଣିନାଗ ପୀଠରେ ଶୁକ୍ରବାର ବିଧାୟକ ରବି ନାରାୟଣ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏକ ବୃହତ୍ ପାନୀୟଜଳ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ନୟାଗଡ଼ ଜିଲା ରଣପୁର ବିଜ୍ଞାପିତ ଅଞ୍ଚଳରେ ଦୀର୍ଘଦିନ ଧରି ପାନୀୟ ଜଳ ସମସ୍ୟା ଦୂର କରିବା ନେଇ ଦାବି ହୋଇଆସୁଥିଲା। ଏହାର ସମାଧାନ ନିମନ୍ତେ ୨୦୧୫ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨କୋଟି ୭୬ଲକ୍ଷ ଟଙ୍କା ବ୍ୟୟରେ ଉକ୍ତ ସ୍ଥାନରେ ଏକ ବୃହତ୍ ପାନୀୟଜଳ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ତେବେ ୩ବର୍ଷ ପରେ ଏହାର କାର୍ଯ୍ୟ ଶେଷ ହୋଇଥିବାରୁ ଏବଂ ବିଧାୟକ ଏହାକୁ ଲୋକାର୍ପିତ କରିଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଏହାଦ୍ୱାରା ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦସ୍ଥିତ ୧୫ଟି ୱାର୍ଡର ଜନସାଧାରଣ ସୁବିଧାରେ ପାନୀୟ ଜଳ ପାଇପାରିବେ। ଏହି ଅବସରରେ ଆୟୋଜିତ ଏକ ସଭାରେ ପରିଷଦର ୩୧୦ ଜଣ ହିତାଧିକାରୀଙ୍କୁ ବିଧାୟକ ଆବାସ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜେଡି ନେତା ସିଦ୍ଧାର୍ଥ ପଣ୍ଡା, ଉପନିର୍ବାହୀ ଯନ୍ତ୍ରୀ(ପିଏଚ୍‌ଡି, ନୟାଗଡ) ଅମରେନ୍ଦ୍ର ପାଢ଼ୀ, ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ସବିତା ଦାସ, ଉପାଧ୍ୟକ୍ଷ ପ୍ରିୟବ୍ରତ ପ୍ରହରାଜ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ୯ ନମ୍ବର ୱାର୍ଡ ସଭ୍ୟା କମଳାକ୍ଷୀ ଦେବୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଗାଁ କଲ୍ୟାଣ ସମିତି ସମ୍ମିଳନୀ

**କୃଷ୍ଣପ୍ରସାଦ,୧।୩(ଡି.ଏନ.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀ ଚିଲିକା-ନୂଆପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଛି। ବ୍ଲକ ମୁଖ୍ୟ ଚିକିତ୍ସା ଅଧିକାରୀ ସନ୍ତୋଷ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସ୍ୱାସ୍ଥ୍ୟ ନିରୀକ୍ଷକ ଝାଡେଶ୍ୱର ମାଝି, ସ୍ୱାସ୍ଥ୍ୟ ପରିଚାଳକ ସୁନୀଲ କୁମାର ସାମନ୍ତସିଂହାର, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ ବାସନ୍ତୀ ପ୍ରଧାନ ଯୋଗଦେଇଥିଲେ।

---

■ ମ୍ୟୁନିସିପାଲିଟି ହେଲା ନୟାଗଡ଼ ଏନ୍ଏସି

## ସହରବାସୀଙ୍କ ସମସ୍ୟା ସମାଧାନ ନୋହିଲା

■ସ୍ଥାନାନ୍ତର ହୋଇପାରିଲା ନାହିଁ ପରିବା ଗୋଦାମ

■ଲୋକଙ୍କୁ ଅତିଷ୍ଠ କରୁଛି ଟ୍ରାଫିକ୍ ସମସ୍ୟା

**ନୟାଗଡ଼ ଅଫିସ,୧।୩**

ଗତ ୧୧ ତାରିଖରେ ନୟାଗଡ଼ ଏନ୍ଏସିକୁ ମ୍ୟୁନିସିପାଲିଟି ଘୋଷଣା କରାଗଲା। ୨୩ ତାରିଖରେ ଏ ନେଇ ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଧୁମ୍‌ଧାମରେ ଉଦ୍‌ଘାଟନୀ ଉତ୍ସବ ପାଳନ ହେଲା। ହେଲେ ପୂର୍ବଭଳି ସହରରେ ବିଭିନ୍ନ ସମସ୍ୟା ଲାଗି ରହିଛି। ବଜାରରେ କୁଢ଼ କୁଢ଼ ଅଳିଆ ଅପରାହ୍ନ ପର୍ଯ୍ୟନ୍ତ ଗଦା ହୋଇ ରହୁଛି। ବିଶେଷ କରି ସହର ମଝିରେ ଥିବା ପରିବା ଗୋଦାମ ସ୍ଥାନାନ୍ତର ହୋଇପାରି ନାହିଁ। ଏହାକୁ ନେଇ ସୃଷ୍ଟି ହେଉଥିବା ଟ୍ରାଫିକ୍ ସମସ୍ୟା ଲୋକଙ୍କୁ ଅତିଷ୍ଠ କରିଦେଉଛି। ଏହାର ସମାଧାନ ପାଇଁ ବିଭିନ୍ନ ମହଲରେ ଦାବି ହେଉଥିବା ବେଳେ ପ୍ରଶାସନ ନିଦାବିଷ୍ଣୁ ସାଜିଥିବା ଦେଖିବାକୁ ମିଳୁଛି। ସହରରେ ରହୁଥିବା ଜଣେ ବୁଦ୍ଧିଜୀବୀଙ୍କ କହିବା କଥା ହେଲା, ପୌରପାଳିକା ହୋଇଗଲେ କ'ଣ ହେବ, ସହରବାସୀଙ୍କ ସମସ୍ୟା ସମାଧାନ କରିବାରେ ପ୍ରଶାସନ ଫେଲ୍ ମାରିଛି।

ପ୍ରକାଶ ଯେ, ସହର ମଝିରେ ଥିବା ପରିବା ଗୋଦାମଗୁଡ଼ିକ ସ୍ଥାନାନ୍ତର ପାଇଁ ବିଭିନ୍ନ ମହଲରୁ ଦାବି ହେବା ପରେ ଅଚାନକ ୨ ଏପ୍ରିଲ୍ ୨୦୧୮ରେ ତତ୍କାଳୀନ ଜିଲାପାଳ ଅରିନ୍ଦମ ଡାକୁଆ ରାତି ୧୦ଟାରେ ଚଢ଼ାଉ କରି ୨୩ ଗୋଦାମକୁ ସିଲ୍ କରିଥିଲେ। ଦୁଇ ଦିନ ଯାଇଛି କି ନାହିଁ ଅର୍ଥାତ୍ ୪ ତାରିଖ ସକାଳୁ ପୁଣି ଗୋଦାମ ଖୋଲାଯାଇଥିବା ଦେଖାଗଲା। ଏ ନେଇ ଏନ୍ଏସି ପକ୍ଷରୁ ଖଣ୍ଡପଡ଼ା ରୋଡ଼ସ୍ଥିତ ଆରଏମ୍‌ସି (ନିୟନ୍ତ୍ରିତ ବଜାର କମିଟି) ବାହାଡ଼ାଖୋଲା ପ୍ରାଙ୍ଗଣରେ ଗୋଦାମ କରାଯାଇ ପରିବା ଦୋକାନୀମାନଙ୍କୁ ସେଠାରେ ବିକ୍ରି କରାଯିବା ପାଇଁ ଘର ତିଆରି କରାଗଲା। ଅକ୍ଟୋବର ଶେଷ ସୁଦ୍ଧା ଏହାକୁ ଶେଷ କରାଯାଇ ପରିବା ଗୋଦାମ ସ୍ଥାନାନ୍ତର କରାଯିବ ବୋଲି ଏନ୍ଏସି ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଗୋଦାମ ଘର ପିଛା ୨ଲକ୍ଷ ଟଙ୍କା ନିଆଯାଇ ୨୩ ଜଣ ମାଲିକଙ୍କଠାରୁ ୪୬ ଲକ୍ଷ ଟଙ୍କା ଦୋକାନ ଗୃହ ପାଇଁ ଡ଼ିପୋଜିଟ ନେଲେ। ହେଲେ ଅକ୍ଟୋବର ଯାଇ ମାର୍ଚ୍ଚ ମାସ ଆରମ୍ଭ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଏହାର ସମାଧାନ ହୋଇପାରିଲା ନାହିଁ। ଗୋଦାମରୁ ମାଲ ଲୋଡ଼ିଂ ଓ ଅନ୍‌ଲୋଡ଼ିଂ ସମୟରେ ଲୋକମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଗୋଦାମ ଆଗରେ ମାଲିକମାନେ ପରିବା ବିକ୍ରି କରୁଥିବାରୁ ଏହା ମଧ୍ୟ ଆଉ ଏକ ସମସ୍ୟା ପାଲଟିଛି। ପାର୍କିଂ ସୁବିଧା ନ ଥିବାରୁ ଲୋକମାନେ ରାସ୍ତା ମଝିରେ ବାଇକ୍ ରଖି ପନିପରିବା କିଣୁଛନ୍ତି। ପୂର୍ବରୁ ଲୋକମାନେ ଯେଉଁଭଳି ଭାବେ ଟ୍ରାଫିକ୍ ସମସ୍ୟାରେ ଫଶୁଥିଲେ ତାହା ଏବେ ବି ଜାରି ରହିଛି। ଏ ନେଇ ନୟାଗଡ଼ ପୌରପରିଷଦର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନାଙ୍କୁ ପଚାରିବାରୁ ସେ କହିଥିଲେ, ଆରଏମ୍‌ସିକୁ ଆମେମାନେ ଏ ଦାୟିତ୍ୱ ଦେଇଦେଇଛୁ। ଆରଏମ୍‌ସି ମାର୍କେଟ ବିଲ୍ଡିଂ କରି ଆମକୁ ଚାବି ହସ୍ତାନ୍ତର କଲେ ପରିବା ଗୋଦାମଗୁଡ଼ିକ ସ୍ଥାନାନ୍ତର କରାଯିବ। ଏ ନେଇ ଆରଏମ୍‌ସିର ସମ୍ପାଦକ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ କହନ୍ତି, ଗୋଦାମ ଗୃହ କାର୍ଯ୍ୟ ଶେଷ ହୋଇଯାଇଛି, ସପ୍ତାହକ ମଧ୍ୟରେ ଗୋଦାମ ଘରଗୁଡ଼ିକ କାର୍ଯ୍ୟକ୍ଷମ କରାଯିବ। କେବେ ଏହାର ସମାଧାନ ହେଉଛି ତାହାକୁ ସହରବାସୀ ଅପେକ୍ଷା କରିଛନ୍ତି।



ପରିବା ଗୋଦାମ ସ୍ଥାନାନ୍ତର ନ ହେବାରୁ ଦେଖାଦେଇଥିବା ଟ୍ରାଫିକ୍ ସମସ୍ୟା।

---

■ ପୋଲିସକୁ ଲୁଟେରାଙ୍କ ଖୋଲା ଚ୍ୟାଲେଞ୍ଜ

## ବନ୍ଧୁକ ମୁନରେ ଲକ୍ଷାଧିକ ଟଙ୍କା ଲୁଟ୍

**ନୟାଗଡ଼ ଅଫିସ/ଗଣିଆ (ଡି.ଏନ୍.ଏ.),୧।୩**

ନୟାଗଡ଼ ଜିଲାରେ ବାରମ୍ବାର ଲୁଟ୍ ଘଟଣା ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଦୁଇଦିନ ତଳେ ଖଣ୍ଡପଡ଼ା ଅଞ୍ଚଳର ଜଣେ ବୃଦ୍ଧଙ୍କଠାରୁ ୨ଲକ୍ଷ ଟଙ୍କା ଲୁଟ୍ ହୋଇଥିବାବେଳେ ଶୁକ୍ରବାର ଏହାର ପୁନରାବୃତ୍ତି ଘଟିଛି। ସନ୍ଧ୍ୟା ୭ଟା ସମୟରେ ଗଣିଆ ଥାନା ଜଗନ୍ନାଥପ୍ରସାଦ ଛକଠାରୁ ଅଳ୍ପ ଦୂରରେ ୫ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଜଣେ ଗୋରୁ ବେପାରୀଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟିନେଇଛନ୍ତି। ମିଳିଥିବା ସୂଚନା ଅନୁସାରେ କଟକ ଜିଲା କାନପୁର ଥାନା ଚଷା ବାରବାଟୀ ଗ୍ରାମର ପ୍ରସନ୍ନ କୁମାର ମଲ୍ଲିକ ଜଣେ ସହଯୋଗୀଙ୍କ ସହିତ ପିକ୍‌ଅପ୍ ଭ୍ୟାନରେ ନୂଆଗାଁ ବ୍ଲକ ବାହାଡ଼ାଖୋଲା ହାଟକୁ କିଣିଥିବା ଗୋରୁଙ୍କ ଟଙ୍କା ଦେବାକୁ ଯାଉଥିଲେ। ଜଗନ୍ନାଥପ୍ରସାଦ ଛକ ନିକଟରେ ହଠାତ୍ ୫ ଜଣ ଦୁର୍ବୃତ୍ତ ୨ଟି ବାଇକ୍‌ରେ ଆସି ଭ୍ୟାନ ଅଟକାଇଥିଲେ। ପରେ ସେମାନେ ପ୍ରସନ୍ନଙ୍କ ମୁଣ୍ଡରେ ମାଉଜର ଲଗାଇ ଟଙ୍କା ଲୁଟ୍ କରି ଫେରାର ହୋଇଯାଇଥିଲେ। ପରେ ପ୍ରସନ୍ନ ଏ ନେଇ ଗଣିଆ ଥାନାରେ ଅଭିଯୋଗ କରିଥିଲେ। ଘଟଣାସ୍ଥଳରେ ଏସପି ଶଶିଭୂଷଣ ଶତପଥୀ ପହଞ୍ଚି ତଦନ୍ତ କରିଛନ୍ତି। ଏସ୍‌ପି କହନ୍ତି, ଘଟଣା ପରେ ଥାନାରେ ୮/୧୯ରେ ମାମଲା ରୁଜୁ ସହ ଏକ ଟିମ୍ କରାଯାଇ ବିଭିନ୍ନ ସ୍ଥାନରେ ଚଢାଉ କରାଯାଉଛି। କାନପୁର ଅଞ୍ଚଳରୁ ଦୁର୍ବୃତ୍ତମାନେ ଗାଡ଼ିକୁ ପିଛା କରି ଆସୁଥିବାରୁ ଉକ୍ତ ଗ୍ରାମରେ ମଧ୍ୟ ଚଢାଉ କରାଯାଉଛି। ପ୍ରସନ୍ନଙ୍କଠାରୁ ଲକ୍ଷେରୁ ଅଧିକ ଟଙ୍କା ଲୁଟ୍ ହୋଇଥିବା ଶତପଥୀ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ ଦୁଇଦିନ ତଳେ ଖଣ୍ଡପଡ଼ା ଥାନା ନିକଟ ୟୁକୋ ବ୍ୟାଙ୍କ ସମ୍ମୁଖରୁ ୨ ଜଣ ଦୁର୍ବୃତ୍ତ ଫତେଗଡ଼ ଗ୍ରାମର ଜଗନ୍ନାଥ ଦାସ ନାମକ ବୃଦ୍ଧଙ୍କଠାରୁ ୨ ଲକ୍ଷ ଟଙ୍କା ଛଡ଼ାଇ ନେଇଥିଲେ। ଏହା ପୂର୍ବରୁ କଣ୍ଟିଲୋ ଅଞ୍ଚଳର କେତେଜଣ ଯୁବକ ଜଣେ ସୁନା ବ୍ୟବସାୟୀଙ୍କୁ ବନ୍ଧୁକରେ ପିଟି ୪୦ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଥିଲେ। ଜିଲାରେ ଏଭଳି ଘଟଣା ବୃଦ୍ଧି ପାଉଥିବାରୁ ସାଧାରଣ ଲୋକେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଘଟଣାର ପର୍ଦ୍ଦାଫାସ ହେଉ ନ ଥିବାରୁ ପୋଲିସର କାର୍ଯ୍ୟଦକ୍ଷତା ଉପରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

---

## ମଦ ଜବତ, ୪ ଜଣ କୋର୍ଟ ଚାଲାଣ

**ବୋଲଗଡ଼,୧।୩(ଡି.ଏନ.ଏ.)**

ବୋଲଗଡ଼ ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୯୭ ବୋତଲ ଏବଂ କିଛି ପାଉଚ ଦେଶୀ/ବିଦେଶୀ ମଦ ଜବତ କରିଛି। ବେଆଇନ ଭାବେ ମଦ ବିକ୍ରି କରୁଥିବା ଅଭିଯୋଗରେ ୪ ଅଭିଯୁକ୍ତଙ୍କୁ ଶୁକ୍ରବାର ଖୋର୍ଦ୍ଧା କୋର୍ଟଚାଲାଣ କରାଯାଇଥିବା ଥାନା ସୂତ୍ରରୁ ପ୍ରକାଶ। ଅଭିଯୁକ୍ତମାନେ ହେଲେ ମାଣିକାଗୋଡ଼ା ଗିରିଶ ଚନ୍ଦ୍ରପ୍ରସାଦ ଗ୍ରାମର ମଧୁ ପ୍ରଧାନ (୫୦), ପ୍ରଫୁଲ୍ଲ ପ୍ରଧାନ(୪୨), ବୋଲଗଡର ରାଘବ ସାହୁ (୬୮) ଏବଂ ମାଳିସାହି ଗ୍ରାମର ଦେବରାଜ ନାଏକ(୫୦)। ଏ ସଂକ୍ରାନ୍ତରେ ଓଡ଼ିଶା ଅବକାରୀ ଆଇନ ଅନୁସାରେ ପୋଲିସ ବୋଲଗଡ଼ ଥାନାରେ ୪ଟି ମାମଲା ରୁଜୁ କରିଥିବା ନେଇ ଥାନା ଇନ୍ସପେକ୍ଟର ସେଖ୍ ଆକବର ଅଲ୍ଲୀ ସୂଚନା ଦେଇଛନ୍ତି।

---

■ ବିଜୁ ଯୁବ କର୍ମୀ ସମ୍ମିଳନୀ

## ୩ ଦିଗ ଉପରେ ଧ୍ୟାନ ଦେବାକୁ ପରାମର୍ଶ

**ନୟାଗଡ଼ ଅଫିସ,୧।୩**

ନୟାଗଡ଼ ବ୍ଲକର ସମସ୍ତ ୨୯ଟି ପଞ୍ଚାୟତ ଓ ମ୍ୟୁନିସିପାଲିଟିର ବିଜୁ ଯୁବ କର୍ମୀମାନଙ୍କୁ ନେଇ ଡିଆରଡ଼ିଏ ରୋଡ଼ ତୋଟାଠାରେ ଶୁକ୍ରବାର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ବ୍ଲକ ବିଜେଡି ସଭାପତି ଶ୍ରବଣ କୁମାର ରାମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ସ୍ଥାନୀୟ ବିଧାୟକ ଡ. ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଯୁବକମାନଙ୍କୁ ୩ଟି ଦିଗ ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ଠିକ୍ ସମୟରେ ଠିକ୍ କାମ କରିବା, ଶୃଙ୍ଖଳିତ ହେବା ଓ ସମାଜସେବା ଦିଗରେ ମନୋନିବେଶ କରିବାକୁ ସେ କହିଥିଲେ। କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ କପି କରୁଛନ୍ତି। ତେଣୁ କେନ୍ଦ୍ର ଉପରେ ଭରସା ନ କରି ବିଜେଡ଼ିକୁ ପୁନର୍ବାର ଭୋଟ ଦେଇ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବାକୁ ଅନୁରୋଧ କରିଥିଲେ। ନୟାଗଡ଼ରେ ଶାନ୍ତି ବଜାୟ ରଖିବା ସହ ପ୍ରଗତିର ଦାୟିତ୍ୱ ତାଙ୍କ ଉପରେ ଛାଡ଼ିଦେବା ପାଇଁ ବିଧାୟକ ସାହୁ ଯୁବକମାନଙ୍କୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ବିଜୁ ଯୁବ ବିଜେଡି ସଭାପତି ରମେଶ ଚନ୍ଦ୍ର ସାହୁ, ରାଜ୍ୟ ଯୁବ ବିଜେଡି ସମ୍ପାଦକ ଅନୱର ଅଲ୍ଲୀ, ଛାତ୍ରୀ ନେତ୍ରୀ ସ୍ମୃତିପ୍ରିୟା ସୁବୁଦ୍ଧି, ନୟାଗଡ଼ ବ୍ଲକ ଯୁବ ବିଜେଡି ସଭାପତି ଦୁର୍ଯ୍ୟୋଧନ ବେହେରା, ନୟାଗଡ଼ ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି କିଶୋର ଚନ୍ଦ୍ର ସାହୁ, ଗଙ୍ଗାଧର ପଣ୍ଡା, ପୂର୍ବତନ ନଗରପାଳ ଗୁରୁପ୍ରସାଦ ଜେନା ପ୍ରମୁଖ ଉପସ୍ଥିତ ରହି ନୟାଗଡ଼ ବ୍ଲକ ଓ ମ୍ୟୁନିସିପାଲିଟିରେ ହୋଇଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଥିଲେ। ଏହି ଅବସରରେ ଖମାରସାହି ଗ୍ରାମର ବେଣୁଧର ମହାନ୍ତି ଭାଜପା ଛାଡ଼ି ବିଜେଡ଼ିରେ ଯୋଗଦାନ କରିଥିଲେ। ବୈଠକରେ ହଜାର ହଜାର ଯୁବତୀଯୁବକ ଯୋଗ ଦେଇଥିଲେ।




ସମ୍ମିଳନୀରେ ବିଧାୟକଙ୍କ ସମେତ ଉପସ୍ଥିତ ନେତୃବୃନ୍ଦ।

---

■ ଦୁର୍ଘଟଣାରେ ଟ୍ୟୁଶନ୍ ଛାତ୍ରୀ ମୃତ

## ଉତ୍ତେଜନା, ରାସ୍ତାରୋକୋ

**ଖଣ୍ଡପଡ଼ା,୧।୩(ସ୍ୱ.ପ୍ର.)**

ଟ୍ୟୁଶନ୍‌କୁ ଯାଉଥିବାବେଳେ ଶୁକ୍ରବାର ଅପରାହ୍ନ ୪.୩୦ରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଖଣ୍ଡପଡ଼ା ଥାନା ଅଞ୍ଚଳର ଜଣେ ଛାତ୍ରୀଙ୍କର ମୃତ୍ୟୁ ଘଟିଛି । ଛାତ୍ରୀ ଜଣକ ହେଲେ ଖଣ୍ଡପଡ଼ା ବ୍ଲକ୍ ବେଣାଗାଡ଼ିଆ ପଞ୍ଚାୟତ ଅନ୍ତର୍ଗତ ଗୋପୀନାଥପୁର ଗ୍ରାମର ସନାତନ ରାଉତଙ୍କ ୭ମ ଶ୍ରେଣୀରେ ପଢୁଥିବା ଝିଅ ଦୀପାଞ୍ଜଳି ରାଉତ (୧୩)। ଏ ନେଇ ଘଟଣା ସ୍ଥଳରେ ଉତ୍ତେଜନା ସୃଷ୍ଟି ହେବା ସହ ସ୍ଥାନୀୟ ବାସିନ୍ଦା ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଫଳରେ ଯାତାୟତକାରୀ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ପରେ ଖଣ୍ଡପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଘଟଣାରୁ ପ୍ରକାଶ, ଦୀପାଞ୍ଜଳି ସାଇକେଲ୍ ଯୋଗେ ଏକ ଘରୋଇ ଟ୍ୟୁଶନ୍‌କୁ ଯାଉଥିବା ବେଳେ ବ୍ରାହ୍ମଣୀଦେବୀ ମନ୍ଦିର ପୂର୍ବରୁ ବାଣପୁର-ବେଣାଗାଡ଼ିଆ ରାସ୍ତା ନିକଟରେ ବେଣାଗାଡିଆରୁ ଆସୁଥିବା ଏକ ଅଟୋ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଜୋର୍‌ରେ ରାସ୍ତା ଉପରେ ଛିଟିକି ପଡ଼ିଥିଲେ । ଛାତ୍ରୀଙ୍କ ଡାହାଣ ପାର୍ଶ୍ୱ ମୁଣ୍ଡରେ ଗଭୀର ଆଘାତ ଲାଗିବା ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ସ୍ଥାନୀୟ ଲୋକେ ଉତ୍ତେଜିତ ହୋଇ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଅଟୋଚାଳକଙ୍କୁ ଗିରଫ ସହ ଛାତ୍ରୀଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦାବିରେ ଟାୟାର୍ ଜାଳି ରାସ୍ତାରୋକୋ କରିଥିଲେ। ଫଳରେ ଉଭୟ ଦିଗରେ ଯାତାୟାତ ବନ୍ଦ ରହିଥିଲା। ଖବର ପାଇ ଖଣ୍ଡପଡ଼ା ଏସ୍‌ଡିପିଓ ଶ୍ରୀନିବାସ ମହାନ୍ତି, ଥାନା ଅଧିକାରୀ ବିମଳ କୁମାର ମଲ୍ଲିକ, କଣ୍ଟିଲୋ ଫାଣ୍ଡି ଅଧିକାରୀ ଜୟପ୍ରକାଶ ପରିଡ଼ା ଦୁର୍ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ । ଖବର ଲେଖା ହେବା ପର୍ଯ୍ୟନ୍ତ ରାସ୍ତାରୋକୋ ଜାରି ରହିଥିଲା। ତେବେ ଦୁର୍ଘଟଣା ପରେ ଅଟୋ ଡ୍ରାଇଭର୍ ଜଣକ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛନ୍ତି।



ଟାୟାର ଜାଳି ରାସ୍ତାରୋକୋ କରାଯାଇଛି।

---

## ବିଧାୟକଙ୍କ ଦ୍ୱାରା ବିଜୁ ସେତୁର ଶିଳାନ୍ୟାସ

**ଭାପୁର,୧।୩(ଡି.ଏନ.ଏ.)**

ଭାପୁର ବ୍ଲକ କରବର ପଞ୍ଚାୟତ ଓ ଫତେଗଡ଼ ସଂଯୋଗ କରୁଥିବା କରବର ମଣିପୁର ରାସ୍ତାରେ ଏକ ବିଜୁ ସେତୁ ନିର୍ମାଣ ପାଇଁ ଶୁକ୍ରବାର ଅପରାହ୍ନରେ ଗଣ୍ଡପଦା ବିଧାୟକ ଅନୁଭବ ପଟ୍ଟନାୟକ ଶିଳାନ୍ୟାସ କରିଛନ୍ତି। ୪ କୋଟି ୮୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଟାଙ୍ଗିସାହି ନାଳରେ ଏହି ସେତୁ ନିର୍ମାଣ ହେବ। ଏହି ସେତୁ ନିର୍ମାଣ ହେଲେ କରବର ପଞ୍ଚାୟତର ଶାସନ, ଫତେଗଡ଼ ପଞ୍ଚାୟତର ୧୦ ହଜାର ଲୋକ ଉପକୃତ ହେବେ। ଉତ୍ସବରେ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ମହାନ୍ତି, ଗୋଲକ ବିହାରୀ ରାଉତ, ବିଜୟ କୁମାର ପଟ୍ଟନାୟକ, ଗ୍ରାମ୍ୟ ଉନ୍ନୟନ ବିଭାଗର ୨ ସହକାରୀ ଯନ୍ତ୍ରୀ ସନ୍ଦିପ କୁମାର ଛୁଆଳ ସିଂହ, ଦିଲୀପ କୁମାର ବରାଳ ଯୋଗ ଦେଇଥିଲେ।

---

## ୧୦୦ ଲିଟର ଦେଶୀ ମଦ ଜବତ, ୩ ଗିରଫ

**ନୟାଗଡ଼ ଅଫିସ/ଓଡଗାଁ (ସ୍ୱ.ପ୍ର.),୧।୩**

ନୟାଗଡ଼ ଜିଲା ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ପୂର୍ବାହ୍ନରେ ନୂଆଗାଁ ବ୍ଲକର ପବୋଲା, କଣବାଙ୍କ, ମୁରିଆମ୍ବା, ଗୁମୀ, ମହିପୁର ଆଦି ଗ୍ରାମରେ ବେଆଇନ ମଦ ରନ୍ଧାଯାଉଥିବା ଖବର ପାଇ ଚଢ଼ାଉ କରାଯାଇଥିଲା। ଏହି ସମୟରେ ୧୦୦ ଲିଟର ଦେଶୀ ମଦ ଜବତ କରାଯିବା ସହିତ ମଦ ରନ୍ଧା ପାଇଁ ବ୍ୟବହୃତ ୧୫ଟି ହଣ୍ଡା ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଥିଲା। ସେହିଭଳି ୧୨୦୦ ଲିଟର ପୋଚ ମଧ୍ୟ ନଷ୍ଟ କରାଯାଇଥିଲା। ଏଥିରେ ସମ୍ପୃକ୍ତ ୩ ଜଣକୁ ଗିରଫ କରାଯାଇଛି। ସେମାନେ ହେଲେ କଣବାଙ୍କ ଗ୍ରାମର ଦୀନବନ୍ଧୁ ପ୍ରଧାନ, ନେଡ଼ିସାହିର ଦଇତାରୀ ପ୍ରଧାନ ଓ କାଣିଗିରି ଗ୍ରାମର ଦାମୋଦର ସାହୁ। ଅବକାରୀ ଇନ୍ସପେକ୍ଟର ଏମ୍. ବେହେରା, ବି.କେ. ପରିଡ଼ା, କନଷ୍ଟେବଳ ବିକାଶ କୁମାର ଜେନା ଓ ଅନ୍ୟ କର୍ମଚାରୀ ଏହି ଚଢ଼ାଉରେ ସାମିଲ ଥିଲେ।



ଗିରଫ ୩ ବ୍ୟକ୍ତି ସହ ଜବତ ସାମଗ୍ରୀ।

---

■ ଗଣିଆ ବ୍ଲକ: ଚାଷୀଙ୍କ ପାଇଁ ଜଳସେଚନ ସୁବିଧା ସାତସପନ

## ମହାନଦୀ ପଠାରେ ଧାନଚାଷ

**ଗଣିଆ,୧।୩ (ଡି.ଏନ.ଏ.)**

ଚାଷୀ ଓ ଚାଷର ଉନ୍ନତି ପାଇଁ ରାଜ୍ୟ ସରକାର ମାଗଣା ସାର, ଔଷଧ, କୀଟନାଶକ, ବିହନ ଯୋଗାଣ କରୁଛନ୍ତି। ଚାଷୀଙ୍କୁ ଆର୍ଥିକ ସହାୟତା ପାଇଁ ନିକଟରେ କାଳିଆ ଯୋଜନା ମଧ୍ୟ ପ୍ରଣୟନ କରିଛନ୍ତି। ହେଲେ ଚାଷ ପାଇଁ ମୌଳିକ ଆବଶ୍ୟକତା ଥିବା ଜଳସେଚନ ବ୍ୟବସ୍ଥା ନୟାଗଡ ଜିଲା ଗଣିଆ ବ୍ଲକରେ ଏବେ ବି ଅପହଞ୍ଚ ହୋଇରହିଛି। ଫଳରେ ଅଧିକାଂଶ ଚାଷୀ ମହାନଦୀ ପଠାକୁ ଉପଯୁକ୍ତ କ୍ଷେତ୍ର ଭାବି ଚାଷକାର୍ଯ୍ୟ କରୁଛନ୍ତି।

ଗଣିଆ ବ୍ଲକ ଦେଇ ମହାନଦୀ, ବୃଉଙ୍ଗ ନଦୀ ପ୍ରବାହିତ ହେଉଥିବାବେଳେ ଖଳଖଳା ନାଳ ଭଳି ଜଳଉସ୍ର ରହିଛି। ଏହା ସତ୍ତ୍ୱେ ଚାଷଜମିକୁ ଜଳସେଚନ ବ୍ୟବସ୍ଥା ହୋଇପାରି ନାହିଁ। ମହାନଦୀ ଅବବାହିକାରେ ଛାମୁଣ୍ଡିଆ ପଞ୍ଚାୟତର ବଡମୂଳଠାରୁ କିଶୋରପ୍ରସାଦ ପଞ୍ଚାୟତର ପତୁରିଆ ଗ୍ରାମ ମଧ୍ୟରେ ୨୦ବର୍ଷ ତଳେ କୋଟି କୋଟି ଟଙ୍କା ବ୍ୟୟରେ ୪ଟି ଉଠାଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ହେଲେ ଆରମ୍ଭରୁ ଏହି ପ୍ରକଳ୍ପଗୁଡିକ ଅଚଳ ହୋଇ ପଡିରହିଛି । ଫଳରେ ଅଞ୍ଚଳର ଚାଷୀମାନେ ଚାଷ କାର୍ଯ୍ୟ ପାଇଁ ବର୍ଷାଜଳ ଉପରେ ନିର୍ଭର କରିଆସୁଛନ୍ତି। ଏହାର ବିକଳ୍ପ ଭାବେ କେତେକ ଚାଷୀ ନଦୀ ପଠାକୁ ଚାଷକ୍ଷେତ୍ର କରି ଫସଲ ଉତ୍ପାଦନ କରୁଛନ୍ତି। ମହାନଦୀ ଓ ବୃଉଙ୍ଗ ନଦୀକୂଳିଆ ଚାଷୀମାନେ ନଦୀ ପଠାରେ ଧାନ ଓ ପନିପରିବା ଚାଷ କରୁଥିବା ଜଣାପଡିଛି । ଏହି ଅଞ୍ଚଳର ମଣିଭଦ୍ରା ପର୍ବତ ପାଦଦେଶ ଦେଇ ପ୍ରବାହିତ ମହାନଦୀ ପଠାରେ ଏଭଳି ଧାନଚାଷ କରାଯାଇଥିବା ଦେଖିବାକୁ ମିଳିଛି। ନଦୀ ପଠାରେ ଉର୍ବର ପଟୁମାଟି ଓ ପାଣିର ସୁବିଧା ରହୁଥିବାରୁ ଜଣେ ଚାଷୀ ଚଳିତବର୍ଷ ପ୍ରଥମ କରି ପରୀକ୍ଷାମୂଳକ ଭାବେ ଧାନଚାଷ କରିଛନ୍ତି। ଏହି ଧାନ ଚାଷ ପାଇଁ ସେ କୌଣସି ହଳ କିମ୍ବା ସାର ଓ କୀଟନାଶକ ବ୍ୟବହାର କରିନାହାନ୍ତି । ସେହିପରି ମହାନଦୀ ଓ ବୃଉଙ୍ଗ ନଦୀ କୂଳରେ ଥିବା ବଡମୂଳ, ମୁଦୁଲିଗାଡିଆ, ଛାମୁଣ୍ଡିଆ, ରାଉତପଡା, ୱାଲିପୁର, ପତୁରିଆ, କୁମ୍ଭୀରଖଣୀ ଆଦି ଗ୍ରାମର ବହୁ ଚାଷୀ ନଦୀକୂଳରେ ପନିପରିବା ଚାଷ କରି ଜୀବିକା ନିର୍ବାହ କରୁଛନ୍ତି। ସୂଚନାଯୋଗ୍ୟ, ୧୯୯୫ରୁ ୨୦୦୦ ମସିହା ମଧ୍ୟରେ ଗଣିଆ ବ୍ଲକର ଛାମୁଣ୍ଡିଆ, ଈଶ୍ୱରପୁର, ରାଉତପଡା ଓ ପତୁରିଆଠାରେ ଉଠାଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ତେବେ ନିମ୍ନମାନର କାର୍ଯ୍ୟ ହେତୁ ଏହି ପ୍ରକଳ୍ପଗୁଡିକ ଆରମ୍ଭରୁ ଅଚଳ ହୋଇପଡିଛି। ଫଳରେ ଜଳସେଚନ ସୁବିଧା ଅଞ୍ଚଳର ଚାଷୀମାନଙ୍କ ପାଇଁ ସାତସପନ ପାଲଟିଛି। ବର୍ଷା ଦିନ ବ୍ୟତୀତ ଅନ୍ୟ ଦିନଗୁଡିକରେ ଶହ ଶହ ଏକର ଚାଷଜମି ପଡିଆ ପଡୁଥିବା ଦେଖିବାକୁ ମିଳୁଛି। ଅଞ୍ଚଳରେ ଜଳସେଚନ ସୁବିଧା ପାଇଁ ନିର୍ବାଚିତ ଲୋକପ୍ରତିନିଧି ଓ ଜିଲା ପ୍ରଶାସନ ନିକଟରେ ବହୁବାର ଦାବି କରିଆସୁଥିଲେ ମଧ୍ୟ କେବେଳ ପ୍ରତିଶ୍ରୁତି ମିଳୁଛି । ଅଚଳ ହୋଇପଡିଥିବା ଜଳସେଚନ ପ୍ରକଳ୍ପଗୁଡିକୁ ପୁଣିଥରେ କାର୍ଯ୍ୟକ୍ଷମ କରାଯାଇ ଚାଷଜମିକୁ ଜଳସେଚନ ସୁବିଧା କରାଗଲେ ଚାଷୀମାନେ ଉପକୃତ ହୋଇପାରନ୍ତେ ବୋଲି ଚାଷୀ ଲକ୍ଷ୍ମୀଧର ସାମଲ କହିଛନ୍ତି।

**ଅଚଳ ପ୍ରକଳ୍ପ ସଚଳ କରିବାକୁ ଦାବି**



ମହାନଦୀ ପଠାରେ ଜଣେ ଚାଷୀ ଧାନତଳି ପୋତୁଛନ୍ତି।

## ସଂକ୍ଷେପରେ

### ବୃଦ୍ଧଙ୍କଠାରୁ ୩୦ହଜାର ଟଙ୍କା ଲୁଟ୍



**ରଣପୁର,୧୩(ସ୍ୱ.ପ୍ର.):** ନୟାଗଡ଼ ଜିଲା ରଣପୁର ଷ୍ଟେଟ୍‌ବ୍ୟାଙ୍କ ଜମାଖାତାରୁ ଜଣେ ବୃଦ୍ଧ ଶୁକ୍ରବାର ୩୦ହଜାର ଟଙ୍କା ଉଠାଇ ନିଜ ବ୍ୟାଗ୍‌ରେ ରଖିଥିଲେ। ଟଙ୍କା ବ୍ୟାଗ୍‌ଟିକୁ ଧରି ବ୍ୟାଙ୍କ୍‌ରୁ ବାହାରୁ ଥିବା ବଳେ ଜଣେ ଦୁର୍ବୃତ୍ତ ତାଙ୍କଠାରୁ ଏହାକୁ ଲୁଟ୍‌କରି ଏକ ବାଇକ୍‌ରେ ସେଠାରୁ ଫେରାର୍ ହୋଇଯାଇଥିଲେ। ଲୁଟ୍‌ର ଶିକାର ହୋଇଥିବା ବୃଦ୍ଧ ଜଣକ ହେଉଛନ୍ତି ଲେମ୍ବୋଡି ଗ୍ରାମର ଜଗନ୍ନାଥ ବେହେରା(୭୫)। ସେ ଏ ନେଇ ରଣପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ କେସ୍ ନଂ ୦/୧୯ ରୁଜୁକରି ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଉକ୍ତ ଘଟଣା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଛି। ଘଟଣାରୁ ପ୍ରକାଶ, ଲେମ୍ବୋଡି ଗ୍ରାମର ଜଗନ୍ନାଥଙ୍କୁ ଇନ୍ଦିରା ଆବାସ ଗୃହ ନିର୍ମାଣ ପାଇଁ ବ୍ଲକ ତରଫରୁ କାର୍ଯ୍ୟାଦେଶ ମିଳିଥିଲା। ସେ ଗୃହ କାର୍ଯ୍ୟ ସାରିଥିବାରୁ ତାଙ୍କ ଷ୍ଟେଟ୍‌ବ୍ୟାଙ୍କ ଜମାଖାତାକୁ ୩୦ ହଜାର ଟଙ୍କା ଆସିଥିଲା। ସେ ଏହି ଟଙ୍କା ଧରି ଆସୁଥିବା ବେଳେ ଜଣେ ଦୁର୍ବୃତ୍ତ ତାଙ୍କ ଶାର୍ଟରେ କୌଣସି ମଇଳା ପଦାର୍ଥ ଲାଗିଥିବା କହିଥିଲେ। ଜଗନ୍ନାଥ ଶାର୍ଟ ଖୋଲୁଥିବାବେଳେ ଦୁର୍ବୃତ୍ତ ଜଣକ ତାଙ୍କଠାରୁ ଟଙ୍କା ବ୍ୟାଗ୍‌ଟି ଲୁଟ୍ କରି ଫେରାର୍ ହୋଇଯାଇଥିବା ସୂଚନା ମିଳିଛି।

### ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଖଣ୍ଡପଡ଼ା,୧୩(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ସିଧାମୂଳା ଗୋକୁଳାନନ୍ଦ ଜୀଉ ବିଦ୍ୟାମନ୍ଦିର ଶିକ୍ଷକ ବିରଞ୍ଚି ନାରାୟଣ ମହାପାତ୍ରଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଦ୍ୟାଳୟ ପରିସରରେ ଗୁରୁବାର ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଉପ ଶିକ୍ଷା ନିରୀକ୍ଷକ ରବୀନ୍ଦ୍ର କୁମାର ରାଉତରାୟ ଯୋଗଦେଇଥିଲେ। କଳିଙ୍ଗ କିଶୋର ନାୟକ, ପ୍ରାଥମିକ ଶିକ୍ଷକ ସଂଘ ସଦସ୍ୟ ନିକୁଞ୍ଜ ବିହାରୀ ରଥ, ଅବସରପ୍ରାପ୍ତ ଶିକ୍ଷକ ଗଙ୍ଗାଧର ଷଡ଼ଙ୍ଗୀ, ଶିକ୍ଷୟିତ୍ରୀ ମିନାକ୍ଷୀ ଷଡ଼ଙ୍ଗୀ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ସାହୁ, ପରିଚାଳନା କମିଟି ସଭାପତି ଧୋବା ଦଳେଇ, ମୋ ସ୍କୁଲ କମିଟି ସଭାପତି ଚନ୍ଦ୍ରଶେଖର ସ୍ୱାଇଁ, ଗ୍ରାମ ସଭାପତି ଉଦୟନାଥ ମିଶ୍ର ଓ ସମ୍ପାଦକ ପୀତବାସ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହାପାତ୍ରଙ୍କ ଶିକ୍ଷାଦାନର ଶୈଳୀ ଓ ଛାତ୍ରବତ୍ସଳ ଗୁଣ ସମ୍ପର୍କରେ ଆଲୋକପାତ କରିଥିଲେ।

### ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ୨୨୨ ୟୁନିଟ୍ ରକ୍ତ ସଂଗ୍ରହ

**ରଣପୁର,୧୩(ସ୍ୱ.ପ୍ର.):** ନୟାଗଡ଼ ଜିଲା ରଣପୁର ବ୍ଲକ ଅନ୍ତର୍ଗତ ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଶୁକ୍ରବାର ପୂର୍ବାହ୍ନ ୯ଟାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରଣପୁର ପୂର୍ବତନ ବିଧାୟକ ତଥା ଜୀବନବିନ୍ଦୁ ଅଭିଯାନ ସଂଯୋଜକ ସତ୍ୟନାରାୟଣ ପ୍ରଧାନଙ୍କ ଆବାହକତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ୨୨୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ରବି ନାରାୟଣ ମହାପାତ୍ର ଯୋଗଦେଇଥିଲେ। ସିଦ୍ଧାର୍ଥ ପଣ୍ଡା, ସ୍ୱର୍ଣ୍ଣପ୍ରକାଶ ରାଉତରାୟ, ସ୍ମିତା ସିଂ, ପାଣ୍ଡବ ସେଠୀ, ପୂର୍ବତନ ଚେୟାରମ୍ୟାନ୍ ପ୍ରଭାତ ଦଳବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପୁଲଓ୍ୱାମା ଶହୀଦଙ୍କ ସ୍ମୃତିଚାରଣ କରାଯାଇଥିଲା। ରାଜସୁନାଖଳା ବିଜେଡି ନେତା ନିରଞ୍ଜନ ଦଳାଇ, ସୁଧାଂଶୁ ଶେଖର ସାହୁ, ନିରଞ୍ଜନ ମହାପାତ୍ର, ଆଶୁତୋଷ ସାମନ୍ତରାୟ, ଦୁର୍ଗାଚରଣ ନାୟକ, ଲକ୍ଷ୍ମୀଧର ମହାପାତ୍ର, ସର୍ବେଶ୍ୱର ସାହୁ, ଫକୀର ମୋହନ ସାମନ୍ତରାୟ, ଗୋପାଳପୁର ଜୋନ୍‌ର ଅକ୍ଷୟ କୁମାର ପ୍ରଧାନ, ସୁନାଖଳା ଜୋନ୍‌ର ରମେଶ ଚନ୍ଦ୍ର ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



## ନୂଆଗାଁ ବ୍ଲକର ଜାକେଡା ପଞ୍ଚାୟତ

# ବର୍ଷେ ପରେ ବି ସମସ୍ୟା ସୁଧୁରିଲାନି

**ନୂଆଗାଁ,୧୩ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ଆଦିବାସୀ ଅଧ୍ୟୁଷିତ ଜାକେଡା ପଞ୍ଚାୟତରେ ବିଭିନ୍ନ ସମସ୍ୟା ଲାଗିରହିଛି। ପୂର୍ବରୁ ଏ ନେଇ ଜିଲାପାଳଙ୍କ ଅଧକ୍ଷତାରେ ବୈଠକ କରାଯାଇ ସମାଧାନ କରାଯିବାର ପ୍ରତିଶ୍ରୁତି ଦିଆଯାଇଥିଲା। ଇତିମଧ୍ୟରେ ବର୍ଷେ ବିତିଯାଇଥିଲେ ମଧ୍ୟ ସୁଫଳ ମିଳିପାରି ନାହିଁ। ଏହାର ପ୍ରତିବାଦରେ ପଞ୍ଚାୟତ ଅନ୍ତର୍ଗତ ବଡଜିରି ଗ୍ରାମର ୩୦ରୁ ଉର୍ଦ୍ଧ୍ୱ ମହିଳାପୁରୁଷ ଶୁକ୍ରବାର ନୂଆଗାଁ ବିଡିଓଙ୍କୁ ଭେଟିଥିଲେ।

ଜାକେଡା ପଞ୍ଚାୟତର ୨୪ ଗାଁ ମଧ୍ୟରୁ ୨୦ ଗୋଟି ଗାଁକୁ ପକ୍କା ରାସ୍ତାଟିଏ ନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଆଦି ସମସ୍ୟା ଲାଗିରହିଛି। ଏସବୁର ସମାଧାନ ପାଇଁ ପୂର୍ବତନ ଜିଲାପାଳ ଅରିନ୍ଦମ ଡାକୁଆଙ୍କ ଅଧ୍ୟକ୍ଷତାରେ ୨୦୧୮ ମାର୍ଚ୍ଚରେ ବରକୋଳା ବନ ବିଭାଗ ବଙ୍ଗଳା ପରିସରରେ ବୈଠକ କରାଯାଇଥିଲା। ଏଥିରେ ଜିଲା ଓ ବ୍ଲକର ସମସ୍ତ ଅଧିକାରୀ ଉପସ୍ଥିତ ରହି ସମସ୍ୟା ସମାଧାନ ନେଇ ଆଲୋଚନା କରିଥିଲେ। ପ୍ରତ୍ୟେକ ବିଭାଗର ଅଧିକାରୀମାନଙ୍କ ସହଯୋଗ ରହିଲେ ଏହା ସମାଧାନ ହୋଇପାରିବ ବୋଲି ଜିଲାପାଳ ଡାକୁଆ କହିଥିଲେ। ତେଣୁ ପଞ୍ଚାୟତର ଆଦିବାସୀମାନେ ଆଶା ବାନ୍ଧିଥିଲେ। କିନ୍ତୁ ଇତିମଧ୍ୟରେ ବର୍ଷେ ପୂରିଯାଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ଗୋଟିଏ ବି ସମସ୍ୟା ସମାଧାନ ହୋଇପାରି ନାହିଁ। ଏ ନେଇ ବ୍ଲକ ପ୍ରଶାସନ ତତ୍ପରତା ପ୍ରକାଶ କରୁ ନ ଥିବା ଦେଖାଯାଉଛି। ବଡଜିରି ଗ୍ରାମରେ ପାନୀୟ ଜଳ ସଙ୍କଟ ଲାଗିରହିଥିଲେ ମଧ୍ୟ ତାହାର ସମାଧାନ ହୋଇନାହିଁ। ଅଭିଯୋଗ ପରେ କେବଳ ଅଧିକାରୀମାନଙ୍କଠାରୁ ପ୍ରତିଶ୍ରୁତି ମିଳିବା ହିଁ ସାର ହେଉଛି। ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଏଥିରେ ଅସହଯୋଗ କରୁଥିବା ନେଇ ବିଡିଓଙ୍କ ନିକଟରେ ଅଭିଯୋଗ ଆଣିଛନ୍ତି ବଡଜିରି ଗ୍ରାମବାସୀ। ଗ୍ରାମବାସୀଙ୍କ କହିବା କଥା ହେଲା, ସେମାନେ ପାଣି ସମସ୍ୟା ନେଇ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଗୁହାରି କରିଥିଲେ ହେଁ ସେ ଏଥିରେ ସହଯୋଗ କରିପାରିବେ ନାହିଁ ବୋଲି ରୋକଠୋକ୍ ମନା କରିଦେଇଥିଲେ। ଏଥିରେ ଅସନ୍ତୋଷ ପ୍ରକାଶ କରି ଗ୍ରାମବାସୀ ବିଡିଓ ଶିରିୟାଲ ପଟେଲଙ୍କୁ ଭେଟିଥିଲେ। ସବୁ ଶୁଣିବା ପରେ ବିଡିଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଡାକି ଏ ସମ୍ପର୍କରେ ବୁଝିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏପରି ଅଭିଯୋଗ ବିଷୟରେ ଜାକେଡା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପଦ୍ମଚରଣ ବିଶ୍ୱାଳଙ୍କୁ ପଚାରିବାରୁ ସେ ଏପରି ଅଭିଯୋଗକୁ ଖଣ୍ଡନ କରିବା ସହ ବଡଜିରି ଗ୍ରାମର କୌଣସି ଲୋକଙ୍କୁ ସେ ଚିହ୍ନିନାହାନ୍ତି କି ପାଣି ବିଷୟରେ କାହା ସହ ଆଲୋଚନା କରି ନ ଥିବା ସଫେଇ ଦେଇଛନ୍ତି। କେବଳ ସାର୍ବଜନୀନ କେନ୍ଦ୍ର ନିର୍ମାଣ ପାଇଁ ଗ୍ରାମବାସୀ ଅସନ୍ତୁଷ୍ଟ ବୋଲି ସେ କହିଛନ୍ତି।

**ବିଡିଓଙ୍କୁ ଭେଟିଲେ ବଡଜିରିବାସୀ**



ବିଡିଓଙ୍କୁ ଭେଟିବାକୁ ଆସିଥିବା ବଡଜିରି ବାସିନ୍ଦା।

## ପହଞ୍ଚିଲା ତୃତୀୟ ପର୍ଯ୍ୟାୟ ରଥକାଠ



ପୁରୀରେ ପହଞ୍ଚିଥିବା ରଥକାଠ।

**ପୁରୀ ଅଫିସ, ୧୩**

ଆସନ୍ତା ଜୁଲାଇ ୪ତାରିଖରେ ମହାପ୍ରଭୁଙ୍କ ଘୋଷଯାତ୍ରା। ତିନିଠାକୁରଙ୍କ ରଥ ନିର୍ମାଣ ଲାଗି ତୃତୀୟ ପର୍ଯ୍ୟାୟ ରଥକାଠ ଶୁକ୍ରବାର ପୁରୀରେ ପହଞ୍ଚିଛି। ନୟାଗଡ଼ ବନଖଣ୍ଡ ଦଶପଲ୍ଲା ବନାଞ୍ଚଳରୁ ଗୋଟିଏ ଟ୍ରକ୍ ଯୋଗେ ୨୪ ଖଣ୍ଡ ଧଉରା କାଠ ଆସିଛି। ଏଥିରେ ୧୨ ଫୁଟିଆ ଧଉରା ୧୪ ଖଣ୍ଡ, ଏବଂ ୨୦ ଫୁଟିଆ ଧଉରା ୧୦ ଖଣ୍ଡ ରହିଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ ସୂଚନା ଦେଇଛନ୍ତି।

## ଗୋଷ୍ଠୀ ବିବାଦ, ୪ଗିରଫ

**ପୁରୀ ଅଫିସ, ୧୩:**

ଏକ ହୋଟେଲରେ କୌଣସି କାରଣକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହେବା ଘଟଣାରେ ଟାଉନ ଥାନା ପୋଲିସ ଶୁକ୍ରବାର ୪ଜଣଙ୍କୁ ଗିରଫ କରିଛି। ଗିରଫମାନେ ହେଲେ ବାଲିଘାଟର ରଞ୍ଜନ କୁମାର ମହାରଣା(୩୮), ରାକେଶ ମହାରଣା(୩୫), ଗୌଡବାଡ ସାହିର କୃଷ୍ଣଚନ୍ଦ୍ର ପଣ୍ଡା(୩୭) ଓ ବାସେଳି ସାହିର ପ୍ରଫୁଲ୍ଲ କୁମାର ସାହୁ(୩୩)। ଗୁରୁବାର ରାତିରେ ସଦର ଥାନା ଛକରେ ଥିବା ଏକ ହୋଟେଲ ପରିସରରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ।

## ୨୩ କୋଟିର ୨ ପ୍ରକଳ୍ପ ଶିଳାନ୍ୟାସ



ଶିଳାନ୍ୟାସ ଉତ୍ସବରେ ୨ ବିଧାୟକ ଅନୁଭବ ପଟ୍ଟନାୟକ, ପ୍ରଶାନ୍ତ ଜଗଦେବ ଓ ଅନ୍ୟମାନେ।

**ଭାପୁର,୧୩(ଡି.ଏନ୍.ଏ.)**

ନୟାଗଡ଼ ଜିଲା ଭାପୁର ବ୍ଲକକୁ ସଂଯୋଗ କରୁଥିବା କଳାପଥର ବାଇପାସ୍ ରୋଡର ପ୍ରଶସ୍ତୀକରଣ ଓ କାଳିଗିରି ପୋଲର ଉଚ୍ଚତା ବୃଦ୍ଧି ପ୍ରକଳ୍ପର ଶିଳାନ୍ୟାସ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ଦୁଇ ପ୍ରକଳ୍ପକୁ ଖଣ୍ଡପଡ଼ା ଓ ବେଗୁନିଆ ବିଧାୟକ ମିଳିତ ଭାବେ ଶିଳାନ୍ୟାସ କରିଛନ୍ତି। କଳାପଥର-ଫତେଗଡ଼ ଦେଇ ଯାଇଥିବା ରାଜ୍ୟ ରାଜପଥ ୪୭ର କାଳିଗିରି ପୋଲର ଉଚ୍ଚତା ବୃଦ୍ଧି ପାଇଁ ୯ କୋଟି ୬୩ ଲକ୍ଷ ଟଙ୍କାର ପ୍ରକଳ୍ପକୁ ଖଣ୍ଡପଡ଼ା ବିଧାୟକ ଅନୁଭବ ପଟ୍ଟନାୟକ ଶିଳାନ୍ୟାସ କରିଥିଲେ। ସେହିପରି ଭାପୁର କଳାପଥର ବାଇପାସ୍ ରୋଡର ପ୍ରଶସ୍ତୀକରଣ ପାଇଁ ୧୩କୋଟି ୪୯ଲକ୍ଷ ୬୩ ହଜାର ଟଙ୍କାର ପ୍ରକଳ୍ପକୁ ବିଧାୟକ ପଟ୍ଟନାୟକ ଓ ବେଗୁନିଆ ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ମିଳିତ ଭାବେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ବୋଲଗଡ଼ ବ୍ଲକ ଅଧକ୍ଷ ଗୋପାଳ ଚରଣ ବେହେରା, ପାଟପୁର ଶାସନ ସରପଞ୍ଚ ସନ୍ତୋଷ କୁମାର ବେହେରା, ସାଗରଗାଁ ସରପଞ୍ଚ ସୁବାସ ଚନ୍ଦ୍ର ରାୟଗୁରୁ, ଧଳାପଥର ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ରତ୍ନାକର ମହାପାତ୍ର ଯୋଗଦେଇଥିଲେ। ସଂଯୋଜନା କରିଥିଲେ ସନ୍ତୋଷ କୁମାର ତ୍ରିପାଠୀ। ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ହିମାଂଶୁ ଶେଖର ଷଡ଼ଙ୍ଗୀ, ଏସ୍‌ଡିଓ ବିଜୟ କୁମାର ସେଠୀ, କନିଷ୍ଠ ଯନ୍ତ୍ରୀ ପ୍ରାଣକୃଷ୍ଣ ମହାପାତ୍ର, ପ୍ରଦୀପ କୁମାର ପରିଡ଼ା, ସୂର୍ଯ୍ୟକାନ୍ତ ପ୍ରଧାନ ଉପସ୍ଥିତ ଥିଲେ। ପୋଲ ଉଚ୍ଚତା କାର୍ଯ୍ୟ ୧୮ ମାସ ଓ ବାଇପାସ୍ ରୋଡର ନିର୍ମାଣ କାର୍ଯ୍ୟ ୧୧ ମାସ ମଧ୍ୟରେ ସରିବ। ଏହି ଦୁଇ ପ୍ରକଳ୍ପ ଦ୍ୱାରା ନୟାଗଡ଼, ଖୋର୍ଦ୍ଧା ଓ କଟକ ଜିଲାର ୧୦ ଲକ୍ଷ ଲୋକ ଉପକୃତ ହେବେ।

## ପୋଲିଓ ପ୍ରତିଷେଧକ ଟିକାକରଣ

# ପୁରୀ ଜିଲାରେ ୧,୬୪,୫୯୧ ପିଲାଙ୍କୁ ଦିଆଯିବ

**ପୁରୀ ଅଫିସ,୧୩**

ଆସନ୍ତା ୧୦ରୁ ୧୨ ତାରିଖ ତିନିଦିନ ଧରି ପଲ୍‌ସ ପୋଲିଓ ପ୍ରତିଷେଧକ ଟୀକାକରଣ କାର୍ଯ୍ୟକ୍ରମ ଚାଲିବ। ଏହାକୁ ପୁରୀ ଜିଲାରେ ସଫଳ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି ଜିଲାପାଳ ଜ୍ୟୋତିପ୍ରକାଶ ଦାସ। ଏ ନେଇ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପର୍ଶୁରାମ ଚମ୍ପତିରାୟ ଜିଲାରେ ପଲ୍‌ସ ପୋଲିଓ ପ୍ରତିଷେଧକ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ୫ ବର୍ଷ ବୟସ ପର୍ଯ୍ୟନ୍ତ ପିଲାଙ୍କୁ ପଲ୍‌ସ ପୋଲିଓ ପ୍ରତିଷେଧକ ବୁନ୍ଦା ଦିଆଯିବ। ଜିଲାରେ ୧,୬୪,୫୯୧ ଜଣ ପିଲାଙ୍କୁ ଏହି ବୁନ୍ଦା ଦେବା ପାଇଁ ଲକ୍ଷ୍ୟ ରହିଛି। ଏଥିପାଇଁ ଜିଲାରେ ୭୪୬ଟି ପୋଲିଓ ବୁଥ୍ କାର୍ଯ୍ୟ କରିବ। ଆସନ୍ତା ୧୦ ତାରିଖରେ ପୋଲିଓ ବୁଥ୍‌ଗୁଡ଼ିକରେ ୫ ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ ଏହି ବୁନ୍ଦା ଦିଆଯିବ। ଯେଉଁ ଶିଶୁମାନେ ପୋଲିଓ ବୁଥ୍‌ରେ ନେଇ ପାରି ନ ଥିବେ ସେମାନଙ୍କୁ ମାର୍ଚ୍ଚ ୧୧ ଓ ୧୨ ତାରିଖରେ ଘରକୁ ଘର ବୁଲି ପୋଲିଓ ପ୍ରତିଷେଧକ ଦେବା ପାଇଁ ବ୍ୟବସ୍ଥା କରାଯିବ। ପୁରୀ ଜିଲାରେ ୨୮ଟି ଟ୍ରାନ୍‌ଜିଟ ପଏଣ୍ଟରେ ୪୬ଟି ଦଳ ରହିବେ। ପଲ୍‌ସ ପୋଲିଓ ପ୍ରତିଷେଧକ କାର୍ଯ୍ୟକ୍ରମରେ ୩,୨୬୨ ଜଣ କର୍ମଚାରୀ ନିୟୋଜିତ ହେବେ। ପଲ୍‌ସ ପୋଲିଓ ଟୀକାକରଣ ପାଇଁ ସଚେତନତା କାର୍ଯ୍ୟକ୍ରମ, ମାଇକ୍‌ରେ ପ୍ରଚାର ଏବଂ ବ୍ୟାନର ଆଦି ଲଗାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ଏଡିଏମ୍‌ଓ ଡା. ବ୍ରଜବନ୍ଧୁ ଦାଶ, ଡା. ଶିଶିର କୁମାର ରଥ, ଡା. ସୁନୀଲ ଦାସ, ସର୍ବଶିକ୍ଷା ଅଭିଯାନ ଜିଲା ପ୍ରକଳ୍ପ ସଂଯୋଜକ ସୌନ୍ଦର୍ଯ୍ୟାମଞ୍ଜରୀ ଦାସ, ଜିଲା ସମାଜ ମଙ୍ଗଳ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

## ନଳା ସଫା ହେଉ ନ ଥିବା ଅଭିଯୋଗ

**ପୁରୀ ଅଫିସ, ୧୩**

ପୁରୀ ଦୋଳମଣ୍ଡପ ସାହି ସହରର ଏକ ପ୍ରମୁଖ ସାହି। ଶ୍ରୀମନ୍ଦିର ନିକଟସ୍ଥ ଏହି ସାହି ଦେଇ ପ୍ରତିଦିନ ବହୁ ସଂଖ୍ୟାରେ ଭକ୍ତ ଓ ପର୍ଯ୍ୟଟକ ଯାତାୟାତ କରୁଛନ୍ତି। ହେଲେ ଏହି ସାହିର ନଳା ଠିକ୍ ଭାବେ ସଫା ହେଉନାହିଁ। ଏ ନେଇ ଶୁକ୍ରବାର ଜିଲାପାଳଙ୍କ ପାଖରେ ଅଭିଯୋଗ ହୋଇଛି। ଏହି ସାହିର ବିଶ୍ୱାବସୁ ବିନାୟକ ଦାସମହାପାତ୍ର ଜିଲାପାଳଙ୍କୁ ଦେଇଥିବା ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ପ୍ରତିଦିନ ଏହି ସାହିରେ ଗହଳି ହୁଏ। ବାହାରୁ ଆସୁଥିବା ଭକ୍ତ ଓ ପର୍ଯ୍ୟଟକ ମନ୍ଦିରରୁ ଏହି ସାହି ଦେଇ ସମୁଦ୍ରକୂଳକୁ ଯାଇଥାନ୍ତି। ହେଲେ ସାହିର ନଳା ଠିକ୍ ସମୟରେ ସଫା ହେଉନାହିଁ। ଫଳରେ ବିଭିନ୍ନ ସଂକ୍ରାମକ ରୋଗ ବ୍ୟାପିବା ଆଶଙ୍କା ସୃଷ୍ଟି ହୋଇଛି। ସାହିରେ ମଶାତେଲ ଏବଂ ବ୍ଲିଚିଂ ପଡୁନାହିଁ। ତେଣୁ ଏ ଦିଗରେ ପଦକ୍ଷେପ ନେବାକୁ ଦାସମହାପାତ୍ର ଅନୁରୋଧ କରିଛନ୍ତି।

# ପଟ୍ଟା ପାଇଁ ବସ୍ତିବାସିନ୍ଦାଙ୍କ ବିକ୍ଷୋଭ

**ପୁରୀ ଅଫିସ, ୧୩**

ବସ୍ତିବାସିନ୍ଦା ଭୂମି ଅଧିକାର ଅଧିନିୟମ-୨୦୧୭ ଅନୁଯାୟୀ ସରକାର ସବୁ ବସ୍ତିବାସୀଙ୍କୁ ପଟ୍ଟା ପ୍ରଦାନ କରିଛନ୍ତି। ହେଲେ ବଳିଆପଣ୍ଡା ବସ୍ତିକୁ ଏହା ମିଳିନାହିଁ। ଏ ନେଇ ବସ୍ତିବାସିନ୍ଦା ଏକାଧିକଥର ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ହେଲେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ତେଣୁ ବସ୍ତିର ମହିଳା ପୁରୁଷ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିଥିଲେ। ପରେ ଜିଲାପାଳଙ୍କୁ ପୁନଶ୍ଚ ଏକ ଦାବିପତ୍ର ପ୍ରଦାନ କରିଥିଲେ।

ସୂଚନାଯୋଗ୍ୟ, ଫେବୃୟାରୀ ୨୮ ଏବଂ ଗତ ଜାନୁୟାରୀ ୨୯ରେ ମଧ୍ୟ ଶତାଧିକ ବସ୍ତିବାସିନ୍ଦା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରି ସମାନ ଅଭିଯୋଗ କରି ଦାବିପତ୍ର ଦେଇଥିଲେ। ସେମାନେ ଦର୍ଶାଇଥିଲେ ଯେ, ଗତବର୍ଷ ଏପ୍ରିଲ ୯ ତାରିଖରେ ଜିଲା ପ୍ରଶାସନକୁ ଅବଗତ କରାଇଥିଲେ। ତତ୍କାଳୀନ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବଳିଆପଣ୍ଡା ବସ୍ତିର ସର୍ଭେ କାମ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସରକାରଙ୍କ ନିୟମ ମୁତାବକ ସ୍ଥାୟୀ ପଟ୍ଟା ପାଇବାରୁ ବଞ୍ଚିତ ରହିଛନ୍ତି। ଆସନ୍ତା ୭ ଦିନ ମଧ୍ୟରେ ଯଦି ବସ୍ତିବାସିନ୍ଦାଙ୍କୁ ପଟ୍ଟା ନ ମିଳେ ତେବେ ଆମରଣ ଅନଶନ କରାଯିବ ବୋଲି ମନୋଜ କୁମାର ମଣ୍ଡଳ କହିଛନ୍ତି।




ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି ବସ୍ତିବାସିନ୍ଦା।

## ୩ ବେଆଇନ ପଥର ବୋଝେଇ ଟ୍ରକ୍ ଜବତ

**ପୁରୀ ଅଫିସ, ୧୩**

ଚନ୍ଦନପୁର ଥାନା ଅଞ୍ଚଳରେ ବଢିଚାଲିଛି ବେଆଇନ ପଥର ଚାଲାଣ। ଦୈନିକ ଶହ ଶହ ଟ୍ରିପ୍ ପଥର ଓ ବାଲି ଟ୍ରକ୍ ଦ୍ୱାରା ବେଆଇନ ଭାବେ ଏଠାରୁ ଚାଲାଣ ହେଉଥିବା ଅଭିଯୋଗ ହୋଇ ଆସୁଥିଲା। ଗୁରୁବାର ପୋଲିସ ରାତ୍ର ପାଟ୍ରୋଲିଂ କରୁଥିବା ବେଳେ ନୂଆ ଜଗନ୍ନାଥ ସଡକ ଦେଇ ୩ଟି ପଥର ବୋଝେଇ ଟ୍ରକ୍ ଯାଉଥିଲା। ପୋଲିସର ସନ୍ଦେହ ହେବାରୁ ଟ୍ରକ୍‌କୁ ଅଟକାଇ କାଗଜପତ୍ର ମାଗିଥିଲେ। ଆବଶ୍ୟକ କାଗଜପତ୍ର ଦେଖାଇ ନ ପାରିବାରୁ ପୋଲିସ ୩ଟି ଟ୍ରକ୍‌କୁ ଜବତ କରି ଚାଳକଙ୍କୁ ଥାନାରେ ଅଟକ ରଖିଛି।

## ଏସ୍‌ସିଏସ୍ ମହାବିଦ୍ୟାଳୟ

# ଅଧ୍ୟାପିକାରୁ ଅଧକ୍ଷା ହେଲେ ସୁଜାତା

**ପୁରୀ ଅଫିସ,୧୩**

ପୁରୀ ସାମନ୍ତ ଚନ୍ଦ୍ରଶେଖର (ସ୍ୱୟଂଶାସିତ) ମହାବିଦ୍ୟାଳୟର ନୂତନ ଅଧକ୍ଷା ଭାବେ ଭୂଗୋଳ ବିଭାଗର ମୁଖ୍ୟ ପ୍ରଫେସର ସୁଜତା ମିଶ୍ର ଗୁରୁବାର ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବତନ କଲେଜ ଅଧକ୍ଷ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ଠାରୁ ସେ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ କଲେଜର ବିଭିନ୍ନ ବିଭାଗର ପ୍ରଫେସର, ଅଧ୍ୟାପକମାନେ ବିଦାୟୀ ଅଧକ୍ଷ ମହାନ୍ତିଙ୍କୁ ସମ୍ବର୍ଦ୍ଧନା ଦେବା ସହ ନୂତନ ଅଧକ୍ଷାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧନାର ଉତ୍ସବରେ ଅଧକ୍ଷା ମିଶ୍ର କହିଲେ ଯେ, କଲେଜରେ ଶୈକ୍ଷିକ ବାତାବରଣ, ଗୁଣାତ୍ମକ ଶିକ୍ଷା, ଖାଲି ପଡିଥିବା ଅଧ୍ୟାପକ ପଦବୀ ପୂରଣ, କଲେଜକୁ ଏକ ସବୁଜ ପରିବେଶ, ଛାତ୍ର ଓ ଶିକ୍ଷକଙ୍କ ମଧ୍ୟରେ କିପରି ସୁସମ୍ପର୍କ ରହିବ ସେନେଇ ଦୃଷ୍ଟି ଦେବି ବୋଲି ଗଣମାଧ୍ୟମକୁ କହିଛନ୍ତି। ଜିଏମ କଲେଜରୁ ସ୍ନାତକ, ଉତ୍କଳ ବିଶ୍ୱବିଦ୍ୟାଳୟରୁ ଏମଏରେ ଗୋଲ୍ଡ ମେଡାଲ, ଜେଏନୟୁରୁ ଏମଫିଲ୍ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପିଏଚଡି ଏବଂ ଡିଲିଟ୍ ଉପାଧି ପାଇଥିଲେ। ୧୯୮୭ ମସିହାରେ ଏହି କଲେଜରୁ ପ୍ରଫେସର ମିଶ୍ର ଅଧ୍ୟାପନା ଆରମ୍ଭ କରିଥିଲେ। ପରେ ବିଭିନ୍ନ କଲେଜରେ ଅଧ୍ୟାପନା କରିବା ପରେ ପୁଣି ଥରେ ୨୦୧୪ ମସିହାରେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ଯୋଗଦାନ କରିଥିଲେ। ୨୦୨୩ରେ ସେ ଅବସର ଗ୍ରହଣ କରିବେ। ୨୦୧୭-୧୮ବର୍ଷର ଛାତ୍ର ସଂସଦ କର୍ମକର୍ତ୍ତା ପଠାଣି ସାମନ୍ତ ଚନ୍ଦ୍ରଶେଖରଙ୍କର ଏକ ତୈଳଚିତ୍ର ସୁଜାତାଙ୍କୁ ପ୍ରଦାନ କରିଥିଲେ।

## ଜଙ୍ଗଲ ଜମିରେ ଆଦିବାସୀଙ୍କ ଅଧିକାର ଦାବି

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

**ରଣପୁର,୧୩ (ସ୍ୱ.ପ୍ର.)**

ଆଦିବାସୀମାନ ବେଆଇନ୍ ଭାବେ ଜଙ୍ଗଲ ଜମିରେ ବସବାସ କରୁଥିବା କୁହାଯାଉଛି। ତେଣୁ ନୟାଗଡ଼ ଜିଲା ରଣପୁର ବ୍ଲକର ଶତାଧିକ ଆଦିବାସୀ ନିଜର ନ୍ୟାଯ୍ୟ ଅଧିକାର ହାସଲ କରିବା ନେଇ ଶୁକ୍ରବାର ଏକ ବିରାଟ ଶୋଭାଯାତ୍ରା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେବାକୁ ଆଦିବାସୀମାନେ ରଣପୁର ତହସିଲଦାରଙ୍କ କାର୍ଯ୍ୟାଳୟକୁ ଯାଇଥିବାବେଳେ ଏଠାରେ ତହସିଲଦାର କିମ୍ବା ଅତିରିକ୍ତ ତହସିଲଦାର ନ ଥିବାରୁ ମୁଖ୍ୟକିରାଣିଙ୍କୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ଏହାକୁ ନେଇ ଅସନ୍ତୋଷ ଦେଖାଦେଇଥିଲା। ଏ ଘଟଣାରୁ ତହସିଲ କାର୍ଯ୍ୟାଳୟ କିପରି ଚାଲିଛି ସେ ନେଇ ବିଭିନ୍ନ ମହଲରେ ସମାଲୋଚନା କରାଯାଇଛି। ସୂଚନାଯୋଗ୍ୟ, ପୂର୍ବାହ୍ନ ୧୧ଟାରେ ବ୍ଲକଠାରୁ ଶତାଧିକ ପୁରୁଷ/ମହିଳା ଆଦୀବାସୀ ମା' ମଣିନାଗ ଜଙ୍ଗଲ ସୁରକ୍ଷା ପରିଷଦର ସଭାପତି ଫକୀର ମୋହନ କଳସ, ସମ୍ପାଦକ ଅରକ୍ଷିତ ସାହୁ, କେନ୍ଦ୍ରୀୟ ମହିଳା ସଂଗଠନ ସମ୍ପାଦକ କୁନ୍ତଳା ନାହାକଙ୍କ ନେତୃତ୍ୱରେ ବିଭିନ୍ନ ଦାବି ନେଇ ଏକ ଶୋଭାଯାତ୍ରାରେ ବାହାରି ଅପରାହ୍ନ ୧ରେ ତହସିଲ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ଜଙ୍ଗଲ ଜମିରୁ ଉଚ୍ଛେଦ କରିବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ବିରୋଧ କରି ବିଭିନ୍ନ ସ୍ଲୋଗାନ ଦେଇଥିଲେ। ତେବେ କାର୍ଯ୍ୟାଳୟରେ ତହସିଲଦାର କିମ୍ବା ଉପ ତହସିଲଦାର ନ ଥିବାରୁ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ପ୍ରକାଶ ଯେ, ରଣପୁର ବ୍ଲକର ବନ୍ଧମୁଣ୍ଡା, ପଟିଆ, ରାଇପଡା, ଜଙ୍କିଆ, ମୟୁରଝାଲିଆ, ବଳଭଦ୍ରପୁର, କୋଟଗଡ, ନରେନ୍ଦ୍ରପୁର, ସୁରୁକାବାଡି, ଦର୍ପନାରାୟଣପୁର, ଜଗନ୍ନାଥପ୍ରସାଦ, ଡମସାହି ଓ ବିଭିନ୍ନ ପଞ୍ଚାୟତରେ ବହୁ ବର୍ଷଧରି ଜଙ୍ଗଲ ଜମିରେ ୭୫୫୩ଜଣ ହିତାଧିକାରୀ ତାଙ୍କ ପରିବାର ରହି ଚାଷବାସ କରି ଚଳୁଛନ୍ତି। ୨୦୧୦ ମସିହାରେ ଏହାର ଦାବିଦାର ଅଧିକାର କରି ୮୧୦ଜଣ ପରିବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଦାବି ଦାଖଲ କରିଥିଲେ। ସେଥି ମଧ୍ୟରୁ ୧୧୫ଜଣଙ୍କୁ ଜଙ୍ଗଲ ଜମିରେ ପଟା ପ୍ରଦାନ କରାଯାଇଥିବାବେଳେ ଅବଶିଷ୍ଟ ହିତାଧିକାରୀ ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁ ପଟା ପାଇପାରି ନ ଥିବା ଅଭିଯୋଗ କରିଛନ୍ତି। ତେବେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ ନିଜ ଜମିରୁ ଉଚ୍ଛେଦ ଘଟଣାକୁ ନେଇ ସେମାନେ ବିକ୍ଷୋଭ କରିଛନ୍ତି। ରଣପୁର ତହସିଲଦାର ସୁଶାନ୍ତ କୁମାର ପତିଙ୍କୁ ତାଙ୍କର ଅନୁପସ୍ଥିତିକୁ ନେଇ ପଚାରିବାରୁ ନିର୍ବାଚନ କାର୍ଯ୍ୟଥିବାରୁ ସେ ନୟାଗଡ଼ ଯାଇଥିବା କହିଥିଲେ। ସେହିପରି ଅତିରିକ୍ତ ତହସିଲଦାରଙ୍କର ଜରୁରୀ କାର୍ଯ୍ୟଥିବାରୁ ସେ ମଧ୍ୟ ଜିଲା କାର୍ଯ୍ୟାଳୟକୁ ଯାଇଥିବା ସୂଚନା ମିଳିଥିଲା। ଫଳରେ ବରିଷ୍ଠ କିରାଣି ସେମାନଙ୍କ ଦାବିପତ୍ରକୁ ଗ୍ରହଣ କରିଥିଲେ।



ପଟ୍ଟା ଦାବିରେ ଆଦିବାସୀଙ୍କ ଶୋଭାଯାତ୍ରା।